# ବିଂଝିଆ ଜନ ଜୀବନ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

ଆଦିବାସୀ ପରମ୍ପରା ଓ ଜ୍ଞାନକୌଶଳ

# ବିଂଝିଆ ଜନଜୀବନ


*ନିର୍ଦ୍ଦେଶନା* : ଡ଼ଃ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

*©ପ୍ରକାଶକ* : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଜାନୁୟାରୀ, ୨୦୦୭

*ମୁଦ୍ରଣ* : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦
ଫୋନ୍ : ୨୫୮୦୭୨୮

*ମୂଲ୍ୟ* : ୪୯.୦୦ ଟଙ୍କା ମାତ୍ର


## BINJHIA JANAJIVANA


***Supervisor*** : **Dr. A. C. Sahoo**
Director, ATDC

***© Publisher*** : Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : January,2007

***Printed at*** : Bholanath Press
1201/1601, Bomikhal, Bhubaneswar-10
Ph. 2580728

***Price*** : Rs. 49.00 only

# ମୁଖବନ୍ଧ

ପ୍ରାକୃତିକ ପରିବେଶରେ ବସବାସ କରି ରହୁଥିବା ଜନଜାତିମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ସେମାନଙ୍କର ଜୀବନ ଧାରା ପରିବେଶକୁ ଖାପ ଖୁଆଇ ଗଢି ଉଠିଛି । ଯେଉଁ ଜନଜାତି ସନ୍ନିକଟ ପରିବେଶକୁ ନିଜର କରି ସ୍ଥାୟୀ ଭାବରେ ବସବାସ କରି ରହି ଆସିଛି ସେଠାରେ ସେହି ଜନଜାତିର ସାମାଜିକ ଉଦ୍‌ବର୍ତ୍ତନ ସହିତ କାଳାନୁକ୍ରମେ ନିଜସ୍ୱ ସାଂସ୍କୃତିକ ବାତାବରଣଟାଏ ସୃଷ୍ଟି ହୋଇଛି । ଓଡ଼ିଶାରେ ବସବାସ କରୁଥିବା ଜନଜାତିମାନଙ୍କର ସାଂସ୍କୃତିକ ପରଂପରାକୁ ଲକ୍ଷ୍ୟ କଲେ ଏହି ବାତାବରଣର ସ୍ଥିତି ଲକ୍ଷ୍ୟ କରି ହୁଏ ।

ଜନଜାତିମାନେ ପ୍ରକୃତି ଉପରେ ନିର୍ଭରଶୀଳ । ଏମାନେ ତାଙ୍କ ପରିବେଶରେ ଖୁବ୍ ସ୍ୱାଧୀନ । ତେବେ ପରିବର୍ତ୍ତିତ ସମୟକୁ ଆଧାର କରି ସେମାନଙ୍କର ଜୀବନଯାତ୍ରାରେ ପରିବର୍ତ୍ତନ ଦେଖାଦେବା ସ୍ୱାଭାବିକ । ପରଂପରାପୁଷ୍ଟ ଜନଜାତିମାନଙ୍କ ଚଳଣୀ, ସର୍ବୋପରି ସଂସ୍କୃତିର ହଠାତ୍ ପରିବର୍ତ୍ତନ ହୋଇଯିବ ଏହା ଆଶା କରାନଗଲେ ମଧ୍ୟ ସଂସ୍କୃତିର ବିବର୍ତ୍ତନ ଅବଶ୍ୟମ୍ଭାବୀ ଏହାକୁ ଅସ୍ୱୀକାର ମଧ୍ୟ କରାଯାଇ ନପାରେ । ସୁନ୍ଦରଗଡ଼ ଜିଲ୍ଲାର ପାନପୋଷ ଉପଖଣ୍ଡସ୍ଥ ବୀରମିତ୍ରପୁର ଅଞ୍ଚଳରେ ବସବାସ କରୁଥିବା ବିଂଝିଆ ଜନଜାତିଙ୍କ ଜୀବନ ଚର୍ଯ୍ୟା ପ୍ରତି ଦୃଷ୍ଟିପାତ କଲେ ସେମାନଙ୍କର ଜୀବନଶୈଳୀ ତଥା ସମୟାନୁସାରୀ ଗତିଶୀଳ ହେଉଥିବା ସଂସ୍କୃତି ବିଷୟରେ ସମ୍ୟକ୍ ଧାରଣା ମିଳିଥାଏ ।

ବିଂଝିଆମାନେ ପର୍ବତର ପାଦଦେଶରେ ତଥା ଅପେକ୍ଷାକୃତ ସମତଳ ଅଞ୍ଚଳରେ ବସବାସ କରିବା ସହ କୃଷିକୁ ମୁଖ୍ୟ ଜୀବିକା ହିସାବରେ ଗ୍ରହଣ କରି ନେଇଛନ୍ତି ।"ବିଂଝିଆ ଜନଜୀବନ" ପୁସ୍ତକରେ ଏ ବିଷୟରେ ଆଲୋକପାତ କରାଯାଇଛି । ପଡ଼ୋଶୀ ଗୋଷ୍ଠୀମାନଙ୍କ ସଂସ୍ପର୍ଶରେ ଆସି ନିଜସ୍ୱ ପର୍ବପର୍ବାଣୀ ଓ କୃଷିକର୍ମକୁ ସେମାନଙ୍କର ପ୍ରଚଳିତ ଧାରା ସହ ଖାପଖୁଆଇବାରେ ବିଂଝିଆମାନଙ୍କ ସଫଳତା ଅନୁମେୟ ।

ଜନଜାତିମାନଙ୍କର ଉନ୍ନତି ବାବଦରେ ବିଚାର ଆଲୋଚନା କଲାବେଳେ ସେମାନଙ୍କର ପରମ୍ପରା, ରୀତିନୀତି ଏବଂ ସଂସ୍କୃତି ବିଷୟରେ ମଧ୍ୟ ଆଲୋକପାତ କରଯାଏ । ତେଣୁ ସେମାନଙ୍କର ସଂସ୍କୃତିକୁ ଖାପ ଖୁଆଇଲା ଭଳି ଉନ୍ନୟନମୂଳକ ପ୍ରକଳ୍ପର ବ୍ୟବସ୍ଥା କରାଗଲେ ତାହା ସଫଳ ହୋଇଥାଏ । ଉପରୋକ୍ତ ଦୃଷ୍ଟିକୋଣରୁ ବିଂଝିଆ ଜନଜାତିଙ୍କ ଉନ୍ନୟନ ବ୍ୟବସ୍ଥା ପରିଚାଳନା କ୍ଷେତ୍ରରେ ଏହି ପୁସ୍ତକର ଆବଶ୍ୟକତା ରହିଛି । ଶିଳ୍ପାୟନ ତଥା ବସ୍ତୁ ସଂସ୍କୃତିର ସମ୍ମିଶ୍ରିତ ନଗରୀ ରାଉରକେଲାର ସଂସ୍ପର୍ଶରେ ଆସି ବିଂଝିଆମାନେ ନିଜକୁ ବିବର୍ତ୍ତିତ ଧାରା ସହ ଖାପ ଖୁଆଉଥିବା ବେଳେ, ସେମାନଙ୍କ ପରଂପରା ଓ ସଂସ୍କୃତିର ସୁରକ୍ଷାପ୍ରତି ନଜର ଦେବାର ଆବଶ୍ୟକତା ରହିଛି ।

ପାଣ୍ଡୁଲିପି ପ୍ରସ୍ତୁତି ନିମନ୍ତେ ତଥ୍ୟ ସଂଗ୍ରହ ବେଳେ ଅଣ୍ଡାଲି ଜାମ୍‌ବାହାଲ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୌଭାଗ୍ୟ କୁମାର ପଟେଲଙ୍କ ସହଯୋଗ ସର୍ବଦା ସ୍ମରଣୀୟ । ଅଣ୍ଡାଲି ଜାମ୍‌ବାହାଲ ଆଶ୍ରମ ସ୍କୁଲର ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ଗଙ୍ଗାଧର ତ୍ରିପାଠୀଙ୍କ ଅକ୍ଲାନ୍ତ ପରିଶ୍ରମରେ ପାଣ୍ଡୁଲିପି ପ୍ରସ୍ତୁତି ସମ୍ଭବ ହୋଇପାରିଛି । ଏକ ଅଣ-ଚର୍ଚ୍ଚିତ ଜନଜାତିକୁ ଲୋକଲୋଚନରେ ପହଞ୍ଚାଇବାରେ ତାଙ୍କ ଅବଦାନ ସ୍ମରଣୀୟ । ଏହି ଅବସରରେ ଏକାଡ଼େମୀ ଉଭୟଙ୍କୁ କୃତଜ୍ଞତା ଜଣାଉଛି । ପାଣ୍ଡୁଲିପି ସଂପାଦନାରେ ସହଯୋଗ କରିଥିବାରୁ ଶ୍ରୀମତୀ କୁମୁଦିନୀ ରାୟ ଧନ୍ୟବାଦାର୍ହ । ପାଣ୍ଡୁଲିପିକୁ ଟାଇପ୍ ସେଟ୍ କରି ପ୍ରକାଶନ ଉପଯୋଗୀ କରିଛନ୍ତି ଶ୍ରୀ ସୁଶାନ୍ତ କୁମାର ସାହୁ, ଶ୍ରୀ ଭରତ ଚନ୍ଦ୍ର ନାୟକ ଏବଂ ଶ୍ରୀ ଦିଲ୍ଲୀପ କୁମାର ପାତ୍ରୀ । କେବଳ ବିଂଝିଆ ନୁହନ୍ତି, ଏହିପରି ଅନେକ ଜନଜାତିମାନଙ୍କର ମୌଳିକ ପରଂପରା ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ତଥା ସେଗୁଡ଼ିକର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ନିରବଚ୍ଛିନ୍ନ ଉଦ୍ୟମ ଚଳାଇଛି । "ବିଂଝିଆ ଜନଜୀବନ" ଏହି ଉଦ୍ୟମର ଏକ ଅଂଶ ବିଶେଷ । ଏହା ସମସ୍ତଙ୍କର କାର୍ଯ୍ୟକୁ ଆସିପାରିଲେ ଏକାଡ଼େମୀର ଶ୍ରମ ସାର୍ଥକ ହେଲା ବୋଲି ଜାଣିବୁ ।

ଅନନ୍ତ ଚରଣ ସାହୁ

ନିର୍ଦ୍ଦେଶକ

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୦୧-୦୪ |
| ୨. | ଖାଦ୍ୟ ପରମ୍ପରା | ୦୫-୨୩ |
| ୩. | ପାନୀୟ | ୨୪-୩୪ |
| ୪. | କନ୍ୟାସୁନା | ୩୫-୪୩ |
| ୫. | କୃଷି ପଞ୍ଜିକା | ୪୪-୫୩ |
| ୬. | ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା | ୫୪-୬୭ |
| ୭. | ବିଂଝିଆ ପର୍ବପର୍ବାଣୀ ପଞ୍ଜିକା | ୬୮-୭୯ |
| ୮. | ଶ୍ରମ ସମବାୟ | ୮୦-୮୫ |
| ୯. | ବିଂଝିଆ ଗ୍ରାମସଭା | ୮୬-୧୦୫ |
| ୧୦. | ଯାଦୁଧର୍ମୀୟ କର୍ମକର୍ତ୍ତା | ୧୦୬-୧୧୦ |
| ୧୧. | ବସତି | ୧୧୧-୧୧୪ |
| ୧୨. | ବାସଗୃହ | ୧୧୫-୧୨୧ |
| ୧୩. | ପଡେଶୀ ପ୍ରଜାତି ଗୋଷ୍ଠୀ | ୧୨୨-୧୨୫ |
| ୧୪. | ଚାରୁ ଓ କାରୁକଳା | ୧୨୬-୧୩୦ |
| ୧୫. | ଔଷଧ ଓ ବୈଦ୍ୟ | ୧୩୧-୧୩୪ |

# ଉପକ୍ରମଣିକା

ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସମାଜରେ ବଞ୍ଚି ରହିବା ପାଇଁ ମୁଖ୍ୟତଃ ଖାଦ୍ୟ, ବସ୍ତ୍ର ଓ ବାସଗୃହର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ନେଇ ତା'ର ସଂସ୍କୃତି ଗଢ଼ିଉଠେ । ଅର୍ଥାତ୍ ବିଭିନ୍ନ ଅଞ୍ଚଳର ଅଧିବାସୀଙ୍କ ଖାଦ୍ୟପେୟ, ପୋଷାକପରିଚ୍ଛଦ, ବାସଗୃହ, ନୃତ୍ୟ, ସଂଗୀତ, କଳା, ସ୍ଥାପତ୍ୟ, ସାହିତ୍ୟ, ସାମାଜିକ ଜୀବନ ଚର୍ଯ୍ୟା, ରାଜନୈତିକ ଓ ଆର୍ଥିକସ୍ଥିତିକୁ ନେଇ ସେମାନଙ୍କ ସଂସ୍କୃତିର ସାମୂହିକ ପରିଚୟ ମିଳେ।

ଆମ ଓଡ଼ିଶାରେ ଦେଖାଯାଉଥିବା ୬୨ ପ୍ରକାରର ଜନଜାତିଙ୍କ ମଧ୍ୟରୁ ବିଂଝିଆ ସଂପ୍ରଦାୟ ଅନ୍ୟତମ । ସୁଦୂର ବିନ୍ଧ୍ୟାଞ୍ଚଳରୁ ଆସି ବିଞ୍ଝିଆ ଭାବରେ ସ୍ୱତନ୍ତ୍ର ପରିଚୟଟିଏ ସୃଷ୍ଟି କରି ବସବାସ କରୁଥିବା ବିଂଝିଆମାନେ ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳର ବିଚ୍ଛିନ୍ନ ଭାବରେ ବସବାସ କରୁଅଛନ୍ତି । ଆଧୁନିକ ସମାଜର ଚାକଚକ୍ୟ ଏହି ସଂପ୍ରଦାୟକୁ କେତେକାଂଶରେ ପ୍ରଭାବିତ କରିଥିଲେ ମଧ୍ୟ ସେମାନଙ୍କ ଗୋଷ୍ଠୀଗତ ମୌଳିକତା ଓଡ଼ିଶା, ବିହାର ମଧ୍ୟପ୍ରଦେଶ ଓ ବିନ୍ଧ୍ୟାଞ୍ଚଳର ଗ୍ରାମାଞ୍ଚଳରେ ଅଦ୍ୟାବଧି ବିଦ୍ୟମାନ ।

ସାମାଜିକ ଦୃଷ୍ଟି କୋଣରୁ ବିଚାର କଲେ ପିତୃକୈନ୍ଦ୍ରିକ ପରିବାର ହିଁ ବିଂଝିଆମାନଙ୍କର ସ୍ୱାତନ୍ତ୍ର୍ୟ ଅଟେ । ପିତାମାତା, ଅଜାଆଇ, ଭାଇଭଉଣୀ, ପୁଅଝିଅ, ନାତୀନାତୁଣୀଙ୍କୁ ନେଇ ଏକ ସୁନ୍ଦର ପରିମାର୍ଜିତ ସୁଖୀ ପରିବାରରେ ପିତା ହିଁ ପରିବାରର ମୁଖ୍ୟ ରୂପେ ବିବେଚିତ ହୁଅନ୍ତି । ଗୃହକର୍ତ୍ତା ରୂପେ ଗୃହର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ ଦିଆଯାଏ ଏବଂ ତାଙ୍କ ମତକୁ ସମସ୍ତେ ପ୍ରାଧାନ୍ୟ ଦିଅନ୍ତି । ଯଦି ବ୍ୟକ୍ତି ଜଣକ ବାର୍ଦ୍ଧକ୍ୟରେ ଉପନୀତ ହୁଅନ୍ତି କିମ୍ବା ଘର ଚଳାଇବାରେ ଅକ୍ଷମ ହୋଇପଡ଼ନ୍ତି, ତେବେ ଗୃହର ଉପାର୍ଜନ କ୍ଷମ ବ୍ୟକ୍ତି ହିଁ ଗୃହକର୍ତ୍ତାର କର୍ତ୍ତବ୍ୟ ନିର୍ବାହ କରିଥାଏ । ସାଧାରଣତଃ ବିଂଝିଆ ଶ୍ରେଣୀର ବ୍ୟକ୍ତି ପୁରୁଷ ଓ ସ୍ତ୍ରୀ ନିର୍ବିଶେଷରେ ଶାନ୍ତ, ଶିଷ୍ଟ, ନମ୍ର, ଭଦ୍ର, ଦୟାଳୁ, ଅତିଥି ବତ୍ସଳ ଧର୍ମ ପରାୟଣ ଓ ପରୋପକାରୀ ହୋଇଥାନ୍ତି ।୧୮/୨୦ ବର୍ଷ ବୟସ ପରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି । ବିବାହ ପରେ ମଧ୍ୟ ପୁଅ ବାପାମାଆଙ୍କ ସହିତ ଏକତ୍ର ରହି କୃଷି କାର୍ଯ୍ୟ କିମ୍ବା ଅନ୍ୟାନ୍ୟ ବୃତ୍ତିର ଅବଲମ୍ବନରେ ନିଜର ଜୀବିକା ନିର୍ବାହ କରିଥାଏ । ପୁଅମାନେ ଉତ୍ତରାଧିକାରୀ ସୂତ୍ରରେ ବାପାଙ୍କର ସ୍ଥାବର ଅସ୍ଥାବର ସମସ୍ତ ସଂପତ୍ତି ଭୋଗ କରନ୍ତି, କିନ୍ତୁ ବିବାହ ପରେ ଝିଅ ସ୍ୱାମୀଙ୍କ ପରିବାରର ଅଂଶବିଶେଷ ହୋଇଯାଏ।

ଏହି ସଂପ୍ରଦାୟରେ ବରପକ୍ଷ ପିତାମାତାଙ୍କୁ କନ୍ୟାସୁନା ଦେଇ ବିବାହ କରିବା ପଦ୍ଧତି ବର୍ତ୍ତମାନ ପର୍ଯ୍ୟନ୍ତ ଦେଖାଯାଏ । କେତେକ କ୍ଷେତ୍ରରେ ଜବରଦସ୍ତ ବିବାହ, ପ୍ରେମ ବିବାହ, ଘର ଜ୍ୱାଇଁ ବିବାହ, ବିଧବା ବିବାହ ମଧ୍ୟ ପରିଲକ୍ଷିତ ହୁଏ । ପ୍ରକୃତି ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ଏହି ଜନଜାତି ପାରମ୍ପରିକ ପ୍ରଣାଳୀରେ କୃଷିକାର୍ଯ୍ୟ କରିଥାନ୍ତି । ନିଜ ଜମିରେ ବିଂଝିଆ କୃଷକ ବିଭିନ୍ନ ପ୍ରକାରର ଶସ୍ୟ ଓ ପନିପରିବା; ଯଥା :- ଧାନ, ଗହମ, ମାଣ୍ଡିଆ, କୋଳଥ, ବିରି, ମୁଗ, ମକା, ବାଜରା, ବାଇଗଣ, ଟମାଟୋ, ଅମୃତଭଣ୍ଡା, ଭେଣ୍ଡି ଇତ୍ୟାଦି ଚାଷ କରିଥାଏ । ଏହା ସହିତ ଜଙ୍ଗଲରୁ ସେ ବିଭିନ୍ନ ପ୍ରକାର ଶାଗ, ମହୁଲଫୁଲ, ଚାର, କେନ୍ଦୁ, ଶାଳମଞ୍ଜି ଓ ଔଷଧପତ୍ର ମଧ୍ୟ ସଂଗ୍ରହ କରେ । ବିଂଝିଆମାନେ ଶିକାର ପ୍ରିୟ ଅଟନ୍ତି । ଜଙ୍ଗଲରୁ ସେମାନେ ବିଭିନ୍ନ ପଶୁପକ୍ଷୀ, ଯଥା :- ବାର୍‌ହା, ହରିଣ, କୁଟୁରା, ଠେକୁଆ, ସମ୍ବର ଇତ୍ୟାଦି ଶିକାର କରନ୍ତି । ଗ୍ରାମ ପୋଖରୀ ଓ ନିକଟସ୍ଥ ନଦୀରୁ ମାଛ ଧରନ୍ତି । ଧର୍ମ ପ୍ରିୟ ବିଂଝିଆ ଲୋକେ ବିଭିନ୍ନ ଦେବାଦେବୀଙ୍କୁ ପୂଜା ଆରାଧନା କରି ନିଜ ମନସ୍କାମନା ପୂରଣ କରିଥା'ନ୍ତି ।

**ବିନ୍ଧ୍ୟବାସିନୀ ସମାଜର ବଂଶାବଳୀ:**

ଚନ୍ଦ୍ରବଂଶର ଶାଖା ଗରବାହର ଛତ୍ରୀ ମାନଙ୍କର ଶେଷ ରାଜ୍ୟ ପଞ୍ଚମ ସିଂହ ଦେବଙ୍କର ପୁତ୍ର ନଥିଲେ। ଏଣୁ ସେ ବିନ୍ଧ୍ୟାଚଳର ବିନ୍ଧ୍ୟବାସିନୀ ଗଡ଼ରେ ପୁତ୍ର ପ୍ରାପ୍ତି ଉଦ୍ଦେଶ୍ୟରେ ଯଜ୍ଞ କଲେ ଏବଂ ପୂର୍ଣ୍ଣାହୂତି ସମୟରେ ନିଜ ମୁଣ୍ଡକୁ ବଳି ଦେଇଥିଲେ। ସେହି ଯଜ୍ଞ କୁଣ୍ଡରୁ ଗୋଟିଏ ବାଳକ ଉତ୍ପନ୍ନ ହେଲା। ସେ ରକ୍ତ ବିନ୍ଦୁରୁ ଜନ୍ମ ଲାଭ କରିଥିବାରୁ ତାଙ୍କ ନାମ "ବୁନ୍ଦବଳ"। ଆଶାଗଡ଼ ଥିଲା ତାଙ୍କର ରାଜ୍ୟର ରାଜଧାନୀ ଏବଂ ତାଙ୍କ ନାମାନୁସାରେ ସେହି ରାଜ୍ୟର ନାମ ବୁନ୍ଦେଲଖଣ୍ଡ ବୋଲି ବିଶ୍ୱାସ କରାଯାଏ। ସେଠାରେ ସେମାନଙ୍କର ବଂଶବୃଦ୍ଧି ଘଟିଲା। ସେହି ବଂଶର ବୀର ଗାପାଳ ଓ ମୋଦୀ ଗୋପାଳ ଦେଓ ନାମରେ ବୀର ମଧ୍ୟ ଥିଲେ। ସେମାନେ ଦିଲ୍ଲୀରେ ଆକବର ବାଦଶାହାଙ୍କ ରାଜ ଦରବାରରେ ପ୍ରହରୀ ରୂପରେ କାର୍ଯ୍ୟ କରୁଥିଲେ। ଆକବର ବାଦଶାହା ରାଜା ମାନସିଂହଙ୍କର ଭଉଣୀକୁ ବିବାହ କଲେ। କାଳକ୍ରମେ ଆକବର ବାଦଶାହା ତାଙ୍କ ପୁତ୍ରର ବିବାହ ନିମନ୍ତେ ବୀର ଗୋପାଳଙ୍କ କନ୍ୟାକୁ ନିର୍ବାଚନ କଲେ ମାତ୍ର ପ୍ରସ୍ତାବଟିରେ ବୀର ଗୋପାଳ ଦେଓ ସମ୍ମତ ହେଲେ ନାହିଁ। ଫଳ ସ୍ୱରୂପ ଆକବର ଓ ବୀର ଗୋପାଳ ଦେଓଙ୍କ ମଧ୍ୟରେ ଯୁଦ୍ଧ ହେଲା। ଯୁଦ୍ଧ ସମୟରେ ବୀର ଗୋପାଳଙ୍କ ପୁତ୍ର ଯଶୋବନ୍ତ

ଦେଓ ତାଙ୍କ କକା ମୋଦୀ ଗୋପାଳ ଦେଓଙ୍କ ସହିତ ବିଚାର କରି ତାଙ୍କର ବନ୍ଧୁ ବାନ୍ଧବ ସହ ଦିଲ୍ଲୀରୁ ଛୋଟ ନାଗପୁର ସହରକୁ ପଳାଇ ଆସିଲେ । ସେତେବେଳେ ନବ ରତନ ଗଡ଼ ଛୋଟ ନାଗପୁରର ରାଜଧାନୀ ଥାଏ ଏବଂ ଛତ୍ର ବରଣ ଦେବ ସେଠିକାର ରାଜା ଥାନ୍ତି । ଯଶୋବନ୍ତ ଦେଓ ତାଙ୍କ ପାଖକୁ ଯାଇ ଜୀବିକା ନିର୍ବାହ ନିମନ୍ତେ କିଛି ଜମି ମାଗିଲେ । ଯଶୋବନ୍ଦଙ୍କୁ ବୀର ବେଶରେ ଦେଖି ରାଜା ପରୀକ୍ଷା କରିବାକୁ ଇଚ୍ଛା କଲେ । ଗୋଟିଏ ଖୁଣ୍ଟରେ ଅଠା ଦ୍ଵାରା ତାଳ ଫଳଟିଏ ଲଗାଇଦେଲେ । ସର୍ତ୍ତ ଥିଲା, ଶର ଦ୍ଵାରା ଫଳଟି ଏପରି ଭାବରେ ବିଦ୍ଧ ହେବ ଯେ ତା'ର ଅଧା ଖୁଣ୍ଟରେ ରହିବ ଏବଂ ଅନ୍ୟ ଅର୍ଦ୍ଧେକ ଶର ମୁନରେ ରହିବ । ଏହି ପରୀକ୍ଷାରେ ଯଶୋବନ୍ଦ ଦେଓ କୃତକାର୍ଯ୍ୟ ହେଲେ । ମହାରାଜା ଆନନ୍ଦିତ ହେଲେ । ତାଙ୍କ ରାଜ୍ୟର ଦକ୍ଷିଣ ସୀମାରେ ଅବସ୍ଥିତ ବାସାର ଗଡ଼ରେ ୧୭ଟି ମୌଜା ଶତ୍ରୁମାନଙ୍କ କବଳରେ ଥିଲା । ବୀର ଯେଶୋବନ୍ତ ରାଓଙ୍କ ଦ୍ଵାରା ବିଦ୍ଧ ତାଳ ସହିତ ଶରଟି ଯାଇ ପଡ଼ିଯାଇଥିବା ବସାରଗଡ଼ର ଜମିକୁ "ଢ଼ରଗା" ରଖି ଯଶୋବନ୍ତ ଦେଓ ଦକ୍ଷିଣ ଦ୍ଵାରରେ ଜମିଦାର ହେଲେ । ସେହି ଦିନଠାରୁ ଯଶୋବନ୍ତ ଦେଓଙ୍କ ବଂଶ "ଢ଼ରଗା" ପ୍ରଗଣାରେ ଜମିଦାରୀ କରିଆସିଲେ । ସେହିଗ୍ରାମ ବିଂଝିଆ ମାନଙ୍କର ପ୍ରଥମ ବାସସ୍ଥାନ ଅଟେ ।

**ବିନ୍ଧ୍ୟବାସିନୀ ସମାଜର ଗୋତ୍ର ତାଲିକା :**

| | | |
|---|---|---|
| ୧. | ତଗରିଆ ବଡ଼େକ (ମାଝୀ, ପ୍ରଧାନ, ମିର୍ଦ୍ଧା, ରାଉତ) | - କଶ୍ୟପ ଗୋତ୍ର |
| ୨. | ପରବା ମାଝୀ | - ବିଷ୍ଣୁ, ନାଗ ଗୋତ୍ର |
| ୩. | ଢ଼େରସିଆ ପ୍ରଧାନ | - କୌଶିକ ଗୋତ୍ର |
| ୪. | ବନ କବିଆ ନାଏକ | - କୃଷ୍ଣତ୍ରୟା ଗୋତ୍ର |
| ୫. | ଓଡ଼େଗିଆ ପ୍ରଧାନ | - ଦୁର୍ବାଷା ଗୋତ୍ର |
| ୬. | ପରବା ବଡ଼େକ | - ପରାଶର ଗୋତ୍ର |
| ୭. | ପରବ ନାଏକ | - ବ୍ୟାସ ଗୋତ୍ର |
| ୮. | ତରେଗିଆ କରଠିଆ | - ଜମଦଗ୍ନି ଗୋତ୍ର |
| ୯. | କୁଦାବେଡ଼ିଆ କାର୍ଜୀ | - କୁଶ ଗୋତ୍ର |
| ୧୦. | ନୂଆଗଡ଼ିଆ ପ୍ରଧାନ | - କୌଣ୍ଡିଲ୍ୟ ଗୋତ୍ର |

| | |
|---|---|
| ୧୧. ଆମ୍ବଗୋବିଆ ପ୍ରଧାନ | - ଅଗସ୍ତି ଗୋତ୍ର |
| ୧୨. ପାରହା ଗୋବିଆ ପ୍ରଧାନ | - ଅତ୍ରି ଗୋତ୍ର |
| ୧୩. ଉମିଡ଼ିଆ ଗଞ୍ଜୁ | - ଶୁକଦେବ ଗୋତ୍ର |
| ୧୪. ନୂଆ ଗୋଡ଼ିଆ ବୈଗା | - ବଶିଷ୍ଠ ଗୋତ୍ର |
| ୧୫. ବାମନୁ ଗଞ୍ଜୁ | - ଲୋମଶ ଗୋତ୍ର |
| ୧୬. ନୂଆ ଗୋଡିଆ ଗଞ୍ଜୁ | - ଶୌନକ ଗୋତ୍ର |
| ୧୭. ଲେମଡିଆ ଗଞ୍ଜୁ | - ହରିତ ଗୋତ୍ର |
| ୧୮. ମଝିଆ ବଡ଼େକ | - ଶାଣ୍ଡିଲ୍ୟ ଗୋତ୍ର |
| ୧୯. ବିଲିଙ୍ଗ ବିରିଆ ବଡ଼େକ | - ଅସ୍ବରାକ୍ଷ ଗୋତ୍ର |
| ୨୦. ଶିକ୍ରିୟା ଗଞ୍ଜୁ | - ସନତକୁମାର ଗୋତ୍ର |
| ୨୧. ଡାଙ୍ଗ ବେହେରିଆ ଗଞ୍ଜୁ | - ବିଶ୍ୱାବସୁ ଗୋତ୍ର |
| ୨୨. ତୁଞ୍ଜୁଆର ଗଞ୍ଜୁ | - ଗୌତମ ଗୋତ୍ର |
| ୨୩. ତୁଞ୍ଜୁଆର ଗଞ୍ଜୁ | - ବିଶ୍ୱାମିତ୍ର ଗୋତ୍ର |
| ୨୪. ହର ଦେଶିଆ ଗଞ୍ଜୁ | - ଗର୍ଗ ଗୋତ୍ର |
| ୨୫. ଲଟେହତୁ ଗଞ୍ଜୁ | - ଭାର୍ଗବ ଗୋତ୍ର |
| ୨୬. ଖଣ୍ଡା ପହେରିଆ ଗଞ୍ଜୁ | - ମୁଦ୍‌ଗଲ ଗୋତ୍ର |
| ୨୭. ପରବା ନାଥ | - କପିଳ ଗୋତ୍ର |
| ୨୮. ତଲସେରିଆ ଗଞ୍ଜୁ | - ଲୋମଶ ଗୋତ୍ର |
| ୨୯. ପମିଆର ଗଞ୍ଜୁ | - ଭରଦ୍ୱାଜ ଗୋତ୍ର |
| ୩୦. କୁଲାମରିଆ କୁଲା | - ଶକ୍ତି, ମରିଚ |

# ଖାଦ୍ୟ ପରମ୍ପରା

ବଂଚି ରହିବା ପାଇଁ ଖାଦ୍ୟ ଆବଶ୍ୟକ । ପୂର୍ବ କାଳରେ ମଣିଷ ବଣ ଜଙ୍ଗଲରେ ପଶୁ ମାନଙ୍କ ଭଳି ଜୀବନଯାପନ କରୁଥିଲା । ଖାଦ୍ୟ ପାଇଁ ସଂପୂର୍ଣ୍ଣ ରୂପେ ଜଙ୍ଗଲ ଉପରେ ନିର୍ଭର କରୁଥିଲା । ଜଙ୍ଗଲର ଫଳ ମୂଳ ଓ ପଶୁପକ୍ଷୀଙ୍କ ମାଂସ ଭକ୍ଷଣ କରି ସେ କ୍ଷୁଧା ନିବାରଣ କରୁଥିଲା । ସମୟକ୍ରମେ ତା'ର ଜୀବନଧାରାରେ ପରିବର୍ତ୍ତନ ଘଟିଲା । କୃଷିକାର୍ଯ୍ୟ କରି ନିଜର ଖାଦ୍ୟାଭାବ ନିଜେ ଦୂର କଲା । ଜଳ ଉତ୍ସ ନିକଟରେ କୃଷିକାର୍ଯ୍ୟ ନିମନ୍ତେ ଉର୍ବର ମୃତ୍ତିକାର ସୁଯୋଗ ନେଇ ମନୁଷ୍ୟ ଯାଯାବର ଜୀବନ ପରିତ୍ୟାଗ କରି ସ୍ଥାୟୀ ଭାବରେ ବସବାସ କଲା । ବଣଜଙ୍ଗଲର ଫଳମୂଳ ଓ ଶିକାର ଉପରେ ନିର୍ଭର କରୁଥିବା ମଣିଷ ଚାଷବାସ କରି ଗୋଷ୍ଠୀଗତ ଜୀବନ ଅତିବାହିତ କଲା । ପ୍ରତ୍ୟେକ ଗୋଷ୍ଠୀ ପରସ୍ପରଠାରୁ ସେମାନଙ୍କ ପରିବେଶ ଓ ପରିସ୍ଥିତି ଅନୁଯାୟୀ କ୍ରମଶଃ ପୃଥକ୍ ହୋଇ ଉଠିଲେ । ତନ୍ମଧ୍ୟରୁ ଖାଦ୍ୟାଭ୍ୟାସ ପ୍ରକ୍ରିୟା ଅନ୍ୟତମ ।

ବିଂଝିଆମାନଙ୍କର ଖାଦ୍ୟ ବ୍ୟବସ୍ଥା ଅନୁଧ୍ୟାନ କଲେ ଜଣାଯାଏ ଯେ, ଏମାନେ ମୁଖ୍ୟ ଖାଦ୍ୟ ହିସାବରେ ଭାତକୁ ହିଁ ଗ୍ରହଣ କରିଥାନ୍ତି । ଭାତ (ଭାତ) ପାଇଁ ଧାନ, ଶୁଆଁ ଧାନ, ଗୁନ୍ଦଲୀରୁ ଚାଉଳକୁ ପ୍ରସ୍ତୁତ କରନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାରର ପିଠାପଣା, ରୋଟୀ ବିଭିନ୍ନ ଡାଲି ଜାତୀୟ ଖାଦ୍ୟ ମଧ୍ୟ ସେମାନଙ୍କ ଖାଦ୍ୟାଭ୍ୟାସରେ ଅନ୍ତର୍ଭୁକ୍ତ । ତେବେ ପଖାଳ ଭାତ ସେମାନଙ୍କର ପ୍ରିୟ ଖାଦ୍ୟଅଟେ । ବିଭିନ୍ନ ପ୍ରକାରର ପନିପରିବା, ଶାଗ, ଛତୁ, କରଡ଼ି, କନ୍ଦା, ମାଛ, ମାଂସ, କଙ୍କଡ଼ା, ଶୁଖୁଆ, ଖଟା ଇତ୍ୟାଦିରୁ ସେମାନେ ତରକାରୀ ପ୍ରସ୍ତୁତ କରନ୍ତି ଏବଂ ମୁଖ୍ୟ ଖାଦ୍ୟ (ଭାତ) ସହିତ ଗୋଟିଏ ମାତ୍ର ତରକାରୀ କିମ୍ବା ଡାଲିକୁ ସହକାରୀ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ବିଭିନ୍ନ ଋତୁରେ ସାମୟିକ ଭାବେ ମିଳୁଥିବା କେତେକ କନ୍ଦମୂଳ, ଫଳ, ମହୁଲ ସିଝା ଇତ୍ୟାଦିକୁ ମଧ୍ୟ ସେମାନେ ସହାୟକ ଖାଦ୍ୟ ରୂପେ ବ୍ୟବହାର କରନ୍ତି । ପର୍ବପର୍ବାଣୀ ଓ ବିବାହୋତ୍ସବରେ ଘରେ ଘରେ ବହୁ ପ୍ରକାର ପିଠାପଣା, ମାଂସ, ମଦ ଓ ହାଣ୍ଡିଆ ପ୍ରସ୍ତୁତ ହୁଏ । କେତେକ ପର୍ବରେ ସ୍ୱତନ୍ତ୍ର ପ୍ରକାରର ସିଝା ପିଠା ସେମାନେ ପ୍ରସ୍ତୁତ କରନ୍ତି । ଏକ ବର୍ଷ ପର୍ଯ୍ୟନ୍ତ ଛୋଟ ଶିଶୁ ମା' କ୍ଷୀର ହିଁ ଗ୍ରହଣ କରିଥାଏ । ଏକ ବର୍ଷ ପରେ ଶିଶୁକୁ ଆସ୍ତେ ଆସ୍ତେ ଅନ୍ୟାନ୍ୟ ଖାଦ୍ୟ ସହିତ ଅଭ୍ୟସ୍ତ କରାଯାଏ ଏବଂ ଦୁଇ ବର୍ଷ ପରେ ପିଲାଟି ସବୁ ଖାଦ୍ୟ

ପୂର୍ଣ୍ଣ ମାତ୍ରାରେ ଗ୍ରହଣ କରିଥାଏ । ଗର୍ଭବତୀ ମହିଳାଙ୍କୁ ସାଧାରଣତଃ ସବୁ ଖାଦ୍ୟ ଦିଆଯାଏ ନାହିଁ । ଏମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକାରର ଖାଦ୍ୟ ରହିଛି । ଗର୍ଭବତୀର କେତେକ ଇପ୍‌ସିତ ଖାଦ୍ୟ ଗର୍ଭବତୀର ମାଆ, ବାପା, ଭାଇ ଓ ସ୍ୱାମୀ ଅନେକ ସମୟରେ ଯୋଗାଇ ଦେଇଥାନ୍ତି । ଜନ୍ମଦାତ୍ରୀ ମାଆ ବା ଦୁଗ୍ଧ ପାନ କରାଉଥିବା ମାଆ କେତେକ ସ୍ୱତନ୍ତ୍ର ପ୍ରକାର ଖାଦ୍ୟ ଗ୍ରହଣ କରିଥାନ୍ତି । ଭଲ କ୍ଷୀର ଦେବା ପାଇଁ ମଧ କେତେକ ଖାଦ୍ୟର ସ୍ୱତନ୍ତ୍ର ଭୂମିକା ରହିଛି ବୋଲି ସେମାନେ ବିଶ୍ୱାସ କରନ୍ତି । ବଣ ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ଫଳ, ଯଥା- ଚାର, କେନ୍ଦୁ, ଜାମୁ, ମହୁଲ ଏବଂ ବାଉଁଶ କରଡ଼ି ଗୁଡ଼ିକୁ ବିଂଝିଆମାନେ ସଂଗ୍ରହ କରନ୍ତି । ସେହିସବୁ ବନଜାତ ଦ୍ରବ୍ୟରୁ ନିଜ ଆବଶ୍ୟକତା ମୁତାବକ କିଛି ରଖି ବଳକା ଜିନିଷକୁ ବଜାରରେ ବିକ୍ରି କରି ଦିଅନ୍ତି । ମାଂସ ପାଇଁ ବଣ ଜଙ୍ଗଲରୁ ପଶୁପକ୍ଷୀଙ୍କୁ ଶିକାର କରନ୍ତି । ନାଳ, ଝରଣା ବା ପୋଖରୀରୁ ମାଛ, କଙ୍କଡ଼ା, କଇଁଛ ଇତ୍ୟାଦି ସଂଗ୍ରହ କରି ଖାଇଥାନ୍ତି । ପର୍ବପର୍ବାଣୀରେ ମାଣ୍ଡିଆ, ଚାଉଳ ଇତ୍ୟାଦିରେ ପିଠାପଣା ପ୍ରସ୍ତୁତ କରାଯାଏ । ତେବେ କେତୋଟି ନିର୍ଦ୍ଦିଷ୍ଟ ଖାଦ୍ୟ ପ୍ରତି ଥିବା ସେମାନଙ୍କ ଗୋଷ୍ଠୀଗତ ବାରଣକୁ ସେମାନେ ମଧ ପାଳନ କରନ୍ତି । ବିଂଝିଆମାନେ ପରିଶ୍ରମୀ । ଚାଷବାସ କରି ଏବଂ ଅନ୍ୟାନ୍ୟ କାମଧନ୍ଦା ବା ମଜୁରୀ ଲାଗି ନିଜର ଜୀବିକା ନିର୍ବାହ କରିଥାନ୍ତି । ପର୍ବପର୍ବାଣୀ ସମୟରେ ବିଭିନ୍ନ ଖାଦ୍ୟ ପେୟ ସହିତ ସେମାନେ ନିଜର ବନ୍ଧୁବର୍ଗ ଓ ପଡ଼ୋଶୀ ମାନଙ୍କୁ ମଧ ଆପ୍ୟାୟିତ କରନ୍ତି । ସେମାନଙ୍କର ବିଭିନ୍ନ ଖାଦ୍ୟ ସଂପର୍କରେ ବିଷଦ୍ ଭାବରେ ନିମ୍ନରେ ବର୍ଣ୍ଣନା କରାଗଲା ।


**ମୁଖ୍ୟ ଖାଦ୍ୟ:**

ବିଂଝିଆ ସଂପ୍ରଦାୟରେ ଭାତ (ଭାତ୍) ଓ ଗୁନ୍ଦୁଲି ଚାଉଳର ଭାତ ଦୈନନ୍ଦିନ ଜୀବନର ମୁଖ୍ୟ ଖାଦ୍ୟ ରୂପେ ବିବେଚିତ । ସକାଳ ବେଳା ଓ ସନ୍ଧ୍ୟାରେ ସେମାନେ ଗରମ ଭାତ ରାନ୍ଧି ଭୋଜନ କରନ୍ତି । ବୟସ୍କ ବା ବୃଦ୍ଧ ବ୍ୟକ୍ତି ମାନଙ୍କର ମଧ ଭାତ ନିତିଦିନିଆ ଖାଦ୍ୟ ଅଟେ । ସାଧାରଣତଃ ଗରମ ଭାତ ପରିବର୍ତ୍ତେ ପଖାଳ ଭାତ ବିଂଝିଆ ମାନଙ୍କର ଅତିପ୍ରିୟ । ସକାଳୁ ଉଠି ସେମାନେ ନିୟମିତ ପଖାଳ ଭାତ ଖାଇବାକୁ ଭଲପା'ନ୍ତି ।

ମୁଖ୍ୟଖାଦ୍ୟ ଭାତ୍ (ଭାତ) ସହିତ ବିଂଝିଆ ମାନେ ସହକାରୀ ଖାଦ୍ୟ ରୂପେ ବିଭିନ୍ନ ପ୍ରକାର ଡାଲି, ପନିପରିବା, ଶାଗ, ଛତୁ, ମାଂସ, ଅଣ୍ଡାରୁ ପ୍ରସ୍ତୁତ ତରକାରୀ ସେବନ କରିଥାନ୍ତି । ବିଝିଆମାନେ ସେମାନଙ୍କର ଦୈନନ୍ଦିନ ଖାଦ୍ୟ ତାଲିକାରେ ବିଭିନ୍ନ ପ୍ରକାର



ମୂରବୀର ପରିପୂର୍ଣ୍ଣ ସଂସାର



ରୋଷଘରରେ ସ୍ୱୟଂ ମୂରବୀ

ଡାଲିକୁ ସ୍ଥାନ ଦେଇଥାନ୍ତି । ସେଗୁଡ଼ିକ ହେଲା: କୋଳଥ ଡାଲି (କୁରଥି ଦାଲ୍), ହରଡ଼ ଡାଲି (ରାହେଡ଼ ଦାଇ୍), ବିରି ଡାଲି (ବିର୍‌ହି ଦାଲ୍), ମୁଗ ଡାଲି (ମୁଗ ଦାଲ୍), ଖେସାରି ଡାଲି (ଖେସାରା ଦାଲ୍), ବୁଟ ଡାଲି (ବୁଟଗା ଦାଲ୍), ଚଣା ଡାଲି (ଚନା ଦାଲ୍), ମସୁର ଡାଲି (ମସୁର ଦାଲ୍) ।

ବିଞ୍ଝିଆମାନେ ସହକାରୀ ଖାଦ୍ୟ ହିସାବରେ ବିଭିନ୍ନ ପନିପରିବାରୁ ପ୍ରସ୍ତୁତ ତରକାରୀ ଖାଇଥାନ୍ତି । ଏହି ପନିପରିବାକୁ ସେମାନେ ବର୍ଷକର ଅଧିକାଂଶ ସମୟରେ ନିଜ ବାଡ଼ିବଗିଚାରେ ଚାଷ କରିଥାନ୍ତି । ଯଥା: କଖାରୁ (ମାଖାନ୍), ବୋଇତି କଖାରୁ (କୋହଣ୍ଡା), ବଡ଼ ସାରୁ (ସାଖିନ ସାରୁ), ଛୋଟ ସାରୁ (ପେଚ୍‌କି ସାରୁ), ବାଇଗଣ (କାଣ୍ଟା ଭାଁଟା), ବିଲାତି (ଟମାଟେ) (ବିଲାଏତ), ଲାଉ (ଲଉକି), ଝହ୍ନି (ଝିଂଗା),କଲରା (କାରଲା), ଅମୃତଭଣ୍ଡା (ପବିତା), ଭେଣ୍ଡି (ଭେଣ୍ଡଓ୍ୱା), କନ୍ଦମୂଳ (ସକ୍କର କନ୍ଦା), ପଣସ (କଟହଲ), ଝୁଡ଼ଙ୍ଗ (ଝୁନଗା), କୁନ୍ଦୁରୀ (କୁନ୍ଦୁରୁ), କାଙ୍କଡ଼ (ଖଲସୀ), କାକୁଡ଼ି (କାକେର, ଖିରା), ମୂଳା (ମୁରେଇ), କଞ୍ଚା କଦଳୀ (କେରା), ଆଳୁ (ଆଲୁ), ଶିମ୍ବ (ସେମ୍ବି), କରଡ଼ି (କରେଇ / ଅଏଡୀ), ସଜନା ଛୁଇଁ (ମୁନ୍‌ଗା ଖଡ଼ା) ।

ବିଞ୍ଝିଆ ସଂପ୍ରଦାୟର ଲୋକମାନେ ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାର ଶାଗ ଖାଇଥାନ୍ତି । କେତେକ ଶାଗକୁ ସେମାନେ ବଣଜଙ୍ଗଲରୁ ସଂଗ୍ରହ କରିଥିବା ବେଳେ କେତେକ ଶାଗକୁ ନିଜ ବାଡ଼ିବଗିଚାରେ ଚାଷ କରିଥାନ୍ତି । ସେଗୁଡ଼ିକ ସେମାନେ ଖାଦ୍ୟ ରୂପେ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାର ଶାଗଗୁଡ଼ିକର ନାମ ହେଲା; ସଜନା ଶାଗ (ମୁନଗା ଶାଗ୍), ପୋଇ ଶାଗ (ଲହ ଶାଗ୍), କଖାରୁ ଶାଗ (କୋହଣ୍ଡା ଶାଗ୍), ଛୋଟ ସାରୁ ଶାଗ (ପେଚକୀ ଶାଗ୍), କୁଦ୍‌ରୁମ ଶାଗ, କୋଇନାର ଶାଗ, ଚାକୁଣ୍ଡା ଶାଗ (ଚାକଡ଼ା ଶାଗ୍), ସୁନୁସୁନିଆ ଶାଗ (ଶୁନସୁନିଆ ଶାଗ୍), ସିରିଆରି ଶାଗ୍, ଗହ୍ଲା ଶାଗ୍, ମାଠ୍ଠା ଶାଗ୍, ସାରଲା ଶାଗ୍, ଫୁଟ୍‌କଲ ଶାଗ୍, ଡାଲି ଶାଗ୍, ବଥୁଆ ଶାଗ୍, ସୋରସୋଁ ଶାଗ୍, ପିଆଜ ଶାଗ୍, ପାଲଙ୍କ୍ ଶାଗ୍, କୋସଲା ଶାଗ୍, ଭାଜି ଶାଗ୍, କଲମ ଶାଗ୍, ମେଥି ଶାଗ୍, ଚାଁଟୀ ଶାଗ୍ ।

ଜଙ୍ଗଲରୁ ସଂଗ୍ରହ କରୁଥିବା ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ମଧ୍ୟରେ ବିଞ୍ଝିଆମାନେ ଛତୁ ମଧ୍ୟ ସଂଗ୍ରହ କରିଥାନ୍ତି । ବର୍ଷର ବିଭିନ୍ନ ସମୟରେ ଭିନ୍ନଭିନ୍ନ ପ୍ରକାର ଛତୁ ସେମାନେ ଖାଇଥାନ୍ତି । ସେହି ଛତୁଗୁଡ଼ିକର ନାମ ନିମ୍ନରେ ଦିଆଗଲା: ଦଶହରା ଛତୁ (ଦଶହରା

ଖୁଂଖୁଡ଼ି), ବିହୁଡ଼ା ଛତୁ (ବିହିଡ଼େନ ଖୁଂଖୁଡ଼ି), ଜାମୁ ଛତୁ (ଜାମ ଖୁଂଖୁଡ଼ି), ବାଉଁଶ ଛତୁ (ବାଉଁଶ୍ ଖୁଂଖୁଡ଼ି), ପୁଆଳ ଛତୁ (ପୁଆଲ ଖୁଂଖୁଡ଼ି), ପିଓ ଖୁଂଖୁଡ଼ି, ଆମ୍ବ ଛତୁ (ଆମ୍ ଖୁଂଖୁଡ଼ି), ପୁଟୁ (ଗୁଗଡ଼ା) ।

ବିଞ୍ଝିଆମାନେ ବଣଜଙ୍ଗଲରୁ ସଂଗ୍ରହ କରୁଥିବା ଖାଦ୍ୟପଦାର୍ଥ ମଧ୍ୟରେ ଖଟା ମଧ୍ୟ ଅନ୍ୟତମ । ବର୍ଷର ଅନେକ ସମୟରେ ଭିନ୍ନ ଭିନ୍ନ ପ୍ରକାର ଖଟା ଖାଇଥାନ୍ତି । ସେହି ଗୁଡ଼ିକର ନାମ ହେଲା; ତେନ୍ତୁଳି ଖଟା (ତେତେର ଖଟା), ବିଲାତି (ଟମାଟୋ) ଖଟା (ବିଲାଏତ ଖଟା), ଆମ୍ବ ଖଟା (ଆମ୍ବା ଖଟା), କୁନ୍ଦରୁମ ଖଟା, ଆମ୍ବୁଲ ଖଟା, ଭେଣ୍ଡି ଖଟା ।

ବିଞ୍ଝିଆ ସମାଜର ଖାଦ୍ୟ ବ୍ୟବସ୍ଥା ମଧ୍ୟରେ ଆମିଷ ଖାଦ୍ୟ (ମାଂସ)ର ସ୍ଥାନ ସ୍ୱତନ୍ତ୍ର । ଦୈନନ୍ଦିନ ଖାଦ୍ୟ ସହିତ କୌଣସି ପର୍ବପର୍ବାଣୀ ଭୋଜିଭାତ ଇତ୍ୟାଦିରେ ଆମିଷ ଖାଦ୍ୟ ପରଷା ଯାଉଥିବାର ଦେଖାଯାଏ । ତେବେ ଆମିଷ ଖାଦ୍ୟହିସାବରେ ବିଞ୍ଝିଆମାନେ ବିଭିନ୍ନ ପଶୁ ଓ ପକ୍ଷୀଙ୍କର ମାଂସ, ମାଛ, ଅଣ୍ଡା ଇତ୍ୟାଦିକୁ ଗ୍ରହଣ କରିଥାନ୍ତି । ସେଗୁଡ଼ିକ ହେଲା: ଛେଳି ମାଂସ (ଖାସି ଶିକାର), ମେଣ୍ଢା ମାଂସ (ଭେଡ଼ି ଶିକାର), କୁକୁଡ଼ା ମାଂସ (ଖୁଖରୀ ଶିକାର), ବତକ ମାଂସ (ଗେଡ଼େ ଶିକାର),ବରାହ ମାଂସ (ବାର୍‌ହା ଶିକାର), ସମ୍ବର ମାଂସ (ସମ୍‌ର ଶିକାର), ହରିଣ ମାଂସ (ହରିନ୍ ଶିକାର), ପାରା ମାଂସ (ପେରୁଆଁ ଶିକାର), ହର୍‌ଲା ପକ୍ଷୀର ମାଂସ (ହାର୍‌ଲା ଶିକାର), କପୋତ ମାଂସ (ପଣ୍ଡକୀ ଶିକାର), ତିତିର ମାଂସ (ତିତିର୍ ଶିକାର), ଗୁଣ୍ଡୁରୀ ପକ୍ଷୀର ମାଂସ (ଗୁଣ୍ଡରୀ ଶିକାର), ଚିତ୍ରା ମାଂସ (ଚିତ୍ରା ଶିକାର), କୁତ୍ରା ମାଂସ (କୁତ୍ରା ଶିକାର), ଠେକୁଆ ମାଂସ (ଲାମ୍‌ରା ଶିକାର), କୁକୁଡ଼ା ଅଣ୍ଡା (ଖୁଖ୍‌ରୀ ଅଣ୍ଡା), ବତକ ଅଣ୍ଡା (ଗେଡ଼େ, ବତଖ୍ ଅଣ୍ଡା), ଚିଙ୍ଗୁଡ଼ି, କଙ୍କଡ଼ା (ଖାଖ୍‌ରା), କଇଁଛ ।

ବିଂଝିଆମାନଙ୍କର ସହାୟକ ଖାଦ୍ୟ ଗୁଡ଼ିକ ହେଲା: ମହୁଲ ସିଝା, ଚାଉଳ ପିଠା, ଗହମରୁ ପ୍ରସ୍ତୁତ ଅଟାର ରୁଟି, ବାଜରା (ଗଙ୍ଗେଇ) ରୁଟି, ମାଣ୍ଡିଆ ରୁଟି, ମକାରୁଟି, କନ୍ଦମୂଳ ଇତ୍ୟାଦି । ବିଭିନ୍ନ ପର୍ବପର୍ବାଣୀ ଉପଲକ୍ଷେ ସେମାନେ ତିଆରି କରୁଥିବା ପିଠାପଣା ବା ସ୍ୱତନ୍ତ୍ର ଖାଦ୍ୟଦ୍ରବ୍ୟ; ଋତୁ ଅନୁଯାୟୀ ଜଙ୍ଗଲରୁ ସଂଗୃହୀତ ଫଳ ମୂଳ ଇତ୍ୟାଦି ସହାୟକ ଖାଦ୍ୟ ରୂପେ ବିଂଝିଆ ସମାଜରେ ବ୍ୟବହୃତ ହୁଏ । ଶୁଆଁ ଧାନ, ଗୁନ୍ଦଲୀ, ବାଉଁଶ ଧାନ ଏବଂ ମାଣ୍ଡିଆ ଜାଉ ଏହି ମର୍ମରେ ସେମାନଙ୍କର ଅନ୍ୟତମ ପ୍ରିୟ ଖାଦ୍ୟ ।

ବିଂଝିଆ ସମ୍ପ୍ରଦାୟର ଲୋକମାନେ ଦିନକୁ ସାଧାରଣତଃ ୩ ଥର ଖାଦ୍ୟ ଗ୍ରହଣ କରନ୍ତି । ପଖାଳ ଭାତ ଏହି ସଂପ୍ରଦାୟର ଖାଦ୍ୟପ୍ରିୟ । ସକାଳୁ ପ୍ରାୟ ଛୁଆରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ପିଆଜ, ଲୁଣ (ନନ୍), ଶୁଖିଲା ଲଙ୍କା ଓ ଖଟା ସହିତ ପଖାଳ ଭାତ ଖାଇଥାନ୍ତି । ଏହା ସେମାନଙ୍କର ସକାଳ ଜଳଖିଆ ରୂପେ ବିବେଚିତ ହୋଇଥାଏ । ମଧ୍ୟାହ୍ନରେ ଗରମ ଭାତ, ଡାଲି (ଦାଲ୍) କିମ୍ବା କୌଣସି ତରକାରୀ ଖିଆଯାଏ । ତା' ପରେ ପୁଣି ସଂଧ୍ୟା ୭ ଟାରୁ ୮ ଟା ମଧ୍ୟରେ ସେମାନେ ତରକାରୀ ଶାଗ କିମ୍ବା ଡାଲି (ଦାଲ୍) ସହ ଗରମ ଭାତ ଖାଇଥାନ୍ତି । ଖରାଦିନେ ଗରମ ଭାତ ନ ଖାଇ ପ୍ରତିଥର ପ୍ରାୟ ପଖାଳ ଭାତ ସହିତ ମାଛ ପୋଡ଼ା, ଶାଗ କିମ୍ବା ତେନ୍ତୁଳି ଖାଇବାକୁ ଭଲ ପା'ନ୍ତି । ଛୋଟ ପିଲାମାନେ ଦିନକୁ ପ୍ରାୟ ୪/୫ ଥର ଖାଇଥାନ୍ତି । ସେମାନଙ୍କ ପାଇଁ ଘରର ସ୍ତ୍ରୀ ଲୋକମାନେ ସ୍ୱତନ୍ତ୍ର ଭାବେ ଭାତ ଏବଂ ତରକାରୀ ରଖି ଦେଇଥାନ୍ତି । ପୂର୍ବ ରାତିର ବଳକା ବାସି ଭାତକୁ କେତେକ ଲୋକ ସକାଳୁ ଖାଇବାକୁ ପସନ୍ଦ କରିଥାନ୍ତି । ଶାଗ ପ୍ରିୟ ଏଇ ବିଂଝିଆ ସମାଜ ପ୍ରତିଦିନ କିଛି ଶାଗ ଓ ଖଟା ଭାତ ସହିତ ଖାଇବା ପାଇଁ ଯୋଗାଡ଼ କରିଥାଏ । ବୃଦ୍ଧ ବ୍ୟକ୍ତିମାନେ ପ୍ରତ୍ୟେହ ସକାଳେ ହାଣ୍ଡିଆ ପାନ କରିବାକୁ ପସନ୍ଦ କରିଥାନ୍ତି ।

**ପର୍ବପର୍ବାଣୀର ଖାଦ୍ୟ :**

ବିଂଝିଆ ସଂପ୍ରଦାୟ ବର୍ଷରେ ବିଭିନ୍ନ ପର୍ବପର୍ବାଣୀକୁ ଆଡ଼ମ୍ବର ସହକାରେ ପାଳନ କରିଥାନ୍ତି । ସେହି ପର୍ବପର୍ବାଣି ଗୁଡ଼ିକ ମଧ୍ୟରେ ଅକ୍ଷୟ ତୃତୀୟା (ମୁଠ୍ ଛୁଆଁ), ରଜପର୍ବ (ହର ପାହରେନ), ସାରନା ପରବ, ଗହ୍ମା ପୂର୍ଣ୍ଣିମା (ଗହ୍ମାପୁନୀ), ନୂଆଖାଇ (ନୂଆ ଖାନୀ, କରମା (କରମ), ଦଶହରା (ଦାଶରା ପରବ), ଭାଇଜିଉତିଆ, ପୁଅଜିଉଁତିଆ, ଦୀପାବଳି (ସହରାଇ ପରବ), କାଳୀପୂଜା, ପୌଷ ପୂର୍ଣ୍ଣିମା (ପୁଷ ପୁନୀ), ମକର ପର୍ବ, ହୋଲି (ଫାଗ୍ କାଟା), ରାମ ନବମୀ ଇତ୍ୟାଦି ପ୍ରଧାନ । ପର୍ବପର୍ବାଣୀ ଗୁଡ଼ିକର ସ୍ୱତନ୍ତ୍ରତା ସେମାନଙ୍କ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତିରୁ ପରିଲକ୍ଷିତ ହୁଏ । ଅକ୍ଷୟ ତୃତୀୟା (ମୁଠ୍ ଛୁଆଁ) ରେ ସେମାନେ ମାଛ ତରକାରୀ ଓ ଭାତ ରନ୍ଧନ କରନ୍ତି । ସମସ୍ତେ ମିଶି ଭାତ ଭୋଜନ କରିଥାନ୍ତି । ବୟସ୍କ ପୁରୁଷ ଓ ବୃଦ୍ଧ ବ୍ୟକ୍ତି (ମହିଳାଙ୍କ ସମେତ) ମାନେ ହାଣ୍ଡିଆ ପାନ କରିଥାନ୍ତି । ରଜପର୍ବରେ ସାଧାରଣତଃ ଜଙ୍ଗଲରୁ ଶିକାର କରିଆଣିଥିବା ମାଂସ ଓ ଭାତ ଖିଆଯାଏ ଏବଂ ପିଲା ମାନଙ୍କ ବ୍ୟତୀତ ଅନ୍ୟମାନେ ମହା ଆନନ୍ଦରେ ହାଣ୍ଡିଆ ପାନ କରିଥାନ୍ତି । ସାରନା ପର୍ବରେ ବଳି ଦିଆଯାଇଥିବା ବୋଦା (ବୋକା), ମେଣ୍ଢା (ଭେଡ଼ା)

କିମ୍ବା କୁକୁଡ଼ା (ଖୁଖ୍‌ରୀ) ମାଂସ ସହିତ ଭାତ ଓ ହାଣ୍ଡିଆ ଖିଆଯାଏ । ଗହ୍ମା ପୂର୍ଣ୍ଣିମାରେ ଅଟା ପିଠା, ଚାଉଳ ପିଠା (ଉଲଟା ପିଠା) ପ୍ରସ୍ତୁତ କରାଯାଏ । 'ନୂଆଖାଇ' ପର୍ବରେ ଚାଉଳ କ୍ଷିରୀ ଓ ପିଠା ପ୍ରସ୍ତୁତ କରିବା ବିଧି ଅଛି। କରମା ପର୍ବରେ ସେମାନେ ଅଟା ପିଠା, ଚାଉଳର ସିଝା ପିଠା (ଉଲଟା ପିଠା), ଛିଲକା ପିଠା ଇତ୍ୟାଦି ତିଆରି କରିଖାଇଥାନ୍ତି ଏବଂ ହାଣ୍ଡିଆ ପାନ କରିଥାନ୍ତି । ଦଶହରା ପର୍ବରେ ମଣ୍ଡାପିଠା ତିଆରି କରାଯାଏ । ଦଶହରା ନବମୀ ଦିନ କାଳୀ ପୂଜା ଉପଲକ୍ଷେ ବୋଦା (ବୋକା) ବଳି ଦିଆଯାଏ ଏବଂ ବଳି ବୋଦାର ତରକାରୀକୁ କେବଳ ବିଂଝିଆ ଲୋକେ ଭାତ ଓ ହାଣ୍ଡିଆ ସହିତ ଗ୍ରହଣ କରିଥାନ୍ତି । ପୁଅ ଜିଉଁତିଆରେ ଅରୁଆ ଚାଉଳ ପିଠା, ଉଲଟା ପିଠା ଓ କ୍ଷିରୀ ଏବଂ ଭାଇ ଜିଉଁତିଆ (ଭାଇ ଜିତିଆ) ଦିନ ଅରୁଆ ଚାଉଳ କ୍ଷିରୀ, ଉଲଟା ପିଠା ଇତ୍ୟାଦି ତିଆରି ହୋଇଥାଏ । ଦୀପାବଳୀ (ସହରାଇ) ପୂଜାରେ ତିଆରି କରାଯାଉଥିବା ପିଠା ମଧ୍ୟରେ ଉଲଟା ପିଠା, ମଣ୍ଡା ପିଠା ଓ ବିରି ପିଠା ପ୍ରଧାନ । କିନ୍ତୁ ଛାଡ଼ ଖାଇ ଓ ପୌଷ ପୂର୍ଣ୍ଣିମା (ପୁଷ୍ ପୁନୀ) ଦିନ ଖାସି ମାଂସ (ଖାସି ଶିକାର), କୁକୁଡ଼ା ମାଂସ (ଖୁଖ୍‌ରୀ ଶିକାର) ଭାତ ସହିତ ପିଠାପଣା କରି ବିଂଝିଆମାନେ ବଣ ଭୋଜୀର ଆୟୋଜନ କରିଥାନ୍ତି । ସେ ଦିନ ବୟସ୍କ ଲୋକେ ହାଣ୍ଡିଆ (ମଦ୍) ପାନ କରନ୍ତି । ହୋଲି (ଫାଗ୍ କାଟା) ପର୍ବରେ ମହୁଲ ଓ ଆମ୍ବ ପ୍ରଥମ କରି ଖାଇବା ଆରମ୍ଭ କରି ଉତ୍ସବ ପାଳନ କରିଥାଆନ୍ତି । ଏହିଦିନ ମହୁଲରୁ ପ୍ରସ୍ତୁତ ମଦ୍ୟ (ଦାରୁ) ପାନ କରାଯାଏ । ମକର ପର୍ବରେ ଉଲ୍‌ଟା ପିଠା, ଆରିସା ପିଠା ଓ ରାଶି (ତିଲ) ଲଡୁ ପ୍ରସ୍ତୁତ କରନ୍ତି । ନିର୍ଦ୍ଦିଷ୍ଟ ପର୍ବରେ ନିର୍ଦ୍ଦିଷ୍ଟ ଭୋଜନ ସାମଗ୍ରୀର ଆୟୋଜନ ସେମାନଙ୍କ ପର୍ବପର୍ବାଣୀର ବିବିଧତା ପ୍ରତିପାଦିତ କରେ ।

### ଶିଶୁ ଓ ଛୋଟ ପିଲାଙ୍କ ପାଇଁ ଖାଦ୍ୟ :

ବିଂଝିଆ ସମାଜରେ ଶିଶୁର ଜନ୍ମ ଠାରୁ ଛଅ ମାସ ପର୍ଯ୍ୟନ୍ତ ତା'ର ଖାଦ୍ୟ ଭାବରେ ମାଆ କ୍ଷୀରକୁ ପ୍ରାଧାନ୍ୟ ଦିଆଯାଏ । ଛଅ ମାସ ପରେ ଉଷୁନା ଚାଉଳର ପିଠା ବା ଭାତକୁ ଭଲ ଭାବରେ ଚକଟି ଶିଶୁକୁ ଦିଆଯାଇଥାଏ । ଛୋଟ ପିଲାମାନେ ସାଧାରଣତଃ ଭାତ (ଭାତ୍), ଡାଲି (ଦାଲ୍), ଉଷୁନା ଚାଉଳର ପିଠା, କ୍ଷୀର, କ୍ଷିରି (ଲୋଟୋ) ଇତ୍ୟାଦି ଖାଇଥାନ୍ତି । ପିଲାଟିକୁ ୨ ବର୍ଷ ହୋଇ ଗଲାପରେ ମାଂସ (ଶିକାର) ଓ ମାଛ ଖାଇବା ସହିତ ଅଭ୍ୟସ୍ତ କରାଯାଏ । କୌଣସି ପରିସ୍ଥିତିରେ ମଧ ଛୋଟ ପିଲାମାନଙ୍କୁ ହାଣ୍ଡିଆ (ମଦ୍), ମହୁଲ ମଦ (ଦାରୁ) କିମ୍ବା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ କରିବାକୁ ଦିଆଯାଏ ନାହିଁ ।

## ଗର୍ଭବତୀ ମହିଳାଙ୍କର ଖାଦ୍ୟ :

ବିଂଝିଆ ସମାଜରେ ଗର୍ଭବତୀ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ଥାଏ । ସେମାନେ ଭାତ (ଭାତ୍) ଡାଲ (ଦାଲ୍) ଖଟା, ପାଲଙ୍ଗ, ସଜନା ସାଗ (ମୁନଗା ଶାଗ୍) ଇତ୍ୟାଦି ସହିତ ବିଭିନ୍ନ ପ୍ରକାରର ଫଳ ଯଥା ଆମ୍ବ, ପିଜୁଳି, କଦଳୀ ଇତ୍ୟାଦି ଅଧିକ ମାତ୍ରାରେ ଭୋଜନ କରନ୍ତି । ଗର୍ଭାବସ୍ଥାର ତିନିମାସ ପରେ ମଦ୍ୟପାନ କରିବାକୁ ବାରଣ କରାଯାଏ । ଅଣ୍ଡା, ଛତୁ ଓ ଛୋଟମାଛ ସ୍ୱତନ୍ତ୍ର ଭାବେ ଗର୍ଭବତୀ ମହିଳାଙ୍କୁ ଦିଆଯାଏ । ସାତ ମାସ ପରେ ଅମୃତ ଭଣ୍ଡା ସିଝା, ଲାଉ (ଲଉକା) ଇତ୍ୟାଦି ଖାଇବା ସହିତ ପିଠାପଣା ଖାଇବାକୁ ପସନ୍ଦ କରନ୍ତି ଏବଂ ଅନ୍ୟାନ୍ୟ ସୁସ୍ୱାଦୁ ବ୍ୟଞ୍ଜନ ପ୍ରତି ଇଚ୍ଛା ପ୍ରକାଶ କରନ୍ତି । ଏଣୁ ଗର୍ଭବତୀ ମହିଳାର ମାଆ ଘରୁ ସ୍ୱତନ୍ତ୍ର ଭାବେ ପିଠାପଣା ଆସିଥାଏ । ପଡ଼ୋଶୀ ଘରର ସ୍ତ୍ରୀ ଲୋକମାନେ ମଧ୍ୟ ବିଭିନ୍ନ ପ୍ରକାରର ପିଠାପଣା କରି ଗର୍ଭବତୀ ମହିଳାଙ୍କୁ ଖାଇବାକୁ ଡାକନ୍ତି । ଏହି ସମୟରେ ସେମାନେ ଖଟା ଖାଇବାକୁ ଭଲ ପା'ନ୍ତି । ପ୍ରଥମ ଗର୍ଭାବସ୍ଥାରେ ଗର୍ଭବତୀର ମାଆ ବିଭିନ୍ନ ପ୍ରକାର ଫଳମୂଳ କଦଳୀ, ମାଛ, ଶୁଖୁଆ ଇତ୍ୟାଦି ନେଇ ଝିଅକୁ ଭେଟିଦିଏ । ଦ୍ୱିତୀୟ ଥର ଗର୍ଭାବସ୍ଥାର ଛଅ ମାସ ପରେ ବିଭିନ୍ନ ପ୍ରକାର ପିଠାପଣା କରି ଝିଅ ପାଖକୁ ପଠାଯାଏ । ଝିଅ ମଧ୍ୟ ନିଜର ଈପ୍ସିତ ଖାଦ୍ୟ ଦ୍ରବ୍ୟ ପାଇଁ ମାଆଙ୍କୁ ବରାଦ କରିଥାଏ । ଗର୍ଭବତୀ ମହିଳାଙ୍କୁ କେତେବେଳେ ବି ଭୋକ ଉପାସରେ ରହିବାକୁ ଦିଆଯାଏ ନାହିଁ ।

## ପ୍ରସୂତିଙ୍କ ଖାଦ୍ୟ :

ଶିଶୁ ଜନ୍ମ ହେଲା ପରେ ମାଆର ଖାଦ୍ୟରେ ମଧ୍ୟ ସ୍ୱତନ୍ତ୍ରତା ରହିଥାଏ । ସେ ଗରମ ଭାତ, ଡାଲି (ଦାଲ୍) ବିଭିନ୍ନ ପ୍ରକାର ଶାଗ, ନିମ୍ବ ପତ୍ର ଗୁଣ୍ଡ, ଅମୃତଭଣ୍ଡା ସିଝା, କଲରା (କାରଲା) ଓ ବିଭିନ୍ନ ପ୍ରକାର ପନିପରିବା ଖାଇଥାନ୍ତି । ଫଳ ମଧ୍ୟରେ ଆମ୍ବ, ପଣସ (କଟହଲ), ପିଜୁଳି, କେନ୍ଦୁ, ଡିମ୍ବିରି ଇତ୍ୟାଦି ଫଳ ଗ୍ରହଣ କରିଥାନ୍ତି । ଶିଶୁର ଦାନ୍ତ ଉଠିଲା ପରେ ତାକୁ ଛୋଟ ମାଛ, ଅଣ୍ଡା ଇତ୍ୟାଦି ଖାଇବାକୁ ଦିଆଯାଏ । ପ୍ରସୂତି ମହିଳା ମଦ୍ୟପାନ କରନ୍ତି ନାହିଁ । ଶିଶୁ ପାଇଁ ଅଧିକ କ୍ଷୀର ହେବା ନିମନ୍ତେ ତାଙ୍କୁ ଲାଉ ଓ ପପିତା ଦିଆଯାଇଥାଏ । ଜଙ୍ଗଲରେ ପଡ଼ିଥିବା ବାଘ କ୍ଷୀରକୁ ସଂଗ୍ରହ କରି ପେଜପାଣିରେ ମିଶାଇ ପ୍ରସୂତି ପାନ କଲେ ତାଙ୍କର କ୍ଷୀର ଅଧିକ ହୁଏ ବୋଲି ବିଂଝିଆ ସମାଜରେ ଏକ ଦୃଢ଼ ଧାରଣା ପ୍ରଚଳିତ ।

## ନିଷିଦ୍ଧ ଖାଦ୍ୟ :

ଭାତ ବିଭିନ୍ନ ପ୍ରକାର ଶାଗ, ଭେଣ୍ଡି, ମାଛ, ମାଂସ ଓ ହାଣ୍ଡିଆ (ମଦ) ଇତ୍ୟାଦି ଶିଶୁ ମାନଙ୍କ ପାଇଁ ନିଷିଦ୍ଧ କରାଯାଇଥାଏ । ଏକ ବର୍ଷ ବୟସ ମଧ୍ୟରେ ଶିଶୁ ଚୁଡ଼ା ଓ ମୁଢ଼ି (ଭୂଜା) ଖାଏ ନାହିଁ । ବସ୍ତୁତଃ ଏକବର୍ଷ ପର୍ଯ୍ୟନ୍ତ ମା' କ୍ଷୀର ହିଁ ତା'ର ପ୍ରଧାନ ଖାଦ୍ୟ । ଛଅ ମାସ ପର୍ଯ୍ୟନ୍ତ ଶିଶୁକୁ ଅନ୍ୟାନ୍ୟ କୌଣସି ଖାଦ୍ୟ ଦିଆଯାଏ ନାହିଁ । ପୁନଶ୍ଚ ଦୁଇତିନି ବର୍ଷ ହେବା ପର୍ଯ୍ୟନ୍ତ ଭାତ, ମାଣ୍ଡିଆ ରୋଟି ଓ ଚାଉଳ ପିଠା ଅଧିକ ପରିମାଣରେ ଦେବା ପାଇଁ ବାରଣ କରାଯାଏ କାରଣ ଶ୍ୱେତସାର ଜାତୀୟ ଖାଦ୍ୟ ଅଧିକ ପରିମାଣରେ ଖାଇଲେ ଶିଶୁର ପେଟ ବଢ଼ିଯିବାର ସମ୍ଭାବନା ଥାଏ। ସେସବୁ ଅଧିକ ଖାଇଲେ କୃମି ରୋଗ ମଧ୍ୟ ହୁଏ ବୋଲି ବିଂଝିଆ ମାନଙ୍କର ବିଶ୍ୱାସ । ଛୋଟ ଶିଶୁ ଓ ମହିଳା ମାନେ ବଳି ଦିଆଯାଇଥିବା ପଶୁ ବା ପକ୍ଷୀର ମାଂସ ଖାଆନ୍ତି ନାହିଁ । ଏହା ସେମାନଙ୍କ ପାଇଁ ସଂପୂର୍ଣ୍ଣ ରୂପେ ନିଷିଦ୍ଧ। ଗର୍ଭବତୀ ମହିଳାମାନଙ୍କୁ ଭେଡ଼ି (ମେଣ୍ଢା) ମାଂସ, ବଡ଼ ମାଛ ଏବଂ ବୋକା ଶିକାର (ଛେଳି ମାଂସ), ଅତ୍ୟଧିକ ଲଙ୍କା ଓ ମସଲା ଜାତୀୟ ଖାଦ୍ୟ ଖାଇବାକୁ ବାରଣ କରାଯାଏ । ପ୍ରସୂତୀ ଆଠ/ନଅ ମାସ ପର୍ଯ୍ୟନ୍ତ ପଖାଳ ଭାତ, ଖଟା, ଆଚାର, ମସଲା ଜାତୀୟ ଖାଦ୍ୟ, ବାଇଗଣ, ଭାଜି ଶାଗ, ମୁଢ଼ୀ ଓ ଚୂଡ଼ା ଇତ୍ୟାଦି ଗରିଷ୍ଠ ଖାଦ୍ୟ ଖାଏ ନାହିଁ । ହାଣ୍ଡିଆ ଓ ଦାରୁ (ମଦ) ଜାତୀୟ ପାନୀୟ ସେବନ ତା' ପାଇଁ ପ୍ରଯୁଜ୍ୟ ନୁହେଁ । ଏତଦ୍ ବ୍ୟତୀତ ସ୍ତ୍ରୀ ଗର୍ଭବତୀ ଥିଲେ ସ୍ୱାମୀ ମଧ୍ୟ ବଳି ଦିଆଯାଇଥିବା ମାଂସକୁ ଖାଇ ପାରିବେ ନାହିଁ । ପୁତ୍ର / କନ୍ୟାର ବିବାହ ସମୟରେ ତା'ର ବାପା ମାଆ ଆମିଷ ସ୍ପର୍ଶ କରନ୍ତି ନାହିଁ । ପୂଜା ପୂର୍ବରୁ ମଧ୍ୟ ଆମିଷ ଭୋଜନ ମନା । ପାହାନ (ପୂଜାରୀ) ପୂଜା ପାଠ ହେବାର ଗୋଟିଏ ଦିନ ଆଗରୁ କାହାରି ଘରେ କୌଣସି ଖାଦ୍ୟ ଖାଆନ୍ତି ନାହିଁ । ସେ ନିଜ ଖାଦ୍ୟ ନିଜେ ରାନ୍ଧି ଖାଇଥାନ୍ତି । ଗ୍ରାମର ଗଞ୍ଜୁ (ମୁଖିଆ) ମଧ୍ୟ ବ୍ୟକ୍ତିଗତ କିମ୍ବା ସାମୟିକ ପୂଜା ପାର୍ବଣ ପୂର୍ବରୁ ମାଛ, ମାଂସ ଓ ହାଣ୍ଡିଆ ମଦ ଇତ୍ୟାଦି ପାନୀୟ ଗ୍ରହଣ କରନ୍ତି ନାହିଁ । ପୂଜା ଦିନ ପୂଜା ନ ସରିବା ପର୍ଯ୍ୟନ୍ତ କୌଣସି ନିଶା ଦ୍ରବ୍ୟ ସେବନ କରିବା ନିଷିଦ୍ଧ ।

## ନିରାମିଷ ଓ ଆମିଷ ଖାଦ୍ୟ :

ଆମିଷ ଖାଦ୍ୟ ମଧ୍ୟରେ ବିଂଝିଆ ସଂପ୍ରଦାୟର ଲୋକେ ସାଧାରଣତଃ ଖାସି ମାଂସ (ଖାସି ଶିକାର), ମେଣ୍ଢା ମାଂସ (ଭେଡ଼ି ଶିକାର), କୁକୁଡ଼ା ମାଂସ (ଖୁଖ୍ରୀ ଶିକାର),

ବତକ ମାଂସ (ଗେଡ଼େ ଶିକାର) ବରହା ମାଂସ (ବାରହା ଶିକାର), ସମ୍ବର ମାଂସ (ସମର ଶିକାର), ହରିଣ ମାଂସ (ହରିନ ଶିକାର), ପାରା ମାଂସ (ପେରୁଆଁ ଶିକାର), ହରଲା ପକ୍ଷୀର ମାଂସ, କପୋତ (ଫଡ଼କି ଶିକାର), ତିତିରି ଶିକାର, ଗୁଣ୍ଡରି ଶିକାର ଚିଟ୍‌ରା ଶିକାର, କୁଟ୍‌ରା ଶିକାର, ଠେକୁଆ ମାଂସ (ଲମ୍‌ଭା) ଇତ୍ୟାଦି ପଶୁ ପକ୍ଷୀର ମାଂସ ଭୋଜନ କରନ୍ତି । କୁକୁଡ଼ା ଅଣ୍ଡା (ଖୁଖ୍‌ରୀ ଅଣ୍ଡା) ବତ୍‌କ (ଗେଡ଼େ) ଅଣ୍ଡା ମଧ୍ୟ ଏହି ପର୍ଯ୍ୟାୟ ଭୁକ୍ତ । ସେମାନଙ୍କର ନିରାମିଷ ଖାଦ୍ୟ ମଧ୍ୟରେ ସମସ୍ତ ପ୍ରକାର ଶସ୍ୟ; ଯଥା – ଧାନ, ଗହମ, ମାଣ୍ଡିଆ, ବାଜରା, ବିଭିନ୍ନ ପ୍ରକାର ଡାଲି; ଯଥା – କୋଳଥ (କୁରଥି), ହରଡ଼ (ରାହେଡ଼), ବିରି (ବିରହି), ମୁଗ (ମୁଗ୍), ଖେସାରୀ (ଖେସରା) ଇତ୍ୟାଦି ପ୍ରଧାନ । ବିଭିନ୍ନ ପ୍ରକାରରେ ଶାଗ; ଯଥା :- ସଜନା (ମୁନ୍‌ଗା) ଶାଗ, କୋଇନାର ଶାଗ୍, ଚାଁଟି ଶାଗ, ଗହ୍ଲା ଶାଗ୍, ପାନି ଶାଗ, ଚାକୁଣ୍ଡା (ଚକଡ଼ା ଶାଗ) କଖାରୁ (କୋହଣ୍ଡା ଶାଗ୍), ପୋଇ ଶାଗ, କୁଦରୁମ ଶାଗ, କଲମ ଶାଗ, ପାଳଙ୍ଗ (ପାଲକ୍) ଶାଗ, ସାରୁପତ୍ର (ଶାଖିନ ଓ ପେଟ୍‌କି), ଖାଦ୍ୟ ରୂପେ ଗ୍ରହଣ କରନ୍ତି । ବିଭିନ୍ନ ପ୍ରକାର ପନିପରିବା, ଯଥା :- କଲରା (କାର୍‌ଲା), ଭେଣ୍ଡି (ଭେଡ଼ଓ୍ୱା), ଖମ୍ବ ଆଳୁ (ରଞ୍ଜ କନ୍ଦା), ଅମୃତଭଣ୍ଡା (ପପିତା), ବାଇଗଣ (ଭାଁଟା), ମାଖନ (କୋହଣ୍ଡା), ଗାଡ଼ ସାରୁ (ଶାଖିନ) ଛୋଟ ସାରୁ, ପେଟ୍‌କି ଲାଉ (ଲଉକି), ଜହ୍ନି (ଝିଙ୍ଗା), ଟମାଟୋ (ବିଲାୟତ), ଝୁଡ଼ଙ୍ଗ (ବୋଦି), କନ୍ଦମୂଳ (ସକ୍କର କନ୍ଦା), ସଜନା ଛୁଇଁ (ମୁନଗା ଖଡ଼ା), ଛତୁ (ଖୁଂଖୁଡ଼ି) ଇତ୍ୟାଦିକୁ ବିଭିନ୍ନ ପ୍ରଣାଳୀରେ ରନ୍ଧନ କରି ବିଂଝିଆମାନେ ରୁଚି ମୁତାବକ ଗ୍ରହଣ କରନ୍ତି । ନିରାମିଷ ଖାଦ୍ୟ ମଧ୍ୟରେ ଶାଗ ଓ ପନିପରିବାର ଆଦର ଅଧିକ ।

**କୃଷି ଜାତ ଖାଦ୍ୟ ଦ୍ରବ୍ୟ :**

ବିଂଝିଆ ଜନଜାତି ସଂପ୍ରଦାୟର ଲୋକ କୃଷି ଉପରେ ବିଶେଷଭାବେ ସେମାନଙ୍କର ଖାଦ୍ୟ ଆବଶ୍ୟକତା ପୂରଣପାଇଁ ନିର୍ଭର କରିଥାନ୍ତି । ସେମାନେ ଚାଷ ଜମି ଛଡ଼ା ନିଜ ବାଡ଼ିବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥାନ୍ତି । ବିଭିନ୍ନ ପ୍ରକାର ଶସ୍ୟ ଜାତୀୟ, ଡାଲିଜାତୀୟ ଦ୍ରବ୍ୟ ତଥା ପନିପରିବାର ତାଲିକା ନିମ୍ନରେ ଦିଆଗଲା: ଧାନ, ଗହମ, ବାଜରା (ଗଙ୍ଗେ), ଗୁନ୍ଦଲି, କୋଳଥ (କୁରଥି), ହରଡ଼ (ରାହେଡ଼), ବିରି (ବିରହି), ମୁଗ (ମୁଗ୍), ଖେସାରୀ (ଖେସରା), ବୁଟ ଡ଼ାଲି (ବୁଟରା), ମସୁର ଡାଲି

(ମସୁର ଦାଲ), ବାଇଗଣ (କାଁଟାଭାଁଟା), କଖାରୁ (କୋହଣ୍ଡା), ଲାଉ (ଲଉକି), ଜହ୍ନି (ଝିଙ୍ଗା), ଟମାଟୋ (ବିଲାୟତ), ଝୁଡ଼ଙ୍ଗ (ବୋଦି), ବଡ଼ସାରୁ (ସାଖୁନ), ଛୋଟ ସାରୁ (ପେଚ୍‌କି), ଖମ୍ବ ଆଳୁ (ଗାଞ୍ଜି କନ୍ଦା), ଅମୃତଭଣ୍ଡା (ପପିତା), ଭେଣ୍ଡି (ଭେଡ଼ଓ୍ୱା), କଲରା (କାରଲା), ପଣସ (କଟହଲ), ମୂଳା (ମୁରେଇ), ଶିମ୍ବ (ସେମ୍ବି), କଞ୍ଚା କଦଳୀ (କେରା), କାକୁଡ଼ି(ଖିରା), କାଙ୍କଡ଼ (ଖଗସୀ), ବୋଇତ ଆଳୁ (ମାଖନ), ଫୁଲ କୋବି (ଫୁଲ ଗୋଭି), ବନ୍ଧା କୋବି (ପତର ଗୋଭି), ଗଣ୍ଠି କୋବି (ଗଏଁଠ ଗୋଭି), ମଟର, ସଜନା (ମୁନଗା), ଲଙ୍କା (ମିରଚା), ଡିଣ୍ଡା ଓ ବିଭିନ୍ନ ପ୍ରକାର ଶାଗ ଇତ୍ୟାଦି ।

**ଜଙ୍ଗଲ ଜାତ ଖାଦ୍ୟ :**

କୃଷିଜାତ ଦ୍ରବ୍ୟ ଛଡ଼ା ବିଞ୍ଝିଆମାନେ ଦୈନନ୍ଦିନ ଖାଦ୍ୟ ପାଇଁ ଜଙ୍ଗଲ ଉପରେ ମଧ୍ୟ ନିର୍ଭର କରିଥାନ୍ତି । ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଖାଦ୍ୟଦ୍ରବ୍ୟ ସେମାନେ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି, ସେଗୁଡ଼ିକ ହେଲା: ମହୁଲ (ମମୁଓ୍ୱା), ତେନ୍ତୁଳି (ତେତେଲ), କେନ୍ଦୁ (କେଉଁନ୍ଦ), ଚାର ମଞ୍ଜି, ବାଉଁଶ କରଡ଼ି(ଅଏନ୍ଦୀ), ବିଭିନ୍ନ ପ୍ରକାର ଛତୁ (ଖୁକୁଡ଼ି), ଫୁଟୁ (ରୁଗୁଡ଼ା), କାଙ୍କଡ଼ (ଖକ୍‌ସୀ), ବରକୋଳି (ବଏର), ଜାମୁକୋଳି (ଜାମ), କୁସୁମ, କୁରଲୁ, ଆମ୍ବ, ଡିମିରି, ପଥର କନ୍ଦା, ପିତା କନ୍ଦା, ଅଁଳା ଇତ୍ୟାଦି ।

**ବିଭିନ୍ନ ପ୍ରକାର ମାଂସ:**

ବିଞ୍ଝିଆମାନେ ବଣଜଙ୍ଗଲରୁ ଶିକାର କରି ବିଭିନ୍ନ ପଶୁପକ୍ଷୀଙ୍କର ମାଂସକୁ ମଧ୍ୟ ଖାଦ୍ୟ ଆକାରରେ ଗ୍ରହଣ କରନ୍ତି । ଯଥା: ହରିଣ ମାଂସ (ହରିନ ଶିକାର), ବାରହା ମାଂସ, ଠେକୁଆ ମାଂସ, କପୋତ ମାଂସ (ପଣ୍ଡକି ଶିକାର), ତିତେର ମାଂସ, ହାରଲା ମାଂସ, କୁଟରା ମାଂସ, ଚିତରା ମାଂସ, ବତକ ମାଂସ, ସମ୍ବର ମାଂସ, ପାରା ମାଂସ (ପେରୁଆଁ), ଗୁଣ୍ଡରି ମାଂସ, କୁକୁଡ଼ା ଅଣ୍ଡା (ଖୁଖରୀ ଅଣ୍ଡା), ମୟୁର ଅଣ୍ଡା, ଗେଣ୍ଡା ମାଂସ ଆଦି ଅନ୍ୟତମ ।

ବିଞ୍ଝିଆମାନେ ଅନ୍ୟାନ୍ୟ କ୍ଷେତ୍ରରୁ ମଧ୍ୟ ଖାଦ୍ୟଦ୍ରବ୍ୟ ସଂଗ୍ରହ କରିଥାନ୍ତି, ଯଥା: ଛେଳି, ବୋଦା, କୁକୁଡ଼ା (ଖୁଖରୀ), ମେଣ୍ଢା (ଭେଡ଼ି)ର ମାଂସ, ବିଭିନ୍ନ ପ୍ରକାର ମାଛ (ରୋହୀ, ଭାକୁଡ଼, ମିରିକାଲି, ଇତ୍ୟାଦି), ଚିଙ୍ଗୁଡ଼ି, କଙ୍କଡ଼ା, କଇଁଛ ଇତ୍ୟାଦି ।

## ଖାଦ୍ୟ ପ୍ରସ୍ତୁତି ଓ ସଂରକ୍ଷଣ :

**ଭାତ :** ଏକ ମାଟି ହାଣ୍ଡି କିମ୍ବା ଆଲୁମିନିୟମ୍ ଡ଼େକ୍‌ଚିରେ ପାଣି ଗରମ କରି ଉଷୁନା କିମ୍ବା ଅରୁଆ ଚାଉଳ ପକାଯାଏ । ଚାଉଳ ସିଝି ନରମ ହେଲେ ସେଥିରୁ ପେଜ ବାହାର କରାଯାଏ । ଏହାକୁ ଗରମ ଭାତ ରୂପେ ଖିଆଯାଏ । ଗରମ ଭାତରେ ପାଣି ପକାଇ ସଜ ପଖାଳ କିମ୍ବା ଦିନେ ପରେ ବାସି ପଖାଳ ରୂପେ ବ୍ୟବହାର କରାଯାଏ । କେହି କେହି ପେଜରେ ଲୁଣ ମିଶାଇ ପିଇଥାନ୍ତି । ଶୁଆଁ ଧାନ (ଗୁନ୍ଦଲୀ ଧାନ)ରୁ ପ୍ରସ୍ତୁତ ଚାଉଳରୁ ମଧ୍ୟ କେତେକ ଲୋକ ଭାତ ରାନ୍ଧି ଖାଆନ୍ତି । ଏଥିରେ ଟିକିଏ ଲୁଣ ପକାଇ ଜାଉ ଭଳି କରାଯାଏ। କୁଦୋ ଚାଉଳରୁ ମଧ୍ୟ ସେହିପରି ଜାଉ ପ୍ରସ୍ତୁତ କରି ବିଞ୍ଝିଆମାନେ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି ।

**ମହୁଲ ସିଝା :** ମହୁଲକୁ ପ୍ରଥମେ ପରିଷ୍କାର କରି ପାଣିରେ ଧୋଇ ଦିଆଯାଏ । ଗୋଟିଏ ବଡ଼ ମାଟି ହାଣ୍ଡିରେ ମହୁଲ, ତେନ୍ତୁଳି ମଞ୍ଜି (ତେତେର୍ ମଞ୍ଜି), କୋଳଥ (କୁଲ୍‌ଥି), ମଟର ଚଣା, ହରଡ଼ (ରାହେଡ଼), ବୁଟ ଇତ୍ୟାଦିକୁ ଏକତ୍ର ମିଶାଇ ସିଝା ଯାଇଥାଏ । ସିଝିଲା ପରେ ତାହାକୁ ବିଂଝିଆମାନେ ଭୋଜନ କରିଥା'ନ୍ତି ।

**ମହୁଲ ମୁଆଁ (ମହୁଲ୍ ଲେଠା):** ମହୁଲକୁ ପ୍ରଥମେ ଭଜାଯାଏ । ଭଜା ହେଲାପରେ ଢ଼ିଙ୍କିରେ କୁଟି ଗୁଣ୍ଡ କରାଯାଏ । ତା ପରେ ସେଥିରେ ବାଜରା ଖଇ, ଗଙ୍ଗେ ଖଇ, ଶାଳ ମଞ୍ଜି (ସରଗି ମଞ୍ଜି) ଇତ୍ୟାଦି ମିଶାଇ ପୁଣିଥରେ ଢ଼ିଙ୍କିରେ ଗୁଣ୍ଡ କରାଯାଏ । ଏହି ଗୁଣ୍ଡକୁ ହାତରେ ଗୋଲ ଗୋଲ କରି ମହଲ ମୁଆଁ (ମହୁଲ ଲେଠା) ପ୍ରସ୍ତୁତ କରାଯାଏ ।

**ଗେଣ୍ଡା ମାଂସ (ଗେଣା ଶିକାର) :** ପ୍ରଥମେ ଗେଣ୍ଡା ମାଂସ (ଗେଣା ଶିକାର) କୁ ପାଣିରେ ଧୋଇ ପରିଷ୍କାର କରାଯାଏ। ହାଣ୍ଡିରେ କିମ୍ବା ଆଲୁମିନିୟମ ଡେକ୍‌ଚିରେ ପାଣି ଗରମ କରି ସେଥିରେ ମାଂସ ପକାଇ ସିଝାଇ ଦିଆଯାଏ। ମାଂସ ସିଝିଗଲା ପରେ ସେଥିରେ ଲୁଣ, ଲଙ୍କା, ହଳଦି, ପିଆଜ, ମସଲା ପକାଇ ଗୋଳାଯାଏ । ତାପରେ ତେଲ ଦେଇ ମାଂସ ତରକାରୀ କରାଯାଏ । ଏହି ପରିଭାବରେ ସମସ୍ତ ପ୍ରକାର ମାଂସ, ଯଥା :- ଛେଳି ମାଂସ (ବୋକା ଶିକାର), ସମ୍ବର ମାଂସ (ସମ୍ବର ଶିକାର), ହରିଣ ମାଂସ (ହରିନ ଶିକାର), ବରହା ମାଂସ (ବାରହା ଶିକାର), ପାରା ମାଂସ (ପେରୁଆଁ ଶିକାର), କପୋତ ମାଂସ (ପଣ୍ଡକି ଶିକାର), ହରଲା ମାଂସ, ଠେକୁଆ ମାଂସ, ବତକ ମାଂସ, ତତର ମାଂସ ଇତ୍ୟାଦିକୁ ତରକାରୀ କରାଯାଇଥାଏ । କେତେକ ବିଂଝିଆ ପରିବାର ମାଂସକୁ ପରିଷ୍କାର

କରି ଧୋଇ ସେଥିରେ ତେଲ, ମସଲା, ହଳଦି, ପିଆଜ, ରସୁଣ ଇତ୍ୟାଦି ଗୋଳାଇ ପତ୍ରରେ ପୋଡ଼ି ଦିଅନ୍ତି । ଏହାକୁ ପତ୍ରପୋଡ଼ା ମାଂସ ବା ଶିକାର କହନ୍ତି ଏବଂ ଏହା ରନ୍ଧା ମାଂସଠାରୁ ସ୍ୱାଦିଷ୍ଟ ହୁଏ ବୋଲି ବିଂଝିଆମାନେ ପ୍ରକାଶ କରନ୍ତି । ଆଧୁନିକତାର ସଂସ୍ପର୍ଶରେ ଆସିଥିବା କେତେକ ବ୍ୟକ୍ତିଙ୍କର ମାଂସ ରନ୍ଧନ ପ୍ରଣାଳୀରେ ଭିନ୍ନତା ପରିଲକ୍ଷିତ ହୁଏ । ଏମାନେ ମାଂସକୁ ପ୍ରଥମେ ପରିସ୍କାର କରି ଧୋଇ ଦିଅନ୍ତି । ଆଲୁମିନିୟମ୍ ଡେକ୍‌ଚି କିମ୍ବା କଡ଼େଇରେ ସୋରିଷ ତେଲ ପକାଇ (କଡ଼ୱା ତେଲ୍) ନିଆଁରେ ବସାନ୍ତି । ତେଲ ଗରମ ହୋଇଗଲା ପରେ ସେଥିରେ ପିଆଜ, ରସୁଣ, ଅଦା, ହଳଦୀ, ଜିରାବଟା ଦେଇ ଭାଜନ୍ତି । ମସଲା ଭାଜି ହୋଇଗଲା ପରେ ସେଥିରେ ମାଂସ ପକାଇ ଲୁଣ ଦେଇ କଷନ୍ତି। ମାଂସ କଷା ହେଲା ପରେ ପୂର୍ବ ପ୍ରସ୍ତୁତ ଗରମ ପାଣି ଦିଅନ୍ତି। ମାଂସ ସିଝିଗଲା ପରେ ସେଥିରେ ଗରମ ମସଲା ଗୁଣ୍ଡ ଦେଇ ଚୁଲିରୁ ଓହ୍ଲାଇ ଆଣନ୍ତି । ଭାତ କିମ୍ବା ଅଟା ରୁଟି ସହିତ ଏହି ମାଂସ ତରକାରୀ ଖାଇବାକୁ ସେମାନେ ଖୁବ୍ ଭଲପା'ନ୍ତି ।

**ମାଂସ ଖେଚୁଡ଼ି :** ଖାସି ମାଂସ (ଖାସି ଶିକାର) କିମ୍ବା କୁକୁଡ଼ା ମାଂସ (ଖୁଖରୀ ଶିକାର) କୁ ପରିଷ୍କାର କରି ପାଣିରେ ଧୋଇ ପୂର୍ବରୁ ଭଲ ଭାବରେ ଧୋଇ ରଖିଥିବା ଅରୁଆ ଚାଉଳ ସହିତ ମିଶାଇ ସିଝାଇ ଦିଆଯାଏ । ସିଝିଗଲା ପରେ ଅନ୍ୟ ଏକ ପାତ୍ରରେ ତେଲ ଗରମ କରାଯାଏ । ଗରମ ତେଲରେ ବିଭିନ୍ନ ପ୍ରକାର ମସଲା, ଯଥା :- ପିଆଜ, ରସୁଣ, ଲଙ୍କା ଦେଇ ସିଝା ହୋଇଥିବା ମାଂସ ଭାତକୁ କଷି ଦିଆଯାଏ । ଏଥର ମାଂସ ଖେଚୁଡ଼ି ପ୍ରସ୍ତୁତ । ଆଧୁନିକ ସଭ୍ୟତାରେ ଏହାକୁ ବିରିଆନି କୁହାଯାଏ ।

**ପନିପରିବା ତରକାରୀ :** ବିଭିନ୍ନ ପ୍ରକାର ପନିପରିବାକୁ ନେଇ ଭିନ୍ନ ଭିନ୍ନ ପ୍ରଣାଳୀରେ ଖାଦ୍ୟ ପ୍ରସ୍ତୁତ କରାଯାଏ । ମୁଖ୍ୟତଃ ପନିପରିବାକୁ ପ୍ରଥମେ ଆବଶ୍ୟକୀୟ ହଳଦୀ ଓ ଲୁଣ ଦେଇ ସିଝାଇ ଦିଆଯାଏ । ତା' ପରେ ତେଲ ମସଲା ଦେଇ ପୁଣି ତରକାରୀ ରନ୍ଧାଯାଏ ।

**ଟମାଟୋ ଖଟା:** ପ୍ରଥମେ ଟମାଟୋକୁ କାଟି ରଖାଯାଏ । ଗୋଟିଏ କରେଇରେ ତେଲ ଗରମ କରାଯାଏ । ତେଲ ଗରମ ହେଲାପରେ ସେଥିରେ ପଞ୍ଚ ଫୁଟଣ, ରସୁଣ, ଲଙ୍କା, ଭୃଷଙ୍ଗ ପତ୍ର, ଅଦା ବଟା, ଅଳ୍ପ ବେସରବଟା ଦେଇ ଭଜା ଯାଏ । ତା' ପରେ କଟା ଟମାଟୋ ପକାଯାଏ । ତାହା ଟିକିଏ ସିଝିଗଲା ପରେ ଆବଶ୍ୟକ ମୁତାବକ ପାଣି ଦିଆଯାଏ । କେତେକ କ୍ଷେତ୍ରରେ ବିଲାତିକୁ ପୋଡ଼ି କଞ୍ଚା ସୋରିଷ ତେଲ, ଲୁଣ, ଲଙ୍କା

ଦେଇ ମଧ୍ୟ ବିଂଝିଆମାନେ ଖଟା ପ୍ରସ୍ତୁତ କରନ୍ତି । ଏହାକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ଶୁଖିଲା ମାଛ ଓ ଚିଙ୍ଗୁଡ଼ିକୁ ତେଲରେ ଭାଜି ସେଥିରେ ପକାଯାଇ ପାରେ ।

**କୁଦ୍‌ରୁମ୍ ଓ କଞ୍ଚାଲଙ୍କା ଚଟଣୀ :** କୁଦ୍‌ରୁମ୍‌ରୁ ଦୁଇ ପ୍ରକାରେ ଖଟା ପ୍ରସ୍ତୁତ କରାଯାଏ । ୧- କୁଦରୁମ୍‌କୁ ପ୍ରଥମେ ଛୋଟ ଛୋଟ କରି ଦିଆଯାଏ । ତା' ପରେ କଡ଼େଇରେ ତେଲ ଦେଇ କିଛି ସମୟ ଭାଜି ଦିଆଯାଏ । ଭାଜିବାର ଅଳ୍ପ ସମୟ ପରେ କଞ୍ଚା ଲଙ୍କା ଦେଇ ଆବଶ୍ୟକ ମୁତାବକ ଲୁଣ ପକାଯାଏ । ପୁନଶ୍ଚ କିଛି ପାଣି ଦେଇ ତାହାକୁ ତରଳ ଖଟାରେ ପରିଣତ କରାଯାଏ । ୨- କୁଦ୍‌ରୁମ୍‌କୁ ଛୋଟ ଛୋଟ କରି ସୋରିଷ ତେଲ (ଅଳ୍ପ) ଲୁଣ, ଲଙ୍କା ଦେଇ ଶିଳରେ ବାଟି କୁଦ୍‌ରୁମ୍ ଚଟଣୀ ପ୍ରସ୍ତୁତ କରାଯାଏ ।

**ଧନିଆ ପତ୍ର ଚଟଣୀ :** ଧନିଆ ପତ୍ର ସହିତ ପିଆଜ, ରସୁଣ କିଛି କଞ୍ଚା ଲଙ୍କା, ତେନ୍ତୁଳି, ଲୁଣ ମିଶାଇ ଶିଳରେ ବଟାଯାଏ । ଏହି ଧନିଆ ପତ୍ର ଚଟଣୀ ବିଂଝିଆମାନଙ୍କର ବେଶ୍ ପ୍ରିୟ । ସେମାନେ ତେନ୍ତୁଳି ସ୍ଥାନରେ ଟମାଟୋ ମଧ୍ୟ ବେଳେବେଳେ ବ୍ୟବହାର କରନ୍ତି । ପାଦିନା ପତ୍ରକୁ ତେନ୍ତୁଳି ସହିତ ଶିଳରେ ବାଟି ଚଟଣୀ ପ୍ରସ୍ତୁତ କରାଯାଏ ।

**ଶାଗ :** ଗରମ କରେଇରେ ତେଲ, ଫୁଟଣ, କଞ୍ଚା ଲଙ୍କା, ପିଆଜ, ରସୁଣ ଦେଇ ଭାଜି ବିଭିନ୍ନ ପ୍ରକାର ଶାଗ ପକାଇ ଭଜା ପ୍ରସ୍ତୁତ କରାଯାଏ । କୋଇନାର ଶାଗକୁ ପ୍ରଥମେ ସିଝାଇ ସେଥିରେ ତେଲ, ରସୁଣ, କଞ୍ଚା ଲଙ୍କା ସହିତ ସୋରିଷ ବଟା (ବେସର ବଟା) ଦେଇ ମଧ୍ୟ ତରକାରୀ ପରି ରନ୍ଧନ କରାଯାଏ ।

**ପିତାଳୁ (ଗେଠିଁ କନ୍ଦା) :** ପିତାଳୁର ଚୋପା ଛଡ଼ାଇ ଛୋଟ ଛୋଟ ଗୋଲ ଗୋଲ କରି କାଟି ଗରମ ପାଣିରେ ସିଝାଯାଏ । ତା' ପରଦିନ ପୁଣି ଥରେ ସିଝାଇ ସେଥିରେ ଗୁଡ଼ ବା ଚିନି ପକାଇ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ଏହା ଔଷଧୀୟ ଖାଦ୍ୟ ରୂପେ ବ୍ୟବହୃତ ହୁଏ ।

**ମଣ୍ଡା ପିଠା :** ଅରୁଆ ଚାଉଳକୁ ଅଣ୍ଡା ପାଣିରେ ବତୁରାଇ ଢିଙ୍କିରେ କୁଟି ଗୁଣ୍ଡ କରାଯାଏ । ତାହାକୁ ଚାଲୁଣିରେ ଚଳାଇ ଖଦଡ଼ା ଅଂଶକୁ ବାହାର କରି ଦିଆଯାଏ । ଗୋଟିଏ ଡ଼େକ୍‌ଚି କିମ୍ବା ମାଟି ହାଣ୍ଡିରେ କିଛି ପାଣି ଦେଇ ଗୁଡ଼ ବା ଚିନିର ଶିରା ପ୍ରସ୍ତୁତ କରାଯାଏ । ସେଥିରେ ଚାଉଳ ଗୁଣ୍ଡକୁ ପକାଇ ଚକଟି ଦିଆଯାଏ । ତା'ପରେ ଛୋଟ ଛୋଟ ଗୋଲ ଗୋଲ କରି ତା' ଭିତରେ ନଡ଼ିଆ କୋରା, ରାଶି, ବାଦାମ, ଛେନା ଇତ୍ୟାଦି ପୁର ଦେଇ

ପିଠା ଗଢ଼ାଯାଏ ଏବଂ ସେସବୁକୁ ବାମ୍ଫରେ ସିଝାଯାଏ । ଏହାକୁ ସିଝାମଣ୍ଡା ପିଠା କୁହାଯାଏ । ଛଣା ମଣ୍ଡାପିଠା ପ୍ରସ୍ତୁତ କରିବାକୁ ହେଲେ ତାହାକୁ ବାମ୍ଫରେ ନ ସିଝାଇ ଘିଅ କିମ୍ବା ତେଲରେ ଛଣାଯାଏ । ଏହି ପିଠା ସାଧାରଣତଃ ପ୍ରଥମାଷ୍ଟମୀ ଓ ଦଶହରା ପୂଜାରେ ଅଧିକ କରାଯାଏ ।

**ଆରିଷା ପିଠା (ଉଲଚା ପିଠା) :** ଅରୁଆ ଚାଉଳ ଗୁଣ୍ଡକୁ ଚୁଲିରେ ବସିଥିବା ଗରମ ପାଣିରେ ଖଳି କରାଯାଏ । ପୂର୍ବ ପ୍ରସ୍ତୁତ ଚିନି ଶିରା ବା ଗୁଡ଼ ପାଗକୁ ସେଥିରେ ମିଶ୍ରଣ କରାଯାଏ । ତା' ପରେ ଏହାକୁ ଗୋଲ ଗୋଲ ଆକାରରେ ଗଢ଼ି ଘିଅ କିମ୍ବା ତେଲରେ ଛଣାଯାଏ । ଉଲଚା ବା ଆରିଷା ପିଠା ବିଂଝିଆମାନଙ୍କର ଅତି ପ୍ରିୟ ପିଠା । ମକର ସଂକ୍ରାନ୍ତି ଓ ପୌଷ ପୂର୍ଣ୍ଣିମା (ପୁଷ ପୁନୀ)ରେ ଏ ପିଠାର ଆଦର ବେଶୀ ।

**ଅଣ୍ଡା ତରକାରୀ :** କୁକୁଡ଼ା (ଖୁଖ୍‌ରୀ) ଅଣ୍ଡା ଏବଂ ବତକ (ଗେଡ଼େ) ଅଣ୍ଡାକୁ ପ୍ରଥମେ ସିଝାଯାଏ । ତାହାକୁ ସିଝା ଆଳୁ ସହିତ ମିଶାଇ ତେଲ ମସଲା ଦେଇ ତରକାରୀ ପ୍ରସ୍ତୁତ କରାଯାଏ । କେତେକ ଲୋକ ପିଆଜ, କଞ୍ଚାଲଙ୍କା ଏବଂ ଅଦା କଟା ସହିତ କଞ୍ଚା ଅଣ୍ଡାକୁ ଫୁଟାଇ ମିଶ୍ରଣ କରନ୍ତି । ତା' ପରେ ତେଲ ପକାଇ ଅଣ୍ଡା ଭଜା ପ୍ରସ୍ତୁତ କରିଥାନ୍ତି ।

**ଛତୁ ତରକାରୀ :** ବିଭିନ୍ନ ପ୍ରକାର ଛତୁରେ ତେଲ, ପିଆଜ, ରସୁଣ, ଅଦା ଏବଂ ଅନ୍ୟାନ୍ୟ ମସଲା ଦେଇ ବିଂଝିଆମାନେ ତରକାରୀ ପ୍ରସ୍ତୁତ କରନ୍ତି । କେତେକ ଲୋକ କେବଳ ତେଲ, ପିଆଜ ଦେଇ ଛତୁକୁ ପତ୍ରରେ ପୋଡ଼ିଦେଇ ପଖାଳ ଭାତ ସହିତ ଖାଇବାକୁ ଭଲ ପା'ନ୍ତି ।

**ଡାଲମା (ଦାଲମା) :** ହରଡ଼ ଡାଲି କିମ୍ବା ଚଣା ଡାଲିକୁ ପ୍ରଥମେ ଏକ ଡ଼େକ୍‌ଚିରେ ସିଝାଯାଏ । ଡାଲି ଅଧା ସିଝି ଗଲା ପରେ ସେଥିରେ ପୂର୍ବରୁ କଟାହୋଇ ରହିଥିବା ଆଳୁ, ଅମୃତଭଣ୍ଡା (ପପିତା), କଖାରୁ (ମାଖନା / ବୈତାଲୁ), ବାଇଗଣ (କାଣ୍ଟାଭାଣ୍ଟା), ଝୁଡ଼ଙ୍ଗ (ବୋଦି) ଇତ୍ୟାଦି ପନିପରିବାକୁ ପକାଯାଏ । ଡାଲି ଓ ପରିବା ସିଝିଗଲା ପରେ ସେଥିରେ ତେଲ, ପିଆଜ, ରସୁଣ, ଅଦା, କଞ୍ଚାଲଙ୍କା, ଟମାଟୋ (ବିଲାତ୍) ଓ ଫୁଟଣର ଛୁଙ୍କ ଦିଆଯାଏ । ଗରମ ଡାଲମା ଚୁଲିରୁ ଓହ୍ଲାଇବା ପୂର୍ବରୁ ଜିରାଗୁଣ୍ଡ ପକାଇ ଦିଆଯାଏ ।

**ବାଉଁଶ କରଡ଼ି (ଅଏନ୍ଦୀ) :** ବାଉଁଶ କରଡ଼ିକୁ ଗରମ ତେଲରେ ସୋରିଷ କଞ୍ଚାଲଙ୍କା, ରସୁଣ ଦେଇ ଭାଜି ଖିଆଯାଏ । ଅଧିକାଂଶ ସୋରିଷ ବଟା (ବେସର ବଟା), ରସୁଣ, ଅଦା, କଞ୍ଚାଲଙ୍କା ଦେଇ ପତ୍ରରେ ପୋଡ଼ି କରଡ଼ିକୁ ସହକାରୀ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି ।

**ମାଛ ତରକାରୀ :** ବିଂଝିଆମାନେ ବିଭିନ୍ନ ପ୍ରକାର ମାଛରୁ ପ୍ରସ୍ତୁତ ଖାଦ୍ୟକୁ ସେମାନଙ୍କ ଅନ୍ୟତମ ପ୍ରିୟ ସହକାରୀ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ମାଛକୁ ଖଣ୍ଡ ଖଣ୍ଡ କରି କାଟି ପ୍ରଥମେ ଭଲ କରି ଧୋଇ ଭାଜି ଦିଆଯାଏ । ଗୋଟିଏ କରେଇରେ ତଲେ ଗରମ କରି ପିଆଜ, ରସୁଣ, ଅଦା, ଜିରା ବଟା, ହଳଦୀ, ଲୁଣ ଇତ୍ୟାଦି ମସଲା କଷି ସେଥିରେ ମାଛ ପକାଇ ତରକାରୀ କରାଯାଏ । ଚିଙ୍ଗୁଡ଼ି ମାଛକୁ ତେଲରେ ଭାଜି କିମ୍ୱା ଚିଙ୍ଗୁଡ଼ି ଖଟା ପ୍ରସ୍ତୁତ କରାଯାଏ ଯାହା ବିଂଝିଆମାନଙ୍କର ବେଶ୍ ପ୍ରିୟ ଖାଦ୍ୟ ଅଟେ ।

**ମସଲା :**

ବିଂଝିଆ ସଂପ୍ରଦାୟର ଲୋକେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାର ମସଲା ଯଥା:- ପିଆଜ, ରସୁଣ, ଅଦା (ଆଦି), ଜିରା, ଧନିଆ, ହଳଦୀ (ହରଦି), ତେଜପତ୍ର (ତେଜ ପତର) ଇତ୍ୟାଦି ବ୍ୟବହାର କରି ରୋଷେଇ କରନ୍ତି ।

**ଖାଦ୍ୟ ପରଷିବା ପ୍ରଣାଳୀ :** ବିଂଝିଆ ସଂପ୍ରଦାୟର ଲୋକେ ଶିଶୁର ଜନ୍ମ ଦିନ, ଷଠି (ଜନ୍ମର ଛଅ ଦିନ) ଏକୋଶିଆ (ଶିଶୁ ଜନ୍ମର ଏକୋଇଶ ଦିନ), ନାମକରଣ ଉତ୍ସବ, ବିବାହ ଇତ୍ୟାଦି ଉତ୍ସବରେ ନିଜ ଗ୍ରାମର ବଂଧୁମାନଙ୍କୁ ତଥା ଅନ୍ୟାନ୍ୟ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ଭୋଜି ଭାତରେ ଆପ୍ୟାୟିତ କରିଥାନ୍ତି । ସେହି ଦିନ ଗୁଡ଼ିକରେ ଅତିଥିମାନଙ୍କ ପାଇଁ ଗରମ ଭାତ, ମାଂସ (ଶିକାର), ହାଣ୍ଡିଆ ଓ ମହୁଲି ମଦ(ଦାରୁ) ଇତ୍ୟାଦିର ବ୍ୟବସ୍ଥା କରାଯାଇଥାଏ ।

ପ୍ରତ୍ୟେକ ବିଂଝିଆ ପରିବାରରେ ରୋଷେଇ ଘରକୁ ଲାଗିଥିବା ମେଲା ଘରେ ବା ବାରଣ୍ଡାରେ ସେମାନେ ଭୋଜନ କରିଥାନ୍ତି । ପ୍ରଥମେ ହାତ ଧୋଇ ହୋଇ ଖାଇବାକୁ ବସନ୍ତି । ସାଧାରଣତଃ ପରିବାରର ଛୋଟ ପିଲା ଓ ବୟସ୍କ ଲୋକେ ପ୍ରଥମେ ଖାଦ୍ୟ ଗ୍ରହଣ କରୁଥିବାବେଳେ ସର୍ବଶେଷରେ ଗୃହର ସ୍ତ୍ରୀ ଲୋକେ ଭୋଜନ କରିଥାନ୍ତି । ଖାଇବା ସମୟରେ ବସିବା ପାଇଁ କାଠ ପିଢ଼ା କିମ୍ୱା କେତେକ କ୍ଷେତ୍ରରେ ମସିଣା ବ୍ୟବହାର କରାଯାଏ । ଖାଇବା ପୂର୍ବରୁ ସେହି ସ୍ଥାନକୁ ଗୋବର ପାଣିରେ ଲିପାଯାଏ । ସମସ୍ତେ ପ୍ରାୟ ଅଲଗା ଅଲଗା ପାତ୍ରରେ କିମ୍ୱା ଶାଳ ବା ଶିଆଳି ପତ୍ର ଖଲିରେ ଖାଦ୍ୟ ଗ୍ରହଣ କରିଥାନ୍ତି । ଖାଦ୍ୟ ପରିବେଷଣ କଲାବେଳେ ଡାଲି ଓ ତରକାରୀ ଡାହାଣ ପାର୍ଶ୍ୱରେ ଏବଂ ଭାତ ବାମ ପାର୍ଶ୍ୱରେ ଦିଆଯାଏ । କଂସା, ପିତଳ କିମ୍ୱା ଷ୍ଟିଲ ଗ୍ଲାସ, ଗିନା କିମ୍ୱା ଆଲୁମିନିୟମ ବେଲାରେ ପିଇବା ପାଇଁ ପାଣି ଖାଦ୍ୟର ବାମ ପାର୍ଶ୍ୱରେ ରହିଥାଏ ।

ସେହି ବାମ ପାର୍ଶ୍ୱରେ ମଧ୍ୟ ଏକ ଆଲୁମିନିୟମ ଗିନା କିମ୍ବା ଶାଳ ପତ୍ରରେ ତିଆରି ଚଉପଦୀ (ଚକ୍‌ନି)ରେ ଲୁଣ ଓ କଞ୍ଚା ଲଙ୍କା ଦିଆଯାଏ । ସମସ୍ତେ ଖାଇ ସାରିବା ପରେ ପ୍ରତିଥର ଖାଇବା ସ୍ଥାନକୁ ଗୋବର ପାଣି ଦ୍ୱାରା ଲିପି ପରିଷ୍କାର କରିଦିଆଯାଏ । ଯଦି ପକ୍କା ଚଟାଣ ହୋଇଥାଏ ତେବେ ଓଦା କନା କିମ୍ବା ଅଖାରେ ପୋଛି ଦିଆଯାଏ ।

ସାଧାରଣତଃ କେହି ଖାଦ୍ୟ ବଳକା ଛାଡ଼ନ୍ତି ନାହିଁ । ଆବଶ୍ୟକ ମୁତାବକ ଦ୍ୱିତୀୟ ଥର ମାଗି ଖାଇଥାନ୍ତି । ଶିଶୁ ବା ଛୋଟ ପିଲାଙ୍କ ବଳକା ଭାତକୁ ଘରର ସ୍ତ୍ରୀ ଲୋକମାନେ ଖାଇଦିଅନ୍ତି । ସ୍ୱାମୀର ଅଇଁଠା ଭାତକୁ ସ୍ତ୍ରୀ ଗ୍ରହଣ କରିଥାଏ । ଛୋଟ ଛୋଟ ପିଲା ଏକତ୍ର ଗୋଟିଏ ପାତ୍ରରେ ଖାଇବାର ମଧ୍ୟ ଦେଖାଯାଏ । ସେମାନେ ପ୍ରାୟ ଭାତ ସହିତ ତରକାରୀ ଏକାଠି ମିଶାଇ ଖାଇଥାନ୍ତି । ଭାତ ସହିତ ଗୋଟିଏ ତରକାରୀ କିମ୍ବା ଡାଲି ହିଁ ଯଥେଷ୍ଟ ।

**ଖାଦ୍ୟ ଗ୍ରହଣ :** ବିଂଝିଆ ସଂପ୍ରଦାୟର ଲୋକେ ହରିଜନ, ମୁସଲମାନ, ଡମମାନଙ୍କ ଠାରୁ କୌଣସି ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ବିଂଝିଆ ପୁରୁଷ ଗୌଡ଼, ଭୂୟାଁ, ଅଗରିଆ, ବ୍ରାହ୍ମଣ ଏବଂ ଅନ୍ୟାନ୍ୟ ଉଚ୍ଚଜାତିଠାରୁ ରନ୍ଧା ଖାଦ୍ୟ ଗ୍ରହଣ କରିପାରେ କିନ୍ତୁ ସ୍ତ୍ରୀ ଲୋକମାନେ ବ୍ରାହ୍ମଣ ବ୍ୟତୀତ ଅନ୍ୟ ଜାତିର କୌଣସି ରନ୍ଧା ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଅନ୍ୟ ଜାତି ପ୍ରଦତ୍ତ ହାଣ୍ଡିଆ ବିବାହିତ ପୁରୁଷ କିମ୍ବା ସ୍ତ୍ରୀ ଗ୍ରହଣ କରନ୍ତି ନାହିଁ । ନିଜ ପଡ଼ୋଶୀ ମାନଙ୍କଠାରୁ କଞ୍ଚା ମାଛ, ମାଂସ ଓ ପନିପରିବା ଗ୍ରହଣ କରିଥାନ୍ତି । ଯଦି ପର୍ବପର୍ବାଣୀରେ ଉଚ୍ଚ ବର୍ଗ ବ୍ୟତୀତ କୌଣସି ନୀଚ ବର୍ଗ ଲୋକେ ନିମନ୍ତ୍ରଣ କରିଥା'ନ୍ତି ତେବେ ତାଙ୍କଠାରୁ ଶୁଖିଲା ଖାଦ୍ୟ କେବଳ ପୁରୁଷମାନେ ଗ୍ରହଣ କରନ୍ତି କିନ୍ତୁ କୌଣସି ରନ୍ଧା ଖାଦ୍ୟ ଖାଆନ୍ତି ନାହିଁ ।

କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ଦଶାହ ଓ ଶ୍ରାଦ୍ଧ କର୍ମ ପର୍ଯ୍ୟନ୍ତ ସେହି ପରିବାରରେ ରୋଷେଇ ବାସ ହୁଏନାହିଁ । ଏଣୁ ସେହି ଦିନଗୁଡ଼ିକରେ ନିଜ ଜାତିର ପଡ଼ୋଶୀଙ୍କଠାରୁ ବିଂଝିଆମାନେ ଖାଦ୍ୟ ଗ୍ରହଣ କରିଥାନ୍ତି । ମାଛ, ମାଂସ ବ୍ୟତୀତ ଏହି ଅପବିତ୍ର ସମୟରେ ଅନ୍ୟାନ୍ୟ ଖାଦ୍ୟ, ଯଥା :- ପଖାଳ ଭାତ ବିଭିନ୍ନ ପ୍ରକାର ତରକାରୀ ଓ ଶାଗ ଇତ୍ୟାଦି ଖାଇଥାନ୍ତି । କୌଣସି ପରିବାରରେ ଶିଶୁଟିଏ ଜନ୍ମହେଲେ ତାଙ୍କ ଘରୁ ଅନ୍ୟମାନେ ଖାଦ୍ୟ କିମ୍ବା ଜଳ ଗ୍ରହଣ କରନ୍ତି ନାହିଁ । ଛଅଦିନ ପରେ ସେମାନେ ଶୁଦ୍ଧ ହୁଅନ୍ତି । ସେହି ଛଅ ଦିନ ମଧ୍ୟରେ ପରିବାର ଲୋକେ ନିଜ ପଡ଼ୋଶୀମାନଙ୍କ ଠାରୁ ଖାଦ୍ୟ ଗ୍ରହଣ କରିଥାନ୍ତି ।

**ଖାଦ୍ୟର ଉପାଦେୟତା:**

ବିଭିନ୍ନ ଖାଦ୍ୟର ପୌଷ୍ଟିକ ଗୁଣ ଏବଂ ଏହାର ଉପକାରିତା ବିଂଝିଆ ସମାଜର ପାରମ୍ପରିକ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଗୁଜି ଗେଣ୍ଡାର ମାଂସ ଖାଇଲେ ଦୃଷ୍ଟି ଶକ୍ତି ବୃଦ୍ଧି ହୁଏ ବୋଲି ସେମାନଙ୍କର ବିଶ୍ୱାସ । କଲରା (କାରଲା) ଭଜା ଖାଇଲେ ପିତ୍ତଅଂଶ କମିଥାଏ । ଗେଣ୍ଡା ମାଂସ ଖାଇଲେ ନାଳରକ୍ତ ଝାଡ଼ା ବନ୍ଦହୁଏ । କେରାଣ୍ଡି ମାଛ (ପୁଠି) ଖାଇଲେ ହଜମ ଶକ୍ତି ବୃଦ୍ଧିପାଏ । ଶ୍ୱାସ ରୋଗୀ ଓ ଯକ୍ଷ୍ମା ରୋଗୀଙ୍କ ପାଇଁ ପାରାମାଂସ ଓ କପୋତ ମାଂସ ଉତ୍ତମ ଔଷଧ ରୂପେ ବିଦିତ । ବଡ଼ ବାଦୁଡ଼ି ମାଂସ ଖାଇଲେ ଶ୍ୱାସ ରୋଗୀ ଆରୋଗ୍ୟ ଲାଭକରେ । ସଜନା ଶାଗ ଖାଇଲେ ଦୃଷ୍ଟି ଶକ୍ତି ଓ ଆୟୁଷ ବଢ଼ିଥାଏ । ଏହାଦ୍ୱାରା ଉଚ୍ଚରକ୍ତଚାପ ମଧ୍ୟ ଦୂରୀଭୂତ ହୁଏ ବୋଲି ବିଂଝିଆମାନଙ୍କର ଦୃଢ଼ ବିଶ୍ୱାସ । ଖରା ଦିନେ ନିମ୍ବ ପତ୍ର, ନିମ୍ବଫୁଲ, କଲରା ଶାଗ ଖାଇଲେ ପିତ୍ତ ଜନିତ ରୋଗ ଭଲ ହୋଇଥାଏ ଏବଂ ମିଳିମିଳା ଓ ବସନ୍ତ ରୋଗର ଆଶଙ୍କା ହ୍ରାସ ପାଇଥାଏ । କଞ୍ଚା ପିଆଜ ଖାଇଲେ ରକ୍ତ ପରିଷ୍କାର ହୁଏ ଏବଂ ରକ୍ତ ବୃଦ୍ଧିପାଏ । କଞ୍ଚା ଅଣ୍ଡା ଖାଇଲେ ସର୍ଦ୍ଦି ଭଲହୁଏ । ସିଝା ଅଣ୍ଡା ଶରୀରକୁ ଶକ୍ତିପ୍ରଦାନ କରିଥାଏ । ଶାଗ ଖାଇଲେ ପେଟ ପରିଷ୍କାର ରହେ । ମାଣ୍ଡିଆ ପାଣି ଓ ମାଣ୍ଡିଆ ଜାଉ ଖାଇଲେ ପେଟ ଥଣ୍ଡା ରହେ । ହାଣ୍ଡିଆ ପିଇଲେ ମଧ୍ୟ ପେଟ ଥଣ୍ଡା ରହେ ଏବଂ ଜଣ୍ଡିସ୍ ରୋଗ ଭଲ ହୋଇଯାଏ ବୋଲି ସେମାନଙ୍କର ବିଶ୍ୱାସ । ଏତଦ୍ ବ୍ୟତୀତ ହାଣ୍ଡିଆ ପାନ କଲେ କ୍ଷୁଧା ଦୂର ହୁଏ ଏବଂ ତାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ ବୋଲି ବିଂଝିଆମାନେ ବିଶ୍ୱାସ କରନ୍ତି । ଢୋଟମାଛ ଖାଇଲେ ଦୃଷ୍ଟି ଶକ୍ତି ବୃଦ୍ଧି ପାଏ । ଅମୃତଭଣ୍ଡା ଓ ଲାଉ ଖାଇଲେ ପେଟ ରୋଗ ଭଲହୁଏ ଏବଂ ପ୍ରସୂତି ମାଆର କ୍ଷୀର ଭଲ ହୋଇଥାଏ ।

ନିମ୍ବ (ନିମ) ପତ୍ର ଓ କଲରା (କାରଲା) ପତ୍ର ଶରୀରର ରକ୍ତ ବୃଦ୍ଧିକରେ । ସମ୍ବର ମାଂସ ଖାଇଲେ ଶକ୍ତି ବୃଦ୍ଧିପାଏ । ହାଣ୍ଡିଆ ପାନ କଲେ କାମ କରିବାପାଇଁ ଶକ୍ତିମିଳେ, ନାଳରକ୍ତ ଝାଡ଼ା, ଜଣ୍ଡିସ୍ ରୋଗରୁ ଉପଶମ ମିଳେ ଏବଂ ପେଟ ଥଣ୍ଡା ରହେ ବୋଲି ବିଂଝିଆ ଲୋକମାନଙ୍କର ବିଶ୍ୱାସ । ଦୁଗ୍ଧ ପାନକଲେ ଶରୀରର ବଳବୃଦ୍ଧି ହୋଇଥାଏ । ଗହମ ପିଠା (ଅଟା ରୁଟି) ଖାଇଲେ ଦେହ ହୃଷ୍ଟପୁଷ୍ଟ ହୁଏ । ପଖାଳ ଭାତ ଶରୀରର ଶକ୍ତି ବୃଦ୍ଧି କରାଇବା ସହିତ ଶରୀରକୁ ହୃଷ୍ଟପୁଷ୍ଟ ନୀରୋଗ ରଖେ ବୋଲି ବିଂଝିଆମାନଙ୍କ ବିଶ୍ୱାସ । ମାଛ ଖାଇଲେ ଦୃଷ୍ଟି ଶକ୍ତି ବୃଦ୍ଧି ହୁଏ । ମାଂସ ଖାଇଲେ ଦେହ ଶକ୍ତିଶାଳୀ ହୁଏ ବୋଲି ଏମାନଙ୍କର ବିଶ୍ୱାସ ।

**ଖାଦ୍ୟ ଅଭିରୁଚି :**

ଆଧୁନିକତାର ସ୍ପର୍ଶ ବିଂଝିଆ ପରିବାରର ଖାଦ୍ୟପେୟ ଉପରେ ବିରାଟ ପରିବର୍ତ୍ତନ ଆଣିଦେଇଛି । ବର୍ତ୍ତମାନ ସେମାନଙ୍କର ଖାଦ୍ୟ ଅଭିରୁଚିରେ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ପତ୍ରପୋଡ଼ା ମାଂସ ପରିବର୍ତ୍ତେ ବିଭିନ୍ନ ପ୍ରକାର ମସଲା ଦେଇ ମାଂସ ତରକାରୀ ରନ୍ଧାଯାଉଛି । ସାଧାରଣତଃ ବିଂଝିଆ ଲୋକେ ଖାଦ୍ୟକୁ ସ୍ୱାଦଯୁକ୍ତ କରିବାପାଇଁ ବିଭିନ୍ନ ପ୍ରକାର ମସଲା, ଯଥା :- ହଳଦୀ (ହରଦୀ), ଲୁଣ (ନନ୍), ଜିରା, ଲଙ୍କା ମରିଚ (ମିର୍‌ଚା), ସୋରିଷ (ସୋର ଷୋ), ତେଜପତ୍ର (ତେଜ ପତର), ଲବଙ୍ଗ (ଲଂଗ) ଇଲାଇଚି (ଇଲାଚି), ଡାଲଚିନି ଓ ଧନିଆ ଇତ୍ୟାଦି ବ୍ୟବହାର କରିଥାନ୍ତି । ଏହା ସହିତ ପିଆଜ (ଏପୟାଜ୍), ରସୁଣ (ଲହସୁନ) ଓ ଅଦା (ଅଦରକ) ମଧ୍ୟ ବ୍ୟବହାର କରାଯାଏ । ଏହିସବୁ ମସଲା ଗୋଳାଇ ରନ୍ଧା ଯାଇଥିବା ମାଂସ ତରକାରୀ ପ୍ରତି ସେମାନଙ୍କର ଆଦର ଅଧିକ । ଅଧିକାଂଶ ଲୋକ ଶାଳପତ୍ର (ସର୍ଗୀପତର) ଓ ମହୁଲ ପତ୍ରରେ ମାଛ କିମ୍ବା ମାଂସକୁ ତେଲ, ଲୁଣ (ନନ୍) ଓ ବିଭିନ୍ନ ମସଲା ଦେଇ ନିଆଁରେ ପୋଡ଼ି ଖାଆନ୍ତି । ଏହାଦ୍ୱାରା ମାଂସ (ଶିକାର) ତରକାରୀ ଅଧିକ ସ୍ୱାଦିଷ୍ଟ ହୁଏ ବୋଲି ବିଂଝିଆମାନଙ୍କର ମତ । ଗ୍ରାମାଞ୍ଚଳରେ ମାଟିପାତ୍ରରେ ରୋଷେଇ କରିବାକୁ ସେମାନେ ଅଧିକ ପସନ୍ଦ କରନ୍ତି ।

ବିଂଝିଆ ସମ୍ପ୍ରଦାୟର ଲୋକେ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ପୂଜାପାଠ ଓ ପର୍ବପର୍ବାଣୀ ପାଳନ କରିଥାନ୍ତି । ଏହି ପର୍ବ ପର୍ବାଣୀରେ ସ୍ୱତନ୍ତ୍ର ଖାଦ୍ୟମାନ ପ୍ରସ୍ତୁତ କରି ବନ୍ଧୁ ବାନ୍ଧବ, ସାଙ୍ଗସାଥୀ ଓ ସାଇ ପଡ଼ିଶାମାନଙ୍କୁ ଭୋଜନ ଦିଆଯାଏ । ଘର ଘର ମଧ୍ୟରେ ପିଠା ପଣାର ଆଦାନ ପ୍ରଦାନ ହୁଏ । ପର୍ବପର୍ବାଣୀର ପ୍ରସ୍ତୁତ ମାଂସ ତରକାରୀ, ଭାତ, ମାଛ, ପିଠାପଣା ଇତ୍ୟାଦି ସମୟରେ ନିଜର ବନ୍ଧୁ ବାନ୍ଧବ, ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ଆମନ୍ତ୍ରଣ କରି ଭୋଜିଭାତରେ ହାଣ୍ଡିଆ (ମଦ୍) ମହୁଲ ମଦ (ଦାରୁ) ମୁଖ୍ୟ ଆକର୍ଷଣ ହୋଇଥାଏ । ଏହା ସହିତ ଖାସି ମାଂସ (ବୋକା ଶିକାର), କୁକୁଡ଼ା ମାଂସ (ଖୁଖ୍‌ରୀ ଶିକାର) ଓ ମେଣ୍ଢା ମାଂସ (ଭେଡ଼ି ଶିକାର) ସହିତ ଗରମ ଭାତ ପରିବେଷଣ କରି ସେମାନେ ବନ୍ଧୁ ମାନଙ୍କୁ ଆପ୍ୟାୟିତ କରିଥାଆନ୍ତି । କୌଣସି ବ୍ୟକ୍ତିର ମୃତ୍ୟୁହେଲେ ତାଙ୍କର ଶୁଦ୍ଧି କ୍ରିୟା ଓ ଶ୍ରାଦ୍ଧ ଦିବସରେ ହାଣ୍ଡିଆ ଓ ପିଠା ପଣା ଦେବତାଙ୍କ ଉଦ୍ଦେଶ୍ୟରେ ତର୍ପଣ (ତାପାନ) ଦେଇ ଆମନ୍ତ୍ରିତ ଅତିଥିଗଣଙ୍କୁ ତାହା ଦେବତାଙ୍କ ପ୍ରାସାଦ (ଭୋଗ) ହିସାବରେ ପ୍ରଦାନ କରାଯାଏ । ଶୁଦ୍ଧି କ୍ରିୟା, ଶ୍ରାଦ୍ଧ ଦିବସ ଓ ନାମକରଣ ବ୍ରାହ୍ମଣମାନଙ୍କ

ପୌରହିତ୍ୟରେ ସଂପାଦନ କରାଯାଏ । କେତେକ କ୍ଷେତ୍ରରେ ବିଂଝିଆମାନଙ୍କ ମୁଖ୍ୟ ଏହି କାର୍ଯ୍ୟ ସଂପାଦନ କରିଥାଆନ୍ତି । ଭୋଜି ଭାତ ଓ ପିଠାପଣାର ଆଦାନ ପ୍ରଦାନ ଦ୍ୱାରା ଏକତାଭାବ, ପରସ୍ପରକୁ ସାହାଯ୍ୟ କରିବାର ମନୋବୃତ୍ତି, ବିପଦରେ ପରସ୍ପରକୁ ସାହାଯ୍ୟ କରିବାର ଇଚ୍ଛା, ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟିହୁଏ ବୋଲି ବିଂଝିଆମାନଙ୍କର ବିଶ୍ୱାସ । ପୂର୍ବ ଶତ୍ରୁତା, ହିଂସାଦ୍ୱେଷ, ଏକଚାଟିଆ ମନୋଭାବର ସଂପୂର୍ଣ୍ଣ ବିଲୋପ ଘଟେ । ଏହା ସାମାଜିକ ମୂଲ୍ୟବୋଧର ପରିପ୍ରକାଶ ଅଟେ ।

କାଳୀପୂଜା, ସାରନା ପୂଜା ଓ ଅନ୍ୟାନ୍ୟ ସାମୂହିକ ପୂଜା ପାର୍ବଣରେ ଠାକୁର ଠାକୁରାଣୀଙ୍କ ନିକଟରେ ପଶୁ କିମ୍ବା ପକ୍ଷୀଙ୍କୁ ବଳି ଦିଆଯାଏ । ତା' ପରେ ବଳି ଦିଆଯାଇଥିବା ମାଂସକୁ ରୋଷେଇ କରି ସମସ୍ତେ (ପୁରୁଷ ଲୋକେ) ଗ୍ରହଣ କରିଥାନ୍ତି । କିନ୍ତୁ ଯେଉଁ ସ୍ତ୍ରୀ ଗର୍ଭବତୀ ହୋଇଥାଏ, ତାଙ୍କ ସ୍ୱାମୀ ଓ ସ୍ତ୍ରୀ ଲୋକମାନେ ବଳି ମାଂସ ଖାଆନ୍ତି ନାହିଁ । ବିଂଝିଆମାନଙ୍କର ବିଶ୍ୱାସ ଯେ, ଏହିପରି ବଳି ପ୍ରଥା ଓ ପୂର୍ବପୁରୁଷ ତଥା ଠାକୁର ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଦିଆଯାଉଥିବା ତର୍ପଣ (ତାପାନ) ଯୋଗୁଁ ଦେବତା ଓ ପୂର୍ବପୁରୁଷ ସେମାନଙ୍କୁ ଆଶୀର୍ବାଦ କରିଥାଆନ୍ତି । ଏଥିରୁ ବିଂଝିଆମାନଙ୍କର ଧାର୍ମିକ ମୂଲ୍ୟବୋଧର ପରିଚୟ ମିଳିଥାଏ ।

# ପାନୀୟ

**ପାନୀୟର ଉତ୍ପତ୍ତି :**

ମଦ୍ୟ ଜାତୀୟ ପାନୀୟର ଉତ୍ପତ୍ତି ଜନିତ ଇତିହାସ ସଂପର୍କରେ ସୁଦୃଢ଼ ଧାରଣା ବିଂଝିଆମାନଙ୍କର ନାହିଁ । କିନ୍ତୁ କର୍ମକ୍ଲାନ୍ତ ଜୀବନରେ ମଦ ପାନୀୟ ଯେ ନିତାନ୍ତ ଜରୁରୀ ଏହା ଯେ କେହି ବିଂଝିଆ ସ୍ୱୀକାର କରିଥା'ନ୍ତି । ମଦ୍ୟପାନର ଆସର ଥିଲେ ବିଭିନ୍ନ ପର୍ବପର୍ବାଣୀ, ଭୋଜି ଭାତ ଓ ନୃତ୍ୟ ଗୀତ ଆଦି ଜୀବନ୍ତ ହୋଇଉଠେ । ଏହି ସବୁ ଉତ୍ସବ ଅବକାଶରେ ବିଂଝିଆ ସଂପ୍ରଦାୟରେ ମଦ ମାଂସର ଜୁଆର ଖେଳିଯାଏ । ଏହା ଯେ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ତାହା ବୁଝିବାର ଅବକାଶ ସେମାନେ ପା'ନ୍ତି ନାହିଁ ବା ମାନସିକତା ସେତେବେଳେ ତାଙ୍କର ନଥାଏ । ମଦ୍ୟ ଈଶ୍ୱର ପ୍ରଦତ୍ତ ପ୍ରସାଦ (ଭୋଗ) ରୂପେ ଗ୍ରହଣ କରି ବିଂଝିଆ ଆତ୍ମବିଭୋର ହୁଏ ଏବଂ ଭୁଲିଯାଏ ଜୀବନର ଦୁଃଖ ଓ ଯନ୍ତ୍ରଣା ।

**ପ୍ରକାର ଭେଦ :**

ବିଂଝିଆ ସଂପ୍ରଦାୟରେ ପ୍ରଚଳିତ ମଦ୍ୟକୁ ସାଧାରଣତଃ ତିନିଭାଗରେ ବିଭକ୍ତ କରାଯାଏ । ଯଥା:-

କ) ହାଣ୍ଡିଆ (ମଦ)
ଖ) ମଦ ଜାତୀୟ, (ସୁରା ଜାତୀୟ) (ମହୁଲି ଦାରୁ)
ଗ) ରସ ଜାତୀୟ (ଖଜୁରୀ ରସ /ତାଡ଼ି)

**ପ୍ରସ୍ତୁତ ପ୍ରଣାଳୀ:**

ହାଣ୍ଡିଆ (ମଦ) : ବିଭିନ୍ନ ପ୍ରକାର ଶସ୍ୟ, ଯଥା ସୁଆଁଧାନ, ମାଣ୍ଡିଆ ଓ ଗଙ୍ଗେଇରୁ ହାଣ୍ଡିଆ ପ୍ରସ୍ତୁତ କରାଯାଏ ।

ସୁରାଜାତୀୟ ପାନୀୟ : ମହୁଲ, ଜାମୁକୋଳି, ପଣସ, ତାଳ, କଦଳୀ, ଅଙ୍ଗୁର, ଚାଉଳ, ଗଙ୍ଗେଇ ଇତ୍ୟାଦିରୁ ମଦ ବା ସୁରା ଜାତୀୟ ପାନୀୟ ସଂଗ୍ରହ କରାଯାଏ ।

ରସ ଜାତୀୟ ପାନୀୟ (ତାଡ଼ି): ଖଜୁରୀ, ତାଳ, ସଲପ ଇତ୍ୟାଦି ଗଛରୁ ସାଧାରଣତଃ ଏହି ରସ ଜାତୀୟ ପାନୀୟ ସଂଗ୍ରହ କରାଯାଏ ।

**ହାଣ୍ଡିଆ:** ପ୍ରଥମେ ଏକ ଭାଗ ଚାଉଳରେ ଦେଢ଼ ଭାଗ ଜଳ ଦେଇ ଚୁଲିରେ ବସାଇ ମାଟିହାଣ୍ଡିରେ ରନ୍ଧାଯାଏ । ଭାତ ରନ୍ଧା ହେଲାପରେ ବାଉଁଶ ଡାଲା ବା ଡାଲିରେ ଥଣ୍ଡା କରାଯାଏ । ତା ପରେ ଭାତକୁ ପଟିରେ ପକାଇ ତିନିଚାରି ଘଣ୍ଟା ଘାଣ୍ଟି ଥଣ୍ଡା କରାଯାଏ । ଥଣ୍ଡା ହୋଇସାରିବା ପରେ ବଜାରରୁ କିଣାହୋଇଥିବା ବିଭିନ୍ନ ପ୍ରକାର ଚେର ମୂଳିର ପ୍ରସ୍ତୁତ ଔଷଧ 'ରାନୁ' (ମଳିକା) କୁ ଗୁଣ୍ଡ କରି ସେଥିରେ ଭଲଭାବରେ ମିଶାଯାଏ । ଯେଉଁ ହାଣ୍ଡିରେ ଭାତ ରନ୍ଧାଯାଇଥାଏ, ସେହି ହାଣ୍ଡିକୁ ପୁଣିଥରେ ଚୁଲିରେ ବସାଇ ଗରମ କରାଯାଏ ଏବଂ ଔଷଧ ମିଶାଯାଇଥିବା ଭାତ ସେଥିରେ ଢ଼ାଳି ତା' ଉପରେ ଦୁଇଗିନା ପାଣି ସିଞ୍ଚି ଦିଆଯାଏ । ଏଥର ହାଣ୍ଡିକୁ ମାଟିର ଢ଼ାଙ୍କୁଣିରେ ଘୋଡ଼ାଇ ତିନିଚାରିଦିନ ପାଇଁ ରଖି ହାଣ୍ଡିଆ ପ୍ରସ୍ତୁତ କରାଯାଏ ।

ହାଣ୍ଡିଆ ଦୁଇ ଭାଗରେ ବିଭକ୍ତ ଯଥା:- ହାଣ୍ଡିଆ ଓ ରସି । ହାଣ୍ଡିର ଉପର ଭାଗରେ ଭାସୁଥିବା ଭାତକୁ ଚିପୁଡ଼ି ପ୍ରସ୍ତୁତ କରାଯାଉଥିବା ତରଳ ପାନୀୟକୁ ହାଣ୍ଡିଆ କହନ୍ତି ଏବଂ ହାଣ୍ଡିର ତଳ ଅଂଶରେ ବସି ଯାଇଥିବା ରସକୁ ରସି କୁହାଯାଏ । ଏହା ହାଣ୍ଡିଆ ଠାରୁ ଅଧିକ ନିଶାଯୁକ୍ତ ।

**ମଦ:** ଫଗୁଣ ମାସରେ ମହୁଲ ଫୁଲ ହୁଏ । ଏହାକୁ ସଂଗ୍ରହ କରି ବିଂଝିଆମାନେ ଏଥିରୁ ମହୁଲ ମଦ ପ୍ରସ୍ତୁତ କରିଥାନ୍ତି । ଠିକ୍ ସେହିପରି ଜାମୁ (ଜାମ୍), ଆମ୍ବ (ଆମ୍ବା), ପଣସ (କଟହର), ଗଙ୍ଗେଇ, ଚାଉଳ, ଖଜୁର ଇତ୍ୟାଦିରୁ ମଦ ବା ଦାରୁ ପ୍ରସ୍ତୁତ କରାଯାଏ । ପ୍ରଥମେ ଏକ ବଡ଼ ମାଟି ହାଣ୍ଡିରେ ଦୁଇଭାଗ ପାଣିରେ ଏକ ଭାଗ ମହୁଲକୁ ମିଶାଇ ବତୁରା ଯାଇଥାଏ । ସେଥିରେ ଜଙ୍ଗଲ ଜାତ ବିଭିନ୍ନ ଚେର ମୂଳିରୁ ପ୍ରସ୍ତୁତ ଔଷଧ (ରାନୁ)କୁ ଗୁଣ୍ଡ କରି ପକାଇ ଏକ ଢ଼ାଙ୍କୁଣି ମାଟିହାଣ୍ଡି ଉପରେ ଢ଼ାଙ୍କି ଦିଆଯାଏ । ଚେର ମୂଳ ଔଷଧ (ରାନୁ)ର ପ୍ରଭାବରେ ମହୁଲ ସଂପୂର୍ଣ୍ଣ ରୂପେ ପଚିଯାଏ । ମହୁଲ ପୁରାପୁରି ପଚିଯିବାକୁ ପ୍ରାୟ ସାତ ଦିନ ଲାଗେ । ତା'ପରେ ଏହି 'ପୋଚ୍'ରୁ ମଦ ରାନ୍ଧିବା କାର୍ଯ୍ୟ ଆରମ୍ଭ ହୁଏ । ଅନ୍ୟଏକ ମାଟି ହାଣ୍ଡିକୁ ସେହି ପଚା ମହୁଲ 'ପୋଚ୍' କୁ ଢ଼ାଳି ନିଆଁରେ ବସାଯାଏ । ତା ଉପରେ ଏକ ଛୋଟ ହାଣ୍ଡି ତଳ ମୁହାଁ କରି ଢ଼ାଙ୍କୁଣି ଭଳି ରଖାଯାଏ । ସେହି ହାଣ୍ଡିରେ ସ୍ୱତନ୍ତ୍ର ଭାବରେ ଏକ ରନ୍ଧ୍ର ଥାଏ ଯାହା ସହିତ ଏକ ବାଉଁଶ ନଳୀ ସଂଯୁକ୍ତ କରାଯାଇ ପାରିବ । ବାଉଁଶ ନଳୀକୁ ଉପର ହାଣ୍ଡିରେ ସଂଯୁକ୍ତ କରିବାପରେ ତା'ର ଦ୍ୱିତୀୟ ପାଖକୁ ନିମ୍ନରେ ଥିବା ଅନ୍ୟ ଏକ ମାଟିର ମାଠିଆ ମୁହଁରେ ସଂଯୋଗ କରାଯାଏ ।

ବାଉଁଶ ନଳୀରେ ଉଭୟ ପ୍ରାନ୍ତରେ କପଡ଼ା ବନ୍ଧାଯାଇ ମାଟିର ପ୍ରଲେପ ଦିଆଯାଏ । ମାଠିଆର ଚତୁଃପାର୍ଶ୍ୱରେ ତିନି ଚାରି ଇଞ୍ଚ ମୋଟା ମାଟି ପରସ୍ତ ଦିଆଯାଇ ସେଥିରେ ପାଣି ଢ଼ଳାଯାଏ । ଏକ ଭାଗ ପୋଚ୍ ପାଇଁ ଦୁଇଭାଗ ଜାଳେଣୀ ଆବଶ୍ୟକ ହୋଇଥାଏ । ନିଆଁ ଜଳିବା ଫଳରେ ଚୁଲି ଉପରେ ବସିଥିବା ହାଣ୍ଡିର ପୋଚ୍ ଉତପ୍ତ ହୁଏ । ସେଥିରୁ ଯେଉଁ ବାଷ୍ପ ନିର୍ଗତ ହୁଏ ତାହା ଘୋଡ଼ଣୀ ପରି ଢ଼ଙ୍କା ଯାଇଥିବା ହାଣ୍ଡିରେ ଜମାହୁଏ ଏବଂ ବାଉଁଶ ନଳୀ ମଧ୍ୟ ଦେଇ ଆସି ନିମ୍ନରେ ଥିବା ମାଟି ହାଣ୍ଡିରେ ସଂଗୃହିତ ହୁଏ । ଆବଶ୍ୟକ ମୁତାବକ ଜାଳେଣୀ ଶେଷ ହେଲେ ମାଠିଆରୁ ବାଉଁଶ ନଳୀକୁ ଅଲଗା କରି ସଂଗୃହୀତ ମଦ ବା ଦାରୁ ବାହାର କରାଯାଏ ।

**ରସ ଜାତୀୟର ପାନୀୟ ବା ତାଡ଼ି :**

ବିଂଝିଆ ସଂପ୍ରଦାୟର ଲୋକେ ସାଧାରଣତଃ ରସଜାତୀୟ ପାନୀୟ ବା ତାଡ଼ିକୁ ଏକ ସ୍ୱତନ୍ତ୍ର ଉପାୟରେ ଖଜୁରୀ ଗଛରୁ ସଂଗ୍ରହ କରନ୍ତି । ପ୍ରଥମେ ଖଜୁରୀ ଗଛର ପତ୍ରଗୁଡ଼ିକୁ କାଟି ସଫା କରାଯାଏ ଏବଂ କିଛିଦିନ ପାଇଁ ଶୁଖିବାକୁ ଦିଆଯାଏ । କଟାଯାଇଥିବା ଅଂଶଟି ଶୁଖିଗଲା ପରେ ସେଠାରେ ଅଳ୍ପ ଗଭୀର କରି ଚାଞ୍ଚୁ ଦିଆଯାଏ । ତା' ପରେ ମାଟି କଳସୀ, ଦଉଡ଼ି, ଟାଙ୍ଗିଆ, ଗଛ ବକ୍‌କଳର ଠୁଙ୍ଗା, ରାନୁ, ସାକାରିନ୍ ଇତ୍ୟାଦି ଉପକରଣ ଧରି ସଂପୃକ୍ତ ବ୍ୟକ୍ତି ଦଉଡ଼ି ସହାୟତରେ ଖଜୁରୀ ଗଛର ଉପରି ଭାଗକୁ ଚଢ଼ି ରସ ବାହାର କରିବା ସ୍ଥାନକୁ ଟାଙ୍ଗିଆ ଦ୍ୱାରା ପୁଣି ଥରେ ଦୁଇ ତିନି ଇଞ୍ଚ ଗଭୀର କାଟିଦିଏ । ସେହି ସ୍ଥାନରେ ମାଟି କଳସୀଟିକୁ ଦଉଡ଼ିରେ ବାନ୍ଧି ଟାଙ୍ଗି ଦିଆଯାଏ। ତା'ପରେ ଗଛ ବକ୍‌କଳ ପ୍ରସ୍ତୁତ ଠୁଙ୍ଗାକୁ କଳସୀ ମୁହଁ ଓ ଗଛ ସହିତ ଏପରି ସଂଯୁକ୍ତ କରି ରଖାଯାଏ ଯେପରି ଠୁଙ୍ଗାଟିର ଅଗ୍ରଭାଗ କଳସୀ ଭିତରକୁ ରହିବ। ଯାହା ମଧ୍ୟ ଦେଇ ଗଛର ରସ କଳସୀ ଭିତରକୁ ସ୍ୱଚ୍ଛନ୍ଦରେ ନିଗିଡ଼ି ପାରିବ। ଏହାକୁ 'ତାଡ଼ି' କୁହାଯାଏ । ତାଡ଼ି ଅତ୍ୟନ୍ତ ମଧୁର । ପ୍ରଥମ ରସର ମଧୁରତା ଅନ୍ତତଃ ଏକ ସପ୍ତାହ ପର୍ଯ୍ୟନ୍ତ ରହିଥାଏ । ଦ୍ୱିତୀୟ ସପ୍ତାହରେ ସଂଗୃହୀତ ରସ ଖଟାଳିଆ ହୋଇଥିବାରୁ ଏଥିରେ ରାନୁ ମିଶାଯାଏ । ଏହାଦ୍ୱାରା ରସ ନିଶାଯୁକ୍ତ ହୋଇଯାଏ । କେହିକେହି ବିଭିନ୍ନ ଗଛର ଚେରମୂଳି ମିଶାଇ ରସକୁ ନିଶାଯୁକ୍ତ କରିଥାନ୍ତି । ଅନେକ ସମୟରେ ବିଂଝିଆମାନେ ରସକୁ ନିଶାଯୁକ୍ତ କରିବାପାଇଁ ସେଥିରେ ସାକାରିନ୍ ମଧ୍ୟ ମିଶାଇଥାନ୍ତି । ସାଧାରଣତଃ ଗୋଟିଏ ଖଜୁରୀ ଗଛରୁ ରସ ବା ତାଡ଼ି ସଂଗ୍ରହକାରୀ ବା ଖଜୁରୀଆ ପନ୍ଦରଦିନ ପର୍ଯ୍ୟନ୍ତ

ସଂଗ୍ରହ କରିଥାଏ । ତା' ପରେ ଅନ୍ୟ ଗଛକୁ ଯାଇଥାଏ । ଏହିପରି ଭାବରେ ଖଜୁରୀଆ ସଲପ ଗଛ ଓ ତାଳ ଗଛରୁ ମଧ୍ୟ ରସ ଜାତୀୟ ପାନୀୟ(ତାଡ଼ି) ସଂଗ୍ରହ କରିଥାଏ ।

**ହାଣ୍ଡିଆ (ମଦ) ପ୍ରସ୍ତୁତି ପାଇଁ ଉପକରଣ :**

ହାଣ୍ଡିଆ ପ୍ରସ୍ତୁତି ପାଇଁ ଉଷୁନା ବା ଅରୁଆ ଖୁଦ ଚାଉଳ, ଜଳ, ମାଟି, ମାଟିହାଣ୍ଡି, ଔଷଧ (ରାନୁ), ବାଉଁଶର ଡାଲା (ଡାଲି) ଆବଶ୍ୟକ ହୋଇଥାଏ ।

**ମଦ (ଦାରୁ) ପ୍ରସ୍ତୁତି ଉପକରଣ:**

ମହୁଲ, ଆମ୍ବ (ଆମ୍ବା), ଜାମୁ (ଜାମ୍), ପଣସ (କଟହଲ), ଚୁଲୀ (ଚୁଲହା), ମାଟିହାଣ୍ଡି, ବାସନ (ଢ଼ିବି), ତଳମୁହାଁ ହାଣ୍ଡି, ଘୋଡ଼ଣୀ (ଢ଼ୋକନୀ), ବାଉଁଶ ନଳୀ (ନଳ ବା ନର), ମାଠିଆ, ଡ଼ିବି, ପାଣିକୁଣ୍ଡ ।

**ଖଜୁରୀ ରସ (ତାଡ଼ି) ପ୍ରସ୍ତୁତି ପାଇଁ ଉପକରଣ:**

ମାଟି କଳସୀ, ଦଉଡ଼ି, ଟାଙ୍ଗିଆ, ଗଛ ବକ୍‌କଳର ଠୁଙ୍ଗା, ରାନୁ, ସାକାରିନ୍ ।

**ଉପଲବ୍ଧିର ସମୟ:**

ହାଣ୍ଡିଆ (ମଦ) – ଶ୍ରାବଣ ମାସଠାରୁ ଫଗୁଣ ମାସ ପର୍ଯ୍ୟନ୍ତ ।

ମଦ (ଦାରୁ) – ଫାଲ୍‌ଗୁନ (ଫାଗୁନ୍) ଠାରୁ ଶ୍ରାବଣ ମାସ ପର୍ଯ୍ୟନ୍ତ ।

ତାଡ଼ି ବା ରସଜାତୀୟ ପାନୀୟ – କାର୍ତ୍ତିକ ମାସଠାରୁ ଜ୍ୟେଷ୍ଠ ମାସ ପର୍ଯ୍ୟନ୍ତ ।

**ବ୍ୟବହାର:**

ପାନୀୟ ବିନା ବିଂଝିଆ ଜୀବନ ନୀରସ ଓ ନିରର୍ଥକ ହୋଇପଡ଼େ । ବିଭିନ୍ନ ପର୍ବ ପର୍ବାଣୀ, ପୂଜା ପାଠରେ ପାନୀୟର ବ୍ୟବହାର ଅପରିହାର୍ଯ୍ୟ ।

**ହାଣ୍ଡିଆ :** ବିଂଝିଆ ଜାତିର ବୟସ୍କ ମହିଳା ଓ ପୁରୁଷ ବୃଦ୍ଧବୃଦ୍ଧା, ଯୁବକ ଓ ଯୁବତୀ ପ୍ରତ୍ୟେକ ହାଣ୍ଡିଆ (ମଦ) ପାନ କରିଥାନ୍ତି । ବୟସ୍କ ଲୋକେ ଓ ବୁଢ଼ାବୁଢ଼ିମାନେ ଦୈନନ୍ଦିନ ଜୀବନରେ ହାଣ୍ଡିଆ ପାନକୁ ଏକରକମ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ବିଭିନ୍ନ ପ୍ରକାର ପର୍ବପର୍ବାଣୀ ଓ ଆନନ୍ଦ ଉତ୍ସବରେ ହାଣ୍ଡିଆକୁ ଖୁବ୍ ଆନନ୍ଦର ସହିତ ପାନ କରାଯାଏ ।

**ମଦ ଜାତୀୟ (ଦାରୁ):** ବିଝିଂଆ ଜାତିର ଲୋକେ ସାଧାରଣତଃ ମଦ (ଦାରୁ) ଜାତୀୟ ପାନୀୟକୁ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀ, ପୂଜାପାଠ, ଗୁଣିଗାରେଡ଼ି ଇତ୍ୟାଦି ସମୟରେ ଦେବାଦେବୀ, ପିତୃପୁରୁଷ ଓ ଭୂତ ପ୍ରେତଙ୍କୁ ସନ୍ତୁଷ୍ଟ କରିବା ପାଇଁ ଦାରୁ ଅର୍ପଣ କରାଯାଏ । ଅତିଥି ଚର୍ଚ୍ଚାରେ ମଧ୍ୟ ଏହି ପାନୀୟର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

**ରସ ଜାତୀୟ ପାନୀୟ (ତାଡ଼ି):** ବୟସ୍କ ଲୋକ, ଯୁବକ, ବୃଦ୍ଧ ଓ ବାରବର୍ଷରୁ ଅଧିକ ପୁଅ ପିଲାମାନେ ତାଡ଼ି ଗ୍ରହଣ କରିଥାନ୍ତି । ଅନେକ କ୍ଷେତ୍ରରେ ଏହାକୁ ଔଷଧ ରୂପେ ବ୍ୟବହାର କରାଯାଏ ।

**ହାଣ୍ଡିଆ ଜାତୀୟ ପାନୀୟ:** ବିଭିନ୍ନ ପ୍ରକାର ପର୍ବପର୍ବାଣୀ, ଅନୁଷ୍ଠାନ ଓ ଭୋଜିଭାତରେ ହାଣ୍ଡିଆର ଆବଶ୍ୟକତାର ଅନୁଭୂତ ହୋଇଥାଏ । ବିଂଝିଆ ସଂପ୍ରଦାୟରେ ଏହା ମୁଖ୍ୟ ପାନୀୟ ରୂପେ ବ୍ୟବହୃତ ।

- ଶିଶୁ ଜନ୍ମ ପରେ ଧାଈକୁ ଉପହାର ସ୍ୱରୂପ ଏକ ହାଣ୍ଡିଆ ପୂର୍ଣ୍ଣ କଳସୀ ପ୍ରଦାନ କରାଯାଇଥାଏ ।
- ଶିଶୁର ନାମକରଣ, ଷଠି, ଜନ୍ମଦିନ, ବିବାହ ଇତ୍ୟାଦି ଆନନ୍ଦ ଉତ୍ସବରେ ନିମନ୍ତ୍ରିତ ଅତିଥି ମାନଙ୍କୁ ଖାଦ୍ୟ ସହିତ ହାଣ୍ଡିଆ ଦିଆଯାଏ ।
- ଗହ୍ମା ପର୍ବ (ଗହ୍ମାପୁନି), ନୂଆଖାଇ (ନୂଆ ଖାନି), ଦୁର୍ଗାପୂଜା, ଗୋବର୍ଦ୍ଧନ ପୂଜା, ସାରନା ପୂଜା, ପୁସ୍‌ପୁନୀ, କର୍ମା ପର୍ବରେ ଉଭୟ ପୁରୁଷ ଓ ମହିଳା ହାଣ୍ଡିଆ ପାନ କରି ନୃତ୍ୟ ଗୀତରେ ମଜ୍ଜି ରହନ୍ତି ।
- ସାରନା ପୂଜା, କରମା ପୂଜା, ଦୀପାବଳୀ (ଦେଓ୍ୱାଲି), ଦଶହରା, ପିତୃଶ୍ରାଦ୍ଧ ଇତ୍ୟାଦିରେ ବିଭିନ୍ନ ଦେବାଦେବୀ ଓ ପୂର୍ବପୁରୁଷଙ୍କୁ ହାଣ୍ଡିଆ ତର୍ପଣ (ତାପାନ) ଦେଇ ପୂଜା କରନ୍ତି ।

**ମଦଜାତୀୟ ପାନୀୟ (ଦାରୁ):**

ପରିବାରରେ ଶିଶୁଟିଏ ଜନ୍ମ ହେଲାପରେ ଶିଶୁର ଷଠିଦିନ, ଏକୋଶିଆ, ନାମକରଣ ଦିନ ନିଜର ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ କରି ଭାତ ସହିତ ମାଂସ ଓ ମଦ (ଦାରୁ) ଦେଇ

ଆପ୍ୟାୟିତ କରାଯାଏ । ପୁତ୍ର ବା କନ୍ୟାର ବିବାହ ସମୟରେ ମଧ୍ୟ ନିମନ୍ତ୍ରିତ ଅତିଥି ଗଣଙ୍କୁ ଭୋଜି ଦିଆଯାଏ ଏବଂ ସେହି ଭୋଜିରେ ମଦ ବା ଦାରୁ ପରିବେଷଣ କରାଯାଏ । ବିଭିନ୍ନ ପର୍ବପର୍ବାଣୀ, ପୂଜାପାଠ, ଗୁଣିଗାରେଡ଼ି ଇତ୍ୟାଦି ସମୟରେ ଦେବାଦେବୀ, ପିତୃପୁରୁଷ ଓ ଭୂତପ୍ରେତଙ୍କୁ ସନ୍ତୁଷ୍ଟ କରିବା ପାଇଁ ଦାରୁ ଅର୍ପଣ କରାଯାଏ । ତା ସଙ୍ଗେ ସଙ୍ଗେ ବନ୍ଧୁବର୍ଗ, ସାଇପଡ଼ିଶା, ଏକତ୍ର ଆନନ୍ଦ ମନରେ ଏହି ମଦ ଜାତୀୟ ପାନୀୟ ଗ୍ରହଣ କରିଥାନ୍ତି । ଶିଶୁ ଜନ୍ମପରେ ସାଇପଡ଼ିଶା ଓ ବନ୍ଧୁ ବାନ୍ଧବଙ୍କ ସହିତ ସ୍ୱତନ୍ତ୍ର ଭାବରେ ଗର୍ଭବତୀକୁ ଶିଶୁ ଜନ୍ମ ସମୟରେ ସାହାଯ୍ୟ କରିଥିବା ଧାଈକୁ ଏକ ବୋତଲ ଦାରୁ ଦିଆଯାଇଥାଏ । କୌଣସି ପୂଜାପାଠ, ଗୁଣିଗାରେଡ଼ି ସରିଲା ପରେ ଗୁଣିଆ (ପାହାନ)କୁ ଉପହାର ସ୍ୱରୂପ ଦାରୁ ଦିଆଯାଏ । ପୁଅଝିଅର ନିର୍ବନ୍ଧ ସମୟରେ କନ୍ୟା ଘର ଏବଂ ପୁତ୍ର ଘରର ବନ୍ଧୁ ବାନ୍ଧବମାନଙ୍କୁ ଏହି ଦାରୁ ପାନ କରିବାକୁ ଦେଇ ଅତିଥି ସତ୍କାର କରାଯାଇଥାଏ । ଶ୍ରାଦ୍ଧ ଦିବସରେ ନିମନ୍ତ୍ରିତ ବନ୍ଧୁ ବାନ୍ଧବମାନଙ୍କୁ ମଧ୍ୟ ମଦ ପ୍ରଦାନ କରାଯାଏ । ବିଭିନ୍ନ ପ୍ରକାର କଳିତକରାଳ, ମାଲିମକଦ୍ଦମାର ବିଚାର ହେଲାପରେ ଦୋଷୀଠାରୁ ଜୋରିମାନା ରୂପରେ ଖାସି, ବୋଦା ଓ ମଦ (ଦାରୁ) ଆଦାୟ କରାଯାଏ । ବିଭିନ୍ନ ପ୍ରକାର ସହଯୋଗୀ ଶ୍ରମରେ ସହଯୋଗ କରିଥିବା ଲୋକମାନଙ୍କ ନିମନ୍ତେ ଭୋଜିଭାତ ସହିତ ଦାରୁର ବ୍ୟବସ୍ଥା ହୋଇଥାଏ । ଶାରୀରିକ ଓ ମାନସିକ କଷ୍ଟ ତଥା ଭୟକୁ ଦୂର କରିବା ପାଇଁ ଏହି ମଦ ଜାତୀୟ ପାନୀୟର ଆଶ୍ରୟ ନିଆଯାଏ । ହାଟ ବଜାର ମେଳା ମହୋତ୍ସବରେ ଲୋକମାନେ ସାଙ୍ଗସାଥୀ ମେଳରେ ଏକତ୍ର ଦାରୁପାନ କରିଥାନ୍ତି । ଶବ ସଂସ୍କାର ସମୟରେ ଶବ ସାଙ୍ଗରେ ଯାଇଥିବା ଲୋକମାନଙ୍କୁ ମଦ ଜାତୀୟ ପାନୀୟ ପ୍ରଦାନ କରାଯାଇଥାଏ ।

ରସ ଜାତୀୟ ପାନୀୟର ବ୍ୟବହାର :- ଅଳ୍ପ କେତୋଟି ପର୍ବପର୍ବାଣୀ ବ୍ୟତୀତ ଅନ୍ୟାନ୍ୟ ପର୍ବାନୁଷ୍ଠାନରେ ବିଶେଷତଃ ଖରାଦିନେ ପୁରୁଷ ଲୋକେ ଏହି ରସ ଜାତୀୟ ପାନୀୟ (ତାଡ଼ି) ପାନ କରନ୍ତି ।

**ସଂରକ୍ଷଣ:**

ହାଣ୍ଡିଆ ଓ ରସଜାତୀୟ ପାନୀୟ (ତାଡ଼ି)କୁ ଦୁଇ ତିନିଦିନ ପର୍ଯ୍ୟନ୍ତ ସଂରକ୍ଷଣ କରି ରଖାଯାଇପାରେ । ଅଧିକ ଦିନ ସଂରକ୍ଷଣ କରି ରଖିଲେ ଏହା ନଷ୍ଟ ହୋଇଯିବାର ସମ୍ଭାବନା ଥାଏ । ଏଣୁ ନିଜର ବନ୍ଧୁ ବର୍ଗ, ଜ୍ଞାତି କୁଟୁମ୍ବଙ୍କ ସହିତ ହାଣ୍ଡିଆ ଓ ତାଡ଼ିକୁ

ଦୁଇତିନି ଦିନ ମଧ୍ୟରେ ପିଇ ଶେଷ କରିଦିଆଯାଏ । କିନ୍ତୁ ମଦଜାତୀୟ ପାନୀୟ (ଦାରୁ) ବିଶେଷ କରି ମହୁଲ, ଚାଉଳ, ଗଙ୍ଗେଇ ଓ ଜାମୁରୁ ପ୍ରସ୍ତୁତ ମଦ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ସଂରକ୍ଷିତ କରାଯାଇପାରେ । ଏପରିକି କାଚ ବୋତଲରେ ବନ୍ଦ କରି ଏକାଧିକ ବର୍ଷ ରଖାଯାଇପାରେ । ତଥାପି ବିଂଝିଆମାନେ ମଦକୁ ଏତେ ଦିନ ପର୍ଯ୍ୟନ୍ତ ନରଖି କିଛି ଦିନ ମଧ୍ୟରେ ପିଇ ଶେଷ କରି ଦିଅନ୍ତି ।

**ପାନୀୟର ଉପାଦେୟତା :** ବିଭିନ୍ନ ପ୍ରକାର ମଦ ଜାତୀୟ ପାନୀୟ ପାନ କରିବା ଦ୍ୱାରା ଅନେକ ଉପକାର ସାଙ୍ଗକୁ ଅପକାର ମଧ୍ୟ ମିଳିଥାଏ । ସେଗୁଡ଼ିକ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

**ଉପକାର:**

- ହାଣ୍ଡିଆ (ମଦ) ପାନଦ୍ୱାରା ଜଣ୍ଡିସ୍, ନାଳରକ୍ତ ଝାଡ଼ା, ଧାତୁ କ୍ଷୟ ରୋଗ ଭଲ ହୋଇଥାଏ ବୋଲି ବିଂଝିଆମାନଙ୍କର ବିଶ୍ୱାସ ।
- ହାଣ୍ଡିଆ ପାନକଲେ ପେଟଥଣ୍ଡା ରହେ । ରକ୍ତବୃଦ୍ଧି ଘଟେ ଏବଂ ହଜମ ଭଲ ହୁଏ । ସ୍ୱାସ୍ଥ୍ୟ ଭଲ ରହିବା ସଙ୍ଗେ ସଙ୍ଗେ ନାନା ପ୍ରକାର ଯନ୍ତ୍ରଣାରୁ ଉପଶମ ମିଳେ ବୋଲି ବିଂଝିଆମାନେ ବିଶ୍ୱାସ କରନ୍ତି ।
- ହାଣ୍ଡିଆ ପାନ ଦ୍ୱାରା କାମ କରିବାକୁ ପ୍ରଚୁର ଶକ୍ତି ମିଳେ । ହାଣ୍ଡିଆ ପିଇଲେ ଭୋକରୁ ରକ୍ଷାମିଳେ ।
- ଦିନସାରାର କଠିନ ପରିଶ୍ରମ ପରେ ସନ୍ଧ୍ୟାରେ ହାଣ୍ଡିଆ ଟିକିଏ ପିଇଲେ ଶାରିରୀକ କଷ୍ଟ ଲାଘବ ହୁଏ ଏବଂ ତା' ପର ଦିନ କାମ କରିବାକୁ ଉତ୍ସାହ ହୁଏ ।
- ମଦ ଜାତୀୟ ପାନୀୟରେ ବିଭିନ୍ନ ଚେର ମୂଳୀରୁ ପ୍ରସ୍ତୁତ ଦ୍ରବ୍ୟ (ରାନ୍ଲୁ) ମିଶାଯାଇଥିବାରୁ ତାହା ଔଷଧ ରୂପେ ମଧ୍ୟ କାମକରେ ।
- ଫୁଲି ଦାରୁକୁ କଟା ଘା'ରେ ଦେଲେ ଘା' ସଂକ୍ରମିତ ହୁଏନାହିଁ । ଏହା ବ୍ୟଥା ଉପଶମ ପାଇଁ ମଧ୍ୟ ବ୍ୟବହାର କରାଯାଏ ।
- ମହୁଲୀ ମଦ (ଦାରୁ) ହଜମ ଶକ୍ତି ବୃଦ୍ଧିର ସହାୟକ ହୋଇଥାଏ । ଏଣୁ ବିଂଝିଆ ସଂପ୍ରଦାୟର ଲୋକେ ଏହାକୁ ମାଂସ ସହିତ ପାନ କରନ୍ତି । ଭୋଜି ଭାତରେ ଏହାକୁ ପୁରୁଷ, ମହିଳା ଉଭୟେ ପାନ କରନ୍ତି ।

- ଦାରୁ ପାନ କରିବା ଦ୍ୱାରା ଅନେକ ଦିନର ବିସ୍ମୃତ ଘଟଣା ସ୍ୱତଃସ୍ଫୂର୍ତ୍ତ ଭାବରେ ମନେପଡ଼େ ।
- ଏକତ୍ର ପାନୀୟ ସେବନ କଲେ ଅନେକ ଦିନର ଶତ୍ରୁତା, ହିଂସାଦ୍ୱେଷର ବିଲୋପ ହୋଇ ଭାତୃଭାବ, ଐକ୍ୟ ଓ ପରସ୍ପରକୁ ସାହାଯ୍ୟ କରିବାର ମନୋବଳ ଦୃଢ଼ହୁଏ ।
- ରସ ଜାତୀୟ ପାନୀୟ ଶକ୍ତିବର୍ଦ୍ଧକ ଅଟେ। ଖଜୁରୀ ରସ (ତାଡ଼ି) ସେବନ କରିବା ଦ୍ୱାରା ଧାତୁକ୍ଷୟ ଓ ସ୍ୱପ୍ନଦୋଷ ଇତ୍ୟାଦି ରୋଗ ଭଲହୁଏ ବୋଲି ବିଂଝିଆ ମାନଙ୍କର ବିଶ୍ୱାସ ।

**ଅପକାରିତା:** ହାଣ୍ଡିଆ (ମଦ) ମନୁଷ୍ୟ ଶରୀର ପାଇଁ ଯେତିକି ଉପକାରୀ ତା'ଠାରୁ ଅଧିକ କ୍ଷତି କରିଥାଏ । ଏହାପାନ କରିବା ଦ୍ୱାରା ମନୁଷ୍ୟ ନିଜର ହିତାହିତ ଜ୍ଞାନ ହରାଇବସେ । ନିଜ ଉପରେ ନିଜର ନିୟନ୍ତ୍ରଣ ରହେନାହିଁ । ଫଳରେ ଅନେକ ସମୟରେ ଦୁର୍ଘଟଣାର ଶିକାର ମଧ ହୋଇଥାଏ । ଅଧିକ ହାଣ୍ଡିଆ ପାନ କରୁଥିବା ବ୍ୟକ୍ତି ନିଜ ପରିବାର ପ୍ରତି କ୍ରମଶଃ ଦାୟିତ୍ୱହୀନ ହୋଇଯାଏ । କାମ କରିବାର ଆଗ୍ରହ କମିଯାଏ ଓ ସ୍ମରଣ ଶକ୍ତିର ହ୍ରାସ ଘଟାଏ ।

ଅନବରତ ମଦ୍ୟପାନ କରୁଥିବା ବ୍ୟକ୍ତିର ଶରୀର ଦୁର୍ବଳ ଓ ରୋଗୀଣା ହୋଇଯାଏ । କ୍ଷୁଧା କମିଯାଏ । ସେ ଯକ୍ଷ୍ମା (ଟି.ବି), ବାତରୋଗ ଓ ଯକୃତ ରୋଗର ଶିକାର ହେବାର ଅଧିକ ସମ୍ଭାବନା ଥାଏ। ଏହା ଦ୍ୱାରା ତରଳ ଝାଡ଼ା ଓ ନାଳ ରକ୍ତ ଝାଡ଼ା ହୋଇଥାଏ । କେତେକ କ୍ଷେତ୍ରରେ ମଦ୍ୟପାନ କରୁଥିବା ବ୍ୟକ୍ତି ଅକାଳ ମୃତ୍ୟୁ ବରଣ କରିବା ଦେଖାଯାଏ । ମଦ ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ କ୍ଷତିକାରକ । ମଦ୍ୟପାନ ଦ୍ୱାରା ଅଯଥା କଳିଗୋଳ ଆରମ୍ଭ ହୁଏ ଏବଂ ତାହା ରକ୍ତପାତରେ ଯାଇ ପହଞ୍ଚେ । ଅଯଥା ଧନଜୀବନ ହାନି ଓ ଶକ୍ତିର ଅପଚୟ ଘଟେ । ଅତ୍ୟଧିକ ସେବନ ଦ୍ୱାରା ପୁରୁଣା ରାଗ ହିଂସା ଓ ଅପମାନ ଆଦି ଅହେତୁକ ଭାବରେ ମଣିଷ ଉପରେ ସବାର ହୋଇଯାଏ ଏବଂ ହଣାକଟା ଓ କଳିଗୋଳ ହୁଏ । ସୁତରାଂ ମଦପାନ ଅତ୍ୟନ୍ତ ଭୟଙ୍କର ଅଭ୍ୟାସ ।

**ପାନୀୟ ଓ ସଂପର୍କ :**

ବିଭିନ୍ନ ପର୍ବପର୍ବାଣୀ, ଶ୍ରାଦ୍ଧ ଦିବସ, ସାରନା ପୂଜା ଓ କରମା ପୂଜାରେ ବିଭିନ୍ନ ଦେବାଦେବୀଙ୍କୁ ମଦଜାତୀୟ ପାନୀୟ ସର୍ବପ୍ରଥମେ ତର୍ପଣ (ତାପାନ) କରାଯାଏ ।

ଏହା ପରେ ତାହାକୁ ସମସ୍ତେ ମିଶି ଦେବତାଙ୍କ ପ୍ରସାଦ ରୂପେ ପାନ କରନ୍ତି । ବିଂଝିଆ ମାନେ ସାଧାରଣତଃ ଧର୍ମଭୀରୁ, ସ୍ୱାଭୀମାନୀ ଏବଂ ସାହସୀ । ସମସ୍ତ ଦେବାଦେବୀ, ଠାକୁର ଠାକୁରାଣୀ ଏବଂ ଭୂତ ପ୍ରେତ ଆଦିଙ୍କୁ ସନ୍ତୁଷ୍ଟ କରିବାପାଇଁ ବିଂଝିଆ ସର୍ବପ୍ରଥମେ ମଦ ଅର୍ପଣ କରିଥାଏ । ନିଜେ ମଦ୍ୟପାନ କରୁଥିବାବେଳେ ସେହି ଅଦୃଶ୍ୟ ଶକ୍ତିକୁ ସନ୍ତୁଷ୍ଟ କରିବା ନିମନ୍ତେ ପ୍ରଥମେ କେଇ ବୁନ୍ଦା ଭୂଇଁରେ ପକାଇ ଦିଏ । ତା' ପରେ ଯାଇ ନିଜେ ପାନ କରେ ।

**ମହିଳା ଓ ପାନୀୟ:** ଏହି ସଂପ୍ରଦାୟର ମହିଳାମାନେ କୌଣସି ପ୍ରକାରର ପାନୀୟ ଯଥା- ହାଣ୍ଡିଆ, ମଦ୍ୟ (ଦାରୁ) ଓ ରସ ଜାତୀୟ ପାନୀୟ (ତାଡ଼ି) ବେଶୀ ପରିମାଣରେ ପାନ କରନ୍ତି ନାହିଁ । ବୃଦ୍ଧାମାନଙ୍କ ବ୍ୟତୀତ କେତେକ ନିର୍ଦ୍ଦିଷ୍ଟ ପର୍ବପର୍ବାଣୀରେ ମହିଳାମାନେ ଅଳ୍ପ ପରିମାଣରେ ମଦ୍ୟପାନ କରିଥାନ୍ତି । ତାଡ଼ି ଆଦୌ ଗ୍ରହଣ କରନ୍ତି ନାହିଁ । କିନ୍ତୁ କର୍ମଜୀବି ମହିଳା (ଶାରୀରିକ ଶ୍ରମ କରୁଥିବା) ଓ ବୃଦ୍ଧାମାନେ ପ୍ରାୟ ପ୍ରତି ଦିନ ସଂନ୍ଧ୍ୟାରେ ଅଳ୍ପ ପରିମାଣର ମଦ୍ୟପାନ କରିଥାନ୍ତି । ହାଟ, ବଜାର, ମେଳା ମହୋତ୍ସବ ଓ ସହଯୋଗୀ ଶ୍ରମ ଅବସରରେ ମଦ୍ୟପାନ କରିବାରେ କଟକଣା ନଥାଏ । ଆନନ୍ଦ ଉତ୍ସବର ଅବକାଶରେ ବେଳେ ବେଳେ ସେମାନେ ଅଳ୍ପ ମଦ୍ୟପାନ କରି ନୃତ୍ୟ ଗୀତରେ ସାମିଲ ହୁଅନ୍ତି ।

**ପୁରୁଷ ଓ ପାନୀୟ:** ବିଂଝିଆ ସଂପ୍ରଦାୟର ବୟସ୍କ ପୁରୁଷ ଓ ବୃଦ୍ଧମାନେ ହାଣ୍ଡିଆକୁ ମୁଖ୍ୟ ପାନୀୟ ରୂପେ ଗ୍ରହଣ କରନ୍ତି । ଶ୍ରାଦ୍ଧ ଦିବସ, ସାରନା ପୂଜା ଓ କର୍ମା ପୂଜାରେ ବିଭିନ୍ନ ଦେବାଦେବୀ ଓ ପୂର୍ବ ପୁରୁଷଙ୍କୁ ଆରାଧନା କରାଯାଏ । ଏହି ଅବସରରେ ପୁରୁଷମାନେ ହାଣ୍ଡିଆ ପାନ କରିଥାନ୍ତି । ପୁରୁଷମାନେ ସ୍ତ୍ରୀ ମାନଙ୍କ ଅପେକ୍ଷା ଅଧିକ ମଦ୍ୟପାଦ କରନ୍ତି । ଯୁବତୀ ନିଜର ପ୍ରେମିକ ପୁରୁଷ ପାଇଁ ମଦ୍ୟ କ୍ରୟ କରି ରଖିଥାଏ । ଏହାକୁ ବିଭିନ୍ନ ପର୍ବ ପର୍ବାଣୀରେ ଉଭୟ ମିଶି ପାନ କରି ନୃତ୍ୟ କରିଥାନ୍ତି । ପୁରୁଷମାନେ ପ୍ରାୟ ଅଧିକାଂଶ ଦିନ ମଦ୍ୟପାନ କରିଥାନ୍ତି । ପର୍ବପର୍ବାଣୀ, କୃଷିକାର୍ଯ୍ୟ ଓ ସହଯୋଗୀ ଶ୍ରମଦାନ ଅବସରରେ ପୁରୁଷମାନେ ବହୁଳ ଭାବରେ ମଦ୍ୟପାଦ କରିଥାନ୍ତି ।

ସାଧାରଣତଃ ଗ୍ରୀଷ୍ମ ଋତୁ ଓ ଶୀତ ଋତୁରେ ଖଜୁରି ରସ (ତାଡ଼ି) ଅଧିକ ପରିମାଣରେ ଉପଲବ୍ଧ ହୋଇଥାଏ । ଏଣୁ ଏହି ଋତୁରେ ବିଂଝିଆ ପୁରୁଷ ବହୁଳ ମାତ୍ରାରେ ତାଡ଼ି ସେବନ କରେ । କୌଣସି ବ୍ୟକ୍ତିର ବିୟୋଗରେ ବିଂଝିଆ ପୁରୁଷ ମଦ୍ୟ ପାନ କରି ନିଜର ପ୍ରିୟତମ ବ୍ୟକ୍ତିକୁ ହରାଇ ଥିବାର ଦୁଃଖକୁ ଭୁଲିଯିବାର ଚେଷ୍ଟା କରେ ।

ବିଂଝିଆ ସଂପ୍ରଦାୟରେ ଜମିକାମ ସମୟରେ ହଳିଆ ଓ ମୂଲିଆ ମାନଙ୍କୁ ମଦ୍ୟ ପାନ କରିବାକୁ ଦିଆଯାଏ । ବିଭିନ୍ନ କାମ, ଯଥା :- ଘରର ଛପର, ଧନୁଟିଆରି, କୃଷି ଯନ୍ତ୍ରପାତି ମରାମତି କରାଇବା ସମୟରେ ଗୃହକର୍ତ୍ତା ସଂପୃକ୍ତ ବ୍ୟକ୍ତିକୁ ମଦ ପିଇବାକୁ ଦେଇ ସନ୍ତୁଷ୍ଟ କରିଥାଏ । କୌଣସି ରୋଗ ହୋଇଥିଲେ ଯେଉଁ ଗୁଣିଆକୁ ଆମନ୍ତ୍ରଣ କରାଯାଏ, ପୂଜାବିଧି ପାଇଁ ତାଙ୍କୁ କୁକୁଡ଼ା(ଖୁଖ୍‌ରୀ) ଓ ମଦ ଦିଆଯାଏ । ପୁନଶ୍ଚ ରୋଗୀ ରୋଗମୁକ୍ତ ହେଲେ କୃତଜ୍ଞତା ସ୍ୱରୂପ ସେ ସଂପୃକ୍ତ ଗୁଣିଆକୁ ମଦ ପାନ କରିବାକୁ ଦେଇ ଆପ୍ୟାୟିତ କରିଥାନ୍ତି । ବିବାହ ପାଇଁ ମଧ୍ୟସ୍ଥିକୁ ଉପହାର ସ୍ୱରୂପ ମଦ ପ୍ରଦାନ କରାଯାଏ । ତେବେ ବିବାହ ଓ ପର୍ବପର୍ବାଣୀ ସମୟରେ ଉପହାର ରୂପେ ହାଣ୍ଡିଆର ଆଦାନ ପ୍ରଦାନର ପ୍ରଚଳନ ବିଂଝିଆ ସମାଜରେ ନାହିଁ ।

ଜୋରିମାନା ହିସାବରେ ମଧ୍ୟ ପାନୀୟର ବ୍ୟବହାର ହୋଇଥାଏ । ଗ୍ରାମରେ କୌଣସି ଗଣ୍ଡଗୋଳର ସମାଧାନ ଗ୍ରାମର ଗଞ୍ଜୁ ବା ମୁଖିଆ କରିଥାନ୍ତି । ଦୋଷୀକୁ କୁକୁଡ଼ା (ଖୁଖ୍‌ରୀ) ଖାସି ଓ ମଦ ଜୋରିମାନା କରାଯାଏ । ଏହି ଜୋରିମାନାରେ ମିଳୁଥିବା କୁକୁଡ଼ା (ଖୁଖ୍‌ରୀ) ବା ଖାସି ମାଂସ ସହିତ ମଦ ସଭାରେ ଉପସ୍ଥିତ ଥିବା ବ୍ୟକ୍ତିଗଣ ଗ୍ରହଣ କରିଥାନ୍ତି ।

**ସେବନ କାଳ:**

**ହାଣ୍ଡିଆ (ମଦ)** - ସାଧରଣତଃ ଶ୍ରାବଣ ମାସଠାରୁ ଫାଲ୍‌ଗୁନ ମାସ ପର୍ଯ୍ୟନ୍ତ ବିଂଝିଆ ସଂପ୍ରଦାୟର ଲୋକେ ବହୁଳ ଭାବରେ ହାଣ୍ଡିଆ ପାନ କରିଥାନ୍ତି । ଅଧିକାଂଶ ପର୍ବପର୍ବାଣୀ ଓ ବିବାହ ଉତ୍ସବ ଶ୍ରାବଣଠାରୁ ଫାଲ୍‌ଗୁନ ମାସ ମଧ୍ୟରେ ପାଳନ କରାଯାଏ । ଏଣୁ ଏହିସବୁ ଅବସରରେ ହାଣ୍ଡିଆର ଆବଶ୍ୟକତା ଓ ବ୍ୟବହାର ଅଧିକ ହୋଇଥାଏ ।

**ମଦ (ଦାରୁ) ଜାତୀୟ ପାନୀୟ:** ବିଂଝିଆ ସଂପ୍ରଦାୟର ଲୋକମାନେ ଫାଲ୍‌ଗୁନ (ଫାଗୁନ୍)ଠାରୁ ଶ୍ରାବଣ ମାସ ପର୍ଯ୍ୟନ୍ତ ବେଶୀ ପରିମାଣରେ ମଦ ଜାତୀୟ ପାନୀୟ ବ୍ୟବହାର କରନ୍ତି । ବିଭିନ୍ନ ପର୍ବପର୍ବାଣୀ ଏବଂ ବିବାହ ଉତ୍ସବ ସମୟରେ ଏହାର ବ୍ୟବହାର ଅଧିକ ହୋଇଥାଏ ।

**ତାଡ଼ି ବା ରସ ଜାତୀୟ ପାନୀୟ:** ବିଂଝିଆ ପରିବାରର ପୁରୁଷ ଲୋକେ କାର୍ତ୍ତିକ ମାସଠାରୁ ଜ୍ୟେଷ୍ଠ ମାସ ପର୍ଯ୍ୟନ୍ତ ସନ୍ଧ୍ୟା ସମୟରେ ଏହି ରସ ଜାତୀୟ ପାନୀୟ ତାଡ଼ି ପ୍ରାୟ ପ୍ରତ୍ୟେହ ପାନ କରନ୍ତି ।

## ନିଷିଦ୍ଧ କାଳ:

ବିଭିନ୍ନ ପୂଜା ପାର୍ବଣ (ପର୍ବପର୍ବାଣୀ) ଓ ବିବାହ ଉତ୍ସବ ଆଗ୍ରୁ ମଦ୍ୟ ପାନ ନିଷେଧ କରାଯାଇଛି । ପୂଜା ପାଇଁ ଉଦ୍ଦିଷ୍ଟ ମଦ୍ୟ ପୂଜା ହେଲାପରେ ବ୍ୟବହାର କରାଯାଇଥାଏ । ସାଧାରଣତଃ ମାର୍ଗଶୀର ମାସରେ ଲକ୍ଷ୍ମୀପୂଜା ପଡୁଥିବାରୁ ସେମାନେ ମଦ୍ୟ ପାନ କରନ୍ତିନାହିଁ ।

ଜୀବନ ଚକ୍ରର ବିଭିନ୍ନ ସୋପାନ ଦେଇ ବ୍ୟକ୍ତି ଗତି କରିଥାଏ । ଜୀବନର ଦୁଃଖ ସୁଖ, ଯନ୍ତ୍ରଣା ତଥା ନାନାବିଧ ବିପଦ ଆପଦ, ସୁଖ ସୌଭାଗ୍ୟ ଆଦିକୁଁ ସାହାସ, ଧୈର୍ଯ୍ୟ ଓ ନିଷ୍ଠା ସହକାରେ ସ୍ମ୍ମୁଖୀନ ହେବାକୁ ପଡ଼େ । ବିଂଝିଆ ବ୍ୟକ୍ତିର ଧୈର୍ଯ୍ୟ ଶକ୍ତିକୁ ସୁଦୃଢ଼, ପରିମାର୍ଜିତ ଓ ବଳିଷ୍ଠ କରିବା ପାଇଁ ଏହି ମଦ୍ୟ ଜାତୀୟ ପାନୀୟର ଆବଶ୍ୟକତା ରହିଛି ବୋଲି ବିଂଝିଆ ସମାଜ ବିଶ୍ୱାସ କରେ । ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ମଦ; ଯଥା- ହାଣ୍ଡିଆ (ମଦ), ମଦ (ଦାରୁ) ଓ ରସ ଜାତୀୟ ପାନୀୟ 'ତାଡି'କୁ ଆନନ୍ଦର ସହିତ ସେ ଗ୍ରହଣ କରି ସାମୟିକ ଭାବେ ସେ ଆତ୍ମ ବିସ୍ମୃତ ହୋଇଉଠେ । ମଦ ଜାତୀୟ ପାନୀୟର ପ୍ରସ୍ତୁତିର ସର୍ବପ୍ରଥମ ଆବଶ୍ୟକତା ବିଭିନ୍ନ ଶସ୍ୟ, ଫଳ, ଫୁଲ ଇତ୍ୟାଦି । ଯେପରିକି ହାଣ୍ଡିଆ ବା ମଦର ପ୍ରସ୍ତୁତି ଖୁଦ ଚାଉଳରୁ ହୁଏ । ଏସବୁକୁ ଘରେ ନିଜେ ନିଜେ ପ୍ରସ୍ତୁତ କରିଥାନ୍ତି କିମ୍ବା ବଜାରରୁ କିଣି ଆଣିବାକୁ ହୁଏ ଠିକ୍ ସେହିପରି ମଦ ବା ଦାରୁ ପ୍ରସ୍ତୁତ କରିବା ପାଇଁ ବିଂଝିଆ ନିର୍ଭର କରେ ହାଟ, ବଜାର କିମ୍ବା ଜଙ୍ଗଲ ଜାତ ଦ୍ରବ୍ୟ ଉପରେ । ମହୁଲ, ଆମ୍ବ, ଜାମୁ, ଗଙ୍ଗେଇ ଇତ୍ୟାଦି ହାଟ ବଜାର କିମ୍ବା ନିଜର ବାଡ଼ି ବଗିଚା ବା ଜଙ୍ଗଲରୁ ସଂଗ୍ରହ କରାଯାଏ । ରସ ଜାତୀୟ ପାନୀୟ ବା ତାଡ଼ି ଖଜୁରୀ ଗଛ, ସଲପ କିମ୍ବା ତାଳ ଗଛରୁ ସଂଗ୍ରହ କରାଯାଏ ।

ମଦ ପ୍ରସ୍ତୁତି ପାଇଁ ନିଜର ଶ୍ରମ ଅନ୍ୟମାନଙ୍କ ସହଯୋଗ ତଥା କୁମ୍ଭାର ଦ୍ୱାରା ପ୍ରସ୍ତୁତ ମାଟି ହାଣ୍ଡିର ଆବଶ୍ୟକତା ଅନିବାର୍ଯ୍ୟ । ବାଉଁଶ ନଳୀ, ବକ୍‌କଳ ଠୁଙ୍ଗା, ଦଉଡ଼ି ଆଦିର ଭୂମିକା ମଧ୍ୟ ରହିଛି । ସର୍ବୋପରି ଅକ୍ଲାନ୍ତ ପରିଶ୍ରମର ଫଳ ସ୍ୱରୂପ ମଦ ପ୍ରସ୍ତୁତି ସମ୍ଭବ ହୋଇପାରେ । ବିଂଝିଆ ନିଜେ ମଦ୍ୟ ପାନ କରିବା ସହିତ ବନ୍ଧୁ ବାନ୍ଧବ, ଅତିଥି ଅଭ୍ୟାଗତଙ୍କୁ ସେସବୁ ପାନୀୟ ପ୍ରଦାନ କରି ଆପାୟିତ କରେ, ପୁନଶ୍ଚ ଅବଶିଷ୍ଟ ଅଂଶକୁ ନେଇ ବଜାରରେ ବିକ୍ରି କରି ଅର୍ଥ ରୋଜଗାର କରିଥାଏ ।

# କନ୍ୟାସୁନା

## କନ୍ୟାସୁନା – ଧାରଣା:

ବିବାହ ଏକ ସାମାଜିକ ବନ୍ଧନ । ଏହା ବଂଶବୃଦ୍ଧି ଏବଂ ଶୃଙ୍ଖଳିତ ସମାଜ ଗଠନରେ ସହାୟ ହୁଏ । ସୃଷ୍ଟି ଆରମ୍ଭରୁ ଏହି ପ୍ରଥା ପ୍ରଚଳିତ ହୋଇଆସୁଛି । ପୁରୁଷ ଓ ନାରୀ ପରସ୍ପରର ଅପରିହାର୍ଯ୍ୟ ପରିପୂରକ ରୂପେ ବିବେଚିତ ହୁଅନ୍ତି । ପୁରୁଷ ବିନା ନାରୀର ସାମାଜିକ ଜୀବନ କଷ୍ଟସାଧ ତେଣୁ କନ୍ୟା ପିତା ନିଜ କନ୍ୟାକୁ ଏକ ସୁଯୋଗ୍ୟ ପାତ୍ର ହସ୍ତରେ ଅର୍ପଣ କରିବା ପାଇଁ ଚେଷ୍ଟିତ ଥା'ନ୍ତି । ଝିଅ ଜନ୍ମପରେ ବିବାହ ବୟସ ପର୍ଯ୍ୟନ୍ତ ପିତୃଗୃହରେ ଅବସ୍ଥାନ କରେ । ପିତୃଗୃହର ଯାବତୀୟ କାର୍ଯ୍ୟ ଯଥା :- ପାଣି ଆଣିବା, ବାସନ ମାଜିବା, ଗୋରୁ ଜଗିବା, ମହୁଲ ଗୋଟେଇବା ଅନ୍ୟାନ୍ୟ ଘର କାମ କୃଷି କାର୍ଯ୍ୟ ଇତ୍ୟାଦିରେ ସେ ତା'ର ପିତାମାତାକୁ ସାହାଯ୍ୟ କରିଥାଏ । କିନ୍ତୁ ବିବାହ ପରେ ପିତାମାତା ଏହିସବୁ ସହଯୋଗରୁ ବଂଚିତ ହୁଅନ୍ତି ଏବଂ କନ୍ୟାଟିର ବରଘର ସେସବୁ ସୁଯୋଗ ଲାଭ କରନ୍ତି । ବିବାହ ପରେ ଶ୍ୱଶୁର ଘରର ଯାବତୀୟ କାର୍ଯ୍ୟ କନ୍ୟାଟି କରିଥାଏ । ଏହାର ପ୍ରତିଦାନରେ ବରଘର କନ୍ୟା ପିତା ଓ ମାତାଙ୍କୁ କିଛି ଆର୍ଥିକ ଓ ଶାରୀରିକ ସାହାଯ୍ୟ ପ୍ରଦାନ କରିଥାନ୍ତି । ଏହା 'କନ୍ୟାସୁନା' ରୂପେ ପରିଗଣିତ ।

ବହୁ ପ୍ରାଚୀନ କାଳରୁ କନ୍ୟାସୁନା ପ୍ରଥା ପ୍ରାୟ ସମସ୍ତ ଆଦିବାସୀ ସଂପ୍ରଦାୟରେ ପ୍ରଚଳିତ ହୋଇଆସୁଛି । ବିଂଝିଆ ସଂପ୍ରଦାୟରେ ମଧ୍ୟ କନ୍ୟାସୁନାର ପ୍ରଚଳନ ରହିଛି । ଆଧୁନିକ ସମାଜରେ କନ୍ୟାପିତା କିଛିଟା ଧନସମ୍ପତ୍ତି ବର ପିତାଙ୍କୁ ପ୍ରଦାନ କରିଥାଏ । କିନ୍ତୁ ବିଂଝିଆ ସଂପ୍ରଦାୟରେ ଏହାର ବ୍ୟତିକ୍ରମ ଦେଖାଦିଏ । ଆବଶ୍ୟକ ସ୍ଥଳେ କନ୍ୟା ପିତାର ଆର୍ଥିକ ସ୍ଥିତ ସ୍ୱଚ୍ଛଳ ନଥିଲେ ବରପିତା ବିବାହ ନିମିତ୍ତ ଆର୍ଥିକ ସାହାଯ୍ୟ ଓ ସହଯୋଗ କରିଥାନ୍ତି ।

## କନ୍ୟାସୁନା ପ୍ରଦାନ ରୀତି:

କନ୍ୟା ନିର୍ବାଚନ ହେଲାପରେ କନ୍ୟା ପିତା ବରଘରକୁ ଯାଇ ଆବଶ୍ୟକ ପରାମର୍ଶ ଦେଇଥାନ୍ତି । ତା'ପରେ ବରପିତା ନିଜ ବନ୍ଧୁ ବାନ୍ଧବ ସହ କନ୍ୟାପିତା ଘରକୁ ଯାଇଥାନ୍ତି । ସେଠାରେ କଥାବାର୍ତ୍ତା ଚୂଡ଼ାନ୍ତ ହେଲାପରେ କନ୍ୟାସୁନାର ପରିମାଣ ସ୍ଥିର କରାଯାଏ । ବିବାହ ପୂର୍ବରୁ କିଛି ଅର୍ଥ ଓ ଦ୍ରବ୍ୟ ବରପିତା କନ୍ୟାପିତାଙ୍କୁ ପ୍ରଦାନ କରିଥାନ୍ତି ।

ବିଂଝିଆ ସଂପ୍ରଦାୟରେ ପୁଅ ଝିଅର ଦେଖା ସାକ୍ଷାତ ମଧ୍ୟସ୍ଥିର ସହାୟତାରେ ହୋଇଥାଏ । କନ୍ୟା ପସନ୍ଦ ହେଲା ପରେ ବରପିତା ଓ ମାତା ଝିଅ ଘରକୁ ଯାଆନ୍ତି । ସେମାନଙ୍କ ମଧ୍ୟରେ ପରିଚୟର ଆଦାନ ପ୍ରଦାନ ଓ ବାର୍ତ୍ତା ବିନିମୟ ହୋଇଥାଏ । ସେହି ସମୟରେ ଝିଅ, ବରପିତା, ମାତା ତଥା ବନ୍ଧୁମାନଙ୍କର ପାଦ କଂସାଥାଳିଆରେ ହଳଦୀ ପାଣିରେ ଧୋଇଦେଇଥାଏ । କିଛିଦିନ ପରେ କନ୍ୟାପିତା, ମଧ୍ୟସ୍ଥି ଓ ପୁରୋହିତ ପୁନର୍ବାର କନ୍ୟାପିତା ଘରକୁ ଯାଆନ୍ତି । ସେହିଦିନ ପୁରୋହିତଙ୍କ ଦ୍ୱାରା ବରକନ୍ୟାଙ୍କର ରାଶି ମିଳନ ହୋଇଥାଏ । କନ୍ୟା ଘର ଆର୍ଥିକସ୍ଥିତି, ବିବାହ ନିମିତ୍ତ ଜିନିଷପତ୍ର ଓ ଭୋଜି ଭାତ ସମ୍ପର୍କରେ ଆଲୋଚନା କରାଯାଏ । ଆର୍ଥିକସ୍ଥିତି ଖରାପ ଥିଲେ ତାଙ୍କ ଅସୁବିଧାକୁ ଦୂର କରିବାକୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ବରପିତା ସ୍ୱୀକୃତି ପ୍ରଦାନ କରନ୍ତି । ବରପାଇଁ କନ୍ୟା ପସନ୍ଦ ହେଲାପରେ ବରପିତା କନ୍ୟା ଘରକୁ ହାଣ୍ଡିଆ (ମଦ) ପ୍ରସ୍ତୁତି ନିମନ୍ତେ ଚାଳିଶ ସେର (ହାରାହାରି ୩୫ କି.ଗ୍ରା) ଧାନ ଓ ଜଙ୍ଗଲରୁ ସଂଗୃହିତ ବିଭିନ୍ନ ଚେରମୂଳିରୁ ପ୍ରସ୍ତୁତ ଔଷଧ (ରାନୁ) ବିବାହ ପୂର୍ବରୁ ପ୍ରେରଣ କରନ୍ତି । ସେହିଦିନ ବରପିତା ଓ ତାଙ୍କର ସାଇପଡ଼ିଶା ଏବଂ ବନ୍ଧୁ ବାନ୍ଧବଙ୍କ ମଧ୍ୟରୁ ୫/ ୭ ଜଣ କନ୍ୟାଘରକୁ ଯାଇଥାନ୍ତି । ସେଠାରେ କନ୍ୟାପିତା ତାଙ୍କ ପରିବାର, ତାଙ୍କ ପଡ଼ୋଶୀର ୫/୭ ଜଣ ଏବଂ କିଛି ବନ୍ଧୁ ବାନ୍ଧବଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥାଏ । ତତ୍‌ପରେ ବିବାହର ଶୁଭ ଲଗ୍ନ ସ୍ଥିରୀକୃତ ହୁଏ । ବର ଏବଂ କନ୍ୟା ଗୃହ ମଧ୍ୟରେ ନିମନ୍ତ୍ରଣର ପ୍ରକ୍ରିୟା ଆରମ୍ଭ ହୋଇଯାଏ । ବିବାହ ଲଗ୍ନ ସ୍ଥିର ହେଲାପରେ ବର ଘର ଓ କନ୍ୟା ଘରର ଗୃହକର୍ତ୍ତା ନିଜ ନିଜ ଗ୍ରାମର ସାଇପଡ଼ିଶାଙ୍କୁ ବିବାହ ସଂପର୍କରେ ସୂଚନା ପ୍ରଦାନ କରନ୍ତି । ତାପରେ ନିକଟ ସମ୍ପର୍କୀୟ, ବନ୍ଧୁ ବାନ୍ଧବ, ପାଖ ପଡ଼ୋଶୀ ଓ ଗ୍ରାମବାସୀଙ୍କ ସହଯୋଗରେ ଦୂରସ୍ଥାନ ମାନଙ୍କୁ ନିମନ୍ତ୍ରଣ ପ୍ରେରିତ ହୋଇଥାଏ । ବିବାହ ପୂର୍ବରୁ ବରଗୃହ ଓ କନ୍ୟାଗୃହରେ ବିବାହ ମଣ୍ଡପ ତିଆରି କରାଯାଏ । ବିବାହ ପୂର୍ବଦିନ ମଙ୍ଗଳପାକ ବା 'ମଣ୍ଡୁଆ' ହୋଇଥାଏ । ବିବାହ ଲଗ୍ନ ପୂର୍ବରୁ ବରପିତା ନିଜର ବନ୍ଧୁ ବାନ୍ଧବଙ୍କ ସହ କନ୍ୟା ନିମନ୍ତେ ସିନ୍ଦୁର, କଜଳ, ଅଳତା, ଦର୍ପଣ, ପାନିଆ, କୁଙ୍କୁମ୍ ଇତ୍ୟାଦି ନେଇ କନ୍ୟାଘରକୁ ଯାଆନ୍ତି । ସେହି ସମୟରେ ଝିଅର ମାଆ ପାଇଁ ଗୋଟିଏ ଶାଢ଼ୀ, ଗ୍ରାମ ଦେବତୀ ପୂଜା ପାଇଁ ଗୋଟିଏ ଧୋତି, ପୂଜା ସାମଗ୍ରୀ ଓ ବୋଦା (ବୋକା) ସେ ସଙ୍ଗରେ ନେଇଥାନ୍ତି । ଏସବୁ ସାମଗ୍ରୀ ଦୁଇଟି ନୂଆହାଣ୍ଡି ବା ମାଠିଆରେ କନ୍ୟା ଘରେ ଦିଆଯାଏ । କନ୍ୟା ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ଶାଢ଼ୀ ମଧ୍ୟ ପଠାଯାଏ ।

କନ୍ୟାପିତା ବରଘରୁ ଗ୍ରହଣ କରିଥିବା ବୋଦା (ବୋକା) ଓ ପୂର୍ବ ଗୃହୀତ ଧାନରୁ ପ୍ରସ୍ତୁତ ହାଣ୍ଡିଆକୁ ନିଜର ଇଷ୍ଟଦେବ ଓ ଗ୍ରାମ ଦେବତୀଙ୍କ ଉଦ୍ଦେଶ୍ୟରେ ଭୋଗ କରିଥାନ୍ତି। ପୂର୍ବପୁରୁଷଙ୍କୁ ମଧ୍ୟ ଏହିଦିନ ତର୍ପଣ (ତାପାନ) କରାଯାଏ। ଭୋଗ ହେଲାପରେ ସେହି ବୋଦା (ବୋକା) ମାଂସ ଓ ହାଣ୍ଡିଆ ନିଜର ବନ୍ଧୁବାନ୍ଧବଙ୍କ ମଧ୍ୟରେ ଭୋଜିକରି ବିତରଣ କରାଯାଏ।

ବିଂଝିଆ ପରିବାରର କୌଣସି ପୁତ୍ର ବା କନ୍ୟାର ବୈବାହିକ ସମ୍ବନ୍ଧ ମଧ୍ୟସ୍ଥି ଦ୍ୱାରାହିଁ ସମ୍ପାଦିତ ହୋଇଥାଏ । ପୁତ୍ର ବା କନ୍ୟାର ବର୍ଣ୍ଣ, ରଙ୍ଗ, ଉଚ୍ଚତା, ଶିକ୍ଷାଗତ ଯୋଗ୍ୟତା, ଅଭିରୁଚି, ସ୍ୱଭାବ ସମ୍ପର୍କିତ ସମସ୍ତ ତଥ୍ୟ ମଧ୍ୟସ୍ଥି ସଂଗ୍ରହ କରି ଉପଯୁକ୍ତ ପାତ୍ର ଅନ୍ୱେଷଣ ବିଭିନ୍ନ ଗ୍ରାମ ବା ସହରରେ ଥିବା ବିଂଝିଆ ପରିବାର ନିକଟରେ ପହଞ୍ଚାଇଥାଏ । ପ୍ରଥମେ ସେ ନିଜେ ସନ୍ଧାନ କରେ ଉପଯୁକ୍ତ ବିବାହ ଯୋଗ୍ୟ ପୁତ୍ର, କନ୍ୟାର ସ୍ୱଭାବ । ଏହାପରେ ତାହାରି ମଧ୍ୟସ୍ଥତାରେ ପୁତ୍ର ବା କନ୍ୟାର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୁଏ । ଦୁଇ ପରିବାର ମଧ୍ୟରେ ଭାବର ଆଦାନ ପ୍ରଦାନ ସମୟରେ ମଧ୍ୟସ୍ଥି ଉପସ୍ଥିତ ରହି ଉଭୟ ପରିବାରଙ୍କୁ ଉଚିତ୍ ଦିଗ୍‌ଦର୍ଶନ ପ୍ରଦାନ କରିଥାଏ । ବିବାହ ଯୋଗ୍ୟ ପୁତ୍ର କନ୍ୟାର ଦେଖାସାକ୍ଷାତ, ପରିଚୟ ଓ ଭାବର ଆଦାନ ପ୍ରଦାନ ମଧ୍ୟସ୍ଥି ସହାୟତାରେ ହିଁ ସମ୍ଭବପର ହୋଇଥାଏ । ବର କନ୍ୟାଘର ତତ୍‌ଜନିତ କଥାବାର୍ତ୍ତା, ନିର୍ବନ୍ଧ, କନ୍ୟାସୁନା ନିର୍ଣ୍ଣୟ ସମୟରେ ମଧ୍ୟସ୍ଥିର ସାହାଯ୍ୟ ଲୋଡ଼ିଥାନ୍ତି । ବିବାହ ସମ୍ପନ୍ନ ହେବା ପର୍ଯ୍ୟନ୍ତ ମଧ୍ୟସ୍ଥି ସମସ୍ତ ପ୍ରକାର ସାମାଜିକ କାର୍ଯ୍ୟରେ ଉଭୟ ପକ୍ଷକୁ ସାହାଯ୍ୟ କରିଥାଏ । ଏହାଦ୍ୱାରା ଖୁବ୍ ସୁରୁଖୁରୁରେ ଓ ସହଜରେ ଏହି ପବିତ୍ର କାର୍ଯ୍ୟର ସମ୍ପନ୍ନ ହୋଇଥାଏ । ଏହିକାର୍ଯ୍ୟ ଗୁଡ଼ିକ ନିଃସ୍ୱାର୍ଥପର ଭାବରେ ମଧ୍ୟସ୍ଥି ଜଣକ ସମ୍ପାଦନ କରୁଥିଲେ ମଧ୍ୟ ଉଭୟ ପକ୍ଷ କିଛି ପାଉଣା ମଧ୍ୟସ୍ଥିଙ୍କୁ ପ୍ରଦାନ କରିଥାନ୍ତି ।

'ଗୃହୀଣୀ ଗୃହମ ଉଚ୍ୟତେଃ' । ଯଥାର୍ଥରେ ନାରୀ ଗୃହର ସମୃଦ୍ଧିର ସହାୟକ । ଦୈନନ୍ଦିନ ଜୀବନରେ ଘର କାମଠାରୁ ଆରମ୍ଭ କରି କୃଷିକାର୍ଯ୍ୟ, ସାମାଜିକ କାର୍ଯ୍ୟ ତଥା ଗୃହର ଅର୍ଥନୈତିକ ଅଭିବୃଦ୍ଧିରେ ନାରୀ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ବିଂଝିଆ ପରିବାରରେ କନ୍ୟାଟିଏ ଜନ୍ମ ହେଲେ ସମସ୍ତେ ଆନନ୍ଦିତ ହୁଅନ୍ତି । କନ୍ୟା ଜନ୍ମ ହେଲେ ପିତାମାତାଙ୍କ ଆୟୁଷ ବଢ଼େ ବୋଲି ବିଂଝିଆମାନଙ୍କର ବିଶ୍ୱାସ । କନ୍ୟାର ଜନ୍ମ ଗୃହରେ ଲକ୍ଷ୍ମୀଙ୍କ ପ୍ରବେଶ ବୋଲି ବିଚାର କରାଯାଏ । ଘରଟି ଧନଧାନ୍ୟରେ ପୁରିଯାଏ ବୋଲି ସେମାନଙ୍କର ଦୃଢ଼ ଧାରଣା ତଥା ବିଶ୍ୱାସ ଅଛି। ପିତାଗୃହରେ କନ୍ୟାଟି ଘର କାମରେ

ମା'ଙ୍କୁ ସାହାଯ୍ୟ କରିବା ସହିତ କୃଷି କାର୍ଯ୍ୟରେ ବାପା ଭାଇଙ୍କୁ ସାହାଯ୍ୟ କରେ । ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଓ ଜାଳେଣୀ ସଂଗ୍ରହ କରି ଘରର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରେ କିନ୍ତୁ ବିବାହ ପରେ କନ୍ୟାପିତା କନ୍ୟାଟିର ସମସ୍ତ ସାହାଯ୍ୟ ଓ ସହଯୋଗରୁ ବଂଚିତ ହୁଅନ୍ତି । ସୁତରାଂ ଉପଯୁକ୍ତ କାରଣକୁ ଦୃଷ୍ଟିରେ ରଖି କନ୍ୟାସୁନାର ପ୍ରବର୍ତ୍ତନ କରାଯାଇଛି । ଏତଦ୍‌ବ୍ୟତୀତ ବିଭିନ୍ନ ସାମାଜିକ, ଅର୍ଥନୈତିକ କାର୍ଯ୍ୟ ଓ କାରଣରୁ କନ୍ୟାସୁନା ପ୍ରଦାନ କରାଯାଇଥାଏ । କନ୍ୟାଟି ଏତେବର୍ଷ ହେଲା ବାପାମା'ଙ୍କ ସେବା କରି ଆସୁଥିଲା, ବର୍ତ୍ତମାନ କନ୍ୟାଟି ବିବାହ କରି ଅନ୍ୟତ୍ର ଚାଲିଯାଉଥିବାରୁ ପିତୃଗୃହରେ ତା'ର ସହଯୋଗର ଅଭାବ ଅନୁଭୂତ ହୋଇଥାଏ । ଏଣୁ ବରପକ୍ଷରୁ କିଛି ସାନ୍ତ୍ୱନାମୂଳକ ସାହାଯ୍ୟ କନ୍ୟାପକ୍ଷକୁ ପ୍ରଦାନ କରାଯାଇଥାଏ ।

'ନାରୀକୁ ସମାଜରେ ସମ୍ମାନ ଦେବା ସହ ବିଭିନ୍ନ ପ୍ରକାର ସାମାଜିକ ଓ ଆର୍ଥିକ କାରଣ ଯୋଗୁଁ ବରପକ୍ଷ କନ୍ୟାପକ୍ଷକୁ କନ୍ୟାସୁନା ଅର୍ପଣ କରିଥାଏ । କନ୍ୟାଜନ୍ମ ହେବାଠାରୁ କନ୍ୟାର ବିବାହ ପର୍ଯ୍ୟନ୍ତ ନାରୀଟିଏ ଅନେକ କଷ୍ଟ ସ୍ୱୀକାର କରିଥାଏ । ଦଶମାସ ନିଜ ଗର୍ଭରେ ଧାରଣ କରି ସେ ସନ୍ତାନକୁ ଜନ୍ମ ଦିଅନ୍ତି । ଦୁଇତିନିବର୍ଷ ପର୍ଯ୍ୟନ୍ତ ଶିଶୁଟି ମା' କ୍ଷୀର ଉପରେ ନିର୍ଭର କରିଥାଏ । ଶିଶୁର ଲାଳନ ପାଳନ ଓ ଯତ୍ନ ନେବାରେ ମା'ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ବିଶେଷତଃ ଝିଅଟିର ସ୍ୱାସ୍ଥ୍ୟ, ଶିକ୍ଷା ଓ ଚରିତ୍ର ଗଠନ ମା'ଙ୍କ ଦ୍ୱାରାହିଁ ସମ୍ଭବ ହୋଇଥାଏ । ମା' ଓଠରୁ ଝରିପଡ଼ିଥିବା ଭାଷାକୁ ନେଇ ଝିଅଟି କହି ଶିଖେ । ଝିଅଟିର ବିଭିନ୍ନ ପ୍ରକାର ଅଳି ମା'ହିଁ ପୂରଣ କରିଥାଏ । ଝିଅଟି ପରଘରେ ଯେପରି ଅସୁବିଧାରେ ନପଡ଼ିବ ଏଥିପ୍ରତି ଧ୍ୟାନ ଦିଏ ମା' । ବିଭିନ୍ନ ଗୃହକାର୍ଯ୍ୟ, ସାମାଜିକ କାର୍ଯ୍ୟ, କୃଷିକର୍ମରେ ଝିଅଟି ମା'ଙ୍କ ପ୍ରେରଣାରେ ସିଦ୍ଧହସ୍ତ ହୁଏ । ମା'ଙ୍କର ନିଃସ୍ୱାର୍ଥପର ବଳିଦାନର ପ୍ରତିଦାନର ସ୍ୱରୂପ ବରପକ୍ଷ ବିବାହ ସମୟରେ କିଛିଟା କନ୍ୟାସୁନା ପ୍ରଦାନ କରିଥାନ୍ତି । ବିବାହ ପରେ କନ୍ୟାଟି ନିଜର ପିତାମାତା, ଭାଇ ଭଉଣୀ, ସାଙ୍ଗସାଥୀ, ଜ୍ଞାତିକୁଟୁମ୍ବ, ବନ୍ଧୁ ବର୍ଗ ଏବଂ ନିଜ ଅତିପ୍ରିୟ ଗାଁ ଭୂଇଁ ଛାଡ଼ି ଚାଲିଯାଏ କେଉଁ ଅଜଣା ଯାଗାକୁ । ସେହି ଅପରିଚିତ ପରିବେଶରେ ନିଜ ଗାଁ ଭୂଇଁର ପ୍ରତିଛବି ଖୋଜିବସେ, ସମ୍ପର୍କ ଯୋଡ଼ି ବସେ ଅଜଣା ଅଶୁଣା ବ୍ୟକ୍ତିମାନଙ୍କ ସହିତ ପିତୃଗୃହରେ ଶିକ୍ଷାଲାଭ କରିଥିବା ନିଜ ଅଭିଜ୍ଞତାକୁ ଶ୍ୱଶୁର ଘରେ କାର୍ଯ୍ୟରେ ପରିଣତ କରେ । କୌଣସି ପୁତ୍ର ବା କନ୍ୟାର ବିବାହ ସମୟରେ ବିଂଝିଆ ସଂପ୍ରଦାୟର ଲୋକମାନେ

ଆର୍ଥିକ ଦୃଷ୍ଟିକୋଣରୁ କିଛି କିଛି ସାହାଯ୍ୟ ସଂପୃକ୍ତ ପରିବାରକୁ ପ୍ରଦାନ କରିଥାନ୍ତି । ବିବାହ ପୂର୍ବରୁ କନ୍ୟାକୁ ବର ଘର ପକ୍ଷରୁ ଦିଆଯାଇଥିବା ଶାଢ଼ୀ (ବିହାମାଙ୍ଗା ଶାଢ଼ୀ) ପିନ୍ଧି କନ୍ୟାଟି ଆସିଥାଏ ବିବାହ ମଣ୍ଡପକୁ । ବିବାହ ସମୟର ଆବଶ୍ୟକ ସ୍ଥଳେ ବରଘର କନ୍ୟାଘରର ଆବଶ୍ୟକତା ପୂରଣ କରନ୍ତି । ବରପକ୍ଷରୁ କନ୍ୟାପାଇଁ ଗୋଟିଏ ଶାଢ଼ୀ, କନ୍ୟାପିତା ପାଇଁ ଗୋଟିଏ ଧୋତି, କନ୍ୟାର ଭାଇ (ଶଳା) ପାଇଁ ଗୋଟିଏ ଧୋତି, କନ୍ୟାର ଆଇ ପାଇଁ ଗୋଟିଏ ଶାଢ଼ୀ ଏବଂ କନ୍ୟାର ମାମୁଁ ପାଇଁ ଗୋଟିଏ ଧୋତି ଏବଂ ପୁରୋହିତ ପାଇଁ ଗୋଟିଏ ଧୋତି ଓ ଗୋଟିଏ ଗାମୁଛା ପ୍ରଦାନ କରିବା ବିଧି ପ୍ରଚଳିତ। ହଳଦୀ ରଙ୍ଗର ପ୍ରଲେପ ଦିଆଯାଇଥିବା ଶାଢ଼ୀଟିକୁ କନ୍ୟାର ସାଙ୍ଗସାଥୀ ତାକୁ ପିନ୍ଧାଇ ଦିଅନ୍ତି ଏବଂ ଏହିଠାରୁ ସାଙ୍ଗସାଥୀଙ୍କ ସହିତ କନ୍ୟାର ପ୍ରଥମ ବିଚ୍ଛେଦ ଆରମ୍ଭ ହୋଇଯାଏ । କନ୍ୟାପିତା ମଧ୍ୟ ନିଜର ଅତିପ୍ରିୟ ଝିଅ ଓ ଜୋଇଁଙ୍କୁ (ବେଟା ଜାମାଦ) ଗୋଟିଏ ଶାଢ଼ୀ ଓ ଗୋଟିଏ ଧୋତି ପ୍ରଦାନ କରନ୍ତି । କନ୍ୟାର ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡ଼ିକ ସଯତ୍ନ ସହକାରେ କନ୍ୟାପିତା କନ୍ୟାକୁ ଦେଇଥାନ୍ତି । କିନ୍ତୁ ଏପର୍ଯ୍ୟନ୍ତ ବିଂଝିଆ ସଂପ୍ରଦାୟରେ ଯୌତୁକ୍ ପ୍ରଥା ଭଳି କଳଙ୍କିତ ପ୍ରଥାର ପ୍ରବର୍ତ୍ତନ ହୋଇନାହିଁ ।

ବିଂଝିଆ ସମାଜର ବିଭିନ୍ନ ପ୍ରକାର ବିବାହରେ କନ୍ୟାସୁନାର ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ । ଏ ସଂପ୍ରଦାୟରେ ସାଧାରଣତଃ ପ୍ରେମବିବାହ (ଡୁକୁ), ସ୍ଥିରୀକୃତ ବିବାହ, ସିନ୍ଦୂର ଘଷା (ସିନ୍ଦୂର ରଗଡ଼ା), ବିଧବା ବିବାହ ଓ ମନ୍ଦିର ବିବାହ ପ୍ରଥା ପ୍ରଚଳିତ ହୋଇଆସୁଛି । ସ୍ଥିରୀକୃତ ବିବାହ ଓ ମନ୍ଦିର ବିବାହ ବରପକ୍ଷ ଓ କନ୍ୟାପକ୍ଷର ମିଳିତ ନିଷ୍ପତ୍ତି କ୍ରମେ ସଂପାଦିତ ହୋଇଥାଏ । ବରପକ୍ଷ କନ୍ୟାପକ୍ଷର ଆର୍ଥିକ ସ୍ଥିତି ଅନୁଯାୟୀ କନ୍ୟାଗୃହକୁ ସାହାଯ୍ୟ କରିଥାନ୍ତି । କନ୍ୟାପିତା, ମାତା, ଆଇ, ପୁରୋହିତ, ଶଳା, ଶାଳୀ ପ୍ରଭୃତିଙ୍କୁ ବିବାହ ପୂର୍ବରୁ ବରପକ୍ଷ ଲୁଗା ପ୍ରଦାନ କରନ୍ତି । ଏତଦ୍ ବ୍ୟତୀତ ହାଣ୍ଡିଆ (ମଦ) ପ୍ରସ୍ତୁତି ନିମିତ୍ତ ୪୦ (ଚାଳିଶ) ସେର ଧାନ ମଧ୍ୟ କନ୍ୟାସୁନା ରୂପେ ବରପକ୍ଷ କନ୍ୟାପକ୍ଷକୁ ପ୍ରଦାନ କରିଥାଏ । ସିନ୍ଦୂର ଘଷା (ଜବରଦସ୍ତ) ବିବାହ, ପ୍ରେମ ବିବାହ (ଡୁକୁ) ଏବଂ ସ୍ୱାମୀ ଜୀବିତ ଥିବା ଅବସ୍ଥାରେ କୌଣସି କାରଣରୁ ସ୍ତ୍ରୀ ପରପୁରୁଷକୁ ଗ୍ରହଣ କଲେ ଗ୍ରାମସଭାର ନିଷ୍ପତ୍ତି କ୍ରମେ କନ୍ୟାସୁନା ନିର୍ଣ୍ଣୟ କରାଯାଏ । ବରପକ୍ଷକୁ ଜୋରିମାନା ସଦୃଶ ଗୋଟିଏ ଖାସି (ବୋକା), ଆବଶ୍ୟକତା ଅନୁଯାୟୀ ଚାଉଳ ଏବଂ କିଛି ଟଙ୍କା ଓ ହାଣ୍ଡିଆ(ମଦ) କନ୍ୟାପକ୍ଷକୁ ଦେବାକୁ ହୋଇଥାଏ । ସ୍ୱାମୀ ଥାଇ ପରପୁରୁଷ ଗ୍ରହଣ କରିଥିବା ସ୍ତ୍ରୀଙ୍କ ନିମନ୍ତେ ଗ୍ରାମସଭା ଜୋରିମାନା ନିର୍ଣ୍ଣୟ

କରେ । ଦ୍ୱିତୀୟ ପୁରୁଷ ସ୍ତ୍ରୀର ପ୍ରଥମ ସ୍ୱାମୀ ଦେଇଥିବା କନ୍ୟାସୁନା ଫେରସ୍ତ କରେ ଏବଂ ଜୋରିମାନା ସଦୃଶ ତା'ଠାରୁ ଗୋଟିଏ ଖାସି (ବୋକା), ଚାଉଳ, ହାଣ୍ଡିଆ (ମଦ) ଓ ଅର୍ଥ ଜବରଦସ୍ତ ଆଦାୟ କରାଯାଏ । ଯଦି କୌଣସି ପୁରୁଷ ପରସ୍ତ୍ରୀକୁ ବଳପୂର୍ବକ ହରଣ କରେ ଏବଂ ପରେ ବିବାହ କରେ, ତେବେ ଉକ୍ତପୁରୁଷ ପ୍ରଥମ ସ୍ୱାମୀ ପ୍ରଦାନ କରିଥିବା କନ୍ୟାସୁନା ଫେରସ୍ତ କରେ ଏବଂ ଗ୍ରାମସଭାର ନିଷ୍ପତ୍ତି କ୍ରମେ ଜୋରିମାନା ମଧ୍ୟ ଦେଇଥାଏ ।

ଯଦି ସ୍ତ୍ରୀ ଘରକାମ କରିବାରେ ଅକ୍ଷମତା ପ୍ରକାଶ କରେ, ଅଳସୁଆମୀ କରେ, ସ୍ତ୍ରୀର ପିଲାଛୁଆ କିଛି ନହୁଏ, ସ୍ତ୍ରୀ ପରପୁରୁଷ ସହିତ ସଂପର୍କ ରଖେ, ସ୍ୱାମୀର ପରିବାର ତଥା ବନ୍ଧୁ ବାନ୍ଧବଙ୍କୁ ଅବହେଳା କିମ୍ବା ଅସମ୍ମାନ କରେ, ଡାହାଣୀ ପ୍ରଭୃତି ଅନୈତିକ କାର୍ଯ୍ୟରେ ଲିପ୍ତହୁଏ, ସ୍ୱାମୀଙ୍କୁ ବାରମ୍ବାର ଗାଳିଗୁଲଜ କରେ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ମନାନ୍ତର ଘଟିଲେ ବିବାହ-ବିଚ୍ଛେଦ ଘଟେ ତେବେ ଗ୍ରାମ ସଭାରେ ନିଷ୍ପତ୍ତି କ୍ରମେ ବର ପରିତ୍ୟକ୍ତା ସ୍ତ୍ରୀ ପାଇଁ କିଛିଟା ସାହାଯ୍ୟ ପ୍ରଦାନ କରିଥାଏ । ଯଦି ସ୍ତ୍ରୀ ସ୍ୱଇଚ୍ଛାରେ ସ୍ୱାମୀଙ୍କୁ ଛାଡ଼ି ଆସିଥାଏ, ତେବେ କନ୍ୟାପକ୍ଷ ବରପକ୍ଷକୁ କୌଣସି ପ୍ରକାର ଦାୟୀ କରନ୍ତି ନାହିଁ । ଏପରି କ୍ଷେତ୍ରରେ ବରପକ୍ଷକୁ କନ୍ୟାସୁନା ଫେରସ୍ତ ଦିଆଯାଏ । କିନ୍ତୁ ପରିତ୍ୟକ୍ତା ନାରୀଟି ପୁନଃବିବାହ ନକରିବା ପର୍ଯ୍ୟନ୍ତ କନ୍ୟାସୁନା ଫେରସ୍ତ ପାଇଁ ଦାବୀ କରାଯାଏ ନାହିଁ । କିନ୍ତୁ ପରିତ୍ୟକ୍ତା ନାରୀ ଯଦି ଅନ୍ୟତ୍ର ବିବାହ କରେ ତେବେ ୨ୟ ପୁରୁଷ ୧ମ ପୁରୁଷକୁ କନ୍ୟାସୁନା ଫେରସ୍ତ ଦିଏ । ଯଦି ପୁରୁଷ ନଷ୍ଟ-ଚରିତ୍ର, ଲମ୍ପଟ ଓ ପରକୀୟା ପ୍ରେମରେ ଲିପ୍ତ ରହେ, ତେବେ ସ୍ତ୍ରୀଟି ପୁରୁଷକୁ ତ୍ୟାଗ କରିବାକୁ ବାଧହୁଏ । ଯଦି ପୁରୁଷଟି ମଦ୍ୟପ ହୁଏ କିମ୍ବା ସ୍ତ୍ରୀ ସହିତ କଳି ଝଗଡ଼ା କିମ୍ବା ତାକୁ ମାରପିଟ କରେ ତେବେ ସ୍ତ୍ରୀ ପୁରୁଷକୁ ତ୍ୟାଗ କରି ବାପଘରକୁ ଚାଲିଯାଏ । ଏ କ୍ଷେତ୍ରରେ ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ପୁରୁଷ ସ୍ତ୍ରୀର ଭରଣ ପୋଷଣର ସମସ୍ତ ଦାୟିତ୍ୱ ବହନ କରିବାକୁ ବାଧ ହୋଇଥାଏ ।

ବିଧବା ସ୍ତ୍ରୀର ବିବାହରେ ବରପକ୍ଷ ଆବଶ୍ୟକତା ଅନୁଯାୟୀ ଆର୍ଥିକ ଓ ଶାରୀରିକ ସାହାଯ୍ୟ କରିଥାନ୍ତି । ବିଂଝିଆ ସଂପ୍ରଦାୟରେ ବିଧବା ବିବାହ ପ୍ରଥା ଅଳ୍ପ କେତେକାଂଶରେ ପରିଲକ୍ଷିତ ହୁଏ । ନିଜ ସଂପର୍କୀୟଙ୍କ ମଧ୍ୟରେ ଉଦାହରଣସ୍ୱରୂପ ବଡ଼ଭାଇ ସ୍ତ୍ରୀକୁ ସାନଭାଇ କିମ୍ବା ସାନଭାଇ ସ୍ତ୍ରୀକୁ ବଡ଼ଭାଇ ବିବାହ କରିବାର ପ୍ରଥା ବିଂଝିଆ ସମାଜରେ ନାହିଁ । ତେଣୁ ବିଧବା ହେଲାପରେ ସ୍ତ୍ରୀ ସ୍ୱାମୀ ଘରେ ରହିପାରେ କିମ୍ବା ତା ନିଜ ବାପଘରକୁ

ଫେରିଯାଏ । ବିଧବା ସ୍ତ୍ରୀକୁ ଯେଉଁ ବ୍ୟକ୍ତି ବିବାହ କରେ ସେ କନ୍ୟାପକ୍ଷକୁ କିଛିଟା ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଥାଏ କିନ୍ତୁ ଏ ପ୍ରକାର ବିବାହରେ କନ୍ୟାସୁନାର ପ୍ରଶ୍ନ ଉତ୍‌ଥାପନ ହୁଏନାହିଁ ।

ଦୈନନ୍ଦିନ ଜୀବନର ଘଟଣା ପ୍ରବାହରେ ରାସ୍ତାଘାଟ, ବଣଜଙ୍ଗଲ, ପାହାଡ଼ ପର୍ବତ, ହାଟବଜାର, ନାଚଗୀତ, ମେଳା ମହୋତ୍ସବ ଏବଂ ପର୍ବପର୍ବାଣୀ ଇତ୍ୟାଦି ଅବସରରେ ବିଂଝିଆ ଯୁବକ ଯୁବତୀ ପରସ୍ପରକୁ ଭେଟିଥା'ନ୍ତି । ଯଦି ପୁରୁଷ ଓ ନାରୀ ପରସ୍ପର ପରସ୍ପରକୁ ପସନ୍ଦ କରି ବିବାହ କରିବାକୁ ଇଚ୍ଛା କରନ୍ତି ତେବେ କେତେକ ସାମାଜିକ ବାଧାବନ୍ଧନର ସମ୍ମୁଖୀନ ହୁଅନ୍ତି କରନ୍ତି । କେତେକ ବିଂଝିଆ ପରିବାରରେ ଏହାର ତୀବ୍ର ବିରୋଧ କରାଯାଏ । ଏ ପରିପ୍ରେକ୍ଷୀରେ କେବେ କେବେ ପ୍ରେମୀଯୁଗଳଙ୍କର ଆତ୍ମାହୂତି ମଧ୍ୟ ପରିଲକ୍ଷିତ ହୁଏ । ତେବେ ସମାଜ ପ୍ରେମ ବିବାହକୁ ସ୍ୱୀକୃତି ଦେଇଥାଏ । କିନ୍ତୁ ଗ୍ରାମସଭା ଡକାଇ ପ୍ରେମିକ ସ୍ୱାମୀଠାରୁ କନ୍ୟାସୁନାର ପରିମାଣ ବିଚାର କରାଯାଇ ଆଦାୟ କରାଯାଏ । ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ବିଂଝିଆ ପୁରୁଷ କନ୍ୟାସୁନା ଦେଇଥାଏ ।

ବିବାହ ଏକ ସାମାଜିକ ବନ୍ଧନ । ମଧ୍ୟସ୍ଥିଙ୍କ ସହାୟତାରେ ବର କନ୍ୟାଙ୍କର ଦେଖାସାକ୍ଷାତ ହୁଏ । ଭାବର ଆଦାନ ପ୍ରଦାନ ହୁଏ । ପୁଅର ରୂପ, ଗୁଣ, ରୁଚି, ସ୍ୱଭାବ ଯଦି କନ୍ୟାର ପସନ୍ଦ ହୁଏ, ତେବେ ସେ ବିବାହ ପାଇଁ ସ୍ୱୀକୃତି ପ୍ରଦାନ କରେ । ଅପରପକ୍ଷେ କନ୍ୟାର ରୂପ, ଗୁଣ, ସୌନ୍ଦର୍ଯ୍ୟ, ଅଭିରୁଚି ପୁଅର ପସନ୍ଦଯୋଗ୍ୟ ହେଲେ ବର ଏବଂ କନ୍ୟା ଘର ମଧ୍ୟରେ ବିବାହର ଆୟୋଜନ ଏବଂ ଅନ୍ୟାନ୍ୟ ପ୍ରକ୍ରିୟା ଆରମ୍ଭ କରାଯାଏ । କିନ୍ତୁ ଦୁର୍ଭାଗ୍ୟବଶତଃ ଏଭଳି ପରିସ୍ଥିତି ମଧ୍ୟ ସୃଷ୍ଟିହୁଏ ଯେତେବେଳେ କନ୍ୟାର ଅନିଚ୍ଛା ସତ୍ତ୍ୱେ ପୁରୁଷ ତାକୁ ବିବାହ କରିବାକୁ ଇଚ୍ଛାକରେ । ଶେଷରେ ଯୁବକ ଜଣକ ବଳପୂର୍ବକ କନ୍ୟାକୁ ଅପହରଣ କରି (ଜବରଦସ୍ତ) ବିବାହ କରିଥାଏ । ତା' ପରଦିନ କନ୍ୟା ପିତା ନିଜ ଗାଁଆର ମୁଖିଆ ତଥା ଗ୍ରାମବାସୀଙ୍କୁ ଏ ଘଟଣା ସଂପର୍କରେ ଅବଗତ କରାଇଥାଏ । ଗ୍ରାମ ସଭାରେ ଏ ଘଟଣାର ଆଲୋଚନା ସମାଲୋଚନା ହୋଇଥାଏ । ତା' ପରେ ବର ପକ୍ଷକୁ ଏଥି ନିମନ୍ତେ ଜୋରିମାନା ଦେବାକୁ ପଡ଼େ । ବରପକ୍ଷ ଜୋରିମାନା ସହିତ କିଛି ଅର୍ଥ କନ୍ୟାସୁନା ବାବଦକୁ କନ୍ୟାପିତାକୁ ପ୍ରଦାନ କରିଥାନ୍ତି । ଜୋରିମାନା ରୂପେ ମିଳିଥିବା ଅର୍ଥରୁ ଗ୍ରାମରେ ଭୋଜି ଭାତର ଆୟୋଜନ ହୋଇଥାଏ । କନ୍ୟାର ଅନିଚ୍ଛା ସତ୍ତ୍ୱେ ଏ ବିବାହ ସଂପନ୍ନ ହୋଇଥିବାରୁ ବେଳେ ବେଳେ

କନ୍ୟାଟି ତା ନିଜ ଘରକୁ ଚାଲିଯାଏ କିମ୍ବା ଆତ୍ମାହୂତି ଦେଇଥାଏ । ବେଳେ ବେଳେ ବିଂଝିଆ ପୁରୁଷ କୌଣସି ବିବାହିତ ସ୍ତ୍ରୀକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ କିମ୍ବା ଜବରଦସ୍ତ ଅପହରଣ କରିନେଇ ବିବାହ କରେ । ଏ ପରିସ୍ଥିତିରେ ସଂପୃକ୍ତ ପୁରୁଷଠାରୁ ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ପୂର୍ବ ବିବାହର ସମସ୍ତ ଖର୍ଚ୍ଚ ଜୋରିମାନା (ବିହଡ଼) ଆକାରରେ ଅସୁଲ କରାଯାଏ ।

ଯଦି ସ୍ତ୍ରୀଟି ଦୁଃଶ୍ଚରିତ୍ରା ବୋଲି ପ୍ରମାଣିତ ହୁଏ କିମ୍ବା ବିବାହିତା ସ୍ତ୍ରୀ ସ୍ୱାମୀର ପରିବାରରେ ଖାପଖୁଆଇ ଚଳିନପାରେ କିମ୍ବା ସ୍ତ୍ରୀଟି ସ୍ୱାମୀର ଗୁରୁଜନମାନଙ୍କୁ ସମ୍ମାନ, ଶାଶୂ ଶ୍ୱଶୁରଙ୍କୁ ଭକ୍ତି ଦେଖାଏ ନାହିଁ, ଏବଂ ସ୍ୱାମୀକୁ ଛାଡ଼ି ଚାଲିଯାଏ ତେବେ କନ୍ୟା ପକ୍ଷରେ କନ୍ୟାସୁନା ଫେରସ୍ତର ପରିସ୍ଥିତି ସୃଷ୍ଟିହୁଏ । ବିଂଝିଆ ସମ୍ପ୍ରଦାୟରେ ବରଘରକୁ ବିବାହ ସମୟରେ ପ୍ରଦାନ କରାଯାଇଥିବା ଯୌତୁକ, ବାସନପତ୍ର ଇତ୍ୟାଦି କନ୍ୟାପକ୍ଷକୁ ଫେରସ୍ତ ଦିଅନ୍ତି । ଯଦି ବରର ଖରାପ ଆଚରଣ କିମ୍ବା ଅତ୍ୟାଚାରରେ ଅତିଷ୍ଠ ହୋଇ ସ୍ତ୍ରୀଟି ବାପଘରକୁ ଚାଲିଯାଇଥାଏ । ତତ୍‌ସଙ୍ଗେ ସଙ୍ଗେ ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ଜୋରିମାନା ମଧ୍ୟ ପୁଅଟିକୁ ଦେବାକୁ ପଡ଼ିଥାଏ । କିନ୍ତୁ ସାଧାରଣ ପରିସ୍ଥିତିରେ କନ୍ୟାପକ୍ଷ ବରଘରୁ ପାଇଥିବା ଲୁଗାପଟା, ଚାଉଳ, ବୋଦା (ବୋକା) ଇତ୍ୟାଦି ଫେରସ୍ତ ଦିଆଯାଏ ନାହିଁ ।

ଯଦି କନ୍ୟାର ଭୁଲ୍ ଯୋଗୁଁ ବିବାହ ବିଚ୍ଛେଦ ଘଟିଥାଏ ତେବେ ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ଗ୍ରାମ କମିଟିର କେତେକ ସଦସ୍ୟଙ୍କ ମଧ୍ୟସ୍ଥି ଜରିଆରେ କନ୍ୟାସୁନା ଫେରସ୍ତ ହୋଇଥାଏ ।

ଗ୍ରାମ କମିଟିର ନିଷ୍ପତ୍ତିକ୍ରମେ ଗ୍ରାମ କମିଟିର ସଦସ୍ୟ ଗଣ କନ୍ୟାସୁନା ଫେରସ୍ତରେ ସକ୍ରିୟ ଅଂଶଗ୍ରହଣ କରିଥିବାରୁ ଆଦାୟ ହୋଇଥିବା ଅର୍ଥର କିଛି ଅଂଶ ଏବଂ ବୋଦା (ବୋକା)କୁ ଗ୍ରାମ କମିଟିର ସଦସ୍ୟ ଗଣ ଭୋଜିକରି ଖାଇଥାଆନ୍ତି ।

ଯଦି ସ୍ତ୍ରୀଟି ଦୁଶ୍ଚରିତ୍ରା ହୁଏ କିମ୍ବା ନିଜ ପରିବାରର ସ୍ୱାମୀ ସହିତ ଖାପଖୁଆଇ ଚଳି ନପାରେ କିମ୍ବା ସ୍ୱାମୀର ପରିବାରର ସଦସ୍ୟମାନଙ୍କୁ ଅସମ୍ମାନ ଦେଖାଏ କିମ୍ବା ପରକୀୟା ପ୍ରେମରେ ଲିପ୍ତ ରହି ଅନ୍ୟ ପୁରୁଷ ସହିତ ପଳାୟନ କରେ କିମ୍ବା ଡାହାଣୀ ଇତ୍ୟାଦି ଗୁପ୍ତ ବିଦ୍ୟାରେ ସଂଶ୍ଳିଷ୍ଟ ରହେ ତେବେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିବାହ ବିଚ୍ଛେଦ ଘଟିଥାଏ । ଏଭଳି ପରିସ୍ଥିତି ସୃଷ୍ଟି ହେଲେ ବରଘର କନ୍ୟାସୁନା ଫେରସ୍ତ ନେବାକୁ ବାଧ ହୁଅନ୍ତି ।

ଯେବେ ଜଣେ ସ୍ତ୍ରୀ ଲୋକ ତା ସ୍ୱାମୀକୁ ପରିତ୍ୟାଗ କରି ଅନ୍ୟ ଜଣେ ପୁରୁଷକୁ ବିବାହ କରେ, ସେତେବେଳେ ଗ୍ରାମ ସଭାର ନିଷ୍ପତ୍ତି କ୍ରମେ କମିଟିର ସଦସ୍ୟ ଗଣ ବଳପୂର୍ବକ ପୂର୍ବସ୍ୱାମୀ ଦେଇଥିବା କନ୍ୟାସୁନା ଆଦାୟ କରନ୍ତି ।

**କନ୍ୟାସୁନାର ବିବର୍ତ୍ତନ:**

ଆଧୁନିକ ସମାଜର ପ୍ରଭାବରେ କନ୍ୟାସୁନାର ବିବର୍ତ୍ତନ ଘଟିଛି । ବର୍ତ୍ତମାନ ଗାଁ ଗହଳିର ବିଂଝିଆ ସଂପ୍ରଦାୟରେ ବିବାହ ସମୟରେ କନ୍ୟାସୁନାର ପ୍ରଥା ପ୍ରଚଳିତ ଥିଲେ ମଧ୍ୟ ସହରାଞ୍ଚଳରେ ବାସକରୁଥିବା ବିଂଝିଆ ପରିବାରରେ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହେଉଛି ।

ବହୁ ପୁରାତନ କାଳରୁ ପ୍ରାୟ ସମସ୍ତ ଆଦିବାସୀ ସଂପ୍ରଦାୟରେ କନ୍ୟାସୁନାର ପ୍ରଚଳନ ହୋଇ ଆସୁଅଛି । ବିଂଝିଆ ସଂପ୍ରଦାୟରେ ଏହାର ବ୍ୟତିକ୍ରମ ନୁହେଁ। ଆଧୁନିକତା କିଛିଟା ପରିବର୍ତ୍ତନ ଆଣିଥିଲେ ମଧ୍ୟ ପ୍ରଥାଟି ସମାଜରେ ଅଦ୍ୟାବିଧି ବିଧିବଦ୍ଧ ଭାବରେ ପ୍ରଚଳିତ। ବରପିତା ପୁରାତନ ପ୍ରଣାଳୀରେ କନ୍ୟାସୁନା ପ୍ରଦାନ ନକରି ଆଧୁନିକ ପ୍ରଥାରେ କନ୍ୟାସୁନା ପ୍ରଦାନ କରିଥାଏ। କନ୍ୟାସୁନା ବାବଦକୁ ଦିଆଯାଉଥିବା ଧୋତି, ଶାଢ଼ୀ ଉନ୍ନତମାନର ହୋଇଥାଏ। ଏବେ ଆଉ ହାଣ୍ଡିଆ ପ୍ରସ୍ତୁତି ନିମନ୍ତେ ଚାଳିଶ ସେର ଧାନର ଆବଶ୍ୟକତା ଅନୁଭୂତ ହୁଏନାହିଁ। ବର୍ତ୍ତମାନ କନ୍ୟାସୁନାରେ ଆଧୁନିକତାର ଛାପ ପରିଲକ୍ଷିତ ହେଉଛି। ଅନେକ କ୍ଷେତ୍ରରେ ବରପିତା କନ୍ୟାକୁ କିଛି ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟ ପ୍ରଦାନ କରିଥାନ୍ତି।

ବିଂଝିଆ ସଂପ୍ରଦାୟରେ କନ୍ୟାସୁନା ଯୌତୁକ ପ୍ରଥାରୂପେ ବିବର୍ତ୍ତିତ ହୋଇନାହିଁ । ସହରାଞ୍ଚଳରେ ବାସ କରୁଥିବା ବିଂଝିଆ ପରିବାରରେ ମଧ୍ୟ ଏପରି ଘୃଣ୍ୟ ପ୍ରଥା ପରିଲକ୍ଷିତ ହୁଏନାହିଁ । କିନ୍ତୁ ବର୍ତ୍ତମାନର ସଭ୍ୟ ସମାଜର ପ୍ରଭାବରେ କନ୍ୟାପିତା ବର ପାଇଁ ସ୍ୱଇଚ୍ଛାରେ କିଛି ଅର୍ଥ କିମ୍ବା ଜିନିଷ ପ୍ରଦାନ କରିଥାନ୍ତି ।

# କୃଷି ପଞ୍ଜିକା

କୃଷି ବିଂଝିଆମାନଙ୍କର ପ୍ରଧାନ ଜୀବିକା । ପ୍ରାୟ ୭୦% ଭାଗ ବିଂଝିଆ ଜନସାଧାରଣ କୃଷି ଉପରେ ନିର୍ଭର କରି ସେମାନଙ୍କର ଜୀବିକା ନିର୍ବାହ କରନ୍ତି । କୃଷି ଉତ୍ପାଦିତ ଶସ୍ୟ ସେମାନଙ୍କ ଜୀବନ ଧାରଣର ମାନକୁ ଉନ୍ନତ କରିଥାଏ ।

**କୃଷିର ପ୍ରକାର ଭେଦ:**

ବିଂଝିଆମାନେ ତିନି ପ୍ରକାର କୃଷି କାର୍ଯ୍ୟ କରନ୍ତି । ଯଥା :- ଶସ୍ୟ ଜାତୀୟ, ଡାଲି ଜାତୀୟ, ତୈଳ ଜାତୀୟ ଖାଦ୍ୟ ଶସ୍ୟର ଉତ୍ପାଦନ ।

କ) ଶସ୍ୟ ଜାତୀୟ ଖାଦ୍ୟ ମଧ୍ୟରେ ଧାନ, ଗହମ, ବାଜରା, ଗଙ୍ଗେଇ, ସୁଆ, ଧାନ, ଗୁନ୍ଦୁଲି, ମାଣ୍ଡିଆ, ଯଅ, ମକା, ଜବୋ ଇତ୍ୟାଦି।

ଖ) ଡାଲି ଜାତୀୟ ଶସ୍ୟ ମଧ୍ୟରେ ମୁଗ, ହରଡ଼, ବୁଟ, କୋଳଥ, ବିରି, ମସୁର, ଖେସାରି ଇତ୍ୟାଦି ।

ଗ) ତୈଳ ଜାତୀୟ ଖାଦ୍ୟ ମଧ୍ୟରେ ସୋରିଷ, ରାଶି, ମେସି, ଚିନାବାଦାମ, ନଡ଼ିଆ, ସୂର୍ଯ୍ୟମୁଖି, ଜଡ଼ା, ଅଳସୀ, ଡୁରୀ ଇତ୍ୟାଦି ।

**କୃଷି କାର୍ଯ୍ୟ ପଦ୍ଧତି:**

**ଜମି ପ୍ରସ୍ତୁତି:** ଫସଲ ପାଇଁ ପ୍ରଥମେ ମାଟିକୁ ପ୍ରସ୍ତୁତ କରାଯାଏ । ତେଣୁ ମଞ୍ଜି ବା ବିହନ ବୁଣିବା ଆଗରୁ ଜମିକୁ ହଳ କରି ମାଟିର କଠିନ ସ୍ତର ଭାଙ୍ଗି ଗୁଣ୍ଡ କରାଯାଏ । ଫଳରେ ମାଟି ନରମ ହୁଏ । ଅନାବନା ଗଛ, ବାଲୁଙ୍ଗା ଓ ହାନିକାରକ ପୋକ ନଷ୍ଟ ହୋଇଯାଏ । ମାଟି ଭିତରକୁ ବାୟୁ ଓ ସୂର୍ଯ୍ୟ କିରଣ ସହଜରେ ପ୍ରବେଶ କରେ ।

**ଚାଷ କରିବା:** ବିଂଝିଆମାନେ ଜମି ପ୍ରସ୍ତୁତ ହେଲା ପରେ ଦେଶୀ ଲଙ୍ଗଳ ସାହାଯ୍ୟରେ ମାଟିକୁ ଭଲ ଭାବରେ ହଳ କରିଥାନ୍ତି । କେତେକ ଧନୀକ ପରିବାର କଳ ଲଙ୍ଗଳ ସାହାଯ୍ୟରେ ମଧ୍ୟ ହଳ କରିଥାନ୍ତି ।

**ଖତ ପ୍ରୟୋଗ:** ଜମି ଚାଷ ହେଲା ପରେ ବିଂଝିଆ ଲୋକେ ସେଥିରେ ଗୋବର ଖତ ପ୍ରୟୋଗ କରିଥାନ୍ତି । ଗୋବର ଖତକୁ ଜମିର ଚାରିଆଡ଼େ ସମାନ ଭାବରେ ବିଂଚି ଦିଅନ୍ତି । ମଞ୍ଜି ବୁଣିବା ପୂର୍ବରୁ ପୁଣିଥରେ ହଳ କରାଯାଏ ।

**ବିହନ ବୁଣା:** ବିଂଝିଆ କୃଷକ ଖତକୁ ଜମିରେ ଭଲ ଭାବରେ ମିଶାଇ ସାରି ଅକ୍ଷୟ ତୃତୀୟା "ମୁଠି ଛୁଆଁ" ପରେ ଧାନବୁଣା ଆରମ୍ଭ କରିଥାଏ । ଧାନ ବୁଣି ସାରିବା ପରେ ପୁଣି ଥରେ ହଳ କରିଥାଏ । ମାଳ ଓ ବେର୍ଣ୍ଣା ଜମିରେ ଧାନ ବିହନ ବୁଣାଯାଏ । ଗଭୀର ଜମି (ବାହାଲ) ରେ ପର୍ଯ୍ୟାୟ କ୍ରମେ ବିହନ ବୁଣା କାର୍ଯ୍ୟ ହୋଇଥାଏ ।

**ତଳି ରୁଆ:** ପାଣିର ସୁବିଧା ଥିବା ଜମିରେ ପ୍ରଚୁର ପରିମାଣରେ ଖତ ଦେଇ ଜମିକୁ ପ୍ରସ୍ତୁତ କରାଯାଏ । ତାପରେ ସେଥିରେ ବିହନ ଧାନ ବହଳିଆ କରି ବୁଣାଯାଏ । ତଳି ଧାନଟି ଚାରି ପାଞ୍ଚ ଇଞ୍ଚ ହେଲାପରେ ଏହାକୁ ବାହାଲ ଜମିରେ ରୋପଣ କରାଯାଏ ।

**ଘାସ ବଛା:** ବେର୍ଣ୍ଣା ଜମିରେ ବୁଣାଯାଇଥିବା ଧାନକୁ ବେଉଷଣ କଲାପରେ ବିଂଝିଆ କୃଷକ ଘାସବଛା କାର୍ଯ୍ୟ ଆରମ୍ଭ କରିଥାଏ । ବିଂଝିଆ ସଂପ୍ରଦାୟରେ ମିଳିତ ଭାବରେ ଏହି ଘାସ ବାଛିବା କାର୍ଯ୍ୟ ସଂପାଦନ କରିଥାନ୍ତି । ଏହି ସମୟରେ ପରିଶ୍ରମ ଲାଘବ କରିବା ପାଇଁ କେତେକ ପାରମ୍ପରିକ ଗୀତ ଗାଇଥାନ୍ତି ।

**ଜଗା ରଖା:** ବନ୍ୟ ଜୀବଜନ୍ତୁ ଓ ଗାଈ ଗୋରୁଙ୍କ କବଳରୁ ଫସଲକୁ ରକ୍ଷା କରିବା ପାଇଁ ବିଂଝିଆ ପରିବାରରେ ସଦସ୍ୟମାନେ ପାଳିକରି ଜମି ଜଗିଥାନ୍ତି ।

**ଫସଲ କଟା:** କାର୍ତ୍ତିକ ମାସ ବେଳକୁ ଶୁଆଁ ଧାନ, ମାଣ୍ଡିଆ ଓ ଅନ୍ୟାନ୍ୟ ଧାନ ପାଚି ଯାଇଥାଏ । ବିଂଝିଆମାନେ ଏହି ସମୟରେ କ୍ଷେତକୁ ଯାଇ ଧାନ କଟା ଆରମ୍ଭ କରନ୍ତି । ପାଞ୍ଚ ଛଅଟି ପରିବାରର ସଦସ୍ୟ ମିଶି ଜଣ ଜଣକରି ଫସଲ କଟା ଆରମ୍ଭ କରିଥାନ୍ତି ।

**ଅମଳ:** ଫସଲ କଟା ହେଲେ ବିଂଝିଆ ଲୋକେ ଏହାକୁ ମୁଣ୍ଡରେ ବୋହି କିମ୍ବା ପୁରୁଷମାନେ ଭାର ସାହାଯ୍ୟରେ ନିଜ ନିଜ ଖଳାରେ ଅମଳ କରନ୍ତି । କେତେକ ଲୋକେ ଶଗଡ଼ ଗାଡ଼ିରେ ଧାନ ବିଡ଼ାସବୁ ବୋହିଆଣି ଖଳାରେ ଅମଳ କରନ୍ତି ।

**ଶସ୍ୟର ଖାଦ୍ୟ ଉପଯୋଗୀ / ବ୍ୟବହାର ଉପଯୋଗୀ ପଦ୍ଧତି:** ଶସ୍ୟ ଅମଳ ପରେ ଏମାନେ ଧାନକୁ ନିଜ ଘରକୁ ବୋହି ଆଣନ୍ତି । ଖରାରେ ଧାନକୁ ଶୁଖାଇ ଆବଶ୍ୟକ ପରିମାଣ ଧାନକୁ ସିଝାଇ ଢିଙ୍କିରେ କୁଟି ସେଥିରୁ ଖାଦ୍ୟ ଉପଯୋଗୀ ଚାଉଳ ବାହାର କରନ୍ତି । କେତେକ ବିଂଝିଆ କଳରେ ମଧ୍ୟ ଧାନ ପେଷେଇ ଚାଉଳ ପ୍ରସ୍ତୁତ କରନ୍ତି । ଅବଶିଷ୍ଟ ଧାନକୁ ଆଗାମୀ ଦିନ ପାଇଁ ସଂରକ୍ଷଣ କରି ରଖାଯାଏ ।

ବିଂଝିଆମାନେ କୃଷି କାର୍ଯ୍ୟ ନିମନ୍ତେ କାଠ ତିଆରି ହଳ, ଲଙ୍ଗଳ, ଶାଳ, କୋଡ଼ି (କୋଦାଳ), ଗଇଁତି, ଧୂର୍ମୁସ (ଢେଲା ଫାସା), ଦାଆ, କଟୁରୀ, ମଇ (ମାଟିକୁ ସମତଳ କରିବା ପାଇଁ), ଜୁଆଳି, ଦଉଡ଼ି ଇତ୍ୟାଦି କୃଷି ଉପକରଣ ବ୍ୟବହାର କରିଥାନ୍ତି ।

ବିଂଝିଆ ପରିବାରର ସମସ୍ତ ସଦସ୍ୟଙ୍କ ଦ୍ୱାରା ଶ୍ରମ ବିଭାଜନ ସଂପନ୍ନ କରାଯାଏ। ପରିବାରର ବୟସ୍କ ଓ ଯୁବକ ମାନେ ନିଜ ନିଜ ଜମିରେ ହଳ କରିବା, ମାଟି ହାଣିବା, ଜମି ସମତଳ କରିବା, ଧାନ ବୁଣିବା, ହିଡ଼ ଦେବା ଇତ୍ୟାଦି କାମ କରିଥାନ୍ତି । ସ୍ତ୍ରୀ ଲୋକମାନେ ଘରୁ ବିହନ ଧରି ଜମିକୁ ନେବା, କାମ କରୁଥିବା ଲୋକଙ୍କ ନିମନ୍ତେ ଖାଦ୍ୟ ପାନୀୟ ନେଇଯିବା, ଘାସ ବାଛିବା, ତଳି ରୋଇବା, ଧାନ କାଟିବା, ଶସ୍ୟ ଖଳାକୁ ବୋହି ଆଣିବା, ବେଙ୍ଗଳା ପକାଇବା ଇତ୍ୟାଦି କାର୍ଯ୍ୟ କରିଥାନ୍ତି । ବେଳେବେଳେ ଅନ୍ୟାନ୍ୟ କୃଷି କାର୍ଯ୍ୟରେ ସେମାନେ ପୁରୁଷ ମାନଙ୍କୁ ସାହାଯ୍ୟ କରନ୍ତି । ଘରର ଛୋଟ ପିଲାମାନେ ଗାଈଗୋରୁ ଜଗିବା ସହିତ ଅନ୍ୟାନ୍ୟ କୃଷି କାର୍ଯ୍ୟରେ ପିତାମାତାଙ୍କୁ ସାହାଯ୍ୟ ସହଯୋଗ କରିଥାନ୍ତି । ପୁନଶ୍ଚ ଗ୍ରାମରେ ମଧ୍ୟ କୃଷି କାର୍ଯ୍ୟ ସମୟରେ ଶ୍ରମ ବିଭାଜନ ଦ୍ୱାରା କୃଷି କାର୍ଯ୍ୟରେ ପଛେଇ ଯାଇଥିବା ଲୋକଙ୍କୁ ସାହାଯ୍ୟ ସହଯୋଗ କରାଯାଏ । ଯେପରି ଜଣକ କ୍ଷେତରେ ହଳକରିବା, ତଳିରୁଆ, ଫସଲ କଟା ଓ ଫସଲ ଅମଳ ସମୟରେ ସମସ୍ତେ ମିଳିମିଶି ସହଯୋଗ ମନୋବୃତ୍ତିରେ କାର୍ଯ୍ୟ ସଂପାଦନ କରିଦିଅନ୍ତି । ବିଂଝିଆ ପରିବାରର କାମିକା ପୁରୁଷ / ସ୍ତ୍ରୀ ଜଣକ କୃଷିକାର୍ଯ୍ୟ ସମାପନ କରି ଅନ୍ୟଜଣକ କୃଷିକାର୍ଯ୍ୟରେ ସହଯୋଗ କରିଥାନ୍ତି।

ଅକ୍ଷୟ ତୃତୀୟା ତିଥିରୁ ହିଁ ବିଂଝିଆ ସମ୍ପ୍ରଦାୟର ପ୍ରଧାନ ଜୀବିକା କୃଷି କାର୍ଯ୍ୟ ଆରମ୍ଭ ହୋଇଥାଏ । ସେମାନଙ୍କର କୃଷି ସଂପୃକ୍ତ ପ୍ରଧାନ ଦେବାଦେବୀ ହେଲେ, ମାଟି ଦେବତା, ଲକ୍ଷ୍ମୀ ଦେବୀ, ଜଙ୍ଗଲ ଦେବତା, ଇନ୍ଦ୍ର ଦେବତା ଓ ଦେବୀ ଦୁର୍ଗା । କୃଷି କାର୍ଯ୍ୟ ଫଳପ୍ରଦ ଓ ଉନ୍ନତ ମାନର ହେବା ପାଇଁ ବିଂଝିଆମାନେ ଏହି ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରନ୍ତି । ବେଳେବେଳେ ବିଭିନ୍ନ ପ୍ରକାର ବଳି / ଭୋଗ ରାଗ ଦେଇ ଦେବତାଙ୍କ ତୁଷ୍ଟିକରଣ ନିମନ୍ତେ ପୂଜାର ଆୟୋଜନ କରାଯାଏ । ଅକ୍ଷୟ ତୃତୀୟା (ମୁଠ୍ ଛୁଆଁ) ପର୍ବରେ ଏମାନେ ମାଟି ଦେବତାକୁ ବ୍ୟକ୍ତିଗତ ଭାବେ ପୂଜା କରନ୍ତି । ଭଲ ଅମଳ ସକାଶେ ସାରନା ପର୍ବ, କରମା, ନୂଆଖାଇ ପର୍ବରେ ବିଭିନ୍ନ ପ୍ରକାର ବଳି ଓ ଭୋଗ ଦେଇ ମାଟି ଦେବତାକୁ ପୂଜା କରନ୍ତି । ଭଲ ବର୍ଷା ପାଇଁ ଜଙ୍ଗଲ ଦେବତା ଏବଂ ଇନ୍ଦ୍ର ଦେବତାଙ୍କୁ ଆବାହନ କରାଯାଏ । ଧାନ ଅମଳ ସମୟରେ ଲକ୍ଷ୍ମୀ ଦେବୀଙ୍କ ପୂଜା ଅର୍ଚ୍ଚନା କରିଥାନ୍ତି । ଶସ୍ୟକୁ ଚୋର, ଜୀବଜନ୍ତୁ, ପୋକ ଦାଉରୁ ରକ୍ଷା କରିବା ନିମନ୍ତେ ଏମାନେ ମା' ଦୁର୍ଗାଙ୍କ ଆର୍ଶିବାଦ କାମନା କରନ୍ତି ।



ଖଳାରେ ଧାନ ଅମଳ



ଢିଙ୍କିଶାଳା

**ଶସ୍ୟର ବ୍ୟବହାର:**

**ଖାଦ୍ୟ:** କୃଷି କ୍ଷେତ୍ରରୁ ଉତ୍ପାଦିତ ଧାନ, ଗହମ, ମକା, ବାଜରା (ଗଙ୍ଗେଇ), ଶୁଆଁ ଧାନ, କଦୋ, ମାଣ୍ଡିଆ, ଗୁନ୍ଦଲୀ, ଯଅ, ବିଭିନ୍ନ ପ୍ରକାର ଡାଲି ଯଥା ହରଡ଼, ମୁଗ, ବିରି, କୋଳଥ, ବୁଟରା, ଖେସାରି, ବୁଟ, ମସୁର ଇତ୍ୟାଦିକୁ ବିଂଝିଆ ଲୋକେ ନିଜର ମୁଖ୍ୟ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ଶସ୍ୟକୁ ଖାଦ୍ୟ ଉପଯୋଗୀ କଲାପରେ ଏହାକୁ ବିଂଝିଆମାନେ ଆନନ୍ଦର ସହ ଭୋଜନ କରନ୍ତି ।

**ଗୋଖାଦ୍ୟ:** ବିଂଝିଆ ପରିବାରରେ କୃଷି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଘରେ ଘରେ ଗାଈଗୋରୁ ଇତ୍ୟାଦି ପାଳନ କରାଯାଇଥାଏ । ପ୍ରସ୍ତୁତ ହୋଇଥିବା ବଳକା ଖାଦ୍ୟ, ପେଜ, ତୋରାଣୀ ଇତ୍ୟାଦି ଗାଈ ଗୋରୁମାନଙ୍କୁ ଦିଆଯାଏ । ଏତଦ୍‌ବ୍ୟତୀତ ମକାଗୁଣ୍ଡ, ବାଜରା (ଗଙ୍ଗେଇ), ଲାଉ, କଖାରୁ, ତୈଳବୀଜ ପିଡ଼ିଆ, କୋଳଥ, ବୁଟରା ଡାଲି, ଖେସାରୀ ଇତ୍ୟାଦିକୁ ବିଂଝିଆ ମାନେ ଉଭୟ ମଣିଷ ଖାଦ୍ୟ ଓ ଗୋଖାଦ୍ୟ ରୂପେ ଉତ୍ପନ୍ନ କରନ୍ତି । ଏସବୁ ଖାଦ୍ୟର ଦାନା ଦେଲେ ବଳଦମାନେ ହୃଷ୍ଟପୁଷ୍ଟ ହୁଅନ୍ତି ଏବଂ କୃଷି କାର୍ଯ୍ୟରେ ଭଲ ସାହାଯ୍ୟ କରନ୍ତି । ଗାଈ ମଧ୍ୟ ଅଧିକ କ୍ଷୀର ଦେଇଥାଏ ।

**ଉପହାର:** ବିଂଝିଆମାନେ ବିଭିନ୍ନ ପ୍ରକାର ଶସ୍ୟ ଓ ସେଥିରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ, ପିଠା ଓ ପାନୀୟ ଇତ୍ୟାଦିକୁ ଉପହାର ଭାବରେ ବ୍ୟବହାର କରିଥାନ୍ତି । ବିବାହ ସମୟରେ ବରପିତା କନ୍ୟାପିତାକୁ ୪୦ ସେର ଧାନ ହାଣ୍ଡିଆ ପ୍ରସ୍ତୁତି ନିମନ୍ତେ ଉପହାର ଦିଅନ୍ତି । ଅନ୍ୟାନ୍ୟ ପର୍ବପର୍ବାଣୀରେ ନିଜ ସାଇପଡ଼ିଶା ଓ ବନ୍ଧୁ ବର୍ଗଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରି ପରସ୍ପର ମଧ୍ୟରେ ଉପହାର ସଦୃଶ ଆଦାନ ପ୍ରଦାନ ହୋଇଥାଏ ।

**ଜୋରିମାନା:** ଗ୍ରାମ ସଭାର ନିଷ୍ପତ୍ତିକ୍ରମେ କେହି ଯଦି ଅପରାଧୀ ବୋଲି ସାବ୍ୟସ୍ତ ହୁଏ, ତେବେ ଦୋଷୀ ଅର୍ଥଦଣ୍ଡ ସହିତ ଧାନ କିମ୍ବା ଚାଉଳ ଏବଂ ଏଥିରୁ ପ୍ରସ୍ତୁତ ହାଣ୍ଡିଆ (ମଦ)କୁ ଜୋରିମାନା ରୂପେ ଦେବାକୁ ହୁଏ ।

ଋଣ: ବନ୍ୟା, ବାତ୍ୟା, ମରୁଡ଼ି ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ବିଂଝିଆ ଲୋକର ଆର୍ଥିକ ମେରୁଦଣ୍ଡ ଥରାଇ ଦିଏ । ଅଭାବ ଅନାଟନରୁ ରକ୍ଷା ପାଇବା ପାଇଁ ସେ ଋଣ କରେ। ଜମିଦାର, ସାହୁକାର କିମ୍ବା ପଡ଼ୋଶୀମାନଙ୍କଠାରେ ହାତ ପତାଏ । ଅଭାବ ସମୟରେ ଓ ଧାନ ବୁଣିବା ପାଇଁ ବିହନ ନିମିତ୍ତ ବିଭିନ୍ନ ଶସ୍ୟ ବୀଜ ଋଣ କରିଥାଏ ।

ଶସ୍ୟ ସଂରକ୍ଷଣ:

ଆଗାମୀ ଦିନର ଆବଶ୍ୟକତା ଓ ବିହନ ନିମନ୍ତେ ଶସ୍ୟର ଉପଯୁକ୍ତ ସଂରକ୍ଷଣ ଏକାନ୍ତ ଜରୁରୀ । ବିଭିନ୍ନ ପ୍ରକାର ପୋକ, ମୂଷା ଓ ଚୋରମାନଙ୍କ କବଳରୁ ଶସ୍ୟକୁ ରକ୍ଷା କରିବା ପାଇଁ ବିଂଝିଆ ପରିବାରରେ ଶସ୍ୟ ସଂରକ୍ଷଣ ନିମିତ୍ତ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଇଥାଏ । ବିଭିନ୍ନ ପ୍ରକାର ଘାସ, ବାଉଁଶ, ପୁଆଳ ଇତ୍ୟାଦିରୁ ଶସ୍ୟାଗାର ତିଆରି ହୋଇଥାଏ । ବେଳେବେଳେ ବଡ଼ ବଡ଼ ପାତ୍ରରେ ମଧ୍ୟ ଶସ୍ୟ ସଂରକ୍ଷଣ କରାଯାଇଥାଏ । କେତେକ ଧନୀକ ଲୋକ ଭୂତଳ ଶସ୍ୟାଗାର ନିର୍ମାଣ କରିଥାନ୍ତି । ପୂର୍ବକାଳରୁ ସଂରକ୍ଷଣ ସଂପୃକ୍ତ ଜ୍ଞାନ କୌଶଳ ବିଂଝିଆମାନେ ଶିଖି ଆସିଛନ୍ତି । ସବାଇ ଘାସ, ବାଉଁଶ, ମାଟିପାତ୍ର, ନଡ଼ା, ନଡ଼ାରୁ ପ୍ରସ୍ତୁତ ରସି, ଦଉଡ଼ି, ବେଣ୍ଟି ଇତ୍ୟାଦି ଉପକରଣ ଶସ୍ୟ ସଂରକ୍ଷଣ ନିମନ୍ତେ ଆବଶ୍ୟକ ହୋଇଥାଏ ।

କିଣା ବିକା:

ବିଂଝିଆ ପରିବାରରେ ଅଧିକାଂଶ ଲୋକ ବିଭିନ୍ନ ପ୍ରକାର ଶସ୍ୟ, ଡାଲି ଜାତୀୟ, ତୈଳବୀଜ ଜାତୀୟ, କୃଷିଜାତ ଦ୍ରବ୍ୟ ଏବଂ ବିଭିନ୍ନ ପନିପରିବା ନିଜ ଚାଷ ଜମିରେ ଓ ବାଡ଼ିବଗିଚାରେ ଉତ୍ପନ୍ନ କରିଥାନ୍ତି । ନିଜ ପାଇଁ ଆବଶ୍ୟକ ପରିମାଣର ଖାଦ୍ୟ ଶସ୍ୟ ସଂଚୟ କରି ବଳକା ଶସ୍ୟ ତଥା ପନିପରିବାକୁ ନିକଟସ୍ଥ ବଜାରରେ ବିକ୍ରି କରିଥାନ୍ତି । ଧାନ, ଗହମ, ମୁଗ, ବିରି, କୋଳଥ, ଖେସାରୀ, ହରଡ଼, ବୁଟରା, ରାଶି, ପେଶୀ, ସୋରିଷ, ବାଜରା, ଲାଉ, କଖାରୁ, ଭେଣ୍ଡି, ଜହ୍ନି, ବିଲାତି, ବାଇଗଣ, କନ୍ଦମୂଳ ଇତ୍ୟାଦି ଦ୍ରବ୍ୟ ନିକଟସ୍ଥ ହାଟ ବଜାରରେ ବିକ୍ରୟ କରାଯାଏ । ବିଭିନ୍ନ ପ୍ରକାର ବନଜାତ ଦ୍ରବ୍ୟ ଯଥା- କେନ୍ଦୁ, ମହୁଲ, ଚାର, ଶାଳମଞ୍ଜି, ବିଭିନ୍ନ ପ୍ରକାର କୋଳି, ଛତୁ, ମହୁ, ଝୁଣା, ଲାଖ, ଅଁଳା ଇତ୍ୟାଦି ମଧ୍ୟ ବଜାରରେ ବିକ୍ରୟ କରି ବିଂଝିଆ ଲୋକମାନେ ବେଶ୍

ଦୁଇପଇସା ରୋଜଗାର କରିଥାନ୍ତି । ବିକ୍ରୟ ଲବ୍ଧ ଅର୍ଥରେ ସେ ନିଜ ପାଇଁ ତଥା ପରିବାର ପାଇଁ ତେଲ, ଲୁଣ, ମସଲା, ଲୁଗାପଟା, ଛତା ବାସନ କୁସନ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ବଜାରରୁ କ୍ରୟ କରିଥାନ୍ତି ।

**କିଣା ବିକା ସ୍ଥାନ:** କ୍ରୟ ବିକ୍ରୟର କେନ୍ଦ୍ରସ୍ଥଳ ହେଲା ହାଟ ବା ବଜାର । ବିଂଝିଆ ଗ୍ରାମର ନିକଟସ୍ଥ ଜନପଦ ଓ ସହର ମଧ୍ୟ କିଣା ବିକା ସ୍ଥାନ ରୂପେ ପରିଗଣିତ ହୋଇଥାଏ । କୌଣସି ଛାୟାପ୍ରଦ ସ୍ଥାନ କିମ୍ୱା ଆମ୍ବତୋଟା, ନିକଟରେ ଝରଣା, ନଦୀ କିମ୍ୱା ଅନ୍ୟାନ୍ୟ ଜଳାଶୟ, ଛକ ଜାଗା, ଯିବା ଆସିବାର ସୁବିଧା ଥିବା ସ୍ଥାନରେ ହାଟ ବା ବଜାର ବସିଥାଏ । ସେଠାରେ ହିଁ ଦୂର ଦୂରାନ୍ତରୁ କ୍ରୟ ବିକ୍ରୟ ପାଇଁ ବିଂଝିଆ ତଥା ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନେ ଆସିଥାନ୍ତି ।

**କେଉଁ ମାନଙ୍କୁ ବିକ୍ରି କରନ୍ତି:** ବଜାରକୁ ନେଇ ଯାଇଥିବା ଦ୍ରବ୍ୟଗୁଡ଼ିକ ବଜାରରେ ଯେ କେହି କିଣିପାରେ । କୁମ୍ଭାର, କମାର, ତନ୍ତୀ, ଶିକ୍ଷକ, ଡାକ୍ତର, ଅନ୍ୟାନ୍ୟ ସରକାରୀ ତଥା ବେସରକାରୀ କର୍ମଚାରୀ ବ୍ୟବସାୟୀ ଇତ୍ୟାଦି ଗୋଷ୍ଠି ବିଂଝିଆଙ୍କଠାରୁ ଆବଶ୍ୟକୀୟ ଶସ୍ୟ, ଡାଲି, ତୈଳବୀଜ ଜଙ୍ଗଲଜାତ ଦ୍ରବ୍ୟ କ୍ରୟ କରିଥାନ୍ତି ।


ବିଂଝିଆ ଲୋକେ ବଜାରକୁ ନେଇ ଯାଇଥିବା ଦ୍ରବ୍ୟ ଗୁଡ଼ିକୁ ବିଭିନ୍ନ ଲୋକଙ୍କୁ ଅର୍ଥ ବଦଳରେ ବିକ୍ରୟ କରିବା ସହିତ କେତେକଙ୍କଠାରୁ ଜିନିଷପତ୍ର ପ୍ରତିବଦଳ ମଧ୍ୟ କରିଥାନ୍ତି । ଯେପରି ଜଙ୍ଗଲ ଜାତ ଦ୍ରବ୍ୟ; ଯଥା – ମହୁଲ, ଚାର, କେନ୍ଦୁ, ଶାଳମଞ୍ଜି, ଲାଖ, ଝୁଣା ଇତ୍ୟାଦି ଦ୍ରବ୍ୟକୁ ବ୍ୟବସାୟୀକୁ ଦେଇ ସେ ଲୁଣ ଗ୍ରହଣ କରେ । ଧାନ, ଚାଉଳ ଏବଂ ପନିପରିବା ବଦଳରେ ବିଂଝିଆ ଲୋକେ କୁମ୍ଭାରଠାରୁ ହାଣ୍ଡି ମାଠିଆ, କମାରଠାରୁ କୃଷି ଉପକରଣ, ତନ୍ତୀଠାରୁ ଲୁଗାପଟା, ଦୋକାନୀଠାରୁ ତେଲ ସାବୁନ ଇତ୍ୟାଦି ତେଜରାତୀ ଦ୍ରବ୍ୟ ଓ ବୈଦ୍ୟଠାରୁ ଔଷଧ କିଣିଥାଏ ।

କୃଷି କାର୍ଯ୍ୟ ସମୟରେ ଯେପରିକି ତଳିରୁଆ ସମୟରେ, ଘାସବଛା ସମୟରେ, ଧାନ କଟା ସମୟରେ ବିଂଝିଆ ସ୍ତ୍ରୀ ଲୋକମାନେ ଶ୍ରମ ଲାଘବ ହେବା ପାଇଁ ସମବେତ କଣ୍ଠରେ ଗୀତ ଗାଇଥାନ୍ତି । କୃଷି ସଂପର୍କିତ ପର୍ବପର୍ବାଣୀ, ଯଥା : ସାରନା ପୂଜା, କରମା ପୂଜା, ଦୁଧଧାରୀ, ଇନ୍ଦ୍ର ଦେବତାଙ୍କ ପୂଜା ସମୟରେ ବିଂଝିଆମାନେ ଖୁସିରେ ବିଭିନ୍ନ ପ୍ରକାର ନାଚ ଓ ଗୀତର ଆୟୋଜନ କରିଥାନ୍ତି ।

| ଓଡ଼ିଆ ବିଂଝିଆ ଙରାଜୀଭାଷାରେ ମାସର ନାମ | "ବିଂଝିଆ"ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନୀତଗୀତ | ବାରଣ/ନିଷେଧ ବିପଣନ | ମନ୍ତବ୍ୟ |
| ବୈଶାଖ ବୈଶାଖ୍ ଏପ୍ରିଲ୍-ମେ' | ଖରିଫ ଫସଲ ନିମନ୍ତେ ଜମି ପ୍ରସ୍ତୁତ କରାଯାଏ । ବଡ଼ ବଡ଼ ମାଟି ଟେଳା (ଢେଲା) କୁ ଧିର୍ମୁଷରେ ମାରି ଗୁଣ୍ଡ କରାଯାଏ । ତା'ପରେ ମାଟିକୁ ସମତଳ କରାଯାଏ। ପାଣିର ସୁବିଧା ଥିବା ସ୍ଥାନରେ ବିଭିନ୍ନ ପ୍ରକାର ଖରାଟିଆ ପନିପରିବା ଚାଷ କରାଯାଏ । | ରେଣ୍ଡି,କଲରା, ଜହ୍ନି, କାକୁଡ଼ି, ତରଭୁଜ, ଝୁଡ଼ଙ୍ଗ ଖରାଟିଆ ଧାନ, ଲାଉ, କଖାରୁ | ଅକ୍ଷୟ ତୃତୀୟା (ମୁଠ୍ ଛୁଆଁ) | ଘରର ମୁଖିଆ ଅକ୍ଷୟ ତୃତୀୟା ଦିନ ଧାନ ନେଇ କ୍ଷେତକୁ ଯାଏ ଏବଂ ପ୍ରଥମ କରି ଧାନ ବୁଣାଯାଏ । ରୋଗୀ ପୂଜା (ଖୁଣ୍ଟ ପାଟ, ଗାଁଣ୍ଠି ରୋଗ ନିବାରଣ ପାଇଁ ଗ୍ରାମ୍ୟ ପୂଜକ (ପାହାନ) ଏହି ପୂଜା କରିଥାଏ । | ଏହି ପର୍ବ ପାଳନ ପୂର୍ବରୁ ଧାନ ବୁଣାଯାଏ ନାହିଁ । | --- |
| ଜ୍ୟେଷ୍ଠ ଜେଠ୍ ମେ'- ଜୁନ | ପୂର୍ବ ପ୍ରସ୍ତୁତ ଜମିରେ ଖତ ପ୍ରୟୋଗ କରାଯାଏ । ଖତକୁ ଜମିର ଚାରିପଟେ ସମାନ ଭାବରେ ବିଛି ଦିଆଯାଏ । ମାଟିର ଆର୍ଦ୍ରତା ଦେଖି ଧାନ ବୁଣାକାର୍ଯ୍ୟ ଆରମ୍ଭ କରାଯାଏ । ପାଣିର ସୁବିଧା ଥିବା ସ୍ଥାନ ତଥା ଘର ବାଡ଼ିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରାଯାଏ । | ଧାନ,ଗୁନ୍ଦଲି, ହରଡ଼,ମକା, ବାଜରା,କନ୍ଦ, ଇତ୍ୟାଦି ଶସ୍ୟ କଖାରୁ(ମାଖନ), ଲାଉ(ଲେଉକା), ଜହ୍ନି, ରେଣ୍ଡି, କଲରା,କାକୁଡ଼ି, ଇତ୍ୟାଦି ପନିପରିବା । | ରଜପର୍ବ (ହରଗାହାରେନ୍) | ମାଟି ଦେବତା ର ପୂଜା । | ତିନିଦିନ ଜମି କର୍ଷଣ ଏବଂ ଅନ୍ୟାନ୍ୟ କୃଷି କାର୍ଯ୍ୟ ନିଷେଧ । | --- |



ଚାଷ ତରତର



ଚାଷଅଛି ଯାହାର

| ଓଡ଼ିଆ ବିଂଝିଆ ଇଂରାଜୀଭାଷାରେ ମାସର ନାମ | "ବିଂଝିଆ" ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ନିଷେଧ ବିପଣନ | ମନ୍ତବ୍ୟ |
| ଆଷାଢ଼ ଆଷାଢ଼ ଜୁନ-ଜୁଲାଇ | ବର୍ଷା ପାଇ ଧାନଗଛ ଟିକିଏ ବଡ଼ ହୋଇଗଲେ, ବେଉଷଣ (ବିହୁଡ଼ା) କାର୍ଯ୍ୟ କରାଯାଇଥାଏ । ତଳି ପ୍ରସ୍ତୁତ ହୋଇଥିଲେ ଧାନ ରୁଆ (ରୋପା) କାର୍ଯ୍ୟ କରାଯାଏ । ବିପଜମିରେ କନ୍ଦମୂଳ ଚାଷ କରାଯାଇଥାଏ । ପନିପରିବା ଚାଷ ମଧ୍ୟ କରାଯାଏ । | ଧାନ, ଲାଉ, କଖାରୁ,କନ୍ଦମୂଳ, ଭେଣି, କନ୍ଦି, କଲରା, ଝୁଡ଼ଙ୍ଗ (ବୋଦି) । | ସାରନା ପର୍ବ, ଗ୍ରାମ ଦେବତାଙ୍କ ନିକଟରେ କୁକୁଡ଼ା (ଖୁଖରୀ) କିମ୍ବା ବୋଦା(ବୋକା) ବଳି ଦିଆଯାଏ । | ପାହାନ ପୂଜା କରିଥାଏ। | ଏହିଦିନ କୃଷି କାର୍ଯ୍ୟ ନିଷେଧ । | --- |
| ଶ୍ରାବଣ ସାଓନ୍ ଜୁଲାଇ-ଅଗଷ୍ଟ | ଧାନ ରୁଆ ଓ ବେଉଷଣ କାର୍ଯ୍ୟ କରାଯାଇଥାଏ । ଏହି ମାସରେ ଜମିରୁ ଘାସ ବାଛିବା କାର୍ଯ୍ୟ ମଧ୍ୟ କରାଯାଏ । | ଧାନ, ଭେଣ୍ଡି, ଲାଉ, କଖାରୁ, ଶିମ୍ବ | ଗହ୍ମାପର୍ବ ।ପୂର୍ବପୁରୁଷ ଗାଇ ମାତା କୁକୁଡ଼ା (ଖୁଖରୀ) ବଳି | ଗୋପୂଜା, ଗଉଣୀ ରାଇ ହାତରେରାକ୍ଷୀବାନ୍ଧି ଥାଏ । ଘରର ମୁଖିଆ ପୂର୍ବପୁରୁଷଙ୍କୁ ପୂଜା କରେ । | --- | --- |
| ଭାଦ୍ରବ ଭାଦୋ ଅଗଷ୍ଟ-ସେପ୍ଟେମ୍ବର | କୋଳଥ, ସୋରିଷ, ମୁଗ, ବିରି ବୁଣା ଯାଇଥାଏ । ଗୋଡ଼ାଧାନ ଅମଳ କରାଯାଇଥାଏ । ଗୁନ୍ଦଲୀ ମଧ୍ୟ ଅମଳ କରାଯାଏ । | ଗୁନ୍ଦଲି,କୋଳଥ, ସୋରିଷ, ମୁଗ, ବିରି, ବିରି, କଦୋ | ନୂଆଖାଇ(ନୂଆ ଖାନି), 'କରମା' | ଏହିପର୍ବରେ ହାଣ୍ଡିଆ, ମାଂସ, ଖାଇ ନାଚ ଗୀତ କରନ୍ତି । | କୃଷି କାର୍ଯ୍ୟ ନିଷେଧ | --- |
| ଆଶ୍ୱିନ କୁଆର ସେପ୍ଟେମ୍ବର-ଅକ୍ଟୋବର | ଧାନ କଟା ଚାଲିଥାଏ । ରାଶି,ପେଣା, ମୁଗ, ବିରି,କୋଳଥ, ସୋରିଷ ଇତ୍ୟାଦି ଚାଷ କରାଯାଏ । ବାଡ଼ି ବଗିଚାରେ ପନିପରିବା ଚାଷ ନିମନ୍ତେ ଜମି ପ୍ରସ୍ତୁତ, ମଞ୍ଜି ଲଗାଇବା କାର୍ଯ୍ୟଚାଲେ । | କନ୍ଦମୂଳ ଅମଳ କରାଯାଏ । ବାଇଗଣ, ବିଲାତି, କଖାରୁ | ଦୁର୍ଗାପୂଜାଦେବୀଦୁର୍ଗା ଖଣ୍ଡା ପୂଜା, ବୋଦା (ବୋକା) କିମ୍ବା ପାଣି କଖାରୁ ବଳୀ ଦିଆଯାଏ । | ଦୁର୍ଗାଙ୍କୁ ପୂଜା କରାଯାଏ । | --- | --- |

| ଓଡ଼ିଆ ବିଂଝିଆ ଙ୍ଘରାଜାଭାଷାରେ ମାସର ନାମ | "ବିଂଝିଆ" ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନୀତଗୀତ | ବାରଣ/ନିଷେଧ ବିପଣନ | ମନ୍ତବ୍ୟ |
| କାର୍ତ୍ତିକ ସହରାଏ ଅକ୍ଟୋବର-ନଭେମ୍ବର | ଏହି ସମୟରେ ମାଲ୍ ଜମିରୁ ଧାନ ଅମଳ କରାଯାଏ । ରାଶି, ସୋରିଷ, ପେଣୀ ଇତ୍ୟାଦି ତୈଳବୀଜ ଚାଷ ହୁଏ । ଶୀତକାଳୀନ ପନିପରିବା ଚାଷ କରାଯାଏ । | ଧାନ ଅମଳ ପେଣୀ ଇତ୍ୟାଦି ପନିପରିବାଚାଷ କରାଯାଏ । | ଧାନ, ରାଶି, ପେଣୀ, ସୋରିଷ,ବନ୍ଧାକୋବି, ଫୁଲକୋବି,ବାଇଗଣ, ବିଲାତି | --- | --- | --- |
| ମାର୍ଗଶୀର ମାଗଶିର ନଭେମ୍ବର-ଡିସେମ୍ବର | ଧାନ ଅମଳ କରାଯାଏ । ରବି ଜାତୀୟ ଫସଲ ଓ ପନିପରିବା ଚାଷ କରାଯାଏ । | ଆଳୁ, ବିଲାତି, କୋବି, ମୂଳା, ବାଇଗଣଇତ୍ୟାଦି ଚାଷକରାଯାଏ । | ଦୁଧଧାରୀ(ଦୁଧବୁହା) | ଜମିକୁ ଯାଇ (ଧାନକଟା ଯାଇଥିବା) ଦୁଗ୍ଧ ଢଳାଯାଏ । | --- | --- |
| ପୌଷ ପୁଷ ଡିସେମ୍ବର-ଜାନୁୟାରୀ | ଧାନ ଅମଳ କରାଯାଏ । ବିହନ/ ସଂଚୟ, ଧାନକୁ ସଂରକ୍ଷିତ କରି ରଖାଯାଏ । | ବିଲାତି ବାଇଗଣ, ମୂଳା ଚାଷ କରାଯାଏ । | ପୌଷ ପୂର୍ଣ୍ଣିମା (ପୁଷ ପୁନି) | ବଣଭୋଜି କରିଥାନ୍ତି | --- | --- |
| ମାଘ ମାଗ ଜାନୁୟାରୀ-ଫେବୃୟାରୀ | ଆଳୁ, କୋବି, ମୂଳା ଇତ୍ୟାଦି ପନିପରିବା ଅମଳ କରାଯାଏ । ଖରାଟିଆ ଧାନଚାଷ ଓ ପନିପରିବା ଚାଷ ଆରମ୍ଭ କରାଯାଏ । | ଆଳୁ, କୋବି, ମୂଳା,ପିଆଜ ଅମଳ କରାଯାଏ। ଟମାଟୋ,ବାଇଗଣ, ବିଲାତି ,ଜହ୍ନି , କାକୁଡ଼ି,କଲରା, ଝୁଡ଼ଙ୍ଗଇତ୍ୟାଦି ପନିପରିବା ଚାଷ କରାଯାଏ । | ମକର ପରବ | ଶ୍ରୀ ଜଗନ୍ନାଥଙ୍କୁ ପୂଜା କରାଯାଏ | --- | --- |

| ଓଡ଼ିଆ ବିଂଝିଆ ଙରାଢ଼ୀଭାଷାରେ ମାସର ନାମ | "ବିଂଝିଆ"ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ନିଷେଧ ବିପଣନ | ମନ୍ତବ୍ୟ |
| ଫାଲ୍ଗୁନ୍ ଫାଗୁନ୍ ଫେବୃୟାରୀ ମାର୍ଚ୍ଚ | ପନିପରିବା ଚାଷ କରାଯାଏ । ଖରାଟିଆ ଧାନଚାଷ କରାଯାଏ । ସଜନା ଫୁଲ ଶିରେଲ ଫୁଲ ଇତ୍ୟାଦି ସଂଗ୍ରହ କରାଯାଏ । | ସଜନା ଫୁଲ, ଜହ୍ନି, ଲାଉ, ଝୁଡ଼ଙ୍ଗ, ଶିରେଲ ଫୁଲ, ସଜନା ଛୁଇଁ | --- | --- | --- | --- |
| ଚୈତ୍ର ଚଇତ୍ ମାର୍ଚ୍ଚ-ଏପ୍ରିଲ୍ | ପନିପରିବା ଚାଷ କରାଯାଏ । ସଜନା ଛୁଇଁ, ପଣସ କଠା ଗଛରେ ପାକଳ ହେବାକୁ ଆରମ୍ଭ କରେ । | ଭେଣ୍ଡି, ମାଖନ (କଖାରୁ), ଜହ୍ନି, କାକୁଡ଼ି, କଲରା, ଝୁଡ଼ଙ୍ଗ ଇତ୍ୟାଦି ପନିପରିବା ଅମଳ କରାଯାଏ । | --- | --- | --- | --- |

# ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା

ବନଜାତ ଦ୍ରବ୍ୟ କହିଲେ ବଣରୁ ମିଳୁଥିବା ବା ବଣ ଜଙ୍ଗଲରୁ ସଂଗ୍ରହ କରାଯାଉଥିବା ବିଭିନ୍ନ ପ୍ରକାର ଫଳମୂଳ, ଔଷଧ, ଫୁଲ, ଚାର, ଜାମୁକୋଳି, ବରକୋଳି ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟକୁ ବୁଝାଏ।

ବଣ ଜଙ୍ଗଲ ପାହାଡ଼ ପର୍ବତ ଘେରା ସବୁଜ ବନାନୀ ମଧ୍ୟରେ ବିଂଝିଆ ବସତି ଗଢ଼ି ଉଠିଥାଏ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସେମାନେ ଜଙ୍ଗଲ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭର କରନ୍ତି । ଶୈଶବଠାରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ସେମାନେ ପ୍ରକୃତି କୋଳରେ ହିଁ ବିତାଇ ଦିଅନ୍ତି । ବର୍ଷର ବିଭିନ୍ନ ସମୟରେ କୃଷିକାର୍ଯ୍ୟ ବ୍ୟତୀତ ବିଂଝିଆମାନେ ବିଭିନ୍ନ ବନଜାତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରନ୍ତି । ପରିବାରର ଛୋଟ ଛୁଆଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ବଣରୁ କିଛି ନା କିଛି ସଂଗ୍ରହ କରି ଆଣନ୍ତି । କାଠ, ବାଉଁଶ, ସବାଇ ଘାସ ବିଭିନ୍ନ ପ୍ରକାରର ଛତୁ, ଫଳ, ମୂଳ, ଫୁଲ, ଔଷଧ, ମହୁ, ଲାଖ, ଶାଳ ମଞ୍ଜି, ଚାର କୋଳି, ଇତ୍ୟାଦି ଅନେକ ପ୍ରକାର ଦ୍ରବ୍ୟ ଜଙ୍ଗଲରୁ ହିଁ ସଂଗୃହୀତ ହୋଇଥାଏ ।

## ଲଘୁ ବନଜାତ ଦ୍ରବ୍ୟ:

ବିଂଝିଆ ସମ୍ପ୍ରଦାୟରେ ଲୋକେ ସଂଗ୍ରହ କରୁଥିବା ବନଜାତ ଦ୍ରବ୍ୟ ଯଥା :- ଜାଳେଣୀ କାଠ, ପତ୍ର, ଫୁଲ, ବିଭିନ୍ନ ପ୍ରକାର ଫଳମୂଳ, ଔଷଧ, ମଞ୍ଜି, ଛତୁ ଶାଗ, ଅଠା, ଲାଖ, କୋଳି ଇତ୍ୟାଦି ଲଘୁ ବନଜାତ ଦ୍ରବ୍ୟ ଅନ୍ତର୍ଭୁକ୍ତ ।

**ପତ୍ର:** ବିଂଝିଆ ପରିବାରର ସ୍ତ୍ରୀ ଲୋକମାନେ ଖଲି, ଚଉପଦୀ ଓ ବର୍ଷାତି ଇତ୍ୟାଦି ତିଆରି କରିବା ପାଇଁ ନିକଟସ୍ଥ ଜଙ୍ଗଲରୁ ପଳାଶ (ଫଲସା), ଶାଳ ଓ ଶିଆଳି ପତ୍ର ସଂଗ୍ରହ କରିଥାନ୍ତି । ବିଡ଼ି ତିଆରି ପାଇଁ କେନ୍ଦୁ ପତ୍ର ମଧ୍ୟ ସଂଗ୍ରହ କରନ୍ତି ।

**ଫୁଲ:** ବିଂଝିଆମାନେ ବିଭିନ୍ନ ପ୍ରକାର ବଣୁଆ ଫୁଲ ମଧ୍ୟ ଜଙ୍ଗଲରୁ ସଂଗ୍ରହ କରନ୍ତି । 'ଶ୍ୱେତହୀରା' ରୂପେ ପରିଚିତ ମହୁଲ ଫୁଲକୁ ଖୁବ୍ ଆଗ୍ରହର ସହିତ ସଂଗ୍ରହ କରାଯାଏ । ପରିବାରର ସ୍ତ୍ରୀ ଲୋକ ଓ ପିଲାମାନେ ମହୁଲ ଫୁଲ ସଂଗ୍ରହ କରିବାକୁ ଯାଆନ୍ତି । ଏହା ସହିତ ଗିରେଲ ଫୁଲକୁ ଖାଦ୍ୟ ନିମନ୍ତେ (ତରକାରୀ) ବଣରୁ ସଂଗ୍ରହ କରି ଆଣନ୍ତି ।

**ଫଳ:** ବିଂଝିଆ ଲୋକେ ଜଙ୍ଗଲରୁ ଅନେକ ଫଳ ମଧ୍ୟ ସଂଗ୍ରହ କରିଥାନ୍ତି । ବିଭିନ୍ନ ପ୍ରକାର କୋଳି ଯଥା: ବରକୋଳି, ଜାମୁକୋଳି, ଚାରକୋଳି ଏବଂ କେନ୍ଦୁ, ଆମ୍ବ, ପଣସ, କୁସୁମ, ଅଁଳା ଫଳ, ମହୁଲ ଫଳ (ଡୋରି) ଇତ୍ୟାଦି ବର୍ଷର ବିଭିନ୍ନ ସମୟରେ ବଣରୁ ସଂଗ୍ରହ କରାଯାଏ । ଏହା ସହିତ ସେମାନେ ତାଳ, କୁରଲୁ, କଣ୍ଟେଇ କୋଳି ଇତ୍ୟାଦି ମଧ୍ୟ ସଂଗ୍ରହ କରିଥାନ୍ତି ।

**ମଞ୍ଜି:** ବିଂଝିଆ ମାନଙ୍କର ଲଘୁ ଜଙ୍ଗଲ ଜାତ ଦ୍ରବ୍ୟ ମଧ୍ୟରେ ବିଭିନ୍ନ ପ୍ରକାରର ମଞ୍ଜି ଅନ୍ୟତମ । ଶାଳ ମଞ୍ଜି, କୁସୁମ ମଞ୍ଜି, ଚାର ମଞ୍ଜି, ମହୁଲ ଫଳର ମଞ୍ଜି (ଡୋରି), ଶିଆଳି ମଞ୍ଜି, କାଜୁବାଦାମ (ଭେଲୁଆଁ) ମଞ୍ଜି, ତେନ୍ତୁଳି (ତେତେର) ମଞ୍ଜି, ଆମ୍ବ ଟାକୁଆ ଇତ୍ୟାଦି ସେମାନେ ବଣ ଜଙ୍ଗଲରୁ ସଂଗ୍ରହ କରିଥା'ନ୍ତି ।

**କାଣ୍ଡ:** କାଣ୍ଡ ହିସାବରେ ବିଂଝିଆମାନେ ବଣରୁ ବାଉଁଶ କାଣ୍ଡ ସଂଗ୍ରହ କରନ୍ତି । ବାଉଁଶ କାଣ୍ଡର ନରମ ଅଂଶରୁ ବାଉଁଶ କରଡ଼ି ତିଆରି କରି ସହକାରୀ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ ।

**କନ୍ଦା:** ଜଙ୍ଗଲରୁ ବିଂଝିଆମାନେ ପିତାଆଳୁ କନ୍ଦା, ବାଇଗା ଆଳୁ କନ୍ଦା, ଶାକର କନ୍ଦା, ଗେଁଠି କନ୍ଦା, କରଲୁ କନ୍ଦା, ଭୂଇଁ କନ୍ଦା, ରାମ କନ୍ଦା ଇତ୍ୟାଦି କାଟି ଆଣି ଖାଦ୍ୟରୂପେ ବ୍ୟବହାର କରନ୍ତି ।

**ଛେଲି / ବକ୍କଳ:** ବଣରୁ ଚାଉଳ ଧୁଆ ଛେଲି, ଅଗ୍ନିଝାଳ ଛେଲି ସଂଗ୍ରହ କରାଯାଏ । ମଦ୍ୟଜାତୀୟ ପାନୀୟର ପ୍ରସ୍ତୁତ ନିମନ୍ତେ ବିଂଝିଆମାନେ ସେଥିରୁ ଔଷଧ ତିଆରି କରନ୍ତି ।

**ତନ୍ତୁ:** ବଣରୁ ଶିଆଳି ଗଛର ତନ୍ତୁ, ନଳିତା ଗଛର ତନ୍ତୁ ଏବଂ ସବାଇ ଘାସ ସଂଗୃହୀତ ହୁଏ । ଏହି ସବୁ ତନ୍ତୁରୁ ବିଂଝିଆମାନେ ଦଉଡ଼ି ପ୍ରସ୍ତୁତ କରିଥାନ୍ତି ।

**ଅଠା:** ଜଙ୍ଗଲରୁ ଲାଖ, ଚାର, ବେଲ, ଶାଳ, ବାହାଡ଼ା, ବରଗଛର ଅଠା ସଂଗ୍ରହ କରାଯାଏ ।

**ଜାଳେଣି କାଠ:** ଶାଳ, ମହୁଲ, ଚାର, କେନ୍ଦୁ, ଆମ୍ବ, ପଣସ, ଜାମୁ ଗଛର ଡାଳ ଇତ୍ୟାଦିକୁ ଜାଳେଣି କାଠ ରୂପେ ବିଂଝିଆମାନେ ଜଙ୍ଗଲରୁ ସଂଗ୍ରହ କରି ଘରକୁ ଆଣନ୍ତି ।

**ଝାଡୁ:** ଜଙ୍ଗଲରୁ ଶୁଖିଲା ଗଛ, ଖଜୁରି ଗଛର ପତ୍ର ଓ ଫୁଲ ତଥା ବିରେନ୍ ଗଛର ପତ୍ରରୁ ଝାଡୁ ତିଆରି କରାଯାଏ ।

**ଛତୁ:** ବିଂଝିଆମାନେ ଛତୁ ହିସାବରେ ବାଲିଛତୁ, ବିହିଡ଼େନ ଛତୁ, ପୁଆଳ ଛତୁ, ବାଉଁଶ ଛତୁ, ବୁଢ଼ାବୁଢ଼ୀ ଛତୁ, କୋଇଲା ଛତୁ, ଆମ୍ବ ଛତୁ, ସାମଦା ଛତୁ, ଜାମୁ ଛତୁ, ଶାଳ ଛତୁ, ଖୁଦ ଛତୁ, ଉଇହୁଙ୍କା ଛତୁ, ପୁଟୁ ଓ ରୁଗୁଡ଼ା ଇତ୍ୟାଦି ବଣ ଜଙ୍ଗଲରୁ ସଂଗ୍ରହ କରନ୍ତି ।

**ଶାଗ:** ବଣଜଙ୍ଗଲରୁ ସେମାନେ ଅନେକ ପ୍ରକାରର ଶାଗ ଯଥା :- କୋଇନାର ଶାଗ (କୁଇଲାରି ଶାଗ), ଭାଦୋ, ଲେପେର, କୁଚୁ, ସରଳା, ମଠା, ଫୁଟ୍‌କଲ୍ ଶାଗ ଇତ୍ୟାଦି ସଂଗ୍ରହ କରନ୍ତି ।

**ମହୁ:** ଜଙ୍ଗଲକୁ ଯାଇ ବିଭିନ୍ନ ଗଛ ବା କୋରଡ଼ରେ ଥିବା ମହୁବସା ଓ ଉଇହୁଙ୍କାରୁ ବିଂଝିଆମାନେ ମହୁ ସଂଗ୍ରହ କରନ୍ତି ।

**ଔଷଧୀୟ ଦ୍ରବ୍ୟ:** ବିଂଝିଆମାନେ ବଣ ଜଙ୍ଗଲରୁ ଅଁଳା, ହରିଡ଼ା, ବାହାଡ଼ା ଏବଂ ବିଭିନ୍ନ ଚେରମୂଳି, ଭୂଇଁ ନିମ୍ବ, କୁଚେର ଫଳ, କୁକୁର ଲେଞ୍ଜା, କରଞ୍ଜ, କୁଜରୀ ଇତ୍ୟାଦି ଔଷଧୀୟ ଦ୍ରବ୍ୟ ସଂଗ୍ରହ କରିଥାନ୍ତି ।

**ସଂଗ୍ରହ ସମୟ:**

ମହୁଲ ସାଧାରଣତଃ ବସନ୍ତ ଋତୁରେ ସଂଗ୍ରହ କରାଯାଏ । ଟୋଲ (ଡୋରି), ଚାର, କେନ୍ଦୁ, ଅଁଳା, ଆମ୍ବ, ପଣସ ଇତ୍ୟାଦି ଫଳ ଗ୍ରୀଷ୍ମ ଋତୁରେ, ମହୁ, ଝୁଣା, ହରିଡ଼ା, ବାହାଡ଼ା ଇତ୍ୟାଦି ପ୍ରାୟ ସବୁସମୟରେ ସଂଗ୍ରହ କରାଯାଏ । ଏହାବ୍ୟତୀତ ବିଭିନ୍ନ ପ୍ରକାର କନ୍ଦମୂଳ ବର୍ଷା ଋତୁରେ ସଂଗ୍ରହ କରାଯାଏ । ଶାଳମଞ୍ଜି, ଚାରମଞ୍ଜି, କୁସୁମ ମଞ୍ଜି, କାଜୁବାଦାମ, ତେନ୍ତୁଳି ମଞ୍ଜି, ହରିଡ଼ା, ବାହାଡ଼ା, ଅଁଳା ଇତ୍ୟାଦି ବନ୍ୟଜାତ ଦ୍ରବ୍ୟ ବିଂଝିଆମାନେ ଗ୍ରୀଷ୍ମ ଋତୁରେ ସଂଗ୍ରହ କରନ୍ତି । ବିଭିନ୍ନ ପ୍ରକାର ଛତୁ, ଶାଗ, ଜାମୁକୋଳି, ବାଉଁଶ କରଡ଼ି ଇତ୍ୟାଦି ବର୍ଷା ଦିନେ ଜଙ୍ଗଲରେ ପ୍ରଚୁର ପରିମାଣରେ ମିଳିଥାଏ ।

**ସଂଗ୍ରହ ପଦ୍ଧତି:**

ମହୁଲ, ଡ଼ୋରି, ଅଁଳା, ହରିଡ଼ା, ବାହାଡ଼ା, କରଞ୍ଜ ଇତ୍ୟାଦିକୁ ବିଂଝିଆମାନେ ଗଛରୁ ତଳେ ପଡ଼ିଲା ପରେ ଡାଲାରେ ଗୋଟାଇ ସଂଗ୍ରହ କରନ୍ତି । ବଣରୁ ବିଭିନ୍ନ ପ୍ରକାର ଛତୁକୁ ତଳୁ ଗୋଟାଇଥା'ନ୍ତି। ଗଛରେ ଚଢ଼ି ବିଭିନ୍ନ ପ୍ରକାର ଶାଗ ଓ ଫଳ ସଂଗ୍ରହ କରନ୍ତି । ଗଛରୁ ଶିଆଳି ପତ୍ର, ଶାଳ ପତ୍ର ଓ ଫରେସା ପତ୍ର ତୋଳିଥା'ନ୍ତି । ବିଭିନ୍ନ ପ୍ରକାର କନ୍ଦାକୁ ଫାଉଡ଼ା ଏବଂ ଗଇଁତି ସାହାଯ୍ୟରେ ମାଟି ଖୋଳି ବାହାରକରନ୍ତି ।

ଚାର, ଶାଳ, ଡୋରି, କାଜୁ ବାଦାକୁ ଶୁଖାଇ ମଞ୍ଜି ବାହାର କରନ୍ତି । ଛଣ, ଶାଆଳି ଓ ନଳୀତାକୁ ଜଙ୍ଗଲରୁ କାଟି ଆଣନ୍ତି ଏବଂ ପାଣିରେ ପକାନ୍ତି । ସେଗୁଡ଼ିକ ପଚିଗଲେ ସେଥିରୁ ତନ୍ତୁ (ଦଉଡ଼ି) ବାହାର କରନ୍ତି । 'ମହୁ' ସଂଗ୍ରହ କରିବାକୁ ସେମାନଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼େ । ରାତ୍ରୀ ସମୟରେ ଜଙ୍ଗଲକୁ ଯାଇ ଯେଉଁ ଗଛ ବା କୋରଡ଼ ବା ଉଇଁ ହୁଙ୍କାରେ ମହୁ ଫେଣାଥାଏ ତାହାକୁ ନିଆଁ ହୁଳାରେ ପୋଡ଼ି ଦିଅନ୍ତି । ନିଆଁ ହୁଳାରେ ମହୁମାଛି ପୋଡ଼ିଗଲା ପରେ ମହୁଫେଣାକୁ ସଂଗ୍ରହ କରି ସେଥିରୁ ମହୁ ବାହାର କରନ୍ତି । କରଞ୍ଜ ମଞ୍ଜିକୁ ଘଣାରେ ପେଷି ତେଲ ବାହାର କରନ୍ତି ।

ବିଂଝିଆ ପରିବାର ସ୍ତ୍ରୀ ଲୋକ ଓ ଛୋଟ ପିଲାମାନେ ମହୁଲ ଚାର, ଡ଼ୋରି, କରଞ୍ଜ, ଶାଳମଞ୍ଜି, ବିଭିନ୍ନ ପ୍ରକାର ଫଳ, ବିଭିନ୍ନ ପ୍ରକାର ଛତୁ, ବିଭିନ୍ନ ପ୍ରକାର ଶାଗ, ବଣୁଆ ଫୁଲ, ପତ୍ର ଇତ୍ୟାଦି ବଣଜଙ୍ଗଲରୁ ସଂଗ୍ରହ କରନ୍ତି । ପୁରୁଷମାନେ ଜଙ୍ଗଲରୁ ଜାଳେଣୀ କାଠ, ମହୁ ବିଭିନ୍ନ ପ୍ରକାର କନ୍ଦା, ଅଠା, ଶିଆଳି, ଛଣପଟ, ନଳିତା ଇତ୍ୟାଦି ତନ୍ତୁ ଜାତୀୟ ଉଭିଦ, ବାଉଁଶ ଛେଲି / ବକ୍କଳ, ଝାଡୁ ଏବଂ ଔଷଧୀୟ ଦ୍ରବ୍ୟ ଜଙ୍ଗଲରୁ ସଂଗ୍ରହ କରନ୍ତି ।

**ସଂଗ୍ରହ ସରଞ୍ଜାମ:**

ବଣରୁ ଝଡ଼ି ପଡୁଥିବା ଆମ୍ବ, ମହୁଲ, ଚାର, ଜାମୁ ଇତ୍ୟାଦି ବନଜାତ ଦ୍ରବ୍ୟକୁ ସଂଗ୍ରହ କରିବା ପାଇଁ ଟୋକେଇ ବା ଡାଲାର ଆବଶ୍ୟକ ହୋଇଥାଏ । ଗଛରୁ ଡ଼ୋରି ବିଭିନ୍ନ ପ୍ରକାର ଫଳ ସଂଗ୍ରହ ପାଇଁ ସେମାନେ ନିଜେ ଅଙ୍କୁଶ ବାଡ଼ି (ନଗି) ତିଆରି କରିଥାନ୍ତି । ଜାଳେଣି କାଠ, ସବାଇ ଘାସ, ନଳୀତା, ଝାଡୁ ଇତ୍ୟାଦି ସଂଗ୍ରହ ନିମନ୍ତେ ଟାଙ୍ଗିଆ, ବିଭିନ୍ନ ପ୍ରକାର କନ୍ଦା ଓ ଔଷଧୀୟ ଦ୍ରବ୍ୟ ସଂଗ୍ରହ ନିମନ୍ତେ କୋଦାଳ ଓ ଗଇଁତିର ଆବଶ୍ୟକତା ଅନୁଭୂତ ହୁଏ । ମହୁ ସଂଗ୍ରହ ପାଇଁ ମଶାଲ ନିମନ୍ତେ ବଡ଼ ବାଉଁଶ କିମ୍ବା କାଠ ବାଡ଼ି କନା, କିରୋସିନ ଓ କଟୁରୀ ଦରକାର ହୋଇଥାଏ । ତାଳ, ଖଜୁରୀ ଇତ୍ୟାଦି ପାଇଁ କଟୁରୀ ଓ ଦଉଡ଼ିର ଆବଶ୍ୟକ ହୋଇଥାଏ । ବିଭିନ୍ନ ପ୍ରକାର ଶାଗ ଓ ପତ୍ର ତୋଳି ରଖିବା ପାଇଁ ଟୋକେଇ ବା ଡାଲାର ଦରକାର ହୋଇଥାଏ ।

**ପ୍ରକ୍ରିୟାକରଣ:**

କାଜୁବାଦାମରୁ କାଜୁ ବାହାର କରିବା ନିମନ୍ତେ ପ୍ରଥମେ କାଜୁକୁ ଶିଝାଇ ସେଥିରୁ କାଜୁ ବାଦାମ ବାହାର କରାଯାଏ । ଡୋରି, କରଞ୍ଜ ଇତ୍ୟାଦି ତୈଳ ଜାତୀୟ ଦ୍ରବ୍ୟକୁ

ଖରାରେ ଶୁଖାଇ ତେଲ ଘଣାରେ ପେଶି ତେଲ ସଂଗ୍ରହ କରାଯାଏ । ଚାର, ଶାଳ ଇତ୍ୟାଦି ମଞ୍ଜିକୁ ଖରାରେ ଶୁଖାଇ ପରେ ପଥରରେ ଛେଚି ସେଥିରୁ ମଞ୍ଜି ବାହାର କରାଯାଏ । ଆମ୍ବ ଟାକୁଆ ଖରାରେ ଶୁଖାଇ ଏହାକୁ ପଥରରେ କିମ୍ବା ଶିଳରେ ଛେଚି ଭିତର କଳା ଅଂଶ ବା ଧଳା ଅଂଶକୁ ବାହାର କରି ଟାକୁଆକୁ ବ୍ୟବହାର ଉପଯୋଗୀ କରାଯାଏ । ବଇଦମାନେ ସଂଗୃହୀତ ଚେରମୂଳୀରୁ ଔଷଧ ପ୍ରସ୍ତୁତ କରିଥାନ୍ତି । ତନ୍ତୁ ଜାତୀୟ ବନ୍ୟଜାତ ଦ୍ରବ୍ୟକୁ ପାଣିରେ ପକାଇ ସଢ଼ିଗଲା ପରେ ସେଥିରୁ ତନ୍ତୁ ବାହାର କରି ବିଂଝିଆମାନେ ଦଉଡ଼ି ପ୍ରସ୍ତୁତ କରିଥାନ୍ତି । ଶୁକଳା ଗଛ ଓ ଖଜୁରୀ ଫୁଲରୁ ସ୍ତ୍ରୀ ଲୋକମାନେ ସୁନ୍ଦର ଝାଡ଼ୁ ପ୍ରସ୍ତୁତ କରନ୍ତି । ଆଉ କେତେକ ବନ୍ୟଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଏମାନଙ୍କ ଦ୍ୱାରା ହୋଇପାରେ ନାହିଁ ଏଣୁ ଏମାନେ ସେ ସବୁକୁ ସିଧାସଳଖ ବ୍ୟବସାୟୀଙ୍କୁ ବିକ୍ରୀ କରିଥା'ନ୍ତି ।

ବିଂଝିଆମାନେ ବନଜାତ ଦ୍ରବ୍ୟ ସଂଗ୍ରହ ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ପୂଜା କରନ୍ତି । ଗ୍ରାମ ପୂଜକ (ପାହାନ) ଏହିଦିନ ଜଙ୍ଗଲ ଦେବତାଙ୍କୁ କୁକୁଡ଼ା ବଳି ଦିଏ ଏବଂ ଜଙ୍ଗଲ ଚତୁଃପାର୍ଶ୍ୱରେ ଥିବା ଜନପଦର ଲୋକଙ୍କର ମଙ୍ଗଳ ନିମନ୍ତେ ପୂଜା କରେ । ସର୍ବୋପରି ଜଙ୍ଗଲ ବିଂଝିଆ ମାନଙ୍କର ମା'। ତା'ରି କୋଳରେ ସେମାନେ ଛୋଟରୁ ବଡ଼ ହୋଇଥା'ନ୍ତି । ଜଙ୍ଗଲର ବିଭିନ୍ନ ପ୍ରକାର ଫଳ, ମୂଳ ଓ ଅନ୍ୟାନ୍ୟ ବନଜାତ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି ।

ବିଂଝିଆମାନେ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିଯିବା ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ପୂଜା ଅର୍ଚ୍ଚନା କରିଥା'ନ୍ତି । ଏହି ପୂଜା ପୂର୍ବରୁ କୌଣସି ଲୋକ ବଣରୁ କୌଣସି ଫଳମୂଳ କିମ୍ବା ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ନିଷେଧ ।

**ଲଘୁ ବନଜାତ ଦ୍ରବ୍ୟର ବ୍ୟବହାର:**

ବଣଜଙ୍ଗଲରୁ ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟକୁ ବିଂଝିଆ ମାନେ ଖାଦ୍ୟ, ଔଷଧ, ଗୋଖାଦ୍ୟ, ଗୃହ ଉପକରଣ ଏବଂ କୃଷି ଉପକରଣ ରୂପେ ବ୍ୟବହାର କରିଥା'ନ୍ତି ।

**ଖାଦ୍ୟ:** ବଣରୁ ସଂଗୃହୀତ ବିଭିନ୍ନ ପ୍ରକାରର ଫୁଲ ଯଥା :- ମହୁଲ ଫୁଲ, ଗିରେଲ୍ ଫୁଲ, ବିଭିନ୍ନ ପ୍ରକାରର ଫଳମୂଳ, କୋଳି, ଚାର, କେନ୍ଦୁ, ବାଉଁଶ କରଡ଼ି ବିଭିନ୍ନ ପ୍ରକାରର ଛତୁ ଓ ଶାଗକୁ ବିଂଝିଆ ମାନେ ଖାଦ୍ୟରୂପେ ବ୍ୟବହାର କରିଥାନ୍ତି ।

**ଔଷଧ:** ଜଙ୍ଗଲରୁ ସଂଗ୍ରହ କରୁଥିବା ଅଁଳା, ହରିଡ଼ା, ବାହାଡ଼ା (ତ୍ରିଫଳା); ବିଭିନ୍ନ ପ୍ରକାର ଚେରମୂଳୀ, ଗଛର ବକ୍‌କଲ ଓ କନ୍ଦା, ମହୁ ଇତ୍ୟାଦିକୁ ବିଂଝିଆମାନେ ଔଷଧ ରୂପେ ବ୍ୟବହାର କରିଥା'ନ୍ତି ।

**ଗୋଖାଦ୍ୟ:** ମହୁଲ, ପତ୍ର, ଆମ୍ବ, ପଣସର ଅଦରକାରୀ ଅଂଶକୁ ଏମାନେ ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତି । ମହୁଲ ସିଝା ଗାଇ ଗୋରୁମାନଙ୍କର ପ୍ରିୟ ଖାଦ୍ୟ ଅଟେ ।

**ଗୃହଉପକରଣ:** ଜଙ୍ଗଲରୁ ସଂଗୃହୀତ ଶାଳପତ୍ର, ଶିଆଳି ପତ୍ର ଓ ଫଳସା ପତ୍ରରେ ବିଂଝିଆ ସ୍ତ୍ରୀ ଲୋକମାନେ ସୁନ୍ଦର ଖଲି, ଚଉପଦୀ (ଠୋଲା), ବର୍ଷାତି (ଘୁଁଗ୍ସ) ଓ ଛତା ତିଆରି କରନ୍ତି । କାଠରୁ ଖଟ, ଚୌକି, ଟେବୁଲ ଇତ୍ୟାଦି ଆସବାବପତ୍ର ତିଆରି କରାଯାଏ । ଛଣ, ଶିଆଳି, ନଳିତାର ତନ୍ତୁରୁ ବିଂଝିଆମାନେ ଶକ୍ତ ଦଉଡ଼ି ତିଆରି କରି ପାରନ୍ତି । ସବାଇ ଘାସରୁ ସେମାନେ ଦଉଡ଼ି, ମସିଣା, ପା' ପୋଛ ଇତ୍ୟାଦି ତିଆରି କରନ୍ତି । ବାଉଁଶରୁ ଟୋକେଇ, ଗାଣ୍ଡୁଆ, ଛତା, କୁଲା(ସୁପ) ଇତ୍ୟାଦି ତିଆରି କରାଯାଏ । ବାଉଁଶରୁ ଏମାନେ ସୁନ୍ଦର ପୂଜା ଡାଲା, ଫୁଲ ଚାଙ୍ଗୁଡ଼ି ଓ ବଂଶୀ ତିଆରି କରନ୍ତି । ଘର ତିଆରି ସମୟରେ ବାଉଁଶ ଆବଶ୍ୟକ ହୁଏ । ଖଜୁରୀ ପାଲରୁ ବିଂଝିଆମାନେ ଖୁବ୍ ସୁନ୍ଦର ପଟି ବା ମସିଣା ତିଆରି କରନ୍ତି ।

**କୃଷି ଉପକରଣ:** ବିଂଝିଆମାନେ ବଣରୁ ମଜବୁତ ଶାଳ କାଠ ସଂଗ୍ରହ କରି ଲଙ୍ଗଳ, ବାନ୍ଧନ କାଠରେ ଜୁଆଳି, ପଟା ଇତ୍ୟାଦି ତିଆରି କରିଥାନ୍ତି । କୋଦାଳ, ଗଇଁତି, ଟାଙ୍ଗିଆ ଇତ୍ୟାଦିର ବେଣ୍ଟ ମଧ୍ୟ ବଣରୁ ସଂଗୃହୀତ କାଠରେ ତିଆରି କରାଯାଏ ।

**ସଂରକ୍ଷଣ:**

ବଣରୁ ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟକୁ ପରବର୍ତ୍ତୀ ସମୟରେ ବ୍ୟବହାର କରିବା ପାଇଁ ବିଂଝିଆମାନେ ସଂରକ୍ଷଣ କରିରଖନ୍ତି ।

ବିଂଝିଆମାନେ ବନଜାତ ଦ୍ରବ୍ୟ ସଂଗ୍ରହ କରି ବଳକା ଦ୍ରବ୍ୟକୁ ବର୍ଷର ବିଭିନ୍ନ ସମୟରେ ବ୍ୟବହାର ନିମିତ୍ତ ସଂରକ୍ଷିତ କରିରଖନ୍ତି । ମହୁଲକୁ ଖରାରେ ଭଲଭାବରେ ଶୁଖାଇ ହାଣ୍ଡି କିମ୍ବା ଅଖା (ବୋରା)ରେ ଭର୍ତ୍ତି କରି ସାଇତି ରଖାଯାଏ । ବର୍ଷାଦିନେ ଏହାକୁ ସିଝାଇ କିମ୍ବା ହାଣ୍ଡିରେ ଭାଜି ସେମାନେ ଖାଦ୍ୟ ରୂପେ ଗ୍ରହଣ କରନ୍ତି । ମହୁଲି ମଦ ତିଆରି ନିମନ୍ତେ ମଧ୍ୟ ଏହି ସଂରକ୍ଷିତ ମହୁଲର ବହୁଳ ବ୍ୟବହାର ହୋଇଥାଏ ।

ଆଦିବାସୀ ସମ୍ପ୍ରଦାୟରେ ମହୁଲର ଚାହିଦା ବହୁବିଧ ଓ ସର୍ବାଧିକ । ତେଣୁ ମହୁଲକୁ 'ଶ୍ୱେତହୀରା' ଆଖ୍ୟା ପ୍ରଦାନ କରାଯାଇଛି ।

ବଣରୁ ସଂଗୃହୀତ କେନ୍ଦୁ, ଚାର, ତେନ୍ତୁଳି, ଚାରମଞ୍ଜି, ଶାଳମଞ୍ଜି, କାଜୁବାଦାମ (ଭେକୁଆ), ଆମ୍ବ ଟାକୁଆ, ସରଛା ଶାଗ, କୋଇନାର୍ ଶାଗ, ଚାକୁଣ୍ଡା (ଛୋଟ) ଶାଗ, ଡ଼େମ୍ବୁ, ଅଁଳା, ହରିଡ଼ା, ବାହାଡ଼ା, ଭୂଇଁନିମ୍ବ ଇତ୍ୟାଦିକୁ ଖରାରେ ଶୁଖାଇ ଭବିଷ୍ୟତ ବ୍ୟବହାର ପାଇଁ ସାଇତି ରଖାଯାଏ ଏବଂ ବର୍ଷର ବିଭିନ୍ନ ସମୟରେ ତାହା ଖାଦ୍ୟ ଓ ଔଷଧ ରୂପେ ବ୍ୟବହୃତ ହୁଏ । ଆମ୍ବ, ତେନ୍ତୁଳି, କରଡ଼ି ଇତ୍ୟାଦିକୁ ଖରାରେ ଶୁଖାଇ ଲୁଣ, ହଳଦୀ, ତେଲ ଓ ମସଲା ଦେଇ ବିଂଝିଆମାନେ  କାଚ ବୋତଲ କିମ୍ବା ମାଟି ହାଣ୍ଡିରେ ରଖି ଆଚାର ରୂପେ ବର୍ଷସାରା ବ୍ୟବହାର କରନ୍ତି । ବର୍ଷା ଋତୁ ଆସିବା ପୂର୍ବରୁ ଜାଳେଣୀ କାଠ ଘର ଭିତରେ ଆଣି ରଖାଯାଏ । ବଣରୁ ସଂଗୃହୀତ ମହୁ କାଚ ବୋତଲରେ ବହୁଦିନ ପର୍ଯ୍ୟନ୍ତ ରହେ । ବିଭିନ୍ନ ପ୍ରକାର କନ୍ଦା, ଛେଲି ଓ ମହୁର ଔଷଧୀୟ ଗୁଣ ହେତୁ ଏସବୁକୁ ବିଂଝିଆ ପରିବାରରେ ସଯତ୍ନରେ ସଂରକ୍ଷଣ କରାଯାଇଥାଏ ।

**ସଂରକ୍ଷଣ ଓ ଉପକରଣ:** ମହୁଲ, ଚାର, କେନ୍ଦୁ, କେନ୍ଦୁପତ୍ର, ଶାଳ ପତ୍ର, ବିଭିନ୍ନ ଫଳମୂଳ, ଶାଗ ଇତ୍ୟାଦିକୁ ଖରାରେ ଶୁଖାଇ ବିଭିନ୍ନ ଆକୃତିର ମାଟିପାତ୍ର ଓ ଅଖାରେ ରଖାଯାଏ । ଆଚାର ପ୍ରସ୍ତୁତି  ନିମନ୍ତେ ତେଲ, ସୋରିଷ, ରସୁଣ, ବିଭିନ୍ନ ପ୍ରକାର ମସଲା, ଲୁଣ, କାଚ ଜାର, କାଚ ବୋତଲ, ମାଟିପାତ୍ର ଇତ୍ୟାଦି ସରଞ୍ଜାମ ଆବଶ୍ୟକ ହୋଇଥାଏ । ଦଉଡ଼ି ବଳିବା ପାଇଁ ଲୁହା ଓ କାଠ ତିଆରି ଏକ ଉପକରଣ (ଢ଼େରା)ର ଆବଶ୍ୟକତା ଅନୁଭୂତ ହୋଇଥାଏ । ଜାଳେଣୀ କାଠ ସାଇତି ରଖିବା ପାଇଁ ଘରେ ଏକ କାଠର ମଞ୍ଚା ତିଆରି କରାଯାଇଥାଏ । ଔଷଧୀୟ ଦ୍ରବ୍ୟକୁ ଖରାରେ ଶୁଖାଇ କାଚ ବୋତଲରେ ରଖାଯାଏ ।

**କିଣା ବିକା:** ବିଂଝିଆ ପରିବାର ବଣ ଜଙ୍ଗଲରୁ ସଂଗ୍ରହ କରିଥିବା ଦ୍ରବ୍ୟଗୁଡ଼ିକରୁ ନିଜର ଆବଶ୍ୟକତା ପୂରଣ କରିଥାଏ । ବଳକା ଦ୍ରବ୍ୟକୁ ନେଇ ଆଖପାଖ ସହର ବା ବଜାରରେ ବିକ୍ରୟ କରି ବେଶ୍ ଦୁଇ ପଇସା ରୋଜଗାର କରେ ।

ବିଂଝିଆମାନେ ବଣରୁ ସଂଗ୍ରହ କରିଥିବା ମହୁଲ, ଡ଼ୋରି (ଟୋଲ), କେନ୍ଦୁ, କେନ୍ଦୁପତ୍ର, ଚାର, ଜାମୁକୋଳି, ବରକୋଳି, ବିଭିନ୍ନ ପ୍ରକାର ଶାଗ, ବିଭିନ୍ନ ପ୍ରକାର ଫୁଲ, ମଞ୍ଜି, ତେନ୍ତୁଳି, ଶାଳମଞ୍ଜି, ଚାରମଞ୍ଜି, କାଜୁବାଦାମ (ଭେଲୁଆ), ଆମ୍ବ ଟାକୁଆ,

ବାଉଁଶ କରଡ଼ି, ବିଭିନ୍ନ ପ୍ରକାର କନ୍ଦା, ବିଭିନ୍ନ ପ୍ରକାର ତନ୍ତୁ; ଯଥା:- ଶିଆଳି, ଛଣ, ନଳିତାରୁ ପ୍ରସ୍ତୁତ ଦଉଡ଼ି, ଝାଡ଼ୁ, ଲାଖ, ଅଁଳା, ହରିଡ଼ା, ବାହାଡ଼ା, ମହୁ, ବିଭିନ୍ନ ପ୍ରକାରର ଛତୁ, ଔଷଧୀୟ ଦ୍ରବ୍ୟ, ଅଠା ଏବଂ ଅନ୍ୟାନ୍ୟ ଫଳମୂଳ ଇତ୍ୟାଦିକୁ ବିକ୍ରୟ କରିଥାନ୍ତି । କେତେକ ବନଜାତ ଦ୍ରବ୍ୟକୁ ଲୁଣ, ହାଣ୍ଡି ମାଠିଆ, ଲୁଗାପଟା ଓ ଅନ୍ୟାନ୍ୟ ଗୃହ ଉପକରଣ ସହିତ ପ୍ରତି ବଦଳ ମଧ୍ୟ କରାଯାଏ ।

ବନଜାତ ଦ୍ରବ୍ୟର ପ୍ରଧାନ ବିକ୍ରୟ ସ୍ଥଳ ହେଲା ହାଟ ବା ବଜାର । ବିକ୍ରି ଉପଯୋଗୀ ବନ୍ୟଜାତ ଦ୍ରବ୍ୟ ନେଇ ନିକଟସ୍ଥ ଜନପଦ କିମ୍ବା ସହରାଞ୍ଚଳରେ ମଧ୍ୟ ଘର ଘର ବୁଲି ବିଂଝିଆମାନେ ଜିନିଷ ବିକ୍ରୀ କରୁଥିବାର ଦେଖାଯାଏ ।

ବିଂଝିଆମାନେ ଏହି ବନ୍ୟଜାତ ଦ୍ରବ୍ୟକୁ ବ୍ୟବସାୟୀମାନଙ୍କୁ ବିକ୍ରୟ କରିଥାନ୍ତି । ବ୍ୟବସାୟୀ ମାନେ ସେସବୁ ଜିନିଷ କିଣିବା ପାଇଁ ବଜାର ମଧ୍ୟରେ ଦୋକାନ ଖୋଲିଥାନ୍ତି । କେତେକ ବ୍ୟବସାୟୀ ହାଟଦିନ ରାସ୍ତାକଡ଼ରେ ବସି ବିଂଝିଆମାନଙ୍କୁ ଅପେକ୍ଷା କରି ରହିଥାନ୍ତି । ବେଳେବେଳେ ଖୁଚୁରା ଗ୍ରାହକ ତଥା ଅନ୍ୟ ସଂପ୍ରଦାୟର ଲୋକମାନେ ବ୍ୟକ୍ତିଗତ ଭାବରେ ମଧ୍ୟ ଏମାନଙ୍କଠାରୁ ଜିନିଷ ପତ୍ର କିଣାକିଣି କରନ୍ତି ।

ଅଧିକାଂଶ ବିଂଝିଆ ସେମାନେ ସଂଗ୍ରହ କରିଥିବା ବନ୍ୟଜାତ ଦ୍ରବ୍ୟକୁ ଲୁଣ, ଲୁଗାପଟା, ହାଣ୍ଡିମାଠିଆ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ସହିତ ପ୍ରତିବଦଳ କରିଥାନ୍ତି । କେତେକ କ୍ଷେତ୍ର ଅର୍ଥ ବିନିମୟରେ ଏସବୁର କିଣାବିକା ହୁଏ ।

**ଶିକାର:**

ବିଂଝିଆ ଲୋକେ ସାଧାରଣତଃ ଶିକାର ପ୍ରିୟ । ବିଭିନ୍ନ ପଶୁପକ୍ଷୀ ଶିକାର କରିବାରେ ଏମାନେ ଅପାର ଆନନ୍ଦ ପାଆନ୍ତି । ଦଳଦଳ ହୋଇ ବର୍ଷର କେତେକ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ଶିକାର ଉପକରଣ ନେଇ ଜଙ୍ଗଲକୁ ଶିକାର ଅନ୍ୱେଷଣରେ ବାହାରିଯାଆନ୍ତି ।

ସେମାନେ ସାଧାରଣତଃ ଜଙ୍ଗଲରୁ ହରିଣ, ବାରହା, କୁଟ୍ରା, ସମ୍ବର, ଠେକୁଆ, ବଣ କୁକୁଡ଼ା, ମୟୂର, କପୋତ (ପଣ୍ଡକୀ), ପାରା, ଗୋଧି ଇତ୍ୟାଦି ପଶୁପକ୍ଷୀ ଶିକାର କରନ୍ତି । ବେଳେବେଳେ ହିଂସ୍ର ଜିବଜନ୍ତୁ ଯଥା :- ବାଘ, ଭାଲୁ, ହେଟାବାଘ ମଧ୍ୟ ଶିକାର କରିଥାନ୍ତି ।

ଜଙ୍ଗଲରୁ ବିଂଝିଆମାନେ ପଶୁପକ୍ଷୀ ଶିକାର କରିବା ପାଇଁ ମୁଖ୍ୟତଃ ଧନୁତୀର, ବର୍ଚ୍ଛା, ଟେଣ୍ଟା, ଟାଙ୍ଗିଆ, ଛୁରୀ ଓ ଜାଲ ଆଦି ବ୍ୟବହାର କରନ୍ତି ।

ବିଂଝିଆମାନେ ବର୍ଷର ବିଭିନ୍ନ ସମୟରେ ଶିକାର ଉଦ୍ଦେଶ୍ୟରେ ଦଳ ଦଳ ହୋଇ ଜଙ୍ଗଲକୁ ଯାଇଥାନ୍ତି । ବିଶେଷ କରି ରଜପର୍ବ ତିନିଦିନ ଏବଂ ଖରାଦିନେ ଜଙ୍ଗଲକୁ ଶିକାର କରିବାକୁ ଯାଇଥାନ୍ତି ।

ବିଂଝିଆମାନେ ବ୍ୟକ୍ତିଗତ ଭାବରେ ଗୁଣ୍ଡରୁ ପକ୍ଷୀ, ମୟୂର, କପୋତ (ପଣ୍ଡକୀ), ଜଙ୍ଗଲୀ ମୂଷା, ବଣ କୁକୁଡ଼ା, ଗୁଣ୍ଡୁଚି ମୂଷା (ଗିଲ୍‌ହରୀ), ହରଳ, (ହାର୍‌ଲା), ବାଦୁଡ଼ି, କୁଟରା ଇତ୍ୟାଦି ପଶୁପକ୍ଷୀମାନଙ୍କୁ ଶିକାର କରିଥାନ୍ତି ।

ହରିଣ, ସମ୍ବର, ଠେକୁଆ, ବାଘ, ବାର୍‌ହା, ପାରା, ଗୋଧି, ପଶୁପକ୍ଷୀଙ୍କୁ ଶିକାର କରିବା ପାଇଁ ଦଳଦଳ ହୋଇ ବିଂଝିଆମାନେ ଜଙ୍ଗଲକୁ ଯାଇଥାନ୍ତି । ଗୋଟିଏ ଦଳ ଜଙ୍ଗଲର ଗୋଟିଏ ପାର୍ଶ୍ୱରେ ରହି ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇ ଶବ୍ଦ କରନ୍ତି କିମ୍ବା ହୋହାଲ୍ଲା କରନ୍ତି । ଠିକ୍ ସେହି ସମୟରେ ଅନ୍ୟ ପାର୍ଶ୍ୱରେ ଜଗିଥିବା ଶିକାରୀ ଦଳ ଶିକାର ଉପକରଣ ନେଇ ଶିକାର କରିବା ପାଇଁ ପ୍ରସ୍ତୁତ ହୋଇ ରହନ୍ତି । ପଶୁପକ୍ଷୀଗଣ ତାଙ୍କ ଆଡ଼କୁ ଆସିଲେ ସେମାନେ ଶିକାର କରନ୍ତି । ପକ୍ଷୀ ଶିକାର ଓ ମାଙ୍କଡ଼ ଶିକାର ପାଇଁ ଜାଲ ବସାଯାଏ ।

ଗୋଷ୍ଠୀଗତ ଶିକାରର ଭାଗବଣ୍ଟା ହୋଇଥାଏ । ଶିକାରକୁ ଯାଇଥିବା ବିଂଝିଆ ଲୋକମାନଙ୍କ ମଧ୍ୟରେ ଜଙ୍ଗଲରୁ ଶିକାର କରି ଆଣିଥିବା ପଶୁପକ୍ଷୀଙ୍କୁ ସମାନ ଭାବରେ ଭାଗ କରାଯାଏ । ଯିଏ ପ୍ରଥମରେ ଶିକାର ମାରିଥାଏ, ସେ ଗୋଟିଏ ଭାଗ ଅଧିକ ପାଇଥାଏ । ଗ୍ରାମରେ ଥିବା ବିଧବା ମହିଳାଙ୍କ ପରିବାର କିମ୍ବା ଅସୁବିଧା ବଶତଃ ଶିକାରକୁ ଯାଇପାରିନଥିବା ବ୍ୟକ୍ତିଙ୍କ ପରିବାରକୁ ମଧ୍ୟ ଏକ ଭାଗ ମାଂସ ପଠାଯାଇଥାଏ । ଏହା ବିଂଝିଆମାନଙ୍କ ସମାଜରେ ସହଯୋଗ ମନୋବୃତ୍ତିର ପରିଚୟକ ।

ଶିକାରର ପ୍ରଧାନ ଓ ମୁଖ୍ୟ ଉଦ୍ଦେଶ୍ୟ ହେଲା ଖାଦ୍ୟ । ଅର୍ଥାତ୍ ଖାଦ୍ୟ ଉଦ୍ଦେଶ୍ୟରେ ବିଂଝିଆମାନେ ସାଧାରଣତଃ ଶିକାର କରିଥାନ୍ତି । ଶିକାର କରି ଆଣିଥିବା ମାଂସକୁ ସେମାନେ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । କେତେକ ପଶୁପକ୍ଷୀର ମାଂସ ଔଷଧ ରୂପେ ମଧ୍ୟ ବ୍ୟବହୃତ ହୁଏ । ଜୀବଜନ୍ତୁଙ୍କ ଚମଡ଼ାରୁ ବାଦ୍ୟଯନ୍ତ୍ରର ବିଭିନ୍ନ ଅଂଶ ତିଆରି ହୁଏ ।

**ଔଷଧ:**

ଯକ୍ଷ୍ମା ରୋଗରୁ ଆରୋଗ୍ୟ ଲାଭ କରିବା ପାଇଁ ବିଂଝିଆ ମାନେ କପୋତ (ପଣ୍ଡକୀ) ଓ ପାରା ଶିକାର କରି ଏହାର ମାଂସ ଖାଆନ୍ତି । ବାର୍‌ହା ମାଂସ ଓ କପୋତ ମାଂସ ଶ୍ୱାସ

ରୋଗ ପାଇଁ ମଧ୍ୟ ଉପକାରୀ ହୋଇଥାଏ । ବଡ଼ ବାଦୁଡ଼ି ମାଂସ ଖାଇଲେ ଶ୍ୱାସ ରୋଗ ଭଲ ହୋଇଥାଏ ।

**ବାଦ୍ୟଯନ୍ତ୍ର:**

ଶିକାର କରି ଆଣିଥିବା ପଶୁପକ୍ଷୀଙ୍କ ଚମଡ଼ା ଯଥା:- ବାଘ ଚମଡ଼ା, ସମ୍ବର ଓ ଗୋଧି ଚମଡ଼ା, ମାଙ୍କଡ଼ ଚମଡ଼ାରୁ ଉତ୍କୃଷ୍ଟ ବାଦ୍ୟଯନ୍ତ୍ର ପ୍ରସ୍ତୁତ ହୋଇଥାଏ ।

ଏତଦ୍‌ବ୍ୟତୀତ ଶିକାର କରି ଆଣିଥିବା ପଶୁପକ୍ଷୀଙ୍କ ଚମଡ଼ା, ଦାନ୍ତ, ହାଡ଼ ଇତ୍ୟାଦିରୁ ଔଷଧ, ଜୋତା ଓ ଅନ୍ୟାନ୍ୟ ଉପକରଣ ମଧ୍ୟ ତିଆରି କରାଯାଉଛି ।

## "ବିଂଝିଆ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ଓଡ଼ିଆ ଭାଷାରେ ମାସର ନାମ | ବିଂଝିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ବନଜାତଦ୍ରବ୍ୟସଂଗ୍ରହର ନାମ | ସଂପୃକ୍ତ ପର୍ବପର୍ବାଣୀ | ବ୍ୟବହାର | ମନ୍ତବ୍ୟ |
|---|---|---|---|---|---|---|---|
| ୦୧. | ବୈଶାଖ | ବୈଁଶାକ୍ | ଏପ୍ରିଲ୍ – ମେ | ଶାଳପତ୍ର, ଜାଳେଣୀ କାଠ, ଚାରକୋଳି, କେନ୍ଦୁ ପତ୍ର, କରଞ୍ଜ, ଆମ୍ବ, ପଣସ, ଶାଳମଞ୍ଜି, ଚାର ମଞ୍ଜି, ପଣସ ପତ୍ର, କୋଇନାର ଶାଗ, ଜାଳେଣୀ କାଠ, ମହୁଲ, ଦାନ୍ତ କାଠି, ତେନ୍ତୁଳି ଇତ୍ୟାଦି । | ଜଙ୍ଗଲ ଦେବତାଙ୍କ ପୂଜା | ଶାଳପତ୍ରୁ, ପଣସ ପତ୍ରର ଖଲି ଓ ଡଉପଦୀ (ଠୋଲା) ତିଆରି କରାଯାଏ । ଆମ୍ବ, ପଣସ, କେନ୍ଦୁ, ଚାର, କୋଇନାର ଶାଗକୁ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ତେନ୍ତୁଳିକୁ ଖଟା, ଶାଳମଞ୍ଜିରୁ ତେଲ ଓ ମିଠା ଇତ୍ୟାଦି ପ୍ରସ୍ତୁତ କରାଯାଏ । ମହୁଲକୁ ସିଝାଇ ବା ଭାଜି ଖାଦ୍ୟ ରୂପେ ବ୍ୟବହାର କରାଯାଏ । ମହୁଲରୁ ମଦ୍ୟ ଜାତୀୟ ପାନୀୟ ପ୍ରସ୍ତୁତ କରାଯାଏ । | --- |
| ୦୨. | ଜ୍ୟୋଷ୍ଠ | ଜେଠ୍ | ମେ– ଜୁନ୍ | ଶାଳପତ୍ର, ଫଲସା ପତ୍ର, ଜାଳେଣୀ କାଠ, ତୋରି (ଟୋଲ), କରଞ୍ଜ, ପଣସ, ଆମ୍ବ, ମହୁ, ଝୁଣା, ଲାଖ, ବାଉଁଶ, କେନ୍ଦୁପତ୍ର, ଚାର, କେନ୍ଦୁ, କଣ୍ଟେଇ କୋଳି, କାଠ, ଖଜୁରୀ କୋଳି, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି । | --- | ଶାଳପତ୍ର ଓ ଫଲସା ପତ୍ର– ଖଲି ଓ ଡଉପଦି, ଜାଳେଣୀ କାଠ– ଜାଳେଣା– କାଠ, ଆସବାବପତ୍ର, ଖଜୁରୀ କୋଳି, ଚାର, କେନ୍ଦୁ, ଆମ୍ବ, ପଣସ, କଣ୍ଟେଇ କୋଳି – ଖାଦ୍ୟ ହିସାବରେ ବ୍ୟବାହାର କରାଯାଏ । ହରିଡ଼ା, ବାହାଡ଼ା– ଔଷଧ, ଝୁଣା – ପୂଜା, ଲାଖ – ଅଠା, ଅଁଳା, ମହୁ– ଔଷଧ, ଖଜୁରୀ ରସ – ତାଡ଼ି (ପାନୀୟ), କରଞ୍ଜ ତେଲ– ଔଷଧ, ତୋରି – ତେଲ । | --- |

# "ବିଂଝିଆ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ଓଡ଼ିଆ ଭାଷାରେ ମାସର ନାମ | ବିଂଝିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ବନଜାତଦ୍ରବ୍ୟ ସଂଗ୍ରହର ନାମ | ସଂପୃକ୍ତ ପର୍ବପର୍ବାଣୀ | ବ୍ୟବହାର | ମନ୍ତବ୍ୟ |
|---|---|---|---|---|---|---|---|
| ୦୩. | ଆଷାଢ଼ | ଆଷାଡ଼୍ | ଜୁନ୍ - ଜୁଲାଇ | ଶାଳପତ୍ର, ଶିଆଳି ପତ୍ର, ଆମ୍ବ, ପଣସ ବିଭିନ୍ନ ପ୍ରକାରର ଛତୁ, ଜାମୁକୋଳି, କେନ୍ଦୁ, କୋଇଲାରି ଶାଗ, ସରଲା ଶାଗ, ଡାଳ ଇତ୍ୟାଦି । | --- | ଛତୁ, କେନ୍ଦୁ, କୋଇନାର ଶାଗ, ପଣସ, ସରଳା ଶାଗ ଆମ୍ବ - ଖାଦ୍ୟ | --- |
| ୦୪. | ଶ୍ରାବଣ | ସାଉଁନ | ଜୁଲାଇ - ଅଗଷ୍ଟ | ଶାଳପତ୍ର,ଶ୍ରାବଣ ଛତୁ, ବାଉଁଶ କରଡ଼ି, ଶିଆଳି ପତ୍ର, କୁରଲୁ ଫଳ ଇତ୍ୟାଦି । | --- | ଶିଆଳି ପତ୍ର - ଛତା, ବର୍ଷାତି, ବାଉଁଶ କରଡ଼ି, ଶ୍ରାବଣ ଛତୁ, ଖାଦ୍ୟ - କୁରଲୁ ଫଳ = ଖାଦ୍ୟ | --- |
| ୦୫. | ଭାଦ୍ରବ | ଭାଦୋ | ଅଗଷ୍ଟ- ସେପ୍ଟେମ୍ବର | ଶାଳପତ୍ର,ଶିଆଳି ପତ୍ର, ବାଉଁଶ କରଡ଼ି, ଭାଦୋ ଛତୁ, ପିଠାଆଳୁ କନ୍ଦା ଇତ୍ୟାଦି । | --- | ପିଠାଆଳୁ କନ୍ଦା, ଛତୁ, ବାଉଁଶ କରଡ଼ି ଖାଦ୍ୟ ରୂପେ ବ୍ୟବହୃତ ହୁଏ । | --- |
| ୦୬. | ଆଶ୍ୱିନ | କୁଆର | ସେପ୍ଟେମ୍ବର-ଅକ୍ଟୋବର | କାବେଣି କାଠ, ଶିଆଳି ପତ୍ର ଇତ୍ୟାଦି । | ବନଦୁର୍ଗା ପୂଜା | --- | --- |

## "ବିଂଝିଆ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ଓଡ଼ିଆ ଭାଷାରେ ମାସର ନାମ | ବିଂଝିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ବନଜାତଦ୍ରବ୍ୟ ସଂଗ୍ରହର ନାମ | ସଂପୃକ୍ତ ପର୍ବପର୍ବାଣୀ | ବ୍ୟବହାର | ମନ୍ତବ୍ୟ |
|---|---|---|---|---|---|---|---|
| ୦୭. | କାର୍ତ୍ତିକ | ସହରାଏ | ଅକ୍ଟୋବର - ନଭେମ୍ବର | ଶାଳପତ୍ର, ଶିଆଳି ପତ୍ର, କାଳେଣି କାଠ, ଦାନ୍ତକାଠି, କାଠ ଇତ୍ୟାଦି । | --- | କାଠରୁ ଗୃହ ଆସବାବ ପତ୍ର ଓ କୃଷି ଉପକରଣ ତିଆରି କରାଯାଏ । | --- |
| ୦୮. | ମାର୍ଗଶିର | ଅଘନ୍ | ନଭେମ୍ବର - ଡିସେମ୍ବର | ଶାଳପତ୍ର,ଶିଆଳି ପତ୍ର, ଦାନ୍ତକାଠି, ଛଣ, ନଳିତା, ସବାଇ ଘାସ । | --- | ଶାଳପତ୍ର, ଶିଆଳି ପତ୍ରରୁ ଖଲି, ଦଉପଦି ଏବଂ ଛଣ, ନଳିତା ଓ ସବାଇ ଘାସରୁ ଦଉଡ଼ି ଇତ୍ୟାଦି ପ୍ରସ୍ତୁତ କରାଯାଏ । | --- |
| ୦୯. | ପୌଷ | ପୁଷ୍ | ଡିସେମ୍ବର - ଜାନୁୟାରୀ | ଶାଳପତ୍ର,କାଳେଣି କାଠ, ମହୁ, ଝୁଣା, ସତାବରୀ (ଔଷଧୀୟ) । | --- | ଶାଳପତ୍ରରୁ ଖଲି, ଦଉପଦୀ ତିଆରି ହେଉଥିବା ବେଳେ, ଝୁଣା ପୂଜା ପାର୍ବଣରେ ଆରାଧନା ସମୟରେ ସୁଗନ୍ଧ ରୂପେ ଏବଂ ସତାବରୀକୁ ଔଷଧ ରୂପେ ବ୍ୟବହାର କରାଯାଏ । | --- |
| ୧୦. | ମାଘ | ମାଘ୍ | ଜାନୁଆରୀ-ଫେବୃୟାରୀ | ଶାଳ ପତ୍ର,କାଳେଣି କାଠ, ମହୁଲ, ଦାନ୍ତକାଠି, ଝୁଣା, ସତାବରୀ, ଗିରେଲ୍ ଫୁଲ । | --- | ଗିରେଲ ଫୁଲକୁ ବିଂଝିଆମାନେ ଖାଦ୍ୟ ଉପଯୋଗୀ କରିଥାନ୍ତି । | --- |

## "ବିଂଝିଆ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ଓଡ଼ିଆ ଭାଷାରେ ମାସର ନାମ | ବିଂଝିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ବନଜାତଦ୍ରବ୍ୟ ସଂଗ୍ରହର ନାମ | ସଂପୃକ୍ତ ପର୍ବପର୍ବାଣୀ | ବ୍ୟବହାର | ମନ୍ତବ୍ୟ |
|---|---|---|---|---|---|---|---|
| ୧୧. | ଫାଲ୍‌ଗୁନ | ଫାଗୁନ୍ | ଫେବୃଆରୀ - ମାର୍ଚ୍ଚ | ଶାଳପତ୍ର, ଦାନ୍ତକାଠି, ଶାଳଫୁଲ, ଝୁଣା । | --- | ଶାଳଫୁଲ ପୂଜାରେ ବ୍ୟବହାର କରାଯାଏ । | --- |
| ୧୨. | ଚୈତ୍ର | ଚଇତ | ମାର୍ଚ୍ଚ - ଏପ୍ରିଲ୍ | ଶାଳପତ୍ର,ଜାଳେଣି କାଠ, ଦାନ୍ତକାଠି, ଆମ୍ବ, ପଣସ, ଖୁଣ୍ଟ, ରୁଅ, ବାଉଁଶ, ଲଙ୍ଗଳ ଓ କୁଆଳି ପାଇଁ କାଠ, ଚାରକୋଳି, ଝୁଣା, ଅଠା | --- | ଗୃହପୋକରଣ ଓ କୃଷି ଉପକରଣ ନିମନ୍ତେ ଜଙ୍ଗଲରୁ କାଠ ସଂଗ୍ରହ କରାଯାଏ । | --- |

# ବିଂଝିଆ
# ପର୍ବପର୍ବାଣୀ
# ପଞ୍ଜିକା

| ଓଡ଼ିଆ, ବିଂଝିଆ ଇଂରାଜୀ ଭାଷାରେ ମାସର ନାମ | "ବିଂଝିଆ" ପର୍ବପର୍ବାଣୀ ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ଯୋଗାଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ବୈଶାଖ<br>ବୈଶାକ୍<br>ଏପ୍ରିଲ୍ -ମେ' | ଅ କ୍ଷ ୟ ତୃତୀୟା ( ମୁ ଠ ବୁଝାଁ) | ବୈଶାଖ ମାସର ଅକ୍ଷୟ ତୃତୀୟା | ଲ କ୍ଷ୍ମୀ, ମାଟିଦେବତା, ( ଗାଁ ଶୁ । ଖୁଣ୍ଟପାଟ ) ରୋଗୀ ପୂଜା | ଘରରମୁଖିଆ | ଅରୁଆଚାଉଳ, ଦୁବଘାସ,ସିନ୍ଦୁର, ହଳଦି,ଆମ୍ବଡାଳ ଶୋଣି(ଜୋପ), ଧାନ | ଏହି ସମୟ ବେଳକୁ ଅସରାଏ ଦୁଇ ଅସରା ବର୍ଷା ହୋଇଯାଇଥାଏ । ବିଂଝିଆ ପରିବାର ନିଜ ନିଜ ଜମିକୁ ହଳ କରି ଖତ ଦେଇ ପ୍ରସ୍ତୁତ କରି ଦିଅନ୍ତି । ଧାନ ବୁଣିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି ନିଜ ଜମିରେ ଏହି ଅକ୍ଷୟତୃତୀୟା ପର୍ବ ପାଳନ କରିଥାନ୍ତି । ଭଲ ଭାବରେ ଧାନ ଗଜାହେବା ପାଇଁ ବିଂଝିଆମାନେ ଏହି ପର୍ବରେ ମାଟି ଦେବତା ଏବଂ ଲକ୍ଷ୍ମୀଙ୍କୁ ପୂଜା କରିଥାନ୍ତି । ପ୍ରଥମେ ପରିବାରର ମୁଖିଆ ପ୍ରାତଃକାଳରେ ନିଜର ସ୍ନାନାଦି କାର୍ଯ୍ୟ ସମାପନ କରି ନୂଆ ଧୋତି ଓ ଗାମୁଛା ପରିଧାନ ପୂର୍ବକ ଚାଷ ଜମିକୁ ଯାଇଥାନ୍ତି । ସାଙ୍ଗରେ ସମସ୍ତ ପୂଜା ଉପକରଣ ନେଇଥାନ୍ତି । ଜମିକୁ ଯିବା ପୂର୍ବରୁ ଘରର ସ୍ତ୍ରୀ ଲୋକମାନେ ମଙ୍ଗଳ ସୂଚକ ଶଙ୍ଖ ଧ୍ୱନି ଦିଅନ୍ତି । ଜମିରେ ପହଞ୍ଚି ଘରର ମୁଖିଆ ମାଟି ଦେବତା ଏବଂ ଲକ୍ଷ୍ମୀଙ୍କୁ ସ୍ମରଣ କରି 'ମୁଠ ବୁଝାଁ' ପୂଜା କରିଥାଏ । | ପ୍ରଥମ ଚାଷ କାମ ଏହି ଦିନଠାରୁ ଆରମ୍ଭ ହେଉଥିବାରୁ ବିଂଝିଆମାନେ ଖୁବ୍ ଆନନ୍ଦ ସହ ଏହି ପର୍ବ ପାଳନ କରିଥାନ୍ତି । ସନ୍ଧ୍ୟା ସମୟରେ ନିଜ ପଡ଼ୋଶୀମାନଙ୍କ ସହିତ ମିଶି ମଦ, ମାଂସ ଭୋଜିକରି ରାତି ସାରା ନାଚ ଗୀତର ଆୟୋଜନ କରିଥାନ୍ତି । | ମୁଠ ବୁଝାଁ ପୂର୍ବରୁ ବ୍ରାହ୍ମଣଦ୍ୱାରା ପରିବାରର ସଦସ୍ୟମାନଙ୍କ ମଧ୍ୟରୁ ଯାହା ରାଶିଅନୁଯାୟୀ ଏହି କାର୍ଯ୍ୟ ସଂପାଦିତ ହେବ ତାହା ନିର୍ଣ୍ଣୟ କରାଯାଏ । ତଦନୁଯାୟୀ ସେହିବ୍ୟକ୍ତିହିଁ ପ୍ରଥମେ ମୁଠ ବୁଝାଁ କାର୍ଯ୍ୟ ସଂପାଦିତ କରିଥାଏ । |

## "ବିଂଝିଆ" ପର୍ବପର୍ବାଣୀ ସାରଣୀ

| ଓଡ଼ିଆ, ବିଂଝିଆ ଙରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା- -ପୋକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ଜ୍ୟେଷ୍ଠ<br>ଜେଠ୍<br>ମେ'-ଜୁନ୍ | ରଜ ପର୍ବ (ହାର୍-ପାହାରେନ୍) | ଜ୍ୟେଷ୍ଠ ମାସର ରଜ ସମୟରେ | ମାଟିଦେବତା | ସାମୂହିକ ଭାବରେ | ଅରୁଆଚାଉଳ, ଶାଳ ପତ୍ରରେ ଚଉପତି, ଦୂବଘାସ, ସିନ୍ଦୁର, ହଳଦୀ, ଆମ୍ବଡ଼ାଳ | ଏହି ପର୍ବକୁ ସାମୂହିକ ଭାବରେ ପାଳନ କରାଯାଏ, ମା' ମାଟିର ସୁରକ୍ଷା ସକାଶେ ତିନିଦିନ ଧରି ମାଟି କର୍ଷଣ କରାଯାଏ ନାହିଁ। ଘରର ମୁରବି ପ୍ରଭାତରୁ ସ୍ନାନାଦି କାର୍ଯ୍ୟ ସମାପନ କରି ନିଜ ଜମିରେ ହଳଦୀ ପାଣି ଛାଟି ପୂଜାପାଠ କରନ୍ତି। ସେଠାରୁ ଫେରି ଗ୍ରାମରେ ସାମୂହିକ ଭାବରେ ଏହି ପର୍ବ ପାଳନ କରାଯାଏ। ଗ୍ରାମର ପୁରୁଷମାନେ ଏହି ତିନିଦିନ ସକାଳୁ ଉଠି ପଖାଳଭାତ ଖାଇ ନିଜର ଶିକାର ଉପକରଣ ସାଙ୍ଗରେ ନେଇ ଜଙ୍ଗଲକୁ ଶିକାର କରିବା ପାଇଁ ଯାଆନ୍ତି। | ଶିକାର କରି ଅପରାହ୍ନ ସମୟରେ ଗ୍ରାମକୁ ଫେରି ଆସନ୍ତି। ଶିକାର କରିଥିବା ମାଂସକୁ ମିଳିତ ଭାବେ ରାନ୍ଧି ସାରିବା ପରେ ଛୋଟ ପିଲାମାନଙ୍କୁ ଖାଇବାକୁ ଦିଆଯାଏ। ତତ୍‌ପରେ ପୁରୁଷ ଓ ମହିଳାମାନେ ମିଳିତ ଭାବେ ମାଂସ ସହ ହାଣ୍ଡିଆ ସେବନ କରିଥାନ୍ତି। ଭୋଜିଭାତ ପରେ ଯୁବକ ଯୁବତୀମାନେ ନାଚ ଓ ଗୀତର କାର୍ଯ୍ୟକ୍ରମ ଆରମ୍ଭ କରନ୍ତି। | ଲୋକ ପ୍ରଥାରୁ ଜଣାଯାଏ ଯେ, ପୃଥିବୀ ଏହି ସମୟରେ ରଜସ୍ୱଳା ହୋଇଥାଏ, ତେଣୁ ଏହି ସମୟରେ ଭୂମି କର୍ଷଣ କରିବା ଅନୁଚିତ ବୋଲି ବିଂଝିଆମାନଙ୍କର ବିଶ୍ୱାସ ରହିଛି। |



ପାରଂପରିକ ସମରକଳାର ଝଲକ



ନୃତ୍ୟ ଅବସରରେ ଜୁଆଙ୍ଗ ରମଣୀ

| ଓଡ଼ିଆ, ବିଂଝିଆ ଇଂରାଜୀ ଭାଷାରେ ମାସର ନାମ | "ବିଂଝିଆ" ପର୍ବପର୍ବାଣୀ ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ଉପକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ଆଷାଢ ଆଷାର୍ ଜୁନ୍-ଜୁଲାଇ | ସରନା ପର୍ବ | ଆଷାଢ ମାସରେ ଏହି ପର୍ବ ପଡ଼େ । | ଗ୍ରାମଦେବତା | ପାହାନ, ଅଜା, ବୈଗା | ବୋଦା, ପେଣ୍ଡୁ, କୁକୁଡ଼ା, ସିନ୍ଦୁର, ହଳଦୀ, ଶାଳପତ୍ର, ଦୋନା, ନଡ଼ିଆ | ଏହି ପର୍ବକୁ ସାମୂହିକ ଭାବରେ ପାଳନ କରାଯାଏ । ପାହାନ ସକାଳୁ ଉଠି ନିଜର ନିତ୍ୟକର୍ମ ସମାପନ କରିବା ପରେ ଅଜା ସହିତ ସମସ୍ତ ପୂଜା ଉପକରଣ ନେଇ ଗ୍ରାମଦେବୀଙ୍କ ନିକଟରେ ପହଞ୍ଚେ । ବୈଗା ମଧ୍ୟ ସାଙ୍ଗରେ ଯାଇଥାଏ । ସମସ୍ତ ଗ୍ରାମବାସୀ(ପୁରୁଷ) ଗ୍ରାମ ମୁଣ୍ଡରେ ଥିବା ଗ୍ରାମଦେବୀ ନିକଟକୁ ଯାଇଥାନ୍ତି । ପାହାନ ପ୍ରଥମେ ବୋକା କିମ୍ବା ପେଣ୍ଡୁ କିମ୍ବା ଖୁଖରାକୁ ସିନ୍ଦୁର ଦେଇ ପୂଜା କରେ ଓ ବଳୀ ଦିଏ । ତା'ପରେ ଗ୍ରାମଦେବୀ ଉଦ୍ଦେଶ୍ୟରେ ମହୁଲୀ ଦାରୁକୁ ତର୍ପଣ କରାଯାଏ । | ପୂଜା ପରେ ବଳି ପଡ଼ିଥିବା ମାଂସକୁ ଏକତ୍ର ରାନ୍ଧି ସାମୂହିକ ଭୋଜିର ଆୟୋଜନ କରାଯାଏ । ମହୁଲି ମଦ ସହିତ ନାଚ ଗୀତର ଆୟୋଜନ କରାଯାଇଥାଏ । ଭଲ ବର୍ଷା ଏବଂ ଭଲ ଫସଲ ପାଇଁ ଗ୍ରାମଦେବୀଙ୍କ ଆର୍ଶିବାଦ ଭିକ୍ଷା କରାଯାଏ । | --- |
| ଶ୍ରାବଣ ଶାବନ୍ ଜୁଲାଇ-ଅଗଷ୍ଟ | ଗହ୍ମାପୂନି | ଶ୍ରାବଣ ମାସର ଗହ୍ମାପୂର୍ଣ୍ଣିମା | ପୂର୍ବପୁରୁଷ, ଭାଇ, ଶିବ ପୂଜା | ଘରର ମୁଖିଆ | ରାକ୍ଷୀ, କୁକୁଡ଼ା, ଖୁଦୁରା,ଚୁଡ଼ାଫଳ ଶାଳ ପତ୍ର ହାଣ୍ଡିଆ | ଶ୍ରାବଣ ମାସର ପୂର୍ଣ୍ଣିମାରେ ଏହି ପର୍ବ ବ୍ୟକ୍ତିଗତ ଭାବେ ପାଳନ କରାଯାଇଥାଏ । ସର୍ବ ପ୍ରଥମେ ଗୃହକର୍ତ୍ତା ପ୍ରଭାତରୁ ସ୍ନାନ, ଶୌଚାଦି କାର୍ଯ୍ୟ ସମାପନ କରି ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ କୁକୁଡ଼ା ବଳୀ ଦେଇ ହାଣ୍ଡିଆ ତର୍ପଣ କରିଥାନ୍ତି । ତା'ପରେ ଘରର ଭଉଣୀମାନେ ଭାଇମାନଙ୍କୁ ସ୍ୱାଦିଷ୍ଟ ବ୍ୟଞ୍ଜନ ଏବଂ ନୂତନ ବସ୍ତ୍ର ପ୍ରଦାନ କରି ଭାଇର ଦୀର୍ଘ ଜୀବନ କାମନା କରି ରାକ୍ଷୀ ବାନ୍ଧି ଥାନ୍ତି । | ସମବେତ ଭାବରେ ନାଚ ଗୀତର ଆୟୋଜନ କରାଯାଇଥାଏ । | --- |

| ଓଡ଼ିଆ, ବିଂଝିଆ ଲୋକଭାଷାରେ ମାସର ନାମ | "ବିଂଝିଆ" ପର୍ବପର୍ବାଣୀ ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ଉପକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ଭାଦ୍ରବ ଭାଦୋ ଅଗଷ୍ଟ-ସେପ୍ଟେମ୍ବର | ନୂଆଖାଇ | | କରମରାଜା, ପୂର୍ବପୁରୁଷ | ଗୃହକର୍ତ୍ତା, ପାହାନ | ନଡ଼ିଆ । କଦଳୀ କାକୁଡ଼ି, ନୂଆ ଚାଉଳ ପିଠା, ମୁଗ, ଚଣା | ନୂଆଖାଇ ପର୍ବଟି ଭାଦ୍ରବ ମାସ ପଞ୍ଚମୀ ଦିନ ବିଂଝିଆ ପରିବାରରେ ଘରେ ଘରେ ଖୁବ ଆନନ୍ଦ ଉତ୍ସାହ ସହିତ ପାଳନ କରାଯାଏ । ଗୃହକର୍ତ୍ତା ଉକ୍ତ ଦିନ ନିଜର ନିତ୍ୟକର୍ମ ସାରି ନୂତନ ଭାବେ ଅମଳ ହୋଇଥିବା ନୂଆ ଧାନ, ଓ ଧାନରୁ ପ୍ରସ୍ତୁତ ଚୂଡ଼ା, ଖଇ, ପିଠା ଇତ୍ୟାଦିକୁ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜାନୁଷ୍ଠାନ କରନ୍ତି । ଘରର ମୁଖିଆ ନୂଆ ଲୁଗା ପିନ୍ଧି ନୂଆ ଧାନରେ ଚୂଡ଼ାକୁ ଗୁଡ଼ରେ ମିଶାଇ ଏବଂ ନୂଆ ଧାନରେ କରାଯାଇଥିବା ପିଠାପଣାକୁ ପୂଜାରେ ଦେଇ ପ୍ରସାଦ ରୂପେ ପରିବାରର ସମସ୍ତଙ୍କ ମଧ୍ୟରେ ବାଣ୍ଟି ଖାଇଥାନ୍ତି । କର୍ମା ପୂର୍ବାରେ ଅବିବାହିତ ଝିଅମାନେ ଉପବାସ ରହନ୍ତି ଏବଂ କରମ ଡାଳକୁ ପୂଜା କରନ୍ତି । ପୂଜାବିଧି କରି କାଲୋ କରମା ଡାଳ କାଟି ଆଣେ । | ନୂଆଖାଇ ଦିନ ପୁରୁଷ ସ୍ତ୍ରୀ ମିଶି ନାଚଗୀତ କରନ୍ତି । ସମସ୍ତେ ଏହିଦିନ ପରସ୍ପରକୁ ସାଦର ସମ୍ଭାଷଣ ଜଣାଇଥାନ୍ତି । କରମା ଦିନ କରମା ପୂଜା ହୁଏ । | ---<br>--- |
| ଆଶ୍ୱିନ ଅଶିଣ ସେପ୍ଟେମ୍ବର-ଅକ୍ଟୋବର | ଦଶହରା ପର୍ବ, ଭାଇ ଦିଉଁତିଆ (ଭାଇ ଦିତିଆ) | | ଦୁର୍ଗାଦେବୀ | ପାହାନ, ଅଡା | ଅରୁଆଚାଉଳ, ଲାଉ, କଖାରୁ, ସିନ୍ଦୁର, ଶାଳପତ୍ର, ନଡ଼ିଆ | ଏହି ପର୍ବରେ (ଦଶହରା) ବଳି ପଡ଼ି ମାଂସକୁ ଭୋଜି କରାଯାଏ। ଭାଇ ଦିଉଁତିଆ ପର୍ବ(ଦିଉଁଆ ପର୍ବ)ରେ ଭାଇମାନଙ୍କ ମଙ୍ଗଳ କାମନା କରି ନାଚଗୀତର ଆୟୋଜନ କରାଯାଏ । ଏହି ପୂଜାରେ ସୋମନାଥ ବ୍ରତ, ମଧ ପାଳନ କରାଯାଇଥାଏ । | ନିଜ ମୌଳିକ ସଂସ୍କୃତିର ନିଦର୍ଶନସ୍ୱରୂପଶକ୍ତିପୂଜା ପ୍ରଦର୍ଶନ କରାଯାଇଥାଏ । ଭାଇଙ୍କ ମଙ୍ଗଳ ନିମିତ୍ତ ଭଉଣୀଙ୍କ ଆନ୍ତରିକ ସ୍ଥିର ଦୀର୍ଘ ଜୀବନ କାମନା ପୂର୍ବକ ମା'ର ଉତ୍ସର୍ଗୀକୃତ ଭାବନାର ପରିପ୍ରକାଶ । | |

| ଓଡ଼ିଆ, ବିଂଝିଆ ଇଂରାଜୀ ଭାଷାରେ ମାସର ନାମ | "ବିଂଝିଆ" ପର୍ବପର୍ବାଣୀ ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା--ପୋକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| କାର୍ତ୍ତିକ ସହରାଏ ଅକ୍ଟୋବର-ନଭେମ୍ବର | ଗୋବର୍ଦ୍ଧନ ପୂଜା | କାର୍ତ୍ତିକ ମାସର କାଳୀପୂଜା ସମୟରେ | ଲକ୍ଷ୍ମୀ | ଗୃହକର୍ତ୍ତା | ଅରୁଆ ଚାଉଳ, ସିନ୍ଦୁର, ଶାଗ ପତ୍ର, ନଡ଼ିଆ | କାଳୀ ପୂଜା ଗୃହକର୍ତ୍ତା ନିଷ୍ଠାପର ଭାବେ ବିଭିନ୍ନ ପୂଜା ଉପକରଣ ନେଇ ପୂଜା କର୍ମ ଆରମ୍ଭ କରିଥାଏ । କାଳୀପୂଜା ନିମନ୍ତେ କଳାରଙ୍ଗର କୁକୁଡ଼ା (ଖୁଖୁରୀ) ବଳୀ ଦିଆଯାଏ । ବିଂଝିଆମାନେ ଦିପାବଳୀ ଦିନ ତା'ର ଚାରିପଟେ ମାଟି ଦୀପ ଜାଳି ବାଣ ଫୋଟକା ଫୁଟାଇ ଲକ୍ଷ୍ମୀଙ୍କର ଆବାହନ କରନ୍ତି । ଗୃହକର୍ତ୍ତା ଗୋବର୍ଦ୍ଧନ ପୂଜା କରିଥାନ୍ତି । ଗାଈ ଗୋରୁମାନଙ୍କୁ ସିନ୍ଦୁର, ଚନ୍ଦନ ଦେଇ ପୂଜା ଆଦରର ସହ ଚାଉଳ ଓ ବିଭିନ୍ନ ପନିପରିବା ମିଶ୍ରିତ ଦାନା ଖାଇବାକୁ ଦିଆଯାଏ । | ଦୀପାବଳୀ ଦିନ ଘରେ ଘରେ ଦୀପ ଜାଳି ବାଣ ଫୋଟକା ଫୁଟାଇ ଥାନ୍ତି । ଛୋଟ ପିଲାମାନେ ମଧ୍ୟ ଖୁବ୍ ଆନନ୍ଦର ସହ ବାଣ ଫୁଟାନ୍ତି । ଗୋବର୍ଦ୍ଧନ ପୂଜା ଦିନ ମଧ୍ୟ ବାଣ ଫୋଟକା ଫୁଟାଯାଏ। | --- |
| ମାର୍ଗଶୀର ଅଘନ ନଭେମ୍ବର-ଡିସେମ୍ବର | ଲକ୍ଷ୍ମୀପୂଜା ଦୁଧଧାରୀ | ମାର୍ଗଶିରମାସର ଲକ୍ଷ୍ମୀପୂଜା ସମୟରେ | ଲକ୍ଷ୍ମୀ ଓ ମାଟିଦେବତା | ଗୃହକର୍ତ୍ତା | ଅରୁଆଚାଉଳ ଚଣା ଡାଲି (ଚାଉଳପିଠା), ନଡ଼ିଆ ଲଡ଼ୁ, କ୍ଷୀରୀ | ବିଂଝିଆମାନେ ପରିବାରର ଘରେ ଘରେ ମାର୍ଗଶୀର ମାସର ପ୍ରତ୍ୟେକ ଗୁରୁବାର ଦିନ ଏହି ଲକ୍ଷ୍ମୀ ପୂଜା କରାଯାଏ । ଗୃହକର୍ତ୍ତା ଓ ତାଙ୍କ ସ୍ତ୍ରୀ ଏହି ଦିନ ବଢ଼ି ଭୋରରୁ ଉଠି ନିଜ ଘର ଓ ଅଗଣାକୁ ପବିତ୍ର ଗୋବର ପାଣିରେ ଲିପା ପୋଛା କରନ୍ତି । ସ୍ନାନ, ଶୌଚାଦି ସମାପନ କରି ନିଜ ଘରେ, ଲକ୍ଷ୍ମୀଙ୍କ ଆସ୍ଥାନରେ ଏବଂ ଘର ଅଗଣାରେ ଝୋଟି ଚିତା ଅଙ୍କନ କରନ୍ତି । ତା'ପରେ ଲକ୍ଷ୍ମୀଙ୍କ ଆସ୍ଥାନରେ ଲକ୍ଷ୍ମୀ ପ୍ରତିମାକୁ ସ୍ଥାପନ କରନ୍ତି । ଧୂପ, ଦୀପର ସୁଗନ୍ଧରେ ଘରର ପବିତ୍ରତା ଦ୍ୱିଗୁଣିତ ହୋଇଥାଏ । ପୂଜା ପରେ ନିଜେ କିମ୍ବା ପୁରୋହିତ ଲକ୍ଷ୍ମୀ ସ୍ତୋତ୍ର ଗାନ କରନ୍ତି । | --- | --- |

| ଓଡ଼ିଆ, ବିଂଝିଆ ଙରାଜା ଭାଷାରେ ମାସର ନାମ | “ବିଂଝିଆ” ପର୍ବପର୍ବାଣୀ ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା--ପୋକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ପୌଷ ପୁଷ ଡିସେମ୍ବର-ଜାନୁୟାରୀ | ପୁଷପୁନୀ | ପୌଷ ମାସର ପୌଷ ପୂର୍ଣ୍ଣମାରେ | --- | ପାହାନ ଓ ଅଢା | ସିନ୍ଦୁର, ଧୂପ, ଘୋବର, ଶାଳପତ୍ର, ହାଣ୍ଡିଆ ରସି | ପୁଷପୁନୀ ବିଂଝିଆ ସଂପ୍ରଦାୟର ଏକ ବଡ଼ପର୍ବ । ଏହି ପର୍ବ ପୌଷ ପୂର୍ଣ୍ଣମାରେ ସାମୂହିକ ଭାବରେ ପାଳନ କରାଯାଏ । ଗ୍ରାମପୂଜକ (ପାହାନ) ଅଢାଙ୍କ ସାହାଯ୍ୟରେ ପୂଜା ଉପକରଣ ସହ ଶିକାର ଦେବତାଙ୍କ ଉଦ୍ଦେଶ୍ୟରେ ପୂଜା କରିଥାନ୍ତି । ପ୍ରଭାତରୁ ସ୍ନାନାଦିକାର୍ଯ୍ୟ ସମାପନ କରି ସାରି ଶିକାର ଦେବତାଙ୍କ ପୂଜା କରନ୍ତି । ହାଣ୍ଡିଆ(ମଦ) ଦେବତାଙ୍କ ଉଦ୍ଦେଶ୍ୟରେ ତର୍ପଣ(ତାପାନ)କରାଯାଏ । ପୂଜା ପରେ ସାମୂହିକ ଭାବରେ ଦଳଦଳ ଯୁବକଯୁବତୀ ବଣରୋଜି କରିଥାନ୍ତି । | ବଣରୋଜିରୁ ଫେରୁଫେରୁ ସନ୍ଧ୍ୟା ହୋଇ ଆସିଥାଏ। ହାଣ୍ଡିଆ ଓ ମାଂସର ପ୍ରଭାବରେ ଦଳଦଳ ହୋଇ ସମସ୍ତେ ନାଚଗୀତରେ ମସ୍ଗୁଲ ରହନ୍ତି । | --- |
| ମାଘ ମାଗ୍ ମାସ ଜାନୁୟାରୀ-ଫେବୃୟାରୀ | ମକର ପର୍ବ | ମାଘ ମାସର ମକର ସଂକ୍ରାନ୍ତି ସମୟରେ | ବଳଭଦ୍ର ଓ ଦେବୀସୁଭଦ୍ରା | ବ୍ରାହ୍ମଣ | ଅରୁଆ ଚାଉଳ ଚୂନା, ଗୁଡ଼, ଘିଅ, ରାଶିରଡୁ, ଆରିସା ପିଠା, ନଡ଼ିଆ | ଏହି ପର୍ବ ସାମୂହିକ ଭାବରେ ପୂଜା କରାଯାଏ। ଏହି ପୂଜା ବ୍ରାହ୍ମଣ ସଂପାଦନ କରିଥାଏ । କେତେକ ସ୍ଥାନରେ ପୂର୍ବ ପ୍ରସ୍ତୁତ ରଥରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଠାକୁରଙ୍କୁ ବିଜେ କରାଇ ମକର ରଥଯାତ୍ରା ଅନୁଷ୍ଠିତହୋଇଥାଏ । ଗ୍ରାମବାସୀଙ୍କୁ ରୋଗବ୍ୟାଧି, ଦୁଃଖ କଷ୍ଟରୁ ଉଦ୍ଧାର କରିବା ପାଇଁ ତିନି ଠାକୁରଙ୍କୁ ବ୍ରାହ୍ମଣ ନୂତନ ବସ୍ତ୍ର ପରିଧାନ ପୂର୍ବକ ଆବାହନ କରିଥାନ୍ତି । ଲୋକେ ବ୍ୟକ୍ତିଗତ ଭାବରେ ମଧ ବିଭିନ୍ନ ପ୍ରକାର ରୋଗ ଓ ନଡ଼ିଆ ନେଇ ଶ୍ରୀଜଗନ୍ନାଥଙ୍କ ପୂଜାଅର୍ଚ୍ଚନା କରିଥାନ୍ତି । | ଏହି ପର୍ବରେ ଘରେ ଘରେ ଅରୁଆ ଚାଉଳ ଚୂନାକୁ ବିଭିନ୍ନ ପ୍ରକାର ଛଣା ପିଠା ଓ ଅରିଶା ପିଠା ତିଆରି ହୁଏ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକମାନେ ରଥଯାତ୍ରା ଉତ୍ସବକୁ ଉପଭୋଗ କରନ୍ତି । ନାଚଗୀତର ଆୟୋଜନ ମଧ କରାଯାଇଥାଏ । | --- |



ପୂଜାପାଇଁ ପ୍ରସ୍ତୁତି



ଅବସର ବାସରେ

## "ବିଂଝିଆ" ପର୍ବପର୍ବାଣୀ ସାରଣୀ

| ଓଡ଼ିଆ, ବିଂଝିଆ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜା-ଉପକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ଫାଲଗୁନ୍, ଫଗୁନ୍, ଫେବୃୟାରୀ-ମାର୍ଚ୍ଚ | ଦୋଳପର୍ବ, ହୋଲିପର୍ବ (ଫାଗୁଲା) | ଦୋଳପୂର୍ଣିମା | ରାଧାକୃଷ୍ଣ | ପୂଜକ (ପାହାନ) ଓ ଅଜା | ମହୁଲ, ଆମ୍ବ, ଶାଳ ଫୁଲ, ପଳାସ ଫୁଲ, ଅରୁଆଚାଉଳ, ଚୂନା, ସିନ୍ଦୁର, ଅବିର । | ଏହି ପର୍ବଟି ସାମୂହିକ ଭାବରେ ଉତ୍ସାହ ଓ ଉଦ୍ଦୀପନା ସହିତ ପାଳନ କରାଯାଇଥାଏ । ହୋଲି ପୂର୍ବଦିନ ସନ୍ଧ୍ୟା ସମୟରେ ଗ୍ରାମପୂଜକ (ପାହାନ) ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ପୂଜା କରିଥାଏ । ଗ୍ରାମବାସୀଙ୍କ ଉପସ୍ଥିତିରେ ହୋଲିକା ଦହନ କରାଯାଏ। ଝାଞ୍ଜ, ମୃଦଙ୍ଗ ବାଦ୍ୟ ବଜାଇ ବିଂଝିଆମାନେ ନାଚଗୀତ କରନ୍ତି । ହୋଲି ଦିନ ପାହାନ, ଅଜାର ସହାୟତାରେ କୁକୁଡ଼ା ବଳି ଦିଅନ୍ତି । ବ୍ୟକ୍ତିଗତ ଭାବରେ ସମସ୍ତେ ଆମ୍ବ, ମହୁଲ ଓ ଅନ୍ୟାନ୍ୟ ଜଙ୍ଗଲିଫଳକୁ ନୂଆଭାବେ ଖାଇଥାନ୍ତି । ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଧରି ଗ୍ରାମ ପରିକ୍ରମା କରାଯାଏ। ସମସ୍ତେ ମିଳିମିଶି ରଙ୍ଗ ଖେଳନ୍ତି । | ହୋଲିକା ଦହନ ଓ ଅବିର ରଙ୍ଗ ଖେଳ ହୋଇଥାଏ । ପାରମ୍ପରିକ ପ୍ରଥା ଅନୁଯାୟୀ ଭାଙ୍ଗ ସରବତ ପିଇ ବିଂଝିଆମାନେ ଏହି ହୋଲି ଖେଳ ଖେଳିଥାନ୍ତି । | --- |
| ଚୈତ୍ର ଚଇତ୍, ମାର୍ଚ୍ଚ- ଏପ୍ରିଲ୍ | ରାମନବମୀ | ରାମନବମୀ ଦିନ | ଶ୍ରୀରାମ ଓ ହନୁମାନ | ବ୍ରାହ୍ମଣ | ବୁଟ, ଚଣା, ନଡ଼ିଆ, କଦଳୀ, ଗୁଡ଼, ମୁଗ, ସିନ୍ଦୁର, ଫୁଲ | ରାମନବମୀ ଦିନ ବ୍ରାହ୍ମଣ ଗ୍ରାମବାସୀଙ୍କର ମଙ୍ଗଳ କାମନା ପୂର୍ବକ ଶ୍ରୀରାମ ଓ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ପୂଜା କରିଥାଏ । ଅପରାହ୍ନରେ ଗ୍ରାମବାସୀ ଶ୍ରୀରାମ ଓ ହନୁମାନଙ୍କର ପ୍ରତିମୂର୍ତ୍ତିକୁ ଗ୍ରାମ ପରିକ୍ରମା କରିଥାନ୍ତି । ଅନ୍ୟ ପଡ଼ୋଶୀ ଗ୍ରାମର ଲୋକମାନେ ଏଥିରେ ଯୋଗ ଦେଇଥାନ୍ତି । | ବିଂଝିଆ ପୁରୁଷମାନେ ବିଭିନ୍ନ ଅସ୍ତ୍ରଶସ୍ତ୍ର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି । ଲାଠି ଖେଳ ଓ ତରବାରୀ ଖେଳ ମଧ୍ୟ ହୋଇଥାଏ । | ହନୁମାନ ସ୍ପର୍ଶ ଓ ଶ୍ରୀରାମ ସ୍ତୁତି ଗାନକରାଯାଏ। |

# କରମା ଗୀତ

॥ ୧ ॥

ହାଇରେ ହାୟ ବେର୍ ଲେଖେ,

ଡୁଇବ୍ ଗେଲି ।

ହାଁଡ଼ି ଦାରୁ ନିଶାକେ ନି ଛୋଡ଼ଲିରେ,

ବେର ଲେଖେ ଡୁଇବ ଗେଲି ଗେଲି ।

(ଅର୍ଥ :- ହାଣ୍ଡିଆ ମଦ ନ ଛାଡ଼ିବାରୁ ସୂର୍ଯ୍ୟ ଡୁବିବା ପରି ବୁଡ଼ିଗଲୁ ।)

॥ ୨ ॥

ପୋଢ଼ଲି ନା ଲିଖଲି, ଦାରୁ ସଂଘେ ଜିତଲିରେ,

ବେର୍ ଲେଖେ ଡୁଇବ୍ ଗେଲି ।

ଘୋଷା :- ହାଁଡ଼ିଦାରୁ .............. ବେର୍ ଲେଖେ

ଡୁଇବ ଗେଲି ।

(ଅର୍ଥ :- ପଢ଼ାଲେଖା କଲୁନାହିଁ, ସବୁବେଳେ ହାଣ୍ଡିଆ, ମଦ ପିଇଲୁ ।)

॥ ୩ ॥

କେତନୋ ସମଝାଲେ ରାନୀ

ନହିଁ ବୁଝିପାରେ,

ବେର୍ ଲେଖେ ଡୁଇବ ଗେଲି,

ଘୋଷା :- ହାଁଡ଼ିଦାରୁ .......... ବେର୍ ଲେଖେ ଡୁଇବଗେଲି ।

(ଅର୍ଥ :- ରାଣୀ କେତେ ବୁଝାଇଲା, ବୁଝିଲୁ ନାହିଁ, ବୁଡ଼ିଗଲୁ ।)

॥ ୪ ॥

ଜୱାନୀପନ ବିତ୍ ଗେଲକ,

ସେଖନ୍ ମୋକେ ହୋସ ଭେଲକ୍

ବେର୍‌ଲେଖେ ଡୁଇବ୍ ଗେଲି ।

ଘୋଷା :- ହାଁଡ଼ିଦାରୁ .......... ଡୁଇବ୍ ଗେଲି ।

ଅର୍ଥ :- ଯୌବନ ବିତିଗଲା, ସେତେବେଳେ ଯାଇ ବୁଝିଲୁ ।)

॥ ୧ ॥

ହାଇରେ ହାୟ, ରଉରେ ହେକି,
ଗେନ୍ଦାଫୁଲ ଗୋରୀ,
ମାଲା ଗୁଁଥି ଗାଲାମେ ଲଗାଲି,
ରଉରେ ହେକି ଗେନ୍ଦା ଫୁଲଗୋରୀ ।

॥ ୨ ॥

ମଇତ୍ କରୁ ଜିଲା ରାନୀ,
ଖେଲିଏଁ ଝୀକା ଝାରି,
ରଉରେ ହେକି ଗେନ୍ଦା ଫୁଲ ଗୋରୀ ।

॥ ୩ ॥

ହାଥ ସେ ମିଲାବିଏଁ ରାନୀ,
ଖେଲଏଁ ନି ଧାରିଧାରି,
ରଉରେ ହେକି ଗେନ୍ଦା ଫୁଲ ଗୋରୀ ।

: ଅର୍ଥ :

୧. ରଉରହେକି – ଆପଣ ଅଟନ୍ତି, ଗେନ୍ଦା ଫୁଲ ଗୋରୀ, ଗେନ୍ଦା ଫୁଲ ଭଳି ଗୋରୀ । ମାଲା ଗୁଁଥି ମାଳ ଗୁଂଥି । ଗାଲା ମେ ଲାଗାଲି – ଗଳାରେ ଲଗାଇଲୁଁ । (ଗେନ୍ଦା ଫୁଲର ମାଳ ଗୁଂଥି ଗଳାରେ ଲଗାଇବା ଭଳି ଆପଣ ଅଟନ୍ତି) ।

୨. ମଇତ କରୁ ଜିଲାରାନୀ – ରାଣୀମନ କରନାହିଁ । ଖେଲାଏଁ ଝିକାଝାରି – ଖେଲିବା ମାତିଯାଇ । (ନାଚ ଖେଳରେ ମାତି ଯାଇ ମନକର ନାହିଁ ।)

୩. ହାତ ସେ ମିଲାବଏଁ ରାନୀ – ହାତକୁ ହାତ ଧରାଧରି ଯୋଡ଼ି ହେବା ରାନୀ । ଖେଳଏଁ ଧାରିଧାରି – ଖେଳନ୍ତି (ନାଚନ୍ତି) ଧାଡ଼ିଧାଡ଼ି ।
(ହାତକୁ ହାତ ମିଶାଇ ଯୋଡ଼ି ହୋଇ ଧାଡ଼ିଧାଡ଼ି ଖେଳନ୍ତି । (ନାଚନ୍ତି))

॥ ୧ ॥

ହାଏରେ ହାଏରେ ମଏ  ତୋ,
ଦିୱାନା ଭେଲୌଁ ।
ପ୍ୟାରମେ ତୋ ଡୁବକି,
ନାହାଏଁ ଲେଲୌଁ,
ମଇତ ଦିୱାନା ଭେଲୌଁ ।

ଘୋଷା :- "ପ୍ୟାର ମେ ......... ଭେଲୌଁ ।"

ଅର୍ଥ:-ମଇତୋ ଦିୱାନା ଭେଲୌଁ - ମୁଁ ତ ଦିୱାନା ହୋଇଗଲି, ପ୍ୟାର - ଅତିଭଲ ପାଇବା, ଡୁବକୀ ନାହାଏଁ ଲେଲି, ବୁଡ଼ି କରି ଗାଧୋଇ ନେଲି । (ମୁଁ ପ୍ରେମ ସମୁଦ୍ରରେ ବୁଡ଼ି ଦିୱାନା ହୋଇଗଲି) ।

॥ ୨ ॥

ରାତି ସପନେ ପାଲି
ଛତିଆ ଲଗାଏ ଲେଲି,
ପ୍ୟାର ମେଁ ପାଗଲା ଭେଲି ।

ଘୋଷା :- ପ୍ୟାର ............ ମଇତୋ ଦିୱାନା ଭେଲୌଁ ।

ଅର୍ଥ:-ରାତି ସପନେ ପାଲି - ରାତି ସ୍ୱପ୍ନରେ ପାଇଲି, ଛତିଆ ଲାଗାଏ ଲେଲି - ଛାତିକୁ ଛାତି ଲଗାଇ ନେଲୁ । ପ୍ୟାର ମେ ପାଗଲା ଭେଲୋ - ପ୍ରେମ ସମୁଦ୍ରରେ ପାଗଳ ହୋଇଗଲି । (ରାତିରେ ସ୍ୱପ୍ନରେ ପାଇ ପ୍ରେମ ସମୁଦ୍ରରେ ବୁଡ଼ି ପାଗଳ ହୋଇଗଲି) ।

॥ ୩ ॥

ସୋନାମେ ସୁହାଗା ରାନୀ,
ତୋକେ ତୋ ବାନାଏଁ ଲେଲୌଁ ।
ମଇ ତୋ ଦିୱାନା ଭେଲୌଁ ।

ଘୋଷା :- ପ୍ୟାର ମେ ତୋ .............. ଦିୱାନା ଭେଲୌଁ ।

ଅର୍ଥ :-୩.  ସୋନାମେ ସୁହାଗା - ସୁନାରେ ସୁଗନ୍ଧ, ତୋକେ ତୋ ବାନାଏ ଲେଲୋ - ତୋତେ ତ ବନେଇ ନେଲି ।

(ସୁନାରେ ସୁଗନ୍ଧ ଦେଲା ଭଳି ମୁଁ ତୋତେ ବନେଇ ନେଲି) ।

## ଝୁମେର ଗୀତ (କରମା)

ଗୋକୁଲ ଗାବିନ୍ଦ ଛଅ,
ଗେଲି ହରି ମଧୁପୁର,
ମଧୁପୁରେ ରହିଲି ଲୋଭାଇ
ଆଖି ନିଦନାହିଁ ।

ହ ........
ଲଙ୍କା ଯାବାଏଁ ରାମ
ସୀତା କେ ରାବନ ହେରିଲେ ।

## ଡମକଚ ଗୀତ (ବିବାହବେଳେ)

ହ ...............
ଦାବି କେ ଦି କାଁଟ ମହୀ
ଦେଇ ଅଗୁଝାଏ,
ମଥୁରା ନଗରେ ଶାମ ରହଲିଛ
ପାଇ ଭାଇ ମନେ ।
ମନ ପଟେ ଯଦୁରାଇ ଭାଇ
ମନେ ମନ ।

## ଫଗୁଆ ଗୀତ (ହୋଲି)

ଗଛ କା ପତର ସବୁ ଝଡ଼ିଗେଲା,
ପତର ଉଡ଼ିଲା ଆକାଶ
ଯେସେ ଯିବା କଲପତର
ପୁତର ବିନୁ ଯିଓ୍ୱା ଲାଗତ ନିରାଶ ।

# ଶ୍ରମ ସମବାୟ

ମଣିଷ ଏକ ଶ୍ରେଷ୍ଠ ସାମାଜିକ ପ୍ରାଣୀ । ସମାଜରେ ସେ ତା'ର ପ୍ରତିବେଶୀ, ପଡ଼ୋଶୀ ତଥା ଗ୍ରାମବାସୀଙ୍କ ଉପରେ ନିର୍ଭର କରି ଜୀବନ ନିର୍ବାହ କରେ । କୃଷି, ଶିଳ୍ପ, ବ୍ୟବସାୟ, ଗୃହ ନିର୍ମାଣ, ମରାମତି ଇତ୍ୟାଦି ବିବିଧ କ୍ଷେତ୍ରରେ ସେ ଅନ୍ୟର ସାହାଯ୍ୟ ଲୋଡ଼ିଥାଏ, ସେ ନିଜେ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟ କରିଥାଏ । ପ୍ରାକୃତିକ ସମ୍ପଦର ସର୍ବାଧିକ ଉପଯୋଗ ନିମନ୍ତେ ଶ୍ରମ ସମବାୟର ଆବଶ୍ୟକତାକୁ ବିଂଝିଆ ଆଦିବାସୀ ଉତ୍ତମରୂପେ ହୃଦୟଙ୍ଗମ କରି ପାରିଛନ୍ତି । କୌଣସି ବ୍ୟକ୍ତିଙ୍କ ସହିତ ସୁସଂପର୍କ ରକ୍ଷା କରିବା, ଉତ୍ତମ ବୁଝାମଣା ସ୍ଥାପନ କରିବା, ବନ୍ଧୁଭାବ ଓ ଭାତୃଭାବର ପରିପ୍ରକାଶ ତଥା ଆପଣାର ଭାବ ପ୍ରମାଣ କରିବା ଏବଂ ତା'ର ନିକଟତର ହେବାପାଇଁ ଶ୍ରମ ସମବାୟ ହିଁ ପ୍ରକୃଷ୍ଟ ମାଧ୍ୟମ । ଏହା ମଧ୍ୟ ସୁସଂସ୍କୃତ ମନୋଭାବର ନିଦର୍ଶନ ଅଟେ। ସହଯୋଗୀ ଶ୍ରମଦାନ ଦ୍ୱାରା ନିଶ୍ଚିତ ଭାବରେ ଉତ୍ତମ କାର୍ଯ୍ୟ ସାଧନ ଓ କୌଶଳର ସର୍ବାଧିକ ନିଯୋଜନ ଘଟିଥାଏ କାରଣ ଏଥିରେ ସମସ୍ତଙ୍କ ଶ୍ରମଦାନ ସୁଚାରୁ ରୂପେ ସଂପାଦିତ ହୋଇଥାଏ । ଦୈନନ୍ଦିନ ଜୀବନର ଘଟଣା ପ୍ରବାହ; ଯଥା – ଛୁତିକିଆ, ମୃତିକିଆ, ବିବାହ ଓ ବିଭିନ୍ନ ପୂଜାପାଠ, ଗୃହ ନିର୍ମାଣର ବିଭିନ୍ନ ଉପକରଣ ସଂଗ୍ରହ, ଘର ଛପର, ବିପଦ ଆପଦରେ ସାହାଯ୍ୟ ସହଯୋଗ, କୃଷି କାର୍ଯ୍ୟରେ ବିଭିନ୍ନ ସୋପାନରେ ବିଂଝିଆ ସମାଜ ପରସ୍ପରକୁ ଶ୍ରମ ସମବାୟ ଭିତ୍ତିରେ ସାମୂହିକ ସାହାଯ୍ୟ ସହଯୋଗ କରିଥା'ନ୍ତି । କର୍ମର ସୂକ୍ଷମ ବଣ୍ଟନ କାର୍ଯ୍ୟଟିକୁ ସହଜ ଓ ସରଳ କରେ ।

ଶ୍ରମ ଦାନ କରୁଥିବା ବ୍ୟକ୍ତିମାନଙ୍କୁ କେତେକ କ୍ଷେତ୍ରରେ ମଦ, ମାଂସ, ଭୋଜିଭାତ ଦେଇ ଆପ୍ୟାୟିତ କରାଯାଇଥାଏ ଯାହା ଭବିଷ୍ୟତରେ ଆବଶ୍ୟକ ସମୟରେ ପୁନଃ ଶ୍ରମଦାନ ପାଇଁ ଉତ୍ସାହ ଦିଏ । ସାମୂହିକ ଶ୍ରମଦାନ ନିମନ୍ତେ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ନିର୍ବାଚିତ ବ୍ୟକ୍ତି ଆସି କାର୍ଯ୍ୟ କରନ୍ତି ।

## ବିଂଝିଆଙ୍କ ଦୃଷ୍ଟିରେ ଶ୍ରମ ସମବାୟ:

ସାଧାରଣତଃ ଏକାଧିକ ପରିବାରର ସଦସ୍ୟମାନେ ମିଳିମିଶି କୌଣସି ବ୍ୟକ୍ତିର କୃଷି କାର୍ଯ୍ୟ, ଗୃହ ନିର୍ମାଣ ଓ ମରାମତି, ପଶୁପାଳନ, ବିବାହ, ସନ୍ତାନ ଜନ୍ମ ଓ ଦଶାହ

ଆଦି କାର୍ଯ୍ୟକୁ ସହଯୋଗ ମନୋବୃତ୍ତିରେ ସଂପାଦନ କରିବାକୁ ଶ୍ରମ ସମବାୟ କୁହାଯାଏ । ଏହିପରି ଶ୍ରମଦାନ ବଦଳରେ ଗୃହକର୍ତ୍ତା ସହଯୋଗୀମାନଙ୍କୁ ଖାଦ୍ୟ ପାନୀୟ, ସାମାନ୍ୟ ପାରିଶ୍ରମିକ ବ୍ୟବସ୍ଥା କରିଥାଏ । କେତେକ କ୍ଷେତ୍ରରେ ପାରିଶ୍ରମିକ ବା ପାରିତୋଷିକ ଦିଆଯାଏ ନାହିଁ । ପାରସ୍ପରିକ ଉନ୍ନତି ଓ ବିକାଶ ସାଧନ ଆଦିବାସୀ ଶ୍ରମ ସମବାୟର ପ୍ରଧାନ ଲକ୍ଷ୍ୟ । ବିଂଝିଆମାନେ ମତ ଦିଅନ୍ତି ଯେ ଏକତ୍ର କାର୍ଯ୍ୟ କଲେ କାମ କରିବାର ଉତ୍ସାହ ବୃଦ୍ଧି ପାଇବା ସହିତ କାର୍ଯ୍ୟଟି ସୁରୁଖୁରୁରେ ସଂପନ୍ନ ହୋଇଥାଏ । ଏତଦ୍‌ବ୍ୟତୀତ ଗ୍ରାମରେ ପରିବାରଗୁଡ଼ିକ ମଧ୍ୟରେ ଥିବା ପାରସ୍ପରିକ ସହଯୋଗ ପରଂପରା ଦ୍ୱାରା ଐକ୍ୟ ଓ ଭ୍ରାତୃଭାବ ସୃଷ୍ଟିହୁଏ । ବିଂଝିଆମାନେ ଶ୍ରମକୁ ମଦେତ୍ ବା (ପାଞ୍ଚା) କହନ୍ତି ।

କୌଣସି ବ୍ୟକ୍ତିଙ୍କୁ କୃଷିକାର୍ଯ୍ୟ, ଗୃହନିର୍ମାଣ ବା ମରାମତି, ବାଡ଼ବନ୍ଧି, କୂପଖନନ ଇତ୍ୟାଦି କାର୍ଯ୍ୟରେ ସହଯୋଗ କରିବା ପାଇଁ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଶ୍ରମଦାନ କରିଥାନ୍ତି । ଧାନ ଅମଳ ପରେ କର୍ମକର୍ତ୍ତାଙ୍କୁ କାର୍ଯ୍ୟରେ ସହଯୋଗ କରିଥିବା ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ଦଶସେର ଧାନ ଦିଆଯାଏ ଏବଂ ମହିଳା ସହଯୋଗୀମାନଙ୍କୁ ୬ ସେର ଧାନ ଦିଆଯାଏ । ଏପରି କ୍ଷେତ୍ରରେ ସହଯୋଗୀ ବ୍ୟକ୍ତିମାନେ ନିଜେ ନିଜର ଖାଦ୍ୟ ସାଥୀରେ ନେଇଥାନ୍ତି । ଚାଷକାର୍ଯ୍ୟ ମଧ୍ୟରେ ହଳ କରିବା, ଜମିରେ ହୁଡ଼ା ସଜାଡ଼ିବା, ଘାସ ବାଛିବା, ରୁଆ କରିବା, ବେଉଷଣ କରିବା, ଧାନକାଟିବା ଇତ୍ୟାଦି କାର୍ଯ୍ୟ ଅନ୍ତର୍ଭୁକ୍ତ । ଗ୍ରାମର କୌଣସି ବ୍ୟକ୍ତିଙ୍କ ପାଇଁ ନିଆଁପାଣି ବନ୍ଦ ହୋଇଥିଲେ ପଡ଼ୋଶୀ ଗ୍ରାମର ଲୋକେ ବିବାହ, ଶିଶୁଜନ୍ମ ମୃତ୍ୟୁ, ଆଦି ଶୁଦ୍ଧିକ୍ରିୟାରେ ସହଯୋଗ କରିବାକୁ ଆଗେଇ ଆସନ୍ତି । ଏହି ସବୁ କାର୍ଯ୍ୟ ପାଇଁ ଗୃହକର୍ତ୍ତାଙ୍କୁ କୌଣସି ପାରିଶ୍ରମିକ ଦେବାକୁ ପଡ଼େନାହିଁ । କେବଳ ଭାତ ଓ ହାଣ୍ଡିଆ ଦିଆଯାଏ । ବିଧବା ସ୍ତ୍ରୀ ଲୋକର କୃଷି କାର୍ଯ୍ୟ, ଘର ମରାମତି ଇତ୍ୟାଦି କାର୍ଯ୍ୟରେ ଗ୍ରାମର ପ୍ରତ୍ୟେକ ପରିବାରର ଜଣେ ଲେଖାଏଁ ଆସି ସହଯୋଗ କରିଥା'ନ୍ତି । ଏଥିପାଇଁ ସେହି ବିଧବା ମହିଳାଙ୍କୁ ପାରିଶ୍ରମିକ ମୂଲ୍ୟ ଦେବାକୁ ପଡ଼ିନଥାଏ । କେବଳ ସହଯୋଗୀ ମାନଙ୍କୁ ହାଣ୍ଡିଆ ପାନ ପାଇଁ ମୂଲ୍ୟ ପ୍ରଦାନ କରାଯାଏ । କୌଣସି ପରିବାରରେ ବିବାହ ଅନୁଷ୍ଠିତ ହେଉଥିଲେ କିମ୍ବା କେହି ମୃତ୍ୟୁବରଣ କଲେ ଗ୍ରାମର ପ୍ରତ୍ୟେକ ପରିବାରର ଜଣେ ଲେଖାଏଁ ଯାଇ ଜଙ୍ଗଲରୁ ପତ୍ର ସଂଗ୍ରହ କରି ଖଲି, ଚଉପଦୀ (ଦନା) ତିଆରି କରି ଦିଅନ୍ତି । ପୁରୁଷ ମାନେ ଜଙ୍ଗଲକୁ ଯାଇ ଜାଳେଣୀ କାଠ ସଂଗ୍ରହ କରି ଆଣିଥାନ୍ତି । କୌଣସି ପରିବାରର କେହି ସାଂଘାତିକ ରୋଗ ବା ଜ୍ୱରରେ ଆକ୍ରାନ୍ତ ହେଲେ କିମ୍ବା କୌଣସି ଦୁର୍ଘଟଣାର

ଶିକାର ହେଲେ ବିଂଝିଆ ସଂପ୍ରଦାୟର ପ୍ରତ୍ୟେକ ପରିବାରର ଜଣେ ଲେଖାଏଁ ସଦସ୍ୟ ସ୍ୱେଚ୍ଛାକୃତ ଭାବରେ ପୀଡ଼ିତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ନେଇ ଚିକିତ୍ସା କରିବାରେ ସହଯୋଗ କରିଥାନ୍ତି । ଆବଶ୍ୟକ ପଡ଼ିଲେ ଶାରୀରୀକ ସାହାଯ୍ୟ ସହିତ ଆର୍ଥିକ ସାହାଯ୍ୟ ମଧ୍ୟ କରିଥାନ୍ତି ।

ସ୍ଥଳବିଶେଷରେ ପ୍ରତ୍ୟେକ ପରିବାରରୁ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତି ସହଯୋଗୀ ଶ୍ରମଦାନ କରିବା ନିମନ୍ତେ ମନୋନୀତ ହୋଇଥାନ୍ତି । ବିବାହ ଇତ୍ୟାଦି କାର୍ଯ୍ୟରେ ଗୃହକର୍ତ୍ତା ନିଜେ ପରିବାରର ମୁରବୀମାନଙ୍କୁ ନିମନ୍ତ୍ରଣ କରିଥାନ୍ତି ଏବଂ ଉକ୍ତ ବ୍ୟକ୍ତି ଏହି କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି । ଏଥିପାଇଁ ସେମାନଙ୍କୁ ଗୃହକର୍ତ୍ତା ମାଂସ ଭାତ ହାଣ୍ଡିଆ ଇତ୍ୟାଦି ପ୍ରଦାନ କରିଥା'ନ୍ତି । କୌଣସି ପରିବାରରେ କେହି ମୃତ୍ୟୁ ବରଣ କଲେ ଶବଦାହ ନିମନ୍ତେ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ସହଯୋଗ କରିଥାନ୍ତି । ଶୁଦ୍ଧିକ୍ରିୟା, ଭାଇ ଭାଇ ମଧ୍ୟରେ ସଂପତ୍ତି ବଣ୍ଟନ ସମୟରେ ଗ୍ରାମର ପରିବାରର ମୁଖ୍ୟମାନଙ୍କୁ ଡକାଇ ମିଳିତ କରାଯାଏ ଏବଂ ସେମାନଙ୍କୁ ମାଂସ, ଭାତ ଓ ହାଣ୍ଡିଆ ଦିଆଯାଏ । ପରିବାରରେ ସ୍ତ୍ରୀ ଲୋକ ପ୍ରସବ ସମୟରେ ପ୍ରତ୍ୟେକ ପରିବାରର ବୟସ୍କ ମହିଳାମାନେ ଉପସ୍ଥିତ ରହି ପ୍ରସବ ଯନ୍ତ୍ରଣା ଉପଶମ ପାଇଁ ଆଶ୍ୱାସନା ଦେଇଥାନ୍ତି ।

ଯୁବ ଶୟନାଗାରର ସ୍ଥିତି ଓ ଆବଶ୍ୟକତା ବିଂଝିଆ ସମ୍ପ୍ରଦାୟରେ ପରିଲକ୍ଷିତ ହୁଏନାହିଁ । ତଥାପି ବିଂଝିଆ ଗ୍ରାମରେ ଯୁବ ସଂଗଠନ ବା କ୍ଲବ ଦେଖାଯାଏ । ଚାଷକାର୍ଯ୍ୟ, ଘର ଛପର କରିବା, ଗ୍ରାମ ପୁଷ୍କରିଣୀରୁ ପଙ୍କୋଦ୍ଧାର କରିବା, ଗ୍ରାମ ସଡ଼କ ମରାମତି, ଗ୍ରାମ ପରିବେଶର ସୁରକ୍ଷା, ନାଳ ନର୍ଦ୍ଦମା ସଫେଇ, ଶିକ୍ଷାନୁଷ୍ଠାନର ମରାମତି, ଗ୍ରାମ ଜଙ୍ଗଲର ସୁରକ୍ଷା ଆଦି କାର୍ଯ୍ୟରେ ଏହି ଯୁବ ସଂଗଠନର ସଦସ୍ୟମାନେ ସକ୍ରିୟ ଅଂଶ ଗ୍ରହଣ କରନ୍ତି ଏବଂ ଶ୍ରମ ସମବାୟରେ ସହଯୋଗ କରନ୍ତି ।

ବିବାହ, ଶୁଦ୍ଧିକ୍ରିୟା, କରମ ପୂଜା, ସାରନା ପୂଜା ଓ ବିଚାର ଇତ୍ୟାଦି କାର୍ଯ୍ୟରେ ପ୍ରତ୍ୟେକ ବଂଶରୁ ଜଣେ ଲେଖାଏଁ ପୁରୁଖା ଲୋକେ ଉପସ୍ଥିତ ରହି କାର୍ଯ୍ୟ ସଂପାଦନରେ ସହଯୋଗ କରିଥାନ୍ତି ଏବଂ ଆବଶ୍ୟକ ସ୍ଥଳେ ବିଚାର ଆଲୋଚନାରେ ଭାଗ ନିଅନ୍ତି ।

କୃଷି କାର୍ଯ୍ୟ, ଘର ଛପର, ଘର ମରାମତି, ନୂତନ ଗୃହ ନିର୍ମାଣ, ବିବାହ ଆଦି କାର୍ଯ୍ୟରେ ଘରଦ୍ୱାରୀ ଜଣେ ଲେଖାଏଁ ବ୍ୟକ୍ତି ଶ୍ରମଦାନ କରିଥାନ୍ତି । ଏଥି ନିମନ୍ତେ ସେମାନେ କୌଣସି ମଜୁରୀ ଦାବୀ କରନ୍ତି ନାହିଁ । ଅପରନ୍ତୁ ଗୃହକର୍ତ୍ତା ନିଜର ଆର୍ଥିକ ସ୍ଥିତିନୁଯାୟୀ ହାଣ୍ଡିଆ କିମ୍ବା ମଦର ବ୍ୟବସ୍ଥା କରିଥାଏ ।



ପୋଲୁହରେ ମାଛଧରା



ଅମଲରେ ଆନନ୍ଦ



କର୍ମାଭିମୁଖୀ ବିଂଝିଆ



ନିଶା ପାନୀୟ ମହୁଲିର ପ୍ରସ୍ତୁତି

ବିଂଝିଆ ପରିବାରରେ ଦେଖାଯାଏ ଯେ ପ୍ରତ୍ୟେକ ପରିବାରର ଜଣେ ଲେଖାଏଁ ଯୁବକ ହିଁ ଶ୍ରମ ସହଯୋଗରେ ଅଂଶଗ୍ରହଣ କରନ୍ତି । ଯୁବକର କାର୍ଯ୍ୟଦକ୍ଷତା ଅନ୍ୟମାନଙ୍କ ଠାରୁ ଯଥେଷ୍ଟ ବେଶୀ । ଏଣୁ ଜଣକର କୃଷିକାର୍ଯ୍ୟ, ଗୃହ ନିର୍ମାଣ ଓ ମରାମତି ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ପ୍ରତ୍ୟେକ ପରିବାରର ଯୁବକମାନେ ହିଁ ଆଗେଇ ଆସନ୍ତି । ଏଥିପାଇଁ ଗୃହକର୍ତ୍ତା ନିଜର ସ୍ଥିତି ଅନୁଯାୟୀ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରିଥାଏ ।

ବେଳେବେଳେ କୌଣସି ଗୃହକର୍ତ୍ତା ନିଜର କୃଷିକାର୍ଯ୍ୟ, ଗୃହନିର୍ମାଣ, ଗୃହମରାମତି, କୂପ ଖନନ ଆଦି କାର୍ଯ୍ୟ ସଂପାଦନ ନିମନ୍ତେ ଠିକାଭିତ୍ତିରେ ଶ୍ରମଦାନ କରିବାକୁ ଗ୍ରାମର ପ୍ରତ୍ୟେକ ପରିବାରଙ୍କୁ ଆହ୍ୱାନ କରିଥାନ୍ତି। ଏହି କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାପ୍ତ କରିବାକୁ ଗୃହକର୍ତ୍ତା ଅନୁରୋଧ କରିଥାନ୍ତି। ଏଥି ନିମନ୍ତେ ପ୍ରତ୍ୟେକ ସହଯୋଗୀମାନଙ୍କୁ ଖାଦ୍ୟ ଓ ପାନୀୟ ପ୍ରଦାନ କରାଯାଇଥାଏ। ଏତଦ୍‌ବ୍ୟତୀତ ପ୍ରତ୍ୟେକ କାର୍ଯ୍ୟ ଶେଷରେ କିଛି ପାରିଶ୍ରମିକ ମଧ୍ୟ ଦିଆଯାଏ। ଠିକା ଭିତ୍ତିରେ କୌଣସି ବ୍ୟକ୍ତି ପାଇଁ ଶ୍ରମଦାନ କରିବାକୁ ସମସ୍ତେ ବାଧ ନୁହଁନ୍ତି। ଏହି କାର୍ଯ୍ୟ ନିଜର ଇଚ୍ଛା, ସୁବିଧା ଓ ନିଜର ସ୍ଥିତି ଉପରେ ହିଁ ନିର୍ଭର କରିଥାଏ।

ବ୍ୟକ୍ତିଗତ କାର୍ଯ୍ୟ ବ୍ୟତିରକେ ନିଜ ଗ୍ରାମର ନୂତନ କୂପ ଖନନ, ନୂତନ ପୁଷ୍କରିଣୀ ଖନନ, ପୁଷ୍କରିଣୀର ପଙ୍କୋଦ୍ଧାର କରିବା, ଗ୍ରାମର ପରିଷ୍କାର ପରିଚ୍ଛନ୍ନତା, କେନାଲ ନିର୍ମାଣ, ନାଳ ନର୍ଦ୍ଦମା ପରିଷ୍କାର କରିବା ଇତ୍ୟାଦି କ୍ଷେତ୍ରରେ ବିଂଝିଆ ଯୁବକ ଯୁବତୀ ସକ୍ରିୟ ଅଂଶ ଗ୍ରହଣ କରନ୍ତି। ଏଥିପାଇଁ ପାରିଶ୍ରମିକର ଆବଶ୍ୟକତା ନଥାଏ। ବିନା ପାରିଶ୍ରମିକରେ ଖୁବ୍ ଆନନ୍ଦ ଓ ଉତ୍ସାହର ସହିତ ଗ୍ରାମର ଯୁବ ଗୋଷ୍ଠୀ ନିଜ ଅଂଚଳର ଉନ୍ନତି ନିମନ୍ତେ ଶ୍ରମଦାନ କରିଥାନ୍ତି ।

ଠିକା ଭିତ୍ତିକ କାର୍ଯ୍ୟ, ଗୃହ ନିର୍ମାଣ, କୂପ ଖନନ, ବ୍ୟକ୍ତିଗତ କେନାଲ ନିର୍ମାଣ, ଘରଛପର ଇତ୍ୟାଦି କାର୍ଯ୍ୟଗୁଡ଼ିକ ମଧ୍ୟ ଶ୍ରମ ସମବାୟ ଭିତ୍ତିରେ ସଂପନ୍ନ ହୁଏ । ଏଥିରେ ନିୟୋଜିତ ବ୍ୟକ୍ତିଙ୍କୁ ତାଙ୍କର ଶ୍ରମ ପ୍ରତିବଦଳରେ ପାରିଶ୍ରମିକ ମିଳିଥାଏ । ତେବେ ଏହି ପାରିଶ୍ରମିକର ପରିମାଣ ମଜୁରୀ ବା ମୂଲିଆ ନିମନ୍ତେ ଉଦ୍ଦିଷ୍ଟ ପାରିଶ୍ରମିକଠାରୁ କମ୍ ହୋଇଥାଏ ।

କୃଷିକାର୍ଯ୍ୟ, ଗୃହ ମରାମତି, ଛପର କରିବା, କୂପ ଖନନ, ପୁଷ୍କରିଣୀରୁ ପଙ୍କୋଦ୍ଧାର ଇତ୍ୟାଦି କାର୍ଯ୍ୟରେ ଅନ୍ୟ ମାନଙ୍କର ସହଯୋଗ ଆବଶ୍ୟକ ହୋଇଥାଏ ।

ଏଥିନିମନ୍ତେ ଗୃହକର୍ତ୍ତା (କର୍ମକର୍ତ୍ତା) ସହଯୋଗୀ ଶ୍ରମିକମାନଙ୍କ ପାଇଁ ମାଂସଭାତ ଓ ପାନୀୟ (ହାଣ୍ଡିଆ) ର ବ୍ୟବସ୍ଥା କରିଥାନ୍ତି ।

ସମୟ ସମୟରେ ବିଂଝିଆ ସମ୍ପ୍ରଦାୟରେ ଶ୍ରମ ସମବାୟ ଭିତ୍ତିକ କାର୍ଯ୍ୟରେ ପ୍ରତିଦ୍ୱନ୍ଦିତା ଦେଖା ଦେଇଥାଏ । କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଆହ୍ୱାନକ୍ରମେ ଗ୍ରାମର ଯୁବଗୋଷ୍ଠୀ ଶ୍ରମଦାନ କରିବାକୁ ଆଗେଇ ଆସନ୍ତି । ସେହି ବ୍ୟକ୍ତିଙ୍କର କାର୍ଯ୍ୟକୁ ସୁଚାରୁରୂପେ ସଂପାଦନ କରିବାକୁ ନିଜନିଜ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥାଏ । ଯାହା କାର୍ଯ୍ୟରେ ସଂପୃକ୍ତ ବ୍ୟକ୍ତି କିମ୍ବା ସାହୁକାର କିମ୍ବା ଧନିକ ବ୍ୟକ୍ତି ସନ୍ତୁଷ୍ଟ ହୁଅନ୍ତି । ତାଙ୍କୁ ସେ ସ୍ୱତନ୍ତ୍ର ଭାବରେ କିଛି ଉପହାର କିମ୍ବା ପୁରସ୍କାର ପ୍ରଦାନ କରିଥାନ୍ତି ।

କୌଣସି ଅସହାୟ ବ୍ୟକ୍ତି କିମ୍ବା ବିଧବା ସ୍ତ୍ରୀ ଲୋକ କିମ୍ବା ଶାରୀରିକ ବିକଳାଙ୍ଗ ବ୍ୟକ୍ତିର କୃଷିକାର୍ଯ୍ୟ, ଘର ଛପର କରିବା, ଘର ମରାମତି, କୂପର ପଙ୍କୋଦ୍ଧାର ସମୟରେ ପ୍ରତ୍ୟେକ ପରିବାରରୁ ଯୁବକମାନେ ସ୍ୱେଚ୍ଛାକୃତ ଭାବରେ ଆସି ସେହି କାର୍ଯ୍ୟ ସଂପାଦନ କରିଥାନ୍ତି । ଗ୍ରାମର ପରିଷ୍କାର ପରିଚ୍ଛନ୍ନତା, ପୋଖରୀର ପଙ୍କୋଦ୍ଧାର, ରାସ୍ତା ମରାମତି ସମୟରେ ମଧ୍ୟ ପ୍ରତ୍ୟେକ ପରିବାରରୁ ଯୁବକମାନେ ଆଗେଇ ଆସି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ବିବାହାଦି କାର୍ଯ୍ୟରେ ଯୁବଗୋଷ୍ଠୀଙ୍କ ସହାୟତା ଅନୁଷ୍ଠାନକୁ ସଫଳ କରିଥାଏ । ଏମାନେ ମିଳିମିଶି କାମ କରନ୍ତି । ଏହିସବୁ କାର୍ଯ୍ୟ ନିମନ୍ତେ କୌଣସି ପ୍ରକାରର ପାରିଶ୍ରମିକ ଦିଆଯାଏ ନାହିଁ ।

ବିଂଝିଆ ସମ୍ପ୍ରଦାୟର ଭିତ୍ତିଭୂମି ଶ୍ରମ ସମବାୟ ଉପରେ ଆଧାରିତ । ବିନ୍ଧ୍ୟାଞ୍ଚଳରୁ ଆସି ଭାରତର ବିଭିନ୍ନ ସ୍ଥାନରେ ବସବାସ କରି ରହୁଥିବା ବିଂଝିଆ ପରିବାରର ସଂସ୍କୃତି ପାରସ୍ପରିକ ସହଯୋଗ ଓ ଶ୍ରମଦାନକୁ ଆଧାର କରି ବିକାଶ ଲାଭ କରିଥିଲା । ତେଣୁ ସେମାନେ ପରସ୍ପରର କାର୍ଯ୍ୟରେ ଆବଶ୍ୟକତା ସମୟରେ ପରସ୍ପରକୁ ସାହାଯ୍ୟ ସହଯୋଗ କରିବା ପାଇଁ କୁଣ୍ଠାପ୍ରକାଶ କରନ୍ତି ନାହିଁ । ସହଯୋଗୀ ଶ୍ରମ ଦ୍ୱାରା ଅସାଧ୍ୟକୁ ସାଧନ କରାଯାଇପାରେ; ବନ୍ଧୁତ୍ୱ, ଭାତୃଭାବ ଓ ସହଯୋଗର ସୂତ୍ରପାତ ହୋଇଥାଏ । କୌଣସି ବ୍ୟକ୍ତିର ନିକଟତର ହେବା ଆପଣାର ଭାବ ପ୍ରକାଶ କରିବା, ଅନ୍ୟର କାର୍ଯ୍ୟ କୁଶଳତା ଦେଖି ନିଜର ଦକ୍ଷତା ବୃଦ୍ଧି କରିବା ଏବଂ ଏକତ୍ର ଖାଦ୍ୟ ପାନୀୟର ଆନନ୍ଦ ଉପଭୋଗ କରିବାର ଏକମାତ୍ର ଏବଂ ସର୍ବୋତ୍କୃଷ୍ଟ ମାଧ୍ୟମ ଶ୍ରମ ସମବାୟ । କର୍ମର ସୁଷମ ବଣ୍ଟନ କାର୍ଯ୍ୟଟିକୁ ସରଳ କରି ଆନନ୍ଦ ଓ ଉତ୍ସାହ ଯୋଗାଇଥାଏ ।

ବର୍ତ୍ତମାନ ପରିସ୍ଥିତିରେ ମଧ୍ୟ ବିଂଝିଆ ସମ୍ପ୍ରଦାୟରେ ସହଯୋଗୀ ଶ୍ରମଦ୍ୱାରା ଅନେକ କାର୍ଯ୍ୟ ସମ୍ପାଦନ ହୋଇପାରୁଛି । କୌଣସି ପରିବାର କୃଷିକାର୍ଯ୍ୟ, ଜମିରୁ ଘାସବାଛିବା, ରୁଆ କରିବା, ଧାନ ବେଉଷଣ, ଘର ଛପର, ଗୃହମରାମତି, କୂପ ଖନନ, ବିବାହ ଉତ୍ସବ, ଶୁଦ୍ଧିକ୍ରିୟାରେ, ଶିଶୁ ଜନ୍ମୋତ୍ସବ, ଅସୁସ୍ଥତା କିମ୍ବା ଦୁର୍ଘଟଣାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ଇତ୍ୟାଦି କାର୍ଯ୍ୟରେ ଏପର୍ଯ୍ୟନ୍ତ ବିଂଝିଆମାନେ ଅଯାଚିତ ଭାବରେ ପରସ୍ପରକୁ ସାହାଯ୍ୟ ଓ ସହଯୋଗ କରି ଆସୁଛନ୍ତି । ଗ୍ରାମାଞ୍ଚଳରେ ଏପ୍ରଥା ଅଧିକ ପରିଲକ୍ଷିତ ହୁଏ ।

ପାରମ୍ପରିକ ସହଯୋଗୀ ଶ୍ରମ ମାଧ୍ୟମରେ ଗ୍ରାମର ରାସ୍ତା ତିଆରି, ରାସ୍ତା ମରାମତି, କୂପ ଖନନ, ପୋଖରୀ ଖନନ, ପଙ୍କୋଦ୍ଧାର ଇତ୍ୟାଦି ଉନ୍ନତି ମୂଳକ କାର୍ଯ୍ୟ ବର୍ତ୍ତମାନ ସରକାରଙ୍କ ଦ୍ୱାରା ସଂପାଦିତ ହେଉଅଛି । ଏଥି ନିମନ୍ତେ ସରକାରୀ କଳ ଦ୍ୱାରା ନିର୍ଦ୍ଦିଷ୍ଟ ମଜୁରୀ ବା ପାରିଶ୍ରମିକ ପ୍ରଦାନ କରାଯାଉଅଛି । ବର୍ତ୍ତମାନ କୌଣସି ପରିବାରର କୌଣସି କାର୍ଯ୍ୟ ସ୍ଥଳ ବିଶେଷରେ ସହଯୋଗୀ ଶ୍ରମ ପରିବର୍ତ୍ତେ ମୂଲିଆମାନଙ୍କୁ ମଜୁରୀ ପ୍ରଦାନ କରି ସଂପାଦନ କରାଯାଉଅଛି । କିନ୍ତୁ ଗ୍ରାମାଞ୍ଚଳରେ ବର୍ତ୍ତମାନ ମଧ୍ୟ ଘର ଛପର ଓ ମରାମତି ସମୟରେ, କୃଷିକାର୍ଯ୍ୟ, ବିବାହ, ଶିଶୁ ଜନ୍ମୋତ୍ସବ, ଶୁଦ୍ଧିକ୍ରିୟା, ଅଭାବ ଅସୁବିଧା ଇତ୍ୟାଦି ସମୟରେ ସହଯୋଗୀ ଶ୍ରମର ପ୍ରଥା ପ୍ରଚଳିତ ରହିଅଛି ।

**ଅନ୍ୟାନ୍ୟ:**

ସହଯୋଗୀ ଶ୍ରମ ବିଂଝିଆ ଜୀବନକୁ ପରିମାର୍ଜିତ କରେ । ଏହି ବ୍ୟବସ୍ଥା ଦ୍ୱାରା ସେମାନେ ପରସ୍ପରର ନିକଟତର ହୋଇଥା'ନ୍ତି । ସମଗ୍ର ଗ୍ରାମ ଗୋଟିଏ ପରିବାର । ପର୍ବପର୍ବାଣୀ, ବିବାହବ୍ରତ, କୃଷିକାର୍ଯ୍ୟ ଇତ୍ୟାଦି ସମୟରେ ସେମାନେ ସଂଗୀତ ଗାନ କରନ୍ତି । ଶ୍ରମ ସମବାୟ ସେମାନଙ୍କ ସଂସ୍କୃତିକୁ ପରିମାର୍ଜିତ ଏବଂ ଜୀବନକୁ ଗୁଢିମନ୍ତ କରେ । ପରସ୍ପର ମଧ୍ୟରେ ଭ୍ରାତୃଭାବ, ବନ୍ଧୁତ୍ୱ ଭାବର ଉଦ୍ରେକ ହୁଏ । ଏହାଦ୍ୱାରା ମିଳିମିଶି ସମସ୍ତେ ଖୁବ୍ ସୁନ୍ଦର ଭାବରେ, ସହଜରେ ପ୍ରତ୍ୟେକ ଜଟିଳ ସମସ୍ୟାର ସମାଧାନ କରି ପାରନ୍ତି । ଏହାର ଅନନ୍ୟ ଭୂମିକା ପାଇଁ ବର୍ତ୍ତମାନର ପରିମାର୍ଜିତ ବିଂଝିଆ ସମାଜରେ ମଧ୍ୟ ଏହି ପ୍ରଥା ଜୀବିତ ହୋଇ ରହିଅଛି ।

# ବିଂଝିଆ ଗ୍ରାମସଭା

## ଗ୍ରାମସଭାର ଧାରଣା:

ଗ୍ରାମସଭା ସାଧାରଣତଃ ବିଂଝିଆ ସମ୍ପ୍ରଦାୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଗ୍ରାମସଭା ଗ୍ରାମର ଭଲମନ୍ଦ, ସୁବିଧା ଅସୁବିଧା ବୁଝିଥାଏ । ପାହାଡ଼ ପର୍ବତ ଘେରା ଘଞ୍ଚ ଅରଣ୍ୟାନୀ ମଧ୍ୟରେ ଗଢ଼ିଉଠିଥିବା ବିଂଝିଆ ବସତି ଶୃଙ୍ଖଳିତ । ସେମାନେ ଯେପରି ସ୍ୱାଧୀନ ଚେତା ସେପରି ଏକାଧାରାରେ ଆଶାବାଦୀ, ପରିଶ୍ରମୀ ଓ ଅତିଥିବତ୍ସଳ ଅଟନ୍ତି । ଏମାନଙ୍କ ଜୀବନକୁ ଶୃଙ୍ଖଳିତ, ପରିମାର୍ଜିତ ଓ ନିୟନ୍ତ୍ରିତ କରିବା ପାଇଁ ହିଁ ପ୍ରଜାତନ୍ତ୍ର ଆଧାର ଉପରେ ଗ୍ରାମସଭା ଗଠିତ ହୋଇଛି । ପୁରୁଷାନୁକ୍ରମେ ନିର୍ଦ୍ଦିଷ୍ଟ ପରମ୍ପରାର ପରିଚାୟକ ହେଲା ଗ୍ରାମସଭା । ପ୍ରାରମ୍ଭିକ କାଳରେ ଗ୍ରାମର ବିଭିନ୍ନ ପ୍ରକାର ଗଣ୍ଡଗୋଳ, ଚୋରୀ, ମାରପିଟ, ଜମିଜମା ମାମଲା, ବ୍ୟକ୍ତିଗତ କଳିଗୋଳ, ପର୍ବପର୍ବାଣୀ ସମୟରେ ଉପୁଜିଥିବା ଗଣ୍ଡଗୋଳ, ବିବାହ ବିଚ୍ଛେଦ, ଗୁଣିଗାରେଡ଼ି, ଛାଡ଼ପତ୍ର ଇତ୍ୟାଦି ମାମଲାର ବିଚାର ନିମନ୍ତେ ଗ୍ରାମସଭା ସୃଷ୍ଟି ହୋଇଥିଲା । ଗ୍ରାମ ଶାସନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲା ଗ୍ରାମସଭା । ଏହି ଗ୍ରାମସଭା ଗୋଟିଏ ବଡ଼ ଗାଁ କିମ୍ବା ଦୁଇ ତିନୋଟି ପଡ଼ୋଶୀ ଗ୍ରାମକୁ ନେଇ ଗଠିତ ହେଉଥିଲା । ସମୟକ୍ରମେ ଗ୍ରାମସଭାର ଗଠନ ଓ କାର୍ଯ୍ୟକଳାପରେ ଅନେକ ପରିବର୍ତ୍ତନ ଦେଖାଦେଲାଣି । ଜମିଦାରୀ ପ୍ରଥା ସମୟରେ ଗ୍ରାମସଭାର ନିଷ୍ପତ୍ତିକୁ ସମସ୍ତେ ମାନିବାକୁ ବାଧ୍ୟ ହେଉଥିଲେ । ଦୋଷୀକୁ ବିଭିନ୍ନ ପ୍ରକାର ଦଣ୍ଡ ଭୋଗ କରିବାକୁ ପଡୁଥିଲା । କିନ୍ତୁ ବିଂଝିଆ ସଂପ୍ରଦାୟରେ ଶାରିରୀକ ଦଣ୍ଡ ଅତି କମ୍ ମାତ୍ରାରେ ପ୍ରଚଳିତ ହେଉଥିଲା । ସମୟକ୍ରମେ ଜମିଦାରୀ ପ୍ରଥା ଓ ରାଜାରାଜୁଡ଼ା ଶାସନର ବିଲୋପ ଘଟିଲା । ଏହାସହିତ ଗ୍ରାମ ସଭାର ଗୁରୁତ୍ୱ କମିଗଲା । ପଞ୍ଚାୟତି ରାଜ୍ ବ୍ୟବସ୍ଥା ପ୍ରଚଳନ ହେବାଯୋଗୁଁ ଗ୍ରାମସଭାର ସତ୍ତା ନିଷ୍କ୍ରିୟ ହେବାକୁ ବସିଲାଣି ।

## ଗ୍ରାମସଭାର ଗଠନ :

ଗୋଟିଏ ପରିବାରର ମୁଖ୍ୟ ଯେପରି ନିଜ ଘରର ଭଲ ମନ୍ଦ, ସୁଖ ଦୁଃଖ ଏବଂ ପରିଚାଳନାରେ ସକ୍ରୀୟ ଅଂଶଗ୍ରହଣ କରନ୍ତି । ଠିକ୍ ସେହିପରି ଗ୍ରାମର ସୁପରିଚାଳନା ନିମନ୍ତେ, ଗ୍ରାମବାସୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରି ଗ୍ରାମରେ ଶାନ୍ତି ବଜାୟ ରଖିବାକୁ

ଗ୍ରାମସଭା କାର୍ଯ୍ୟ କରିଥାଏ । ପ୍ରଥମେ ଗ୍ରାମ ଶାସନ ପାଇଁ ଗ୍ରାମର ମୁଖିଆ (ଗଞ୍ଜୁ)କୁ ଗ୍ରାମସଭାର ସଭାପତି ରୂପେ, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି (ସିଆନ ଗଞ୍ଜୁ) କୁ ଉପସଭାପତି ରୂପେ ଏବଂ ଗ୍ରାମର ସମ୍ମାନୀୟ ବ୍ୟକ୍ତିଙ୍କ ମଧ୍ୟରୁ ଜଣକୁ ସମ୍ପାଦକ ଓ ଜଣକୁ ଉପ ସମ୍ପାଦକ ଏବଂ ଗ୍ରାମର ଜଣେ କାର୍ଯ୍ୟଦକ୍ଷ ଯୁବକଙ୍କୁ ଡାକୁଆ (କଟୁଆଳ) ରୂପେ ନିଯୁକ୍ତ କରାଯାଏ । ଗ୍ରାମର ମଧ୍ୟଭାଗରେ ଗ୍ରାମବାସୀଙ୍କ ସହଯୋଗରେ ଗଢ଼ିଉଠିଥିବା 'ଦୁମ୍ପିଘର' (ଦରବାର ଘର) ହିଁ ଗ୍ରାମସଭାର ପ୍ରାଣକେନ୍ଦ୍ର । ଏହି ଘରେ ଗ୍ରାମବାସୀଙ୍କ ଭଲମନ୍ଦ, ସୁବିଧା ଅସୁବିଧା ବିଚାର କରି ଉଚିତ୍ ନ୍ୟାୟ ପ୍ରଦାନ କରାଯାଏ । ଏହି ଗ୍ରାମସଭା ପ୍ରତି କଥା ଓ ଘଟଣାର ଭଲମନ୍ଦ ଆଲୋଚନାର ପ୍ରଧାନ ଉତ୍ସ ଅଟେ । ସମୟକ୍ରମେ ଏହି ଗ୍ରାମସଭାରେ ଉତ୍ତମ ନ୍ୟାୟ ପ୍ରଦାନ ପାଇଁ କେତେଜଣ ସମ୍ମାନନୀୟ ଓ ଶିକ୍ଷିତ ବ୍ୟକ୍ତିଙ୍କୁ ଅର୍ନ୍ତଭୁକ୍ତ କରାଗଲା ।

ଗ୍ରାମ ସଭାର ବୈଠକ ଘରର ଲମ୍ବ ୩୦ ଫୁଟ ଏବଂ ଓସାର ୧୦ ଫୁଟ ଥିଲା । ଏହି ବୈଠକ ଘର (ଦୁମ୍ପି ଘର) ର ଚାରିପଟ ଖୋଲା ରହୁଥିଲା । ପ୍ରକୃତରେ ଗ୍ରାମର ରାଜନୀତିକ ନେତା କହିଲେ ଗଞ୍ଜୁ, ସିଆନ ଗଞ୍ଜୁ, ସମ୍ପାଦକ, ସହ ସମ୍ପାଦକ, ଡାକୁଆ (କଟୁଆଳ) କୁ ହିଁ ବୁଝାଯାଇଥାଏ । ଏମାନଙ୍କ ବ୍ୟତୀତ ଗ୍ରାମର ପୂଜକ (କାଲୋ), ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ସାଧାରଣ ବ୍ୟକ୍ତିମାନେ ଗାଁ'ର ସମସ୍ତ ପ୍ରକାର ନ୍ୟାୟ ନିଷ୍ପତ୍ତିରେ ଅଂଶ ଗ୍ରହଣ କରନ୍ତି । ବିଂଝିଆ ସଂପ୍ରଦାୟ ବସବାସ କରୁଥିବା ପ୍ରତ୍ୟେକ ବଡ଼ଗ୍ରାମ ଉଦାହରଣ ସ୍ୱରୂପ - ୭୦ ପରିବାର ବିଶିଷ୍ଟ ଆମଗୋଭା, ୫୦ ପରିବାର ବିଶିଷ୍ଟ ଇନ୍ଦ୍ରପୁର ଗ୍ରାମ ଏବଂ ବିହାର ପ୍ରଦେଶ ଅନ୍ତର୍ଗତ (ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟ) ତରଗା ଗ୍ରାମ (୨୦୦ ପରିବାର ବିଶିଷ୍ଟ) ଗୁଡ଼ିକରେ 'ଗ୍ରାମସଭା' ଗଠିତ ହୋଇଅଛି । କିନ୍ତୁ ଏଲଗା ଓ ବିଜା ଖମଣ ଗ୍ରାମ ଦ୍ୱୟକୁ ନେଇ ଗୋଟିଏ ଗ୍ରାମସଭା ଏବଂ ଭାଲୁଲତା ଓ ହେଟ ବାହାଲ ଗ୍ରାମ ଦ୍ୱୟକୁ ନେଇ ଗୋଟିଏ ଗ୍ରାମସଭା ଗଠିତ ହୋଇଅଛି । ଏହିପରି ବିଛିନ୍ନ ଭାବରେ ବସବାସ କରୁଥିବା ବସତି ଗୁଡ଼ିକରେ ଗ୍ରାମସଭା ଗଠିତ ହୋଇଥିବାର ସୂଚନା ମିଳେ ।

ଗ୍ରାମ ଶାସନରେ ମୁଖିଆ ଗଞ୍ଜୁ (ସଭାପତି) ଗ୍ରାମର ମୁଖ୍ୟ ଅଟନ୍ତି । ସେହିଁ ଗ୍ରାମର ଭଲ ମନ୍ଦ କଥା ବୁଝନ୍ତି । ପ୍ରଥମେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏକ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି (ଗଞ୍ଜୁ), ଉପସଭାପତି (ସିଆନ ଗଞ୍ଜୁ), ସଂପାଦକ, ସହ ସଂପାଦକ, ଡାକୁଆ (କଟୁଆଳ) ନିର୍ବାଚିତ ହୁଅନ୍ତି । ପ୍ରସ୍ତାବଟି ଦୁଇ ତୃତୀୟାଂଶ

ସଭ୍ୟାଙ୍କ ଦ୍ୱାରା ସମର୍ଥିତ ହେଲେ ଗୃହୀତ ହୋଇଥାଏ । ମନୋନୀତ ବ୍ୟକ୍ତିଗଣ ତତପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମ ସଭାର ଦାୟିତ୍ୱ ଗ୍ରହଣ କରନ୍ତି । ନିରପେକ୍ଷ ଭାବରେ ନ୍ୟାୟ ପ୍ରଦାନ କରିବା ପାଇଁ ଭଗବାନଙ୍କ ନାମରେ ଶପଥ ପାଠ କରନ୍ତି । ଏହାପରେ ବଂଶାନୁକ୍ରମିକ ଭାବେ ସେମାନେ ନିଜର କାର୍ଯ୍ୟ ସଂପାଦନ କରନ୍ତି । ଯଦି କୌଣସି କର୍ମକର୍ତ୍ତାଙ୍କର ପୁରୁଷ ଉତ୍ତରାଧିକାରୀ ନଥାନ୍ତି ବା ଅଯୋଗ୍ୟ କିମ୍ବା ସ୍ୱେଚ୍ଛାଚାରୀ ହୁଅନ୍ତି ତେବେ ଗ୍ରାମବାସୀଙ୍କ ମିଳିତ ଆହ୍ୱାନ କ୍ରମେ ପୁଣିଥରେ କର୍ମକର୍ତ୍ତା (ସଭାପତି, ଉପ-ସଭାପତି, ସଂପାଦକ, ସହ ସଂପାଦକ, ଡାକୁଆ) ମନୋନୟନ କାର୍ଯ୍ୟ ପୂର୍ବପରି ଆରମ୍ଭ କରାଯାଏ ଏବଂ କର୍ମକର୍ତ୍ତା ନିର୍ବାଚନ କରାଯାଏ । ଯଦି କୌଣସି ନିର୍ବାଚିତ କର୍ମକର୍ତ୍ତା ନିଜ ଦାୟିତ୍ୱ ଠିକ୍ ରୂପେ ପରିଚାଳନା ନକରନ୍ତି କିମ୍ବା ଅସମର୍ଥ ହୁଅନ୍ତି କିମ୍ବା ସେ ମଦ୍ୟପ ବା ଅନ୍ୟାୟୀ ହୁଅନ୍ତି କିମ୍ବା କୌଣସି କର୍ମକର୍ତ୍ତାଙ୍କର ମୃତ୍ୟୁ ଘଟେ, ସେ କ୍ଷେତ୍ରରେ ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ ପୁନର୍ବାର ସଂପୃକ୍ତ କର୍ମକର୍ତ୍ତା ନିର୍ବାଚନ ହୋଇଥାଏ ।

ଗ୍ରାମସଭା ସଦସ୍ୟ ମାନଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ, ମର୍ଯ୍ୟାଦା ଓ ଗୁଣଥିବା ଦରକାର । ଯେକୌଣସି ବ୍ୟକ୍ତିଙ୍କୁ ଗ୍ରାମସଭାର ସଦସ୍ୟରୂପେ ବଛାଯାଇନଥାଏ । ଏଥିପାଇଁ ନିମ୍ନଲିଖିତ ସାଧାରଣ ଯୋଗ୍ୟତା ଥିବା ଦରକାର ।

**○ ସଭାପତି (ଗଞ୍ଜୁ) ପଦ ପାଇଁ ଯୋଗ୍ୟତା:**

- ସଭାପତି ବା ଗଞ୍ଜୁ ବିଂଝିଆ ସଂପ୍ରଦାୟର ହୋଇଥିବା ଆବଶ୍ୟକ ।
- ସେ ପୁରୁଷ ହୋଇଥିବେ ।
- ବୈବାହିକ ଜୀବନ ଅତିବାହିତ କରୁଥିବା ଆବଶ୍ୟକ ।
- ସେ ବିକଳାଙ୍ଗ ବା ବିକୃତ ମସ୍ତିଷ୍କ ହୋଇନଥିବେ ।
- ଗ୍ରାମର ଜଣେ ମାନ୍ୟଗଣ ବ୍ୟକ୍ତିରୂପେ ବିବେଚିତ ହେଉଥିବେ ।
- ସେ ଉତ୍ତମ ବିଚାରକ, ବିଦ୍ୱାନ, ଶାନ୍ତ ସ୍ୱଭାବ ବିଶିଷ୍ଟ ଓ ଅମାୟିକ ସ୍ୱଭାବର ଅଧିକାରୀ ହୋଇଥିବା ଆବଶ୍ୟକ ।
- ସେ ଅତ୍ୟଧିକ ମଦ୍ୟପାନ କରୁନଥିବେ ।
- ସେ ଆଞ୍ଚଳିକ ବିଂଝିଆ ଭାଷା ସହିତ ଓଡ଼ିଆ ଭାଷା ଜାଣିଥିବା ଦରକାର ।
- ସେ ଲମ୍ପଟ, ପରସ୍ତ୍ରୀ ଆସକ୍ତ, ସ୍ୱେଚ୍ଛାଚାରୀ କିମ୍ବା ସ୍ୱାର୍ଥପର ହୋଇନଥିବା ଆବଶ୍ୟକ ।

- ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିବ ।
- ସେ ଅତ୍ୟନ୍ତ ଧୈର୍ଯ୍ୟବାନ ହୋଇଥିବେ ।
- ଲୋକଙ୍କ କଥାକୁ ଭଲ ଭାବରେ ବୁଝିପାରୁଥିବେ ଓ ବୁଝାଇପାରୁଥିବା ଦରକାର ।
- ସେ ଜଣେ ଅଭିଜ୍ଞ ଓ ନେତୃତ୍ୱ ପ୍ରତିଭାର ଅଧିକାରୀ ହୋଇଥିବା ଆବଶ୍ୟକ ।

ଏସବୁ ଯୋଗ୍ୟତା ବିଶିଷ୍ଟ ବ୍ୟକ୍ତିଙ୍କୁ ଗ୍ରାମ ସଭାର ମୁଖ୍ୟ (ଗଞ୍ଜୁ) ଭାବରେ ବଛାଯାଇଥାଏ ।

○ ଉପସଭାପତି (ସିଆନ ଗଞ୍ଜୁ) ଙ୍କ ବ୍ୟକ୍ତିତ୍ୱ ଓ ଯୋଗ୍ୟତା :

- ଉପସଭାପତି (ସିଆନ ଗଞ୍ଜୁ) ବିଂଝିଆ ସଂପ୍ରଦାୟର ହୋଇଥିବା ଦରକାର ।
- ସେ ସଂପୃକ୍ତ ଗ୍ରାମର ଅଧିବାସୀ ହୋଇଥିବା ଦରକାର ।
- ସେ ଜଣେ ବିବାହିତ ପୁରୁଷ ହୋଇଥିବେ ।
- ସେ ବିକଳାଙ୍ଗ ବା ବିକୃତ ମସ୍ତିଷ୍କ ହୋଇନଥିବେ ।
- ସମାଜର ଜଣେ ଆଦରଣୀୟ ଓ ସମ୍ମାନନୀୟ ବ୍ୟକ୍ତି ରୂପେ ପରିଚିତ ଥିବେ ।
- ଜଣେ ନ୍ୟାୟବାଦ ଏବଂ ଉତ୍ତମ ବିଚାର ସମ୍ପନ୍ନ ବ୍ୟକ୍ତି ହୋଇଥିବା ଦରକାର ।
- ସେ ମଦ୍ୟପ କିମ୍ବା ଲମ୍ପଟ ପୁରୁଷ ହୋଇନଥିବା ଆବଶ୍ୟକ ।
- ସେ ଅଭିଜ୍ଞ ଓ ନେତୃତ୍ୱ ପ୍ରତିଭାର ଅଧିକାରୀ ହୋଇଥିବା ଆବଶ୍ୟକ ।

○ ସମ୍ପାଦକ ଓ ସହସମ୍ପାଦକଙ୍କ ଯୋଗ୍ୟତା ଓ ବ୍ୟକ୍ତିତ୍ୱ :

- ବ୍ୟକ୍ତିଦ୍ୱୟ ବିଂଝିଆ ସଂପ୍ରଦାୟର ହୋଇଥିବା ଆବଶ୍ୟକ ।
- ସେମାନେ ଶିକ୍ଷିତ ଓ ଶୃଙ୍ଖଳିତ ଜୀବନ ଯାପନ କରୁଥିବା ଆବଶ୍ୟକ ।
- କୌଣସି ବିଚାର ବା ରାୟକୁ ନିର୍ଭୁଲ ଭାବେ ଲିପିବଦ୍ଧ କରିପାରୁଥିବା ଆବଶ୍ୟକ ।
- ସେମାନେ ସମୟାନୁବର୍ତ୍ତୀ ହୋଇଥିବେ ।
- ବିଭିନ୍ନ ଭାଷାରେ ତାଙ୍କର ଦକ୍ଷତା ଥିବ ।
- ସେମାନେ ଦାୟିତ୍ୱବାନ ଓ ଚରିତ୍ରବାନ ହେବା ଆବଶ୍ୟକ ।
- ସେମାନେ ଶୃଙ୍ଖଳିତ ଜୀବନ ଯାପନ କରୁଥିବା ଏକାନ୍ତ ଜରୁରୀ ।

○ ଡାକୁଆ (କଟୁଆଳ) ର ଯୋଗ୍ୟତା ଓ ବ୍ୟକ୍ତିତ୍ୱ :

ସଭାପତି, ଉପସଭାପତି, ସଂପାଦକ ଓ ସହ ସଂପାଦକଙ୍କୁ ସାହାଯ୍ୟ କରିବା ସେମାନଙ୍କ ବୋଲହାକ ଶୁଣିବା, ଗ୍ରାମବାସୀଙ୍କୁ ସଭାକୁ ଡାକିବା, ସଭାରେ ନିଷ୍ପତ୍ତି

ନିଆଯାଇଥିବା ବିଷୟକୁ ଗ୍ରାମବାସୀଙ୍କୁ ଜଣାଇବା ଇତ୍ୟାଦି କାର୍ଯ୍ୟ ନିମନ୍ତେ ଜଣେ ଡାକୁଆ (କଟୁଆଳ)ର ନିଯୁକ୍ତି ହୋଇଥା'ନ୍ତି । ଡାକୁଆ ନିର୍ବାଚନ କଲାବେଳେ ନିମ୍ନଲିଖିତ ଯୋଗ୍ୟତା ପ୍ରତି ଗୁରୁତ୍ୱ ଦିଆଯାଏ, ଯଥା -

- ଡାକୁଆ (କଟୁଆଳ) ବିଂଝିଆ ସଂପ୍ରଦାୟର ହୋଇଥିବେ ।
- ସେ ଜଣେ ସୁସ୍ଥସବଳ ପୁରୁଷ ବ୍ୟକ୍ତି ହୋଇଥିବା ଆବଶ୍ୟକ ।
- ସେ ଅତିଶୟ ମଦ୍ୟପ ହୋଇ ନଥିବେ ।
- ସେ ଜଣେ ଚରିତ୍ରବାନ ପୁରୁଷ ହୋଇଥିବା ଦରକାର ।
- ସେ ବିକୃତ ମସ୍ତିଷ୍କ ବା ବିକଳାଙ୍ଗ ହୋଇନଥିବା ଆବଶ୍ୟକ ।

ଉପଯୁକ୍ତ ସଦସ୍ୟ ମାନଙ୍କର କାର୍ଯ୍ୟକଳାପର ସମୀକ୍ଷା ଗ୍ରାମ ସଭାରେ ହୋଇଥାଏ । ନବ ନିର୍ବାଚିତ ସଦସ୍ୟ ମାନଙ୍କର ଶପଥ ପାଠ ମଧ୍ୟ ଏହି 'ଦୁଂଭି ଘରେ' ଅନୁଷ୍ଠିତ ହୋଇଥାଏ ।

ପାଞ୍ଚ ସାତ ଖଣ୍ଡ ଗ୍ରାମକୁ ନେଇ ଏକ 'ପାଞ୍ଚେତ୍' ଗଠନ କରାଯାଇଥାଏ । ଏଥିରେ ପ୍ରତ୍ୟେକ ଗ୍ରାମର ମନୋନୀତ ସଦସ୍ୟଗଣ କେତେକ ଜଟିଳ ସମସ୍ୟାର ସମାଧାନ କରିଥାନ୍ତି ।

**ସଦସ୍ୟମାନଙ୍କର କାର୍ଯ୍ୟକଳାପ :**

ଗ୍ରାମର ମୁଖ୍ୟ (ଗଞ୍ଜୁ) ସଭାପତି ରୂପେ ନିମ୍ନୋକ୍ତ କାର୍ଯ୍ୟ ସଂପାଦନ କରିଥାନ୍ତି ।

- ପର୍ବପର୍ବାଣୀ ପାଳନ ପୂର୍ବରୁ ଡାକୁଆ(କଟୁଆଳ) ମାଧ୍ୟମରେ ଗ୍ରାମସଭାର ଆହ୍ୱାନ ।
- ପ୍ରତ୍ୟେକ ସଭାରେ ସଭାପତିତ୍ୱ ।
- ଗ୍ରାମବାସୀଙ୍କ ସମ୍ମୁଖରେ ଦୋଷୀକୁ ଦଣ୍ଡ ସ୍ୱରୂପ ନିଜେ ଶପଥ ପାଠ କରାଇବା ।
- ଗ୍ରାମ ସଭାର ଶେଷ ନିଷ୍ପତ୍ତି ନେବା ।
- ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାପାଇଁ ନିର୍ଦ୍ଦେଶ ଦେବା ।
- କୌଣସି ବ୍ୟକ୍ତି ଯଦି ସମାଜ ବିରୋଧି କାମ କରେ, ତେବେ ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

- ପର୍ବପର୍ବାଣୀ ବା ଗ୍ରାମ ଉନ୍ନୟନ ନିମନ୍ତେ ଚାନ୍ଦା ନିର୍ଦ୍ଧାରଣ କରିବା ।
- ଗ୍ରାମବାସୀଙ୍କଠାରୁ ଖଜଣା ଆଦାୟ କରି ସରକାରଙ୍କଠାରେ ଦାଖଲ କରିବା ।
- ଗ୍ରାମକୁ ଆସୁଥିବା ବିଭିନ୍ନ ବ୍ୟକ୍ତିଙ୍କ ରହିବା ଓ ଖାଦ୍ୟପେୟ ବ୍ୟବସ୍ଥା କରିବା ।
- ଗ୍ରାମର ଭଲମନ୍ଦ ଓ ପ୍ରାକୃତିକ ବିପର୍ଯ୍ୟୟ ସଂପର୍କରେ ସରକାରଙ୍କୁ ଅବଗତ କରାଇ ବିହିତ ପଦକ୍ଷେପ ନେବା ।
- ଗ୍ରାମର ବିପଦଆପଦରେ ଗ୍ରାମସଭାରେ ସମାଧାନପନ୍ଥା ନିର୍ଣ୍ଣୟ କରିବା ।
- ଗ୍ରାମସଭାର ଅନ୍ୟାନ୍ୟ ସଦସ୍ୟଙ୍କ କାର୍ଯ୍ୟକଳାପ ଅପ୍ରୀତିକର ହେଲେ, ଗ୍ରାମସଭାରେ ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ସେହି ବ୍ୟକ୍ତିଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ।
- ଗ୍ରାମରେ ଘଟୁଥିବା ଗଣ୍ଡଗୋଳ, କଳିଝଗଡ଼ା, ମାଡ଼ପିଟ, ହଣାକଟା ସମ୍ବନ୍ଧରେ ଗ୍ରାମସଭାରେ ଉପସ୍ଥାପନ କରି ଦୋଷୀକୁ ଉପଯୁକ୍ତ ଦଣ୍ଡବିଧାନ କରିବା ।
- ଦୋଷୀ ନିର୍ଦ୍ଧାରିତ ଦଣ୍ଡ ସ୍ୱୀକାର ନକଲେ ବା ଗ୍ରାମସଭା ବିରୁଦ୍ଧରେ ଗଲେ, ଏହି ମାମଲାକୁ ସରକାରଙ୍କ ନିକଟକୁ ପ୍ରେରଣ କରିବା ।

ବାସ୍ତବରେ ଗ୍ରାମମୁଖ୍ୟ(ଗଞ୍ଜୁ) ଗ୍ରାମର ସର୍ବୋଚ୍ଚ କର୍ତ୍ତା । ଯଦି ଗଞ୍ଜୁ ଅତ୍ୟାଚାରୀ, ସ୍ୱେଚ୍ଛାଚାରୀ କିମ୍ବା ଅନ୍ୟାୟୀ ହୁଅନ୍ତି ତେବେ ଗ୍ରାମବାସୀମାନେ ମିଳିତ ଭାବରେ ତାଙ୍କୁ କ୍ଷମତାଚ୍ୟୁତ କରିଥାନ୍ତି ଏବଂ ନୂତନ ନିର୍ବାଚନ ସଂଗଠିତ ହୋଇଥାଏ ।

ଉପସଭାପତିଙ୍କ କାର୍ଯ୍ୟ :

ସଭାପତି (ଗଞ୍ଜୁ)ଙ୍କ ଅନୁପସ୍ଥିତିରେ କିମ୍ବା ଅସୁସ୍ଥତା ସମୟରେ କେତେକ ସ୍ୱତନ୍ତ୍ର କାର୍ଯ୍ୟ ଉପସଭାପତି (ସିଆନ ଗଞ୍ଜୁ) ସମ୍ପାଦନ କରିଥାନ୍ତି ।

- କୌଣସି ପାରମ୍ପରିକ ଝଗଡ଼ା (ସ୍ୱାମୀସ୍ତ୍ରୀ ମଧ୍ୟରେ / ଭାଇଭାଇ ମଧ୍ୟରେ / ବାପପୁଅ ମଧ୍ୟରେ) ର ସମାଧାନ ସେ କରିଥାନ୍ତି ।
- କୌଣସି କେସ୍ / ମକଦ୍ଦମା ବିଚାର ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ପାଉଣା (ସାୱାଲଖାନୀ) ଉପସଭାପତି (ସିଆନ ଗଞ୍ଜୁ) ଗ୍ରହଣ କରିଥାନ୍ତି ।
- ଗ୍ରାମରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସେ ସମାଧାନ କରିଥାନ୍ତି ।

- ସଭାର ପ୍ରାରମ୍ଭିକ ପ୍ରସ୍ତାବ ସେ ଆଗତ କରନ୍ତି ।
- ଯଦି ସଭାପତି (ଗଣ୍ଡୁ)ଙ୍କ ଆକସ୍ମିକ ମୃତ୍ୟୁ ଘଟେ ତେବେ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଉପ - ସଭାପତି (ସିଆନ ଗଣ୍ଡୁ) ସଭାପତିଙ୍କ ଦାୟିତ୍ୱ ନିର୍ବାହ କରନ୍ତି ।
- ଗ୍ରାମ ସଭାର ସମସ୍ତ ଅଧିବେଶନରେ ସେ ସକ୍ରୀୟ ଅଂଶଗ୍ରହଣ କରି ନିଜର ମୌଳିକମତ ଉପସ୍ଥାପନ କରିଥାନ୍ତି ।

**ସମ୍ପାଦକଙ୍କ କର୍ତ୍ତବ୍ୟ:**

- ଗ୍ରାମସଭାରେ କୌଣସି ମକଦ୍ଦମା ବିଚାରବେଳେ ସେ ମତ ପ୍ରଦାନ କରିଥାନ୍ତି ।
- ବୈଠକର ପରିଚାଳନା ଭାର ତାଙ୍କ ଉପରେ ନ୍ୟସ୍ତ ଥାଏ ।
- ମକଦ୍ଦମାରେ ସାମିଲ୍ ହୋଇ ଉଭୟ ପକ୍ଷଙ୍କ ଜମାନବନ୍ଦୀକୁ ଲେଖିଥାନ୍ତି ।
- ମକଦ୍ଦମାର ବିଚାର ବିବରଣୀକୁ ଲିପିବଦ୍ଧ କରିଥାନ୍ତି ।
- ବିଚାରର ଅନ୍ତିମ ବିବରଣୀ ପାଠ କରିଥାନ୍ତି ।
- ବିଚାର କ୍ଷେତ୍ରରେ ମଧ୍ୟ ଅଂଶ ଗ୍ରହଣ କରନ୍ତି ।

**ସହ-ସମ୍ପାଦକଙ୍କ କାର୍ଯ୍ୟ:**

- ସମ୍ପାଦକଙ୍କ ଅନୁପସ୍ଥିତିରେ ସେ ତାଙ୍କ କାର୍ଯ୍ୟଭାର ଗ୍ରହଣ କରିଥାନ୍ତି ।
- ବିଚାର ଆଲୋଚନାରେ ସେ ଅଂଶଗ୍ରହଣ କରନ୍ତି ।
- ବୈଠକରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କୁ ଆତିଥ୍ୟ ପ୍ରଦାନ କରନ୍ତି ।
- ଗ୍ରାମରେ କୌଣସି ପରିବାର ମଧ୍ୟରେ ଝଗଡ଼ା ହୋଇଥିଲେ ସହ-ସମ୍ପାଦକ ନିଜେ ଯାଇ ସମାଧାନ କରନ୍ତି ।
- ବୈଠକରେ ଆବଶ୍ୟକ ବ୍ୟବସ୍ଥା କରିଥାନ୍ତି ।

**ଡାକୁଆ (କଟୁଆଳ) ଙ୍କ କାର୍ଯ୍ୟ:**

ଡାକୁଆ ହେଉଛନ୍ତି ଗ୍ରାମସଭା ଓ ଗ୍ରାମବାସୀଙ୍କ ମଧ୍ୟରେ ସହଯୋଗର ସୂତ୍ରଧର।

- ମୁଖିଆ (ଗଣ୍ଡୁ)ଙ୍କ ନିର୍ଦ୍ଦେଶାନୁଯାୟୀ ସେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାନ୍ତି।

- ମକଦ୍ଦମାର ବିଚାର ସମୟରେ ସମ୍ପୃକ୍ତ ଦୋଷୀ ଓ ସାକ୍ଷୀଙ୍କୁ ସେ ସଭାମଧ୍ୟକୁ ଡାକିଆଣନ୍ତି ।
- ବୈଠକ ପାଇଁ ବ୍ୟବହୃତ ସମସ୍ତ ଜିନିଷପତ୍ର ଉପଯୁକ୍ତ ସ୍ଥାନରେ ସଜାଇ ରଖିବା ଦାୟିତ୍ୱ ତାଙ୍କର ଥାଏ ।
- ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ନିମନ୍ତେ ଜଳପାନର ବ୍ୟବସ୍ଥା ସେ ନିଜେ କରିଥାନ୍ତି ।
- ଗାଁକୁ ସରକାରୀ କର୍ମଚାରୀ ମାନେ ଆସିଲେ ସେ ସେମାନଙ୍କର ରହିବା, ଖାଇବାର ଦାୟିତ୍ୱ ବହନ କରନ୍ତି ।
- ଗ୍ରାମର ମୁଖିଆ (ଗଞ୍ଜୁ)ଙ୍କ ନିର୍ଦ୍ଦେଶବିନା ସେ କୌଣସି କାର୍ଯ୍ୟ କରନ୍ତି ନାହିଁ ।
- କେଉଁଦିନ ସମସ୍ତ ଗ୍ରାମବାସୀ କାର୍ଯ୍ୟରେ ନିବୃତ୍ତ ରହିବେ କିମ୍ବା କେଉଁଦିନ ପର୍ବପାଳନ ହେବ କିମ୍ବା ଗ୍ରାମ ସଭାର ବୈଠକ ଦିନ କେବେ ନିର୍ଦ୍ଧାରିତ ହୋଇଛି ଏ ସମ୍ପର୍କରେ ଡାକୁଆ (କଟୁଆଳ) ଗ୍ରାମର ଏମୁଣ୍ଡରୁ ସେମୁଣ୍ଡଯାଏ ଯାଇ ବଡ଼ ପାଟିରେ ଘୋଷଣା କରନ୍ତି ।
- ଗୁରୁତର ଅପରାଧିକୁ ଡାକୁଆ(କଟୁଆଳ) ମୁଖିଆ(ଗଞ୍ଜୁ)ଙ୍କ ନିର୍ଦ୍ଦେଶମତେ ଥାନାକୁ ନେଇଯା'ନ୍ତି ।

**ଗ୍ରାମସଭାରେ ନିଷ୍ପତ୍ତି କରାଯାଉଥିବା ବିଭିନ୍ନ ପ୍ରକାର ମାମଲା :**

ଗ୍ରାମସଭାରେ ବିଭିନ୍ନ ପ୍ରକାର ମାମଲା ବା କେସ୍‌ର ବିଚାର କରାଯାଇଥାଏ । ଯଥା –

- ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହେଲେ ଏହାର ବିଚାର।
- ସମସ୍ତ ପାରିବାରିକ କଳହର ସମାଧାନ ।
- ଜମି ବାଡ଼ି ପାଇଁ ଭାଇ-ଭାଇ ମଧ୍ୟରେ କଳି ଝଗଡ଼ା ଓ ମାରପିଟ୍‌ର ବିଚାର ।
- କୌଣସି ବ୍ୟକ୍ତି ଅନ୍ୟଘରୁ ଚୋରି କରି ନେଲେ ଏହାର ବିଚାର ।
- ବଳାତ୍କାର, ବ୍ୟଭିଚାର ଏବଂ ପ୍ରେମ ସଂପର୍କିତ ବ୍ୟାପାରର ବିଚାର।
- କ୍ଷତି / ଅନିଷ୍ଟ କରୁଥିବା ଗୁଣିଆ ଓ ଡାହାଣୀ ଲୋକଲୋଚନକୁ ଆସିଲେ, ଅଭିଯୁକ୍ତ ହିସାବରେ ତା' ବିରୁଦ୍ଧରେ ବିଚାର ।

- ଜମିର ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ଗଣ୍ଡଗୋଳ ଉପୁଜିଲେ ତା'ର ବିଚାର ।
- ଗ୍ରାମ ସୀମାନ୍ତରେ ଥିବା ପୋଖରୀରୁ ମାଛ ମାରିବା ସମୟରେ ଯଦି ଉଭୟ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ଉପୁଜିଥାଏ, ତେବେ ଏଭଳି ମକଦ୍ଦମା ବିଷୟ ରାଜନୈତିକ ପରିଷଦ ବା କେତୋଟି ପଡ଼ୋଶୀ ଗ୍ରାମକୁ ନେଇ ଗଠିତ ହୋଇଥିବା ପାଞ୍ଚେତ୍‌ରେ ବିଚାର ହୋଇଥାଏ ।
- ଅଭାବ ସମୟରେ କରଜ ଆଣିଥିବା ବ୍ୟକ୍ତି ଯଦି ଋଣ ପରିଶୋଧ ନକରେ ତେବେ ଏହା ଗ୍ରାମ ସଭାରେ ବିଚାର କରାଯାଏ ।
- କୌଣସି ବ୍ୟକ୍ତି ଯଦି ନିଜ ଚାକର ଚାକରାଣୀଙ୍କୁ ଉଚିତ୍ ପ୍ରାପ୍ୟ ଦେଇନଥାଏ ତେବେ ଏହାର ବିଚାର ମଧ୍ୟ ଗ୍ରାମସଭା କରନ୍ତି ।

ଏତଦ୍ ବ୍ୟତୀତ ଆହୁରି ଅନେକ ପ୍ରକାରର ସମସ୍ୟା ବା ମାମଲାର ବିଚାର ଗ୍ରାମସଭା ମାଧ୍ୟମରେ ହୋଇଥାଏ । ଯେପରି :

- ବିନାକାରଣରେ ସ୍ତ୍ରୀକୁ ଛାଡ଼ପତ୍ର ଦେଲେ ।
- ଗୋଟିଏ ଗ୍ରାମର ସୁରକ୍ଷିତ ଜଙ୍ଗଲ ଓ ଅନ୍ୟାନ୍ୟ ସମ୍ବଳକୁ ପଡ଼ୋଶୀ ଗ୍ରାମବାସୀ ମାନେ ଲୁଟି ନେଲେ, ଗ୍ରାମ-ଗ୍ରାମ ମଧ୍ୟରେ ନ୍ୟାୟ ବିଚାର ହୋଇଥାଏ ।
- କୌଣସି ବ୍ୟକ୍ତିର ଜମିକୁ ଅନ୍ୟ ଜଣେ ଲୋକ ଦଖଲ କଲେ ।
- ନିବାରଣ ସତ୍ତ୍ୱେ କୌଣସି ବ୍ୟକ୍ତିର ବଳଦ, ଛେଳି କିମ୍ବା ମଇଁଷି ଅନ୍ୟର ଫସଲ ନଷ୍ଟ କଲେ ।
- ଜଣକ ସ୍ତ୍ରୀକୁ ଅନ୍ୟ ଜଣେ ବଳପୂର୍ବକ ଅପହରଣ କଲେ ।
- ଅବୈଧ ସଂପର୍କ ରଖିଥିବା ଯୁବକ, ଯୁବତୀର ଗର୍ଭ ସଂଚାର କରି ତାକୁ ଗ୍ରହଣ ନକଲେ ।
- କୌଣସି ବିବାହିତ ପୁରୁଷ ପରସ୍ତ୍ରୀ ସହିତ ଅବୈଧ ସଂପର୍କ ରଖିଥିବା ଲୋକଲୋଚନକୁ ଆସିଲେ ।
- କୌଣସି ବ୍ୟକ୍ତି ଗ୍ରାମର ସାଧାରଣ ସମ୍ପତ୍ତି ନଷ୍ଟ କଲେ ।

ଉପରୋକ୍ତ ମାମଲା ଗୁଡ଼ିକର ନିଷ୍ପତ୍ତି ଗ୍ରାମ ସଭାରେ ବିଚାର କରାଯାଏ ।

ଗ୍ରାମ ସଭାରେ ମୁଖିଆ (ଗଞ୍ଜୁ) ଓ ଉପସଭାପତି (ସିଆନ ଗଞ୍ଜୁ) ମଧ୍ୟ ଭାଗରେ ବସିଥାନ୍ତି । ତାଙ୍କ ପାଖରେ ସଂପାଦକ, ସହ-ସଂପାଦକ ଓ ଡାକୁଆ ବସନ୍ତି । ସମସ୍ତେ ବୃତ୍ତାକାରରେ ବସିଥାନ୍ତି ଏବଂ ମଧ୍ୟ ଭାଗଟି ସଂପୂର୍ଣ୍ଣ ଖୋଲା ରହିଥାଏ । ସେମାନଙ୍କ ଚତୁଃପାର୍ଶ୍ୱରେ ନିମନ୍ତ୍ରିତ ଭଦ୍ର ବ୍ୟକ୍ତିଗଣ ଓ ଗ୍ରାମବାସୀ ଗଣ ଉପବେଶନ କରିଥାନ୍ତି । ବୈଠକରେ ବସିବା ପାଇଁ ଦରୀ କିମ୍ବା ପଟିଆର ବ୍ୟବହାର କରାଯାଇଥାଏ । ସମସ୍ତେ ନିଜନିଜ ସ୍ଥାନରେ ବସିଲା ପରେ ମୁଖିଆ (ଗଞ୍ଜୁ)ଙ୍କ ନିର୍ଦ୍ଦେଶକ୍ରମେ ସଂପାଦକ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନା କରନ୍ତି । ତା'ପରେ ଅଭିଯୁକ୍ତ ଓ ସାକ୍ଷୀମାନଙ୍କୁ ଡାକି ବିଚାର ଆରମ୍ଭ କରାଯାଇଥାଏ ।

ସମସ୍ତ ସଭାସଦ ଗ୍ରାମ ସଭାରେ ଶାନ୍ତି ଶୃଙ୍ଖଳାର ସହିତ ବସିଲା ପରେ ସଂପାଦକଙ୍କ ଦ୍ୱାରା ବୈଠକର ଉଦ୍ଦେଶ୍ୟ ଘୋଷଣା କରାଯାଏ । ତା'ପରେ ଅଭିଯୁକ୍ତ ଓ ସାକ୍ଷୀମାନଙ୍କର ସାକ୍ଷ୍ୟ ଗ୍ରହଣ କରାଯାଏ । ପ୍ରଥମ ପକ୍ଷର ବକ୍ତବ୍ୟ ଉପସ୍ଥାପନା ପରେ ମୁଖିଆ (ଗଞ୍ଜୁ) ସାକ୍ଷୀ ମାନଙ୍କର ସାକ୍ଷ୍ୟ ଗ୍ରହଣ କରନ୍ତି । ତତ୍ପରେ ଦ୍ୱିତୀୟ ପକ୍ଷ ଓ ସାକ୍ଷ୍ୟ ମାନଙ୍କର ବିବରଣୀ ଶୁଣାଯାଏ । ଉଭୟ ପକ୍ଷଙ୍କଠାରୁ ସଂଗୃହୀତ ବିବରଣୀ ସଂପାଦକ ମହାଶୟ ବୈଠକରେ ପୁନର୍ବାର ପାଠ କରିଥାନ୍ତି । ମୋକଦ୍ଦମାର ବିବରଣୀ ଅନୁସାରେ ବିଚାରକ ମଣ୍ଡଳୀଙ୍କ ମତ ଭିନ୍ନ ଭିନ୍ନ ହୋଇଥାଏ । ତତ୍ପରେ ବିଭିନ୍ନ ଯୁକ୍ତିତର୍କ ଓ ବିଚାର ଆଲୋଚନା ଦ୍ୱାରା ସିଦ୍ଧାନ୍ତ ମୁଖିଆ (ଗଞ୍ଜୁ) ନେଇଥାନ୍ତି । ମୁଖିଆ (ଗଞ୍ଜୁ) ଙ୍କ ଶେଷ ରାୟକୁ ସଂପାଦକ ମହାଶୟ ପୁନର୍ବାର ପାଠ କରିଥାନ୍ତି । ପ୍ରକୃତ ଦୋଷୀ ସାବ୍ୟସ୍ତ ହେଲାପରେ ତା'କୁ ଦଣ୍ଡାଦେଶ ଓ ଜୋରିମାନ ଧାର୍ଯ୍ୟ କରାଯାଏ ।

ବେଳେବେଳେ ଗ୍ରାମସଭାରେ ନିଷ୍ପତ୍ତି ଗ୍ରହଣ ବେଳେ ପ୍ରତିକୂଳ ପରିବେଶ ସୃଷ୍ଟିହୁଏ । ପ୍ରକୃତ ଦୋଷୀକୁ ଖୋଜି ବାହାର କରିବା କଷ୍ଟକର ହୋଇଉଠେ । ନିରପେକ୍ଷ ବିଚାରରେ ପ୍ରଶ୍ନବାଚୀ ସୃଷ୍ଟିହୁଏ । ସମୟ ସମୟରେ ଉଭୟପକ୍ଷକୁ କଠିନ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯେପରି ନିଜ ପୁତ୍ର କନ୍ୟା କିମ୍ବା ପରିବାରର ଅନ୍ୟାନ୍ୟ ସଦସ୍ୟମାନଙ୍କର ମୁଣ୍ଡଛୁଇଁ ପ୍ରତିଜ୍ଞା କରିବା କିମ୍ବା କୌଣସି ଦେବାଦେବୀଙ୍କ ନାମରେ ଶପଥ ଗ୍ରହଣ କରିବାକୁ ପଡ଼ିଥାଏ।

ସାଧାରଣତଃ ବିଂଝିଆ ସଂପ୍ରଦାୟରେ ଗ୍ରାମସଭାର ନିଷ୍ପତ୍ତିକ୍ରମେ ଅପରାଧକୁ ଶାରୀରିକ, ଆର୍ଥିକ, ମାନସିକ ବା ସାମାଜିକ ଦଣ୍ଡ ଦିଆଯାଇଥାଏ ।

**ଶାରୀରିକ ଦଣ୍ଡ:**

ଗ୍ରାମ ସଭାର ନିଷ୍ପତ୍ତି କ୍ରମେ କୌଣସି ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲାପରେ କିଛି ପରିମାଣରେ ଶାରୀରିକ ଦଣ୍ଡ ଦିଆଯାଉଥିଲା । ଯଦି ଦୋଷୀଟିର ଅପରାଧ ଗୁରୁତର ହୋଇନଥାଏ, ତେବେ ଦୋଷୀକୁ କିଛି ସମୟ ପାଇଁ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ କ୍ଷମା ଭିକ୍ଷା କରିବାକୁ ପଡ଼େ । କିନ୍ତୁ କୌଣସି ବ୍ୟକ୍ତିକୁ (ଦୋଷୀ) ମାରପିଟ୍, ଚାବୁକ ପ୍ରହାର କିମ୍ବା କୌଣସି ପ୍ରକାର ଅନ୍ୟାନ୍ୟ ଶାରୀରିକ ଦଣ୍ଡର ପ୍ରଚଳନ ନଥିଲା ।

**ଆର୍ଥିକ ଦଣ୍ଡ:**

ଗ୍ରାମ ସଭାର ନିଷ୍ପତ୍ତିକ୍ରମେ ଅଭିଯୁକ୍ତ ଦୋଷୀକୁ ଅର୍ଥଦଣ୍ଡ ବା ଜୋରିମାନା ଦେବାକୁ ପଡ଼େ । ସାଧାରଣ ଝଗଡ଼ା, ଚୋରୀ କିମ୍ବା ଗଣ୍ଡଗୋଳ ନିମନ୍ତେ ଦୋଷୀକୁ ଟ.୫୦.୦୦ଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼େ । ଯଦି ଗୁରୁତର ଦୋଷଥାଏ, ଜୋରିମାନା ଅର୍ଥ ପରିମାଣ ଅଧିକ ହୁଏ । ଏହା ସହିତ ଖାସି (ଶିକାର), କିମ୍ବା କୁକୁଡ଼ା (ଖୁଖ୍ରୀ) ଓ ହାଣ୍ଡିଆ (ମଦ)ର ବ୍ୟବସ୍ଥା ଦୋଷୀକୁ କରିବାକୁ ପଡ଼ିଥାଏ । ଯେତେ ବିଚାରକ ମଣ୍ଡଳୀ ଗ୍ରାମସଭାରେ ଥାଆନ୍ତି ସେମାନେ ଦୋଷୀଠାରୁ ଆଦାୟ ଅର୍ଥରେ କରାଯାଉଥିବା ଭୋଜିରେ ଯୋଗ ଦିଅନ୍ତି । ଦୋଷୀଟି ପୁନର୍ବାର ଏ ପ୍ରକାର ଅପରାଧ ନକରିବାକୁ ଚୁକ୍ତିନାମା (ବଣ୍ଡ) ମଧ୍ୟ ଲେଖାଯାଏ ।

**ମାନସିକ ବା ସାମାଜିକ ବା ନୈତିକ ଦଣ୍ଡବିଧାନ :**

ଗ୍ରାମର କୌଣସି ନୀତିନିୟମକୁ ବେଖାତିର କରୁଥିବା ଏବଂ ଗ୍ରାମର ମୁଖ୍ୟ (ଗଞ୍ଜୁ) ଙ୍କ ନିଷ୍ପତ୍ତିକୁ ଅବମାନନା କରୁଥିବା ବ୍ୟକ୍ତିଙ୍କୁ ସାମାଜିକ ଦଣ୍ଡ ଦିଆଯାଏ । ଦୋଷୀପାଇଁ ଗାଁର ନିଆଁ ପାଣି ବନ୍ଦକରାଯାଇଥାଏ, ତା' ସହିତ କଥାବାର୍ତ୍ତା ବନ୍ଦକରାଯାଇଥାଏ । ତା'ର ସମସ୍ତ କାର୍ଯ୍ୟରେ ଅସହଯୋଗ କରାଯାଏ । ଗ୍ରାମର ଶ୍ରମିକମାନେ ମଧ୍ୟ କାର୍ଯ୍ୟ ବନ୍ଦ କରିଦିଅନ୍ତି ।

**ଦୈବୀ ଦଣ୍ଡ:**

ଅପରାଧ ଯେତେ ଗୁରୁତର ହେଲେ ମଧ୍ୟ ଦୈବୀ ଦଣ୍ଡର ପ୍ରଚଳନ ବିଂଝିଆ ସମ୍ପ୍ରଦାୟରେ ପ୍ରଚଳନ ହୋଇନାହିଁ ।

## ସାମ୍ପ୍ରତିକ ପରିବର୍ତ୍ତନ:

ଗ୍ରାମ ସଭାରେ ସମୟାନୁକ୍ରମେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଏମାନଙ୍କର ରାଜନୈତିକ ଜୀବନକୁ ଆଧୁନିକ ସଭ୍ୟତାର ସ୍ପର୍ଶ କଲାଣି । ବର୍ତ୍ତମାନ ଅଧିକାଂଶ ମାମଲା ଗ୍ରାମସଭା ପରିବର୍ତ୍ତେ ଗ୍ରାମ ପଞ୍ଚାୟତ ସ୍ତରରେ ବିଚାର ହେଉଅଛି । ୱାର୍ଡ଼ ମେମ୍ବର ଓ ସରପଞ୍ଚଙ୍କ ମିଳିତ ନିଷ୍ପତ୍ତିକୁ ଲୋକେ ମାନିବାକୁ ବାଧ ହେଉଛନ୍ତି । ଜମିଜମା ସଂକ୍ରାନ୍ତୀୟ କିମ୍ବା ମାରପିଟ, ହଣାକଟା, ଚୋରୀ ଡକାୟତି ଇତ୍ୟାଦି ମାମଲା ଥାନା, କଚେରୀ, କୋର୍ଟ ଇତ୍ୟାଦିରେ ଫଇସଲା କରାଯାଉଅଛି ।

ଅତୀତରେ ବିଂଝିଆ ସଂପ୍ରଦାୟରେ ଗ୍ରାମ ସଭାର ଗୁରୁତ୍ୱ ରହିଥିଲା । କୌଣସି ମାମଲାର ବିଚାର ଗ୍ରାମ ସଭାରେ ହିଁ ହେଉଥିଲା । ଏଥିପାଇଁ ବିଶେଷ ଖର୍ଚ୍ଚ କିମ୍ବା ହଇରାଣ ହେବାକୁ ପଡୁନଥିଲା । ଶାରୀରିକ ଦଣ୍ଡ ପ୍ରାୟ ନଥିଲା । କୌଣସି ମାମଲାର ବିଚାର ପରେ ଉଭୟ ପକ୍ଷ ବନ୍ଧୁତାର ସୂତ୍ରରେ ଆବଦ୍ଧ ହେଉଥିଲେ । କିନ୍ତୁ ସମୟ ସ୍ରୋତରେ ବିଂଝିଆ ସମାଜରେ ଗ୍ରାମ ସଭାର ଅସ୍ତିତ୍ୱ ହଜିଗଲାଣି । ବର୍ତ୍ତମାନ ଯୁଗ ବଦଳିବା ସହିତ ସହରର ଆଧୁନିକ ସଭ୍ୟତାର ସ୍ପର୍ଶରେ ଗ୍ରାମର ପ୍ରାଚୀନ ସଂସ୍କୃତି ନିଜର ସତ୍ତା ହରାଇ ବସିଲାଣି । ପଞ୍ଚାୟତ, ଥାନା ଓ କଚେରୀର ଆବିର୍ଭାବରେ ଗ୍ରାମ ସଭାର ମୂଲ୍ୟ ହ୍ରାସ ପାଇଛି । ତଥାପି ଗ୍ରାମସଭାର ସଭ୍ୟମାନଙ୍କ ପ୍ରତି ଗ୍ରାମବାସୀଙ୍କର ସମ୍ମାନ, ଆଦର ଓ ଭକ୍ତି ଅତୁଟ ରହିଅଛି ।

## ବିଭିନ୍ନ ପ୍ରକାର ମାମଲା :

୧. ଆମ୍ବ ଗଛର ମାଲିକାନା ସତ୍ତ୍ୱନେଇ ଝଗଡ଼ା ।

| ପ୍ରଥମ ପକ୍ଷ | ଦ୍ୱିତୀୟ ପକ୍ଷ |
|---|---|
| ଅନନ୍ତ ମିର୍ଦ୍ଧା | ଶରତ ପ୍ରଧାନ |
| ପି. ୰ ଭିକାରୀ ମିର୍ଦ୍ଧା | ପି. ୰ କୃଷ୍ଣ ପ୍ରଧାନ |
| ଲିଙ୍ଗ - ପୁରୁଷ, ବୟସ - ୪୦ | ଲିଙ୍ଗ - ପୁରୁଷ, ବୟସ - ୪୬ |
| ଗ୍ରାମ - ଆମ୍ବଗୋଭା | ଗ୍ରାମ - ଆମ୍ବଗୋଭା |

**ବିଷୟ:** ଏକଦା ଆମ୍ବଗୋଭା ଗ୍ରାମର ନିରଞ୍ଜନ ପ୍ରଧାନ ପିତା- ବୈକୁଣ୍ଠ ପ୍ରଧାନ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଥିଲେ । ସମୟକ୍ରମେ ନିରଞ୍ଜନଙ୍କ ବିଳାସପୂର୍ଣ୍ଣ ଜୀବନଯାପନ ତାଙ୍କ ଅଭାବର

ଦ୍ୱାର ଦେଶରେ ପହଞ୍ଚାଇ ଦେଲା । ନିଜର ଆବଶ୍ୟକତା ମେଣ୍ଟାଇବାପାଇଁ ସେ ନିଜ ପୈତୃକ ଜମିରୁ ଦୁଇଏକର ବିକ୍ରୟ କଲା । ଅନନ୍ତର ବାପା ଭିକାରୀ ଏକ ଏକର ଜମି କ୍ରୟ କଲେ ଏବଂ ଅନ୍ୟ ସଂଲଗ୍ନ ଏକ ଏକର ଜମିକୁ ଶରତର ବାପା କୃଷ୍ଣ କିଣିନେଲେ । ଦୁଇ ଜମିର ମଧ୍ୟ ଭାଗରେ ଚାରୋଟି ଆମ୍ବ ଗଛ ମଧ୍ୟ ରହିଥିଲା । କିଛିଦିନ ପରେ ଉଭୟ ଭିକାରୀ ଏବଂ କୃଷ୍ଣଙ୍କର ସ୍ୱର୍ଗବାସ ହେଲା । ତାଙ୍କ ପୁତ୍ରମାନେ ବଡ଼ହେଲେ ଅନନ୍ତ ଓ ଶରତ ମଧ୍ୟରେ ଆମ୍ବ ଗଛର ମାଲିକାନା ସ୍ୱତ୍ୱ ନେଇ ବିବାଦ ଉପୁଜିଲା ଏବଂ ମାରପିଟ୍ ପର୍ଯ୍ୟନ୍ତ କଥାଗଲା । ଅନନ୍ତ ଯୁକ୍ତି କଲା ଏ ଆମ୍ବଗଛ ମୋର ଏବଂ ଶରତ ଯୁକ୍ତି କଲା ଆମ୍ବଗଛ ମୋର । ଶେଷରେ ଏହି ମାମଲା ଗ୍ରାମ ସଭାକୁ ଆସିଲା ।

ସକାଳେ ଗ୍ରାମ ସଭା ବସିଲା । ଗ୍ରାମ ମୁଖ୍ୟ (ଗଞ୍ଜୁ) ଓ ଅନ୍ୟାନ୍ୟ ସଦସ୍ୟ ତଥା ଗ୍ରାମବାସୀମାନେ ଠୁଳହେଲେ । ବୃକ୍ଷ କାହାର ବୋଲି ବିଚାର ହେଲା । ଶେଷରେ ଜଣାପଡ଼ିଲା ଯେ, ସ୍ୱର୍ଗବାସୀ ନିରଞ୍ଜନ ପ୍ରଧାନ ନିଜ ଜମିରୁ ଦୁଇ ଏକର ଜମି ଦୁଇଜଣଙ୍କୁ (ଭିକାରୀ ଓ କୃଷ୍ଣ) ବିକ୍ରି କରିଥିଲେ । କିନ୍ତୁ ଆମ୍ବଗଛ ବିକ୍ରି କରାନହୋଇ ସେହିପରି ରହିଥିଲା । ନିରଞ୍ଜନଙ୍କ କେହି ଉତ୍ତରାଧିକାରୀ ନଥିଲେ ଏବଂ ନିରଞ୍ଜନଙ୍କ ମଧ୍ୟ ସ୍ୱର୍ଗବାସ ହୋଇଥିବାରୁ ଗଛଗୁଡ଼ିକ ମାଗଣାରେ ଉଭୟପକ୍ଷକୁ ମିଳିଯାଇଥିଲା । ଗ୍ରାମ ସଭାର ନିଷ୍ପତ୍ତିକ୍ରମେ ଚାରୋଟି ଆମ୍ବ ଗଛ ମଧ୍ୟରୁ ଦୁଇଟି ଅନନ୍ତ ଓ ଦୁଇଟି ଶରତ ଭୋଗ କରିବେ ବୋଲି ନିଷ୍ପତ୍ତି ହେଲା । ଭବିଷ୍ୟତରେ ଆମ୍ବଗଛ ନେଇ ଆଉ ଗଣ୍ଡଗୋଳ ନକରିବାକୁ ସେମାନେ ଶପଥ ନେଲେ । ଉଭୟଙ୍କ ମାମଲା ସୁରୁଖୁରୁରେ ବିଚାର ହୋଇଥିବାରୁ ଉଭୟପକ୍ଷ ଉପସ୍ଥିତ ଗ୍ରାମ ସଭାର ସଦସ୍ୟ ମାନଙ୍କର ଖାଦ୍ୟପେୟର ବନ୍ଦୋବସ୍ତ କଲେ ।

୨. ଅପମାନ ନେଇ ଗଣ୍ଡଗୋଳ ।

ପ୍ରଥମ ପକ୍ଷ
ବିଜୟ ବଡ଼େକ୍ (ବୁଦ୍ଧୁ / ବଣ୍ଡା)
ପି.- ସୁରେଶ ବଡ଼େକ୍
ଲିଙ୍ଗ - ପୁରୁଷ, ବୟସ- ୩୫
ଗ୍ରାମ - ତରଗା

ଦ୍ୱିତୀୟ ପକ୍ଷ
ଗୋପାଲ ବଡ଼େକ୍
ପି. ୰ମହାଦେବ ବଡ଼େକ୍
ଲିଙ୍ଗ- ପୁରୁଷ, ବୟସ - ୪୦
ଗ୍ରାମ - ତରଗା

ବିଷୟ: ପୂର୍ବେ ମୁଖିଆମାନଙ୍କ ଘୋଡ଼ା ଥିଲା । ଦିନେ ବିଜୟ ତାଙ୍କ ଘୋଡ଼ା ଚଢ଼ି ଯାଉଥିବା ସମୟରେ ପଡ଼ିଗଲା ଏବଂ ତା' କପାଳ ଫାଟିଗଲା । ଚିକିତ୍ସା ପରେ ଆରୋଗ୍ୟ ହେଲା ।

ଘୋଡ଼ା ଚଢ଼ା ଭଲଭାବେ ଜାଣି ନଥିବାରୁ ତାଙ୍କ ଗ୍ରାମର ପ୍ରାୟ ସମସ୍ତେ ବିଜୟଙ୍କୁ ଥଟ୍ଟାରେ ବୁଦ୍ଧୁ (ବଣ୍ଡୋ) ବୋଲି ତା' ପରବର୍ତ୍ତୀ ସମୟରେ ଡାକିଲେ । ଦିନେ ଏକ ବିବାହ ଉତ୍ସବରେ ସମସ୍ତଙ୍କ ଉପସ୍ଥିତିରେ ଗୋପାଲ୍ ବଡ଼େଇ୍ ବିଜୟଙ୍କୁ ବୁଦ୍ଧୁ (ବଣ୍ଡୋ) ବୋଲି ଡାକିଲା । ଏଥିରେ ବିଜୟ ଖୁବ୍ ଅପମାନିତ ଅନୁଭବ କଲା । ତା' ପର ଦିନ ଗ୍ରାମ ମୁଖ୍ୟଙ୍କୁ ଏ ବିଷୟରେ ଫେରାଦ ହେଲା ଯେ, ମୋତେ ଗୋପାଲ୍ ବିଜୟ ନକହି 'ବଣ୍ଡୋ' କହି ଅପମାନିତ କରିଛି । ଏଣୁ ଏହାର ବିଚାର କରାଯାଉ । ଗ୍ରାମ ସଭା ବସିଲା । ସମସ୍ତ ସଦସ୍ୟ ତଥା ଗ୍ରାମବାସୀଙ୍କ ଉପସ୍ଥିତିରେ ଉଭୟ ପକ୍ଷକୁ ଡାକି ଏହି ଅପମାନର ବିଚାର ଆରମ୍ଭ ହେଲା । ମକଦ୍ଦମା ଚାଲୁଥିବା ସମୟରେ ହଠାତ୍ ଗ୍ରାମମୁଖ୍ୟ (ମୁଖିଆ) ବିଜୟଙ୍କୁ ବିଜୟ ବୋଲି ନ ଡ଼ାକି "ହଇବୋ ବଣ୍ଡୋ, ତୁ କେତେବେଳେ ଆସିଲୁ ? ବୋଲି କହିଉଠିଲେ । ଏଥିରେ ବିଜୟ ମଧ୍ୟ ତାଙ୍କ ଉତ୍ତରରେ, 'ଆଜ୍ଞା', ସକାଳେ ଆସିଛି, ବୋଲି କହିଲା, ତପ୍ରେ ଗ୍ରାମ ମୁଖ୍ୟ (ଗଞ୍ଝୁ) କହିଲେ ଯେ, ଗୋପାଲ କ'ଣ, ଯେ କେହି ବି ତୋତେ ବୁଦ୍ଧୁ (ବଣ୍ଡୋ) ବୋଲି ଡାକିଲେ, ତା' ଉତ୍ତର ତୁ ଦେଉଛୁ । ଏଣୁ ଏହା ତୋର ଅଭ୍ୟାସରେ ପରିଣତ ହୋଇଗଲାଣି । ଏଣୁ ତୋତେ ବୁଦ୍ଧୁ (ବଣ୍ଡୋ) ବୋଲି ଡାକିଲେ ଅପମାନିତ ହେବାର ଯଥାର୍ଥତା ନାହିଁ । ଏଥିରେ ବିଜୟ ନିଜ ଭୁଲ୍ ବୁଝି ପାରିଲା ଏବଂ ଗଞ୍ଝୁଙ୍କୁ କ୍ଷମା ମାଗିଲା । ଏହିପରି ଭାବେ ମାମଲାଟି ସମାଧାନ ହେଲା ।

୩. କୁକୁଡ଼ା (ଖୁଖ୍ରୀ) ଚୋରି ମାମଲା ।

| ପ୍ରଥମ ପକ୍ଷ | ଦ୍ୱିତୀୟ ପକ୍ଷ |
|---|---|
| ବିଜୟ ନାଏକ | ନକୁଳ ନାଏକ |
| ପି. ୰ସୁରଜ ନାଏକ | ପି. ଦଶରଥ ନାଏକ |
| ଲି. - ପୁରୁଷ, ବୟସ- ୫୦ | ଲି. ପୁରୁଷ, ବୟସ - ୨୫ |
| ଗ୍ରାମ - ବନକୋବା | ଗ୍ରାମ - ବନକୋବା |

ବିଷୟ: ବିଜୟ ନାଏକ ପି. ୰ ସୁରଜ ନାଏକ ବନକୋବା ଗ୍ରାମର ଜଣେ ଜଣାସୁଣା ବ୍ୟକ୍ତି । ଦିନେ ବିଜୟ ନାଏକ ତାଙ୍କ ପରିବାର ସହ ନିଜ ବଂଧୁଙ୍କ ଘରକୁ ଯାଇଥିଲେ । ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ସେହି ଗ୍ରାମର ନକୁଳ ନାଏକ ତାଙ୍କର ସବୁଠାରୁ ବଡ଼ ଗଞ୍ଜାକୁ ଚୋରି କରିନେଇ ଖାଇଦେଲା । ପରେ ବିଜୟ ତାଙ୍କ ହଜିଯାଇଥିବା ଗଞ୍ଜାଟିର ବହୁତ ଖୋଜାଖୋଜି କଲେ । ନକୁଳ ନାଏକର ଘର ପଛପଟେ ତା' କୁକୁଡ଼ା

ରଙ୍ଗର ପକ୍ଷୀପର ଦେଖିବାକୁ ପାଇ ସେ ହିଁ ତାଙ୍କ କୁକୁଡ଼ା ଚୋରି କରିଥିବାର ସନ୍ଦେହ କଲେ ଏବଂ ମାମଲାକୁ ତା' ପର ଦିନ ଗ୍ରାମ ସଭାରେ ଆଗତ କଲେ । ବିଭିନ୍ନ ସାକ୍ଷ୍ୟ ଗ୍ରହଣ ପରେ ଗ୍ରାମ ସଭା ଏହି ନିଷ୍ପତ୍ତିରେ ଉପନୀତ ହେଲାଯେ, ପ୍ରକୃତରେ ନକୁଳ ନାଏକ ବିଜୟର କୁକୁଡ଼ା ନେଇଯାଇଛି । ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ଏହି ଚୋରି ପାଇଁ ନକୁଳ ନାଏକଠାରୁ ଦୁଇଟି କୁକୁଡ଼ା ଏବଂ ଏକଶହ ଟଙ୍କା ଜୋରିମାନା ଆଦାୟ କରାଗଲା । ବିଜୟ ନାଏକଙ୍କୁ ଗୋଟିଏ କୁକୁଡ଼ା କ୍ଷତି ପୂରଣ ଦିଆଗଲା । ଅନ୍ୟ କୁକୁଡ଼ା ଓ ଏକଶହ ଟଙ୍କାରେ ଗ୍ରାମ ସଭାର ସଦସ୍ୟ ମାନେ ଭୋଜି କରି ଖାଇଲେ ।

୪. ଜମିବାଡ଼ି ଭାଗ ସଂପର୍କୀୟ ।

| | |
|---|---|
| ପ୍ରଥମ ପକ୍ଷ | ଦ୍ୱିତୀୟ ପକ୍ଷ |
| ଅକଲୁ ପ୍ରଧାନ | ଭକ୍ତ ପ୍ରଧାନ |
| ପି. ୰ନକୁଳ ପ୍ରଧାନ | ପି. ୰ନକୁଳ ପ୍ରଧାନ |
| ଲି. ପୁରୁଷ, ବୟସ - ୪୫ | ଲି. ପୁରୁଷ, ବୟସ- ୪୦ |
| ଗ୍ରାମ- ନୂଆଗଡ଼ | ଗ୍ରାମ- ନୂଆଗଡ଼ |

ବିଷୟ: ନକୁଳ ପ୍ରଧାନଙ୍କ ଦୁଇପୁଅ । ନକୁଳଙ୍କ ସ୍ୱର୍ଗବାସ ପରେ ବଡ଼ପୁଅ ଅକଲୁ ଘରବାଡ଼ି, ଜମି ଇତ୍ୟାଦିର ଦେଖାଶୁଣା କରି ଗାଁରେ ରହିଲା । କିନ୍ତୁ ସାନପୁଅ ଭକ୍ତ ପ୍ରଧାନ ମିଲିଟାରୀରେ କାମ କରବାକୁ ସହରକୁ ଚାଲିଗଲା । ୧୫ ବର୍ଷ ପରେ ଚାକିରି ପରେ ସୈନ୍ୟ ବିଭାଗରୁ ଅବସର ନେଇ ନିଜର ସ୍ତ୍ରୀ ପିଲାଛୁଆ ସହିତ ଗାଁକୁ ଆସିଲା । ନିଜ ପୈତୃକ ସମ୍ପତ୍ତିରୁ ଭାଇଭାଗ ନିମନ୍ତେ ବଡ଼ଭାଇ ଅକଲୁ ସହିତ ତା'ର କଳିଗୋଳ ଲାଗିଲା । ଏହି ମାମଲା ଗ୍ରାମ ସଭାକୁ ଆସିଲା । ଗ୍ରାମସଭାରେ ଜମିବାଡ଼ିର ସୁଷମ ବଣ୍ଟନ କରାଗଲା । ଏ ନେଇ ଭବିଷ୍ୟତରେ ଆଉ କଳିଗୋଳ ନକରିବାକୁ ଦୁଇ ଭାଇ ଶପଥ କଲେ । ଗ୍ରାମ ସଭାର ସମସ୍ତ ସଦସ୍ୟ ଗଣଙ୍କ ନିମନ୍ତେ ଦୁଇଭାଇ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କଲେ ।

୫. ମାଛ ଚୋରୀ ମାମଲା ।

| | |
|---|---|
| ପ୍ରଥମ ପକ୍ଷ | ଦ୍ୱିତୀୟ ପକ୍ଷ |
| ଛୋଟେଲାଲ ଗଞ୍ଜୁ | ସମ୍ବା ଓରାମ |

| | |
|---|---|
| ତ୍ରିନାଥ ଗଞ୍ଜୁ | କ୍ରିଷ୍ଣା ଓରାମ |
| ସୁରଜ ଗଞ୍ଜୁ | ରିପୁ ମୁଣ୍ଡାରୀ |
| ନବୀନ ଗଞ୍ଜୁ | ସଂଜୟ ଓରାମ |
| ଶୁକ୍ରୁ ଗଞ୍ଜୁ | ଦେବାନନ୍ଦ ଓରାମ |
| ଗ୍ରାମ - ତରଗା | ଗ୍ରାମ - ଭାଲୁଲତା |

**ବିଷୟ :** ତରଗା ନିକଟରେ ଥିବା ଗ୍ରାମ ପୋଖରୀରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ମାଛଚାଷ କରାଯାଇଥିଲା । ମାଛ ମଧ୍ୟ ଖୁବ୍ ବଡ଼ ବଡ଼ ହୋଇଥାଏ । ସୁରଜ ଗଞ୍ଜୁର ପୁଅର ବାହାଘର ନିମନ୍ତେ ଗାଁ ପ୍ରାୟ ସମସ୍ତ ପୁରୁଷ ପୁଅର ବରାତ ନିମନ୍ତେ ଆମ୍ବଗୋଭା ଗ୍ରାମକୁ ଯାଇଥାନ୍ତି । ଏଇ ସୁଯୋଗରେ ଭାଲୁଲତା ଗ୍ରାମର ସମ୍ପ୍ରା, କ୍ରିଷ୍ଣା, ରଘୁ, ସଂଜୟ ଓ ଦେବାନନ୍ଦ ରାତି ଅଧରେ ଆସି ତରଗା ପୋଖରୀରୁ ଏକ କ୍ୱିଣ୍ଟାଲ ପାଖାପାଖି ମାଛ ମାରି ନେଇଗଲେ । ତା' ପର ଦିନ ସୁରଜ ଗଞ୍ଜୁର ପୁଅର ବାରତରୁ ଫେରି ତରଗା ଗ୍ରାମବାସୀମାନେ ବାହାଘର ଭୋଜି ନିମନ୍ତେ ଗ୍ରାମ ପୋଖରୀକୁ ମାଛ ମାରିବାକୁ ଗଲେ । ସେଠାରେ ପହଞ୍ଚି ମାଛ ଚୋରି କଥା ଜାଣିବାକୁ ପାଇଲେ । ଏ ଚୋରିର ସନ୍ଧାନ କରୁକରୁ ଜାଣିବାକୁ ପାଇଲେ ଯେ, ପାଖ ଭାଲୁଲତା ଗ୍ରାମର ଲୋକେ ମାଛ ଚୋରି କରିଛନ୍ତି । ଏ ନେଇ ଦୁଇ ଗ୍ରାମ ମଧ୍ୟରେ ଭୀଷଣ କଳିଗୋଳ, ମାର୍‌ପିଟ ଲାଗିଲା । ଗ୍ରାମ ସଭାର ମୁଖିଆ ଙ୍କ ହସ୍ତକ୍ଷେପରେ ଝଗଡ଼ା ଶାନ୍ତ ହେଲା । ତପ୍ରେ ଗ୍ରାମ ସଭାର ନିଷ୍ପତ୍ତିକ୍ରମେ ଭାଲୁଲତା ଗ୍ରାମର ଅଭିଯୁକ୍ତମାନଙ୍କୁ ଟ. ୫୦୦.୦୦ (ପାଞ୍ଚଶହ ଟଙ୍କା) ମାତ୍ର ଏବଂ ଏକ କ୍ୱିଣ୍ଟାଲ ଚାଉଳ ଜୋରିମାନା କରାଗଲା । ଏହି ଜୋରିମାନା ଟଙ୍କା ଓ ଚାଉଳରେ ସୁରଜ ପୁଅ ବାହାଘର ଭୋଜି ଆୟୋଜନ କଲା । ଉଭୟ ଗ୍ରାମ ମଧ୍ୟରେ ସୁସଂପର୍କ ସ୍ଥାପନ ପାଇଁ ଗ୍ରାମ ସଭାରେ ଚୁକ୍ତିନାମା ସ୍ୱାକ୍ଷର ହେଲା ।

୬. ପ୍ରେମ ସଂପର୍କିତ ମାମଲା ।

| | |
|---|---|
| ପ୍ରଥମ ପକ୍ଷ | ଦ୍ୱିତୀୟ ପକ୍ଷ |
| ମୋହନ ମିର୍ଦ୍ଧା | ଶୁକ୍ରୁ ମିର୍ଦ୍ଧା |
| ପି. ୰ଘନଶ୍ୟାମ ମିର୍ଦ୍ଧା | ପି. ଜଗଦୀଶ ମିର୍ଦ୍ଧା |
| ଲି. ପୁରୁଷ, ବୟସ- ୫୦ | ଲି. ପୁରୁଷ, ବୟସ- ୨୫ |
| ଗ୍ରାମ - ବିଲିଙ୍ଗବିରା | ଗ୍ରା- ବିଲିଙ୍ଗବିରା |

ବିଷୟ : ମୋହନ ମିର୍ଦ୍ଧାର ସାନ ଝିଅ ମିନି ସହିତ ସେହି ଗ୍ରାମର ଶୁକ୍ରୁ ମିର୍ଦ୍ଧାର ପ୍ରେମ ସମ୍ପର୍କ ସ୍ଥାପିତ ହେଲା । ଏହି ସଂପର୍କ ସମୟକ୍ରମେ ଶାରୀରିକ ସଂପର୍କରେ ରୂପାନ୍ତରିତ ହେଲା । କିଛି ଦିନ ପରେ ମିନି ଗର୍ଭବତୀ ହେଲା ଏବଂ ଶୁକ୍ରୁ ସହିତ ବିବାହ କରିବାକୁ ଇଛା ପ୍ରକଶ କଲା । କିନ୍ତୁ ଶୁକ୍ରୁ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼େଇ ଚାଲିଲା । କ୍ରମେ ଏ ସଂପର୍କ ଗାଁରେ ପ୍ରଚାରିତ ହେଲା । ଲାଜ ଓ ଅପମାନରେ ମିନି ବାହାରକୁ ବାହାରି ପାରିଲା ନାହିଁ । ଶୁକ୍ରୁ ବିବାହ ନିମନ୍ତେ ଅନିଚ୍ଛା ପ୍ରକାଶ କରିବାରୁ ମିନିର ବାପା ମୋହନ ଗ୍ରାମ ସଭାର ଦ୍ୱାରସ୍ଥ ହେଲେ । ଗ୍ରାମ ସଭାର ସ୍ୱତନ୍ତ୍ର ଅଧିବେଶନ ଡକାଗଲା । ଶୁକ୍ରୁ କୁ ଜେରା କରିବାରୁ ଶେଷରେ ମିନିର ଗର୍ଭସ୍ଥ ସନ୍ତାନ ତା' ନିଜର ବୋଲି ସେ ମାନିଲା । ଗ୍ରାମ ମୁଖ୍ୟ (ଗଞ୍ଜୁ), ଶୁକ୍ରୁ କୁ ମିନି ସହିତ ବିବାହ କରିବାକୁ ପରାମର୍ଶ ଦେଲେ । ଶୁକ୍ରୁ ଶେଷରେ ମିନିକୁ ଗ୍ରହଣ କଲା ଏବଂ ଗ୍ରାମ ସଭାର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ମାନଙ୍କ ଖାଦ୍ୟ ଓ ପାନୀୟର ବନ୍ଦୋବସ୍ତ କଲା ।

୭. ଧର୍ଷଣ ମାମଲା ।

| ପ୍ରଥମ ପକ୍ଷ | ଦ୍ୱିତୀୟ ପକ୍ଷ |
|---|---|
| ବିମଳା କାର୍ଜୀ | ପ୍ରକାଶ କାର୍ଜୀ |
| ପି. ୰ରଘୁନାଥ କାର୍ଜୀ | ପି.୰ଗୋପାଳ କାର୍ଜୀ |
| ଲି. ସ୍ତ୍ରୀ, ବୟସ- ୩୦ | ଲି. ପୁରୁଷ, ବୟସ- ୩୫ |
| ଗ୍ରାମ- କୁଦାବେଡ଼ା | ଗ୍ରାମ- କୁଦାବେଡ଼ା |

ବିଷୟ: ପ୍ରକାଶ କାର୍ଜୀ ଗ୍ରାମର ଜଣେ ବିଳାସ ପ୍ରିୟ ଓ ଧନୀ ବ୍ୟକ୍ତି । କୁସଙ୍ଗରେ ପଡ଼ି ମଦ୍ୟପାନ କରିବା ଓ ପରନାରୀ ଗମନ ପ୍ରଭୃତି ଖରାପ ପ୍ରକୃତିର କାର୍ଯ୍ୟରେ ସେ ସର୍ବଦା ଲିପ୍ତ ରହେ । ଏକଦା ବିଧବା ବିମଳା ଏକାକିନୀ ଘରେ ଥିବା ସମୟରେ ସେ ସେଠାରେ ପହଞ୍ଚି ଜୋର୍ ଜବରଦସ୍ତ ତାକୁ ଧର୍ଷଣ କରେ । ଏହାର ପ୍ରତିବାଦ ଏକାକୀ ବିମଳା କରିପାରିଲା ନାହିଁ । ଶେଷରେ ସେ ଗ୍ରାମ ସଭାର ଦ୍ୱାରସ୍ଥ ହୁଏ । ଗ୍ରାମସଭା ବସେ । ପ୍ରକାଶ କାର୍ଜୀକୁ ଡକାଯାଇ ସତ୍ୟତାର ଅନୁସନ୍ଧାନ କରାଯାଏ । ବିଭିନ୍ନ ସାକ୍ଷ୍ୟ ଗ୍ରହଣ ପରେ ପ୍ରକାଶର ଦୋଷ ଜଣାପଡ଼େ । ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ବିମଳାର ପାଣିଗ୍ରହଣ କରିବାକୁ ବାଧହୁଏ ପ୍ରକାଶ । ଭବିଷ୍ୟତରେ ମଦ୍ୟପାନ ଓ ଖରାପ ପ୍ରବୃତ୍ତି ଛାଡ଼ି ଶୃଙ୍ଖଳିତ ଜୀବନ ଯାପନ କରିବାକୁ ଚୁକ୍ତିନାମା ସ୍ୱାକ୍ଷର କରେ । ଶେଷରେ ପ୍ରକାଶ ନିଜର ଭୁଲ୍

ବୁଝି ପାରି ବିମଳାକୁ ଆନ୍ତରିକତାର ସହିତ ଗ୍ରହଣ କରି ଶୃଙ୍ଖଳିତ ଜୀବନ ଯାପନ କରେ । ଗ୍ରାମବାସୀ ତଥା ଗ୍ରାମ ସଭାର ସଦସ୍ୟମାନଙ୍କୁ ମାଂସ, ଭାତ ଓ ହାଣ୍ଡିଆ ଦେଇ ତୃପ୍ତ କରେ ।

୮. ଠକେଇ ଅଭିଯୋଗ ।

| ପ୍ରଥମ ପକ୍ଷ | ଦ୍ୱିତୀୟ ପକ୍ଷ |
|---|---|
| ନିରଞ୍ଜନ ମିର୍ଦ୍ଧା | ବାସୁ ସାହୁ |
| ପି. ୰ ସୁଜନ ମିର୍ଦ୍ଧା | ପି. ନାରାୟଣ ସାହୁ |
| ଲି. ପୁରୁଷ, ବୟସ- ୪୦ | ଲି. ପୁରୁଷ, ବୟସ - ୪୨ |
| ଗ୍ରାମ- ହେଟ ବାହାଲ | ଗ୍ରା.- ଭାଲୁଲତା |

ବିଷୟ : ନିରଞ୍ଜନ ମିର୍ଦ୍ଧା ନିଜ ବାପାର ଶୁଦ୍ଧିକ୍ରିୟା ନିମନ୍ତେ ପଡ଼ୋଶୀ ଗ୍ରାମ ଭାଲୁଲତାର ମହାଜନ ବାସୁ ସାହୁଙ୍କ ଠାରୁ ଟ. ୫୦୦.୦୦ (ପାଞ୍ଚଶହ ଟଙ୍କା) ମାତ୍ର ଧାର ସୂତ୍ରରେ ଆଣିଲା । ଧାର ଆଣିବା ପରେ ଏକ ବର୍ଷ ଭିତରେ ଧାନ ଅମଳ ସମୟରେ ଧାର ଟଙ୍କା ପରିଶୋଧ କରିବ ବୋଲି ସାଧା କାଗଜରେ ଚୁକ୍ତିନାମା ସ୍ୱାକ୍ଷର କଲା । ଅପାଠୁଆ ନିରଞ୍ଜନ ଚୁକ୍ତିନାମା ନ ପଢ଼ିପାରି ଟିପ ଚିହ୍ନ ଲଗାଇଦେଲା । ବର୍ଷେପରେ ଯେତେବେଳେ ଟଙ୍କା ପରିଶୋଧ କରିବାକୁ ଯାଇ ଦେଖିଲା ଯେ, ବାସୁ ସାହୁ ଚୁକ୍ତିନାମାରେ ଟ. ୫୦୦.୦୦ ପରିବର୍ତ୍ତେ ଟ. ୫,୦୦୦.୦୦ (ପାଞ୍ଚହଜାର ଟଙ୍କା) ଲେଖିଛି । ଏତେ ଟଙ୍କା ଫେରାଇ ଜମିର କାଗଜ ପତ୍ର ଫେରସ୍ତ ପାଇଁ ତା' ପାଇଁ ଅତ୍ୟନ୍ତ କଷ୍ଟକର । ଅନ୍ୟ ଉପାୟ ନପାଇ ସେ ଗ୍ରାମ ସଭାର ସ୍ୱତନ୍ତ୍ର ବୈଠକରେ ବାସୁ ସାହୁଙ୍କୁ ଡକାଗଲା । ବାସୁ ସାହୁ ଯୁକ୍ତି କଲା ଯେ, ସେ ନିରଞ୍ଜନକୁ, ଟ. ୫,୦୦୦.୦୦ (ପାଞ୍ଚହଜାର ଟଙ୍କା ମାତ୍ର) ପ୍ରଦାନ କରିଛି ଏବଂ ଏହାର ପ୍ରମାଣ ସ୍ୱରୂପ ଏ ଚୁକ୍ତିନାମା ରହିଛି । ଏ ଚୁକ୍ତିନାମାଟି କିଏ ଲେଖିଛି ଏବଂ ଏହାକୁ ନିରଞ୍ଜନ ପଢ଼ିପାରିବାର ଦକ୍ଷତା ଅଛି କି ବୋଲି ପ୍ରଶ୍ନ ଉଠିଲା, ଦେଖାଗଲା ଯେ, ନିରଞ୍ଜନ ନିରକ୍ଷର । ବିଭିନ୍ନ ସାକ୍ଷୀଗଣ ନିଜର ସାକ୍ଷ୍ୟ ଦେଲେ ଯେ, ବାସୁ ସାହୁ ପ୍ରକୃତରେ ଟ. ୫୦୦.୦୦ ଦେଇ ସାଦା କାଗଜରେ ନିରଞ୍ଜନ ଠାରୁ ଟିପ ଚିହ୍ନ ନେଇ ପରେ ଚୁକ୍ତିନାମାରେ ଟ. ୫୦୦୦.୦୦ (ପାଞ୍ଚହଜାର ଟଙ୍କା) ବୋଲି ଦର୍ଶାଇଛି । ବିଭିନ୍ନ ବାଦାନୁବାଦ ଓ ଗ୍ରାମ ମୁଖ୍ୟ ତଥା ଅନ୍ୟାନ୍ୟ ସଦସ୍ୟଙ୍କ ହସ୍ତକ୍ଷେପରେ ବାସୁ ସାହୁ ନିଜ ଭୁଲ ମାନିଲା ଏବଂ ଏହି ଠକେଇ ମାମଲାର ସତ୍ୟତା

ଜଣାପଡ଼ିଲା । ଶେଷରେ ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ବାସୁ ସାହୁଙ୍କଠାରୁ ଜୋରିମାନା ସଦୃଶ ଟ. ୫୦୦.୦୦ (ପାଞ୍ଚଶହ ଟଙ୍କା) ଆଦାୟ କରାଗଲା ଏବଂ ନିରଞ୍ଜନକୁ ତା'ର ଜମିବାଡ଼ି ନଥିପତ୍ର ଫେରସ୍ତ କରାଗଲା । ଭବିଷ୍ୟତରେ ଏ ପ୍ରକାର ଠକେଇ ନ କରିବାକୁ ବାସୁସାହୁଙ୍କୁ ସତର୍କ କରି ଦିଆଗଲା ।

### ୯. ପରସ୍ତ୍ରୀ ଅପରହଣ ଅଭିଯୋଗ

| | |
|---|---|
| ପ୍ରଥମ ପକ୍ଷ | ଦ୍ୱିତୀୟ ପକ୍ଷ |
| ସନୁ ମାଝୀ | ନିର୍ମଲ ମାଝୀ |
| ପି. ୰ଗୋବିନ୍ଦ ମାଝୀ | ପି. ଫକିର ମାଝୀ |
| ଲି. ପୁରୁଷ, ବୟସ- ୫୦ | ଲି. ପୁରୁଷ, ବୟସ- ୩୦ |
| ଗ୍ରାମ - ପରବା | ଗ୍ରା - ପରବା |

ବିଷୟ : ସନୁମାଝୀ ରେଳ ବିଭାଗର ଗାର୍ଡ଼ ରୂପେ କାମ କରେ । ବେଳେବେଳେ ଟ୍ରେନ୍‌ରେ ରାଞ୍ଚି ପର୍ଯ୍ୟନ୍ତ ଚାଲିଯାଏ, ନିଜ କର୍ମ କ୍ଷେତ୍ରରେ କାମ କରିବାକୁ । ପ୍ରଥମ ସ୍ତ୍ରୀର ମୃତ୍ୟୁପରେ ତା'ର ଏକମାତ୍ର ପୁଅର ଦେଖାଶୁଣା ତଥା ଘର କଥା ବୁଝିବାକୁ ସେ ଦ୍ୱିତୀୟ ବିବାହ କରେ ଇନ୍ଦ୍ରପୁର ଗ୍ରାମର ୨୫ ବର୍ଷୀୟ ଏକ ସୁନ୍ଦରୀ ଯୁବତୀକୁ । ନାମ ତା'ର ମୀନା । ମୀନାକୁ ମଧ ଘରେ ବେଳେ ବେଳେ ଏକାକିନୀ ରହିବାକୁ ପଡ଼େ । ଏହି ସୁଯୋଗରେ ମୀନାର ଶାରୀରିକ ସଂପର୍କ ଗଢ଼ିଉଠେ ସେହି ଗ୍ରାମର ଯୁବକ ନିର୍ମଲ ସହିତ । ଦିନେ ସନୁ ମାଝୀ ଅନୁପସ୍ଥିତ ଥିବା ସମୟରେ ମୀନା ତା'ର ପାଳିତ ପୁଅକୁ ପଡ଼ୋଶୀ ଘରେ ଛାଡ଼ି ନିର୍ମଲ ସହିତ ଦୂର ସହର ରାଉରକେଲା ଚାଲିଯାଏ । ଘରେ ସନୁ ମାଝୀ ଫେରି ଏ ଖବରରେ ବିଶେଷ ମର୍ମାହତ ହୋଇଉଠେ । ଶେଷରେ ଗ୍ରାମ ସଭାରେ ଏ ବିଷୟ ଉପସ୍ଥାପନ କରେ । ବହୁ ଖୋଜ ଖବର ପରେ ମୀନା ଓ ନିର୍ମଲଙ୍କୁ ରାଉରକେଲାରେ ଠାବ କରାଯାଏ ଏବଂ ଉଭୟଙ୍କୁ ଗ୍ରାମକୁ ଅଣାଯାଏ । ଗ୍ରାମ ସଭା ବସେ ପରସ୍ତ୍ରୀ ଅପହରଣ ମାମଲାରେ ନିର୍ମଲକୁ ଅଭିଯୁକ୍ତ କରାଯାଏ । କିନ୍ତୁ ମୀନା ସ୍ୱୀକୃତି ଥିବା ଯୋଗୁଁ ନିର୍ମଲକୁ ସଂପୂର୍ଣ୍ଣ ଦୋଷୀ ବୋଲି ସାବସ୍ତ୍ୟ କରି ହୁଏନାହିଁ । ତାଙ୍କ ଠାରୁ ଜୋରିମାନା ସ୍ୱରୂପ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା) ଆଦାୟ କରାଯାଏ ଏବଂ ପରସ୍ପରକୁ ବିବାହ କରିବାକୁ ପରାମର୍ଶ ଦିଆଯାଏ । ସନୁ ମାଝୀ ପୁଅ ବଡ଼ ହେବା ପର୍ଯ୍ୟନ୍ତ ତା'ର ଦେଖାଶୁଣା କରିବା ପାଇଁ ତାକୁ ମାମୁଁ ଘରକୁ ପଠାଇ ଦିଆଯାଏ ।

୧୦. ସୀମା ନିର୍ଦ୍ଧାରଣରେ ଉପୁଜିଥିବା ଗଣ୍ଡଗୋଳ ।

| ପ୍ରଥମ ପକ୍ଷ | ଅପର ପକ୍ଷ |
|---|---|
| ଶଙ୍କର ପ୍ରଧାନ | ବିର୍ଷା ପ୍ରଧାନ |
| ପି. ୰ରଘୁନାଥ ପ୍ରଧାନ | ପି. ୰ ମୋହନ ପ୍ରଧାନ |
| ଲି. ପୁରୁଷ, ବୟସ- ୪୫ | ଲି. ପୁରୁଷ, ବୟସ- ୪୭ |
| ଗ୍ରାମ- ଓଡ଼ଗା (ବିହାର) | ଗ୍ରାମ - ଓଡ଼ଗା (ବିହାର) |

ବିଷୟ : ଶଙ୍କର ପ୍ରଧାନ ଓ ବିର୍ଷା ପ୍ରଧାନ ଉଭୟ ପଡ଼ୋଶୀ । ନିଜ ଘର ପଛ ପଟେ ଉଭୟଙ୍କର କୂଅ ବାଡ଼ି । ଥରେ ଶଙ୍କର ନିଜ ଘର ପଛପାଖ ବଗିଚାର ଚାରିପଟେ ପାଚେରୀ ଦେବା ନିମନ୍ତେ ନିଅଁ ଖୋଳିବା ଆରମ୍ଭ କଲା । ବିର୍ଷା ପ୍ରଧାନ ନିଜ ବଗିଚାର କିଛି ଅଂଶ ଶଙ୍କର ପାଚେରୀ ସେପଟେ ରହି ଯାଉଛି ବୋଲି ସନ୍ଦେହ କରି ତା' ସହିତ କଳି ଗୋଳ ଆରମ୍ଭ କଲା । ଶେଷରେ ମାରପିଟ୍ ପର୍ଯ୍ୟନ୍ତ କଥାଗଲା । ଉକ୍ତାକ୍ତ ଅବସ୍ଥାରେ ଶଙ୍କର ଗ୍ରାମସଭାର ଦ୍ୱାରସ୍ଥ ହେଲା । ତା' ପରଦିନ ଗ୍ରାମସଭା ବସି ବିଚାର ହେଲା । ଗ୍ରାମ ସଭାର ସଦସ୍ୟ ତଥା ଗ୍ରାମର ପୁରୁଖା ଲୋକେ ସଂପୃକ୍ତ ଜମି ପାଖକୁ ଯାଇ ପ୍ରକୃତ ସୀମା କେଉଁଟି, ଏହା ନିର୍ଦ୍ଧାରଣ କଲେ । ଚିହ୍ନଟ ହୋଇଥିବା ସୀମା ମଧ୍ୟରେ ପାଚେରୀ ନିର୍ମାଣ କରିବାକୁ ଶଙ୍କରକୁ ନିର୍ଦ୍ଦେଶ ଦିଆଗଲା । ଭବିଷ୍ୟତରେ ଏହି ସଂକ୍ରାନ୍ତରେ ଉଭୟ ପକ୍ଷ ମଧ୍ୟରେ କୌଣସି ପ୍ରକାର ଗଣ୍ଡଗୋଳ ନ କରିବାକୁ ଚୁକ୍ତିନାମା ସ୍ୱାକ୍ଷର କଲେ । ଅଯଥାରେ ଗ୍ରାମସଭାର ସମୟ ନଷ୍ଟ କରିଥିବାରୁ ଉଭୟ ପକ୍ଷକୁ ଟ. ୫୦.୦୦ଙ୍କା ଲେଖାଏଁ ଜୋରିମାନା ଦେବାକୁ ପଡ଼ିଲା । ଏହି ଟଙ୍କାରେ ଗ୍ରାମ ସଭାର ସଦସ୍ୟ ମାନଙ୍କ ପାଇଁ ପାନୀୟର ବନ୍ଦୋବସ୍ତ କରାଗଲା ।

# ଯାଦୁ-ଧର୍ମୀୟ କର୍ମକର୍ତ୍ତା

ଗ୍ରାମ ସଭାର ମୁଖ୍ୟ (ଗଞ୍ଜୁ) ଗ୍ରାମର ସମୂହ ପୂଜାପାଠ ତଥା ଗ୍ରାମ ଦେବାଦେବୀ ପୂଜା ତଥା ବିଭିନ୍ନ ପର୍ବପର୍ବାଣୀରେ ସଂପୃକ୍ତ ଦେବାଦେବୀଙ୍କୁ ପୂଜା ଆରାଧନା କରନ୍ତି । ଗ୍ରାମ ଶାସନର ମୁଖ୍ୟ ଓ ଶ୍ରେଷ୍ଠ ପୂଜକ ହିସାବରେ ସେ ସମ୍ମାନ ଓ ଆଦରର ଅଧିକାରୀ ହୋଇଥାନ୍ତି ।

## ମନୋନୟନ ପଦ୍ଧତି :

ବିଂଝିଆ ସମ୍ପ୍ରଦାୟରେ ଗ୍ରାମର ମୁଖ୍ୟ ପୁରୋହିତ ଉତ୍ତରାଧିକାରୀ ସୂତ୍ରରେ ବଛାଯାଇଥାନ୍ତି । ଯଦି ତାଙ୍କର ମୃତ୍ୟୁ ହୁଏ କିମ୍ବା ସେ ବୃଦ୍ଧ ହୋଇ ଯାଇଥାନ୍ତି କିମ୍ବା କାର୍ଯ୍ୟ ସଂପାଦନ କରିବାକୁ ଅସମର୍ଥତା ପ୍ରକାଶ କରନ୍ତି ତେବେ ତାଙ୍କର ପୁତ୍ର କିମ୍ବା ବଂଶର ଜନୈକ ବ୍ୟକ୍ତିଙ୍କୁ ଗ୍ରାମ ଲୋକେ ଏହି କାର୍ଯ୍ୟ କରିବାକୁ ମନୋନୀତ କରିଥାନ୍ତି ଯଦି ପୁରୋହିତଙ୍କର କେହି ବଂଶଧର ନଥାନ୍ତି, ତେବେ ଗ୍ରାମ ସଭାର ସମବେତ ଆଲୋଚନା ପରେ ଜଣେ ଦାୟିତ୍ୱବାନ ବ୍ୟକ୍ତିଙ୍କୁ ଉକ୍ତ ପଦବୀ ପାଇଁ ମନୋନୀତ କରାଯାଏ ।

ଗ୍ରାମର ମୁଖ୍ୟ ପୂଜକ ସାଧାରଣତଃ କେତେକ ସ୍ୱତନ୍ତ୍ର ଯୋଗ୍ୟତା ଓ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାନ୍ତି ।

- ସେ ବିଂଝିଆ ସମ୍ପ୍ରଦାୟର ହୋଇଥିବା ଆବଶ୍ୟକ ।
- ସେ ବୈବାହିକ ଜୀବନଯାପନ କରୁଥିବା ଦରକାର ।
- ତାଙ୍କର ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ନିଷ୍ଠା, ଭକ୍ତି ଓ ଶ୍ରଦ୍ଧା ଥିବା ଦରକାର ।
- ପୂଜା ସଂପର୍କିତ ଗଭୀର ଜ୍ଞାନର ଅଧିକାରୀ ସେ ହୋଇଥିବା ଆବଶ୍ୟକ ।
- ସେ ସରଳ, ଅମାୟିକ, ଜ୍ଞାନୀ, ବୁଦ୍ଧିମାନ, ଧର୍ମପରାୟଣ ବ୍ୟକ୍ତିତ୍ୱ ସଂପନ୍ନ ହୋଇଥିବେ ।
- ପୂଜା ନିମିତ୍ତ ଆବଶ୍ୟକ ଉପକରଣ ସଂପର୍କିତ ଜ୍ଞାନ ତାଙ୍କର ଥିବ ।

## ତାଲିମ ବ୍ୟବସ୍ଥା :

ଯଦି ପୂଜକ ଉତ୍ତରାଧିକାରୀ ସୂତ୍ରରେ ପୂଜକ ପଦ ଗ୍ରହଣ କରିଥାନ୍ତି ତେବେ ସେ ପୂର୍ବ ପୂଜକଙ୍କଠାରୁ ପୂଜା ସଂପର୍କିତ ତାଲିମ ଗ୍ରହଣ କରନ୍ତି । ତାଙ୍କର ସହକର୍ମୀ ରୂପେ କିଛିଦିନ କାର୍ଯ୍ୟ ସଂପାଦନ କରିଥାନ୍ତି । ଯଦି ନୂତନ ଭାବେ ପୂଜକ ମନୋନୀତ ହୋଇଥାନ୍ତି

ତେବେ ପୂର୍ବ ପୂଜକଙ୍କ ଠାରୁ ପୂଜା ପଦ୍ଧତି ସଂପର୍କରେ ଜ୍ଞାନ ଅର୍ଜନ କରନ୍ତି । ପୂଜାର ନୀତି ନିୟମ, ପୂଜାବିଧି ସଂପର୍କରେ ତାଙ୍କ ବିଶେଷ ଜ୍ଞାନ ରହିବା ଜରୁରୀ ।

ଗ୍ରାମର ମଙ୍ଗଳ କାମନା କରିବା ଗ୍ରାମ ପୂଜକଙ୍କର ପ୍ରଧାନ କର୍ତ୍ତବ୍ୟ । ଏଥିପାଇଁ ସେ ବିଭିନ୍ନ ଦେବଦେବୀଙ୍କ ପୂଜା ଅର୍ଚ୍ଚନା କରିଥାନ୍ତି । କେଉଁ ଦେବତାଙ୍କୁ କ'ଣ ସବୁ ବଳି ଦେଇ ସନ୍ତୁଷ୍ଟ କରିବାକୁ ପଡ଼ିବ, ଏ ସଂପର୍କରେ ତାଙ୍କର ସବିଶେଷ ଜ୍ଞାନଥାଏ । ବିଂଝିଆ ମାନଙ୍କର ପୁରୋହିତ କରମା, ସାର୍‌ନା ପୂଜା, ଦୁର୍ଗା ପୂଜା, ଦୀପାବଳୀ ଓ ବିଭିନ୍ନ ସାମୂହିକ ପର୍ବପର୍ବାଣୀରେ ପୂଜକ ରୂପେ କାର୍ଯ୍ୟ ତୁଲାଇଥାନ୍ତି । ଗାଁର ମଙ୍ଗଳ, ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରକାର ରୋଗ ଓ ହିଂସ୍ର ଜନ୍ତୁଙ୍କ କବଳରୁ ରକ୍ଷା କରିବା, ଭଲ ଶସ୍ୟ ଅମଳ ହେବା ନିମନ୍ତେ ପୁରୋହିତ ପୂଜା ପାଠ କରନ୍ତି ।

କେତେକ ପୂଜାପାଠ ଓ କର୍ମ କର୍ମାଣୀ କ୍ଷେତ୍ରରେ ପୂଜାରୀ କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ଗ୍ରହଣ କରନ୍ତି । ପୂଜା ପୂର୍ବରୁ ପୂଜକ ଭାତ, ମାଂସ, ମାଛ, ହାଣ୍ଡିଆ, ମଦ ଇତ୍ୟାଦି ନିଶା ଦ୍ରବ୍ୟ ଗ୍ରହଣ କରନ୍ତି ନାହିଁ । ପୂଜା ପୂର୍ବ ରାତିରୁ ସ୍ତ୍ରୀ ସହବାସ ନିଷିଦ୍ଧ ଅଟେ । ପୂଜକଙ୍କର ନିଜ ଘରେ ଯଦି ସନ୍ତାନ ଭୂମିଷ୍ଠ ହୁଏ, କାହାର ମୃତ୍ୟୁ ଘଟେ କିମ୍ବା ସ୍ତ୍ରୀଙ୍କ ଋତୁସ୍ରାବ ହୋଇଥାଏ ତେବେ ସେ ପୂଜା କାର୍ଯ୍ୟର ଭାର ତାଙ୍କର ସହଯୋଗୀଙ୍କୁ ସଂପାଦନ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି ।

ପୂଜକଙ୍କୁ ଗ୍ରାମର ସମସ୍ତେ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ତାଙ୍କୁ ଦେଖିଲେ ଉଚିତ ଆଦର ସତ୍କାର କରନ୍ତି । ତାଙ୍କ ପରାମର୍ଶ ସମସ୍ତେ ମାନିଥାନ୍ତି । ସମସ୍ତେ ତାଙ୍କୁ ଗୁରୁତୁଲ୍ୟ ବ୍ୟବହାର ଦେଖାଇ ଥାଆନ୍ତି । ତାଙ୍କ ଆଗମନରେ ସଂପୃକ୍ତ ଘରର ପବିତ୍ରତା ଦ୍ୱିଗୁଣିତ ହୋଇଥାଏ ବୋଲି ବିଂଝିଆମାନେ ବିଶ୍ୱାସ କରନ୍ତି ।

ପୂଜକ ଜଣେ ଆଦର୍ଶବାନ ପୁରୁଷ । ତାଙ୍କ ସଂସ୍ପର୍ଶରେ ଲୋକ ମାନଙ୍କର ଆଚରଣରେ ପରିବର୍ତ୍ତନ ହୋଇଥାଏ । ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଲୋକଙ୍କର ଜୀବନ ଧାରାରେ ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ ।

ମୁଖ୍ୟ ପୂଜକ କାୟ, ମନୋବାକ୍ୟରେ ବିଂଝିଆ ସମ୍ପ୍ରଦାୟର ମଙ୍ଗଳ ସାଧନ ପାଇଁ କାର୍ଯ୍ୟ କରିଥାନ୍ତି । ବିଂଝିଆ ଲୋକେ ମଧ ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରନ୍ତି । ପୂଜକଙ୍କୁ ସେମାନେ ଶ୍ରଦ୍ଧା ଓ ଭକ୍ତି ଦେଖାଇଥାନ୍ତି । ସେ ଯଦି କାହା ଘରକୁ ଯାଆନ୍ତି ତେବେ ତାଙ୍କୁ ଉପଯୁକ୍ତ ସତ୍କାର କରାଯାଇଥାଏ ।

ମୁଖ୍ୟ ପୂଜକ ସାଧାରଣ ପୋଷାକ ପରିଧାନ କରନ୍ତି । ସରଳ, ନିରାଡ଼ମ୍ବର ଜୀବନ ଯାପନ କରନ୍ତି । ପୂଜାପାଠ ପୂର୍ବରୁ ନୂଆ ଧଳାଧୋତି ପରିଧାନ ପୂର୍ବକ ଗାମୁଛା କାନ୍ଧରେ ପକାଇଥା'ନ୍ତି ।

ପୂଜାକର୍ମ ନିମନ୍ତେ ପୂଜକ (ଗ୍ରାମମୁଖ୍ୟ ବା ଗଞ୍ଜୁ)ଙ୍କୁ ଗ୍ରାମ ତରଫରୁ ଠାକୁରଙ୍କ ନାମରେ ଜମି ପ୍ରଦାନ କରାଯାଇଥାଏ । ସେ ଜମିରୁ ଯାହା ଆମଦାନୀ ହୁଏ, ତାହା ଗ୍ରାମବାସୀଙ୍କ ତରଫରୁ ବର୍ଷ ଶେଷରେ ପାଉଣା ଆକାରରେ ପ୍ରଦାନ କରାଯାଇଥାଏ ।

କେତେକ ପୂଜା ଏବଂ ପର୍ବପର୍ବାଣୀ ସମୟରେ ଗ୍ରାମବାସୀଙ୍କ ତରଫରୁ କେତେକ ସ୍ୱତନ୍ତ୍ର ଉପହାର ଏବଂ ପାଉଣା ମୁଖ୍ୟ ପୂଜକଙ୍କୁ ପ୍ରଦାନ କରାଯାଇଥାଏ ।

ମୁଖ୍ୟ ପୂଜକ ସମାଜରେ ଏକ ସ୍ୱତନ୍ତ୍ର ଓ ଉଚ୍ଚ ସ୍ଥାନର ଅଧିକାରୀ ହୋଇଥାନ୍ତି । ବଳି ପଡ଼ିଥିବା ମାଂସର ପ୍ରଥମ ଭାଗ ତାଙ୍କୁ ଅର୍ପଣ କରାଯାଏ । ଦର୍ଶକ ତଥା ଭକ୍ତମାନଙ୍କ ଦାନକୁ ମୁଖ୍ୟ ପୂଜକ ଗ୍ରହଣ କରିଥାନ୍ତି ।

**ପାରିବାରିକ ଯାଦୁଧର୍ମୀୟ କାର୍ଯ୍ୟ ନିର୍ବାହୀ :**

**ମନୋନୟନ ପଦ୍ଧତି :** ବିଂଝିଆ ସମ୍ପ୍ରଦାୟରେ ବ୍ୟକ୍ତିଗତ ପୂଜା ପାଠ ପାଇଁ ଅଝା (ପାହାନ ବା କାଲୋ) ରହିଥାନ୍ତି । ବଂଶାନୁକ୍ରମିକ ଭାବେ ଉତ୍ତରାଧିକାରୀ ସୂତ୍ରରେ ଏମାନଙ୍କର ନିର୍ବାଚନ ହୋଇଥାଏ । କେହି ଉତ୍ତରାଧିକାରୀ ନଥିଲେ ଗ୍ରାମବାସୀଙ୍କ ମିଳିତ ନିଷ୍ପତ୍ତି କ୍ରମେ ଯୋଗ୍ୟ ବ୍ୟକ୍ତିଙ୍କୁ ଅଝା ବା ପାହାନ ରୂପେ ନିର୍ବାଚିତ କରାଯାଏ ।

- ଅଝା ଜଣକ ବିଂଝିଆ ସଂପ୍ରଦାୟର ହୋଇଥିବା ଆବଶ୍ୟକ ।
- ସେ ଅତ୍ୟନ୍ତ ସରଳ, ନିଷ୍କପଟ, ଦୟାଳୁ ଓ ଧର୍ମ ପରାୟଣ ବ୍ୟକ୍ତି ହୋଇଥିବେ ।
- ସେ ବୈବାହିକ ଜୀବନ ଯାପନ କରୁଥିବେ ଏବଂ ତାଙ୍କ ସ୍ତ୍ରୀ ଜୀବିତ ଥିବା ଆବଶ୍ୟକ ।
- ବିବିଧ ମନ୍ତ୍ର, ଦେବାଦେବୀଙ୍କ ପୂଜାପାଠ, ଝଡ଼ା ଫୁଙ୍କା ଇତ୍ୟାଦି ବିଷୟରେ ତାଙ୍କର ଗଭୀର ଜ୍ଞାନ ରହିବା ଆବଶ୍ୟକ ।
- ବିଭିନ୍ନ ପ୍ରକାର ଚେର ମୂଳୀ ବିଷୟରେ ତାଙ୍କର ବିଶେଷ ଧାରଣା ଥିବା ଆବଶ୍ୟକ ।

ସେ ବିଭିନ୍ନ ପ୍ରକାର ପୂଜା ପାଠ, କର୍ମକର୍ମାଣୀ, ପୂଜା ବିଧି, ଝଡ଼ା ଫୁଙ୍କା ସଂପର୍କରେ ଧର୍ମୀୟ ଗୁରୁଙ୍କଠାରୁ ସ୍ୱତନ୍ତ୍ର ତାଲିମ ଗ୍ରହଣ କରିଥାନ୍ତି ।

ସାରନା ପୂଜା, କରମା ପୂଜା, ଦଶହରା ପୂଜା ଇତ୍ୟାଦି ସାମୂହିକ ପୂଜା ପାର୍ବଣରେ ଅଝା (ପାହାନ) ଗ୍ରାମର ମୁଖ୍ୟ (ଗଞ୍ଝୁ)ଙ୍କୁ ସହଯୋଗ କରିଥାନ୍ତି । କେତେକ ସ୍ୱତନ୍ତ୍ର ପୂଜା ଅବସରରେ ସେ ସ୍ୱତନ୍ତ୍ର ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥାନ୍ତି । କୌଣସି ପରିବାରରେ ଭୂତପ୍ରେତ ବା ଡାହାଣୀ ଲାଗିଥିବା ବ୍ୟକ୍ତିଙ୍କୁ 'ଅଝା' ପୂଜାପାଠ କରି ତାଙ୍କୁ ସେଥିରୁ ମୁକ୍ତ କରିଥା'ନ୍ତି । ବ୍ୟକ୍ତିଗତ ବା ପାରିବାରିକ ସ୍ତରରେ ପୂଜାପାଠ କରୁଥିବା ପୂଜକ – ଓଝା । ବିଂଝିଆଙ୍କ ଭାଷାରେ ଯାହାଙ୍କୁ "ପାହାନ୍" କୁହାଯାଏ । ଓଡ଼ିଆ ଭାଷାରେ 'ଓଝା' ଶବ୍ଦଟି ହିଁ ପ୍ରଚଳିତ । ବିଂଝିଆ ବୈଦ୍ୟଙ୍କୁ ଓଝା କୁହାଯାଏ ।

ଲୋକମାନେ ଅଝାଙ୍କୁ ସମ୍ମାନ ଦିଅନ୍ତି । ପୂଜାପାଇଁ ତାଙ୍କୁ ଅରୁଆ ଚାଉଳ, ସିନ୍ଦୂର, ବିଭିନ୍ନ ପୂଜା ଉପକରଣ ଓ କୁକୁଡ଼ା (ଖୁଖୁରୀ) ଦିଆଯାଏ । ପୂଜାପାଠ ପରେ ଅଝା (ପାହାନ) ସେହି ବଳି କୁକୁଡ଼ା ମାଂସକୁ ଭୋଜନ କରନ୍ତି । ପାନୀୟ ଆକାରରେ ହାଣ୍ଡିଆ ଓ ମହୁଲି ମଦ ଦିଆଯାଏ । କିନ୍ତୁ ପୂଜା ପୂର୍ବରୁ ମଦ୍ୟପାନ ଓ ପୂଜା ପୂର୍ବ ଦିନଠାରୁ ସ୍ତ୍ରୀ ସଂସର୍ଗ ନିଷିଦ୍ଧ କରାଯାଇଥାଏ । ପୂଜା ପୂର୍ବରୁ ମାଂସ ଭକ୍ଷଣ ନିଷିଦ୍ଧ ।

ଅଝା (ପାହାନ) ସାଧାରଣତଃ ଧୋତି ଓ ଗଞ୍ଜି ପିନ୍ଧନ୍ତି । ଗୋଟିଏ ନାଲି ରଙ୍ଗର ଗାମୁଛା ବେକରେ ପକାଇଥା'ନ୍ତି । ପୂଜା ପୂର୍ବରୁ ନୂତନ ବସ୍ତ୍ର ପରିଧାନ କରନ୍ତି ।

ପୂଜାପାଠ ପାଇଁ ଏକ କୁକୁଡ଼ା ସହ ୫ ଟଙ୍କାରୁ ୧୦ ଟଙ୍କା ପର୍ଯ୍ୟନ୍ତ ପାଉଣା ଅଝା (ପାହାନ)ଙ୍କୁ ଦିଆଯାଏ । ଫସଲ ଆମଦାନୀ ପରେ ପ୍ରତ୍ୟେକ ପରିବାର ୧୦ (ଦଶ) ସେର ଲେଖାଏଁ ଧାନ ଅଝାଙ୍କୁ ପ୍ରଦାନ କରିଥାନ୍ତି । ଦଶହରା, କରମା, ଦୀପାବଳୀ ଇତ୍ୟାଦି ପର୍ବପର୍ବାଣୀରେ ଅଝା (ପାହାନ)ଙ୍କୁ ଲୋକେ ସ୍ୱତନ୍ତ୍ର ଉପହାର ଓ ବସ୍ତ୍ର ପ୍ରଦାନ କରିଥାନ୍ତି । ବଳି ଦିଆଯାଉଥିବା ପଶୁ ବା ପକ୍ଷୀ ମାଂସର ପ୍ରଥମ ଭାଗ ଗଞ୍ଝୁଙ୍କୁ ପ୍ରଦାନ କଲାପରେ ଦ୍ୱିତୀୟ ଭାଗ ଅଝା (ପାହାନ)ଙ୍କୁ ଦିଆଯାଏ । କେତେକ ସ୍ୱତନ୍ତ୍ର ପୂଜାରେ ଏମାନଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ପ୍ରଦାନ କରାଯାଏ ।

ଅଝା (ପାହାନ) ସଂପୂର୍ଣ୍ଣ ଭାବେ ସମାଜ ମଙ୍ଗଳ କାର୍ଯ୍ୟରେ ଲିପ୍ତ ରହୁଥିବାରୁ ତାଙ୍କପ୍ରତି ଲୋକମାନଙ୍କର ଯଥେଷ୍ଟ ଭକ୍ତିଭାବ ଓ ଆଦର ରହିଥାଏ । ଅଝା (ପାହାନ)ଙ୍କ ଜୀବନ ଶୈଳୀର ଆଦର୍ଶ ଲୋକମାନଙ୍କୁ ପ୍ରଭାବିତ କରିଥାଏ । ସେମାନଙ୍କ ଠାରେ ଆଚରଣ ଗତ ପରିବର୍ତ୍ତନ ପରିଲକ୍ଷିତ ହୁଏ ।

**ସହାୟକ :**

ପୂଜା ବିଧି ଓ ବିଭିନ୍ନ ପ୍ରକାର ପୂଜା କାର୍ଯ୍ୟରେ ଅଝା (ପାହାନ)ଙ୍କୁ ସାହାଯ୍ୟ କରିବା ପାଇଁ 'ଅଢ଼ା' ଓ 'ବଇଗା' ନିଯୁକ୍ତ ହୋଇଥାନ୍ତି । ପୂଜା କାର୍ଯ୍ୟରେ ସଂପୂର୍ଣ୍ଣ ରୂପେ ସାହାଯ୍ୟ କରିବାକୁ 'ଅଝା' 'ଅଢ଼ା'ଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି । ପୂଜା ସଂରଞ୍ଜାମ ଓ ଅନ୍ୟାନ୍ୟ ପୂଜା ଉପକରଣ 'ବଇଗା' ପୂଜା ସ୍ଥାନକୁ ବୋହି ନିଅନ୍ତି ।

ଏହିସବୁ କାର୍ଯ୍ୟ ସଂପାଦନ କରୁଥିବାରୁ 'ଅଡା' ଓ 'ବଇଗା' ଙ୍କୁ ଗ୍ରାମବାସୀମାନେ ସ୍ୱତନ୍ତ୍ର ଭାବେ ଚାଉଳ କିଛି ଟଙ୍କା ଓ ବସ୍ତ୍ର ଆଦାୟ କରି ଦେଇଥାନ୍ତି । ଏମାନଙ୍କୁ ମଧ୍ୟ ଗ୍ରାମବାସୀମାନେ ସ୍ୱତନ୍ତ୍ର ସମ୍ମାନ ଓ ଭକ୍ତି କରିଥାନ୍ତି । ବିଂଝିଆ ସଂପ୍ରଦାୟରେ ତାନ୍ତ୍ରିକ ଓ ଯାଦୁକରର ଉପସ୍ଥିତି ଦେଖାଯାଏ ନାହିଁ । ସ୍ୱତନ୍ତ୍ର ଉତ୍ସବ ନିମନ୍ତେ ବିଂଝିଆ ସଂପ୍ରଦାୟରେ ସ୍ୱତନ୍ତ ଯାଦୁ ଧର୍ମୀୟ କାର୍ଯ୍ୟ ନିର୍ବାହୀଙ୍କ ଆବଶ୍ୟକତା ଅନୁଭୂତ ହୁଏ ନାହିଁ ।

**ଯାଦୁଧର୍ମୀୟ ମହିଳା କାର୍ଯ୍ୟନିର୍ବାହୀ :**

ବିଂଝିଆ ଗ୍ରାମମାନଙ୍କରେ କେତେକ ମହିଳା ଓ ବାଳିକା ଗୁପ୍ତ ଭାବରେ ଡାହାଣୀ ବିଦ୍ୟା ଶିକ୍ଷା କରି ଲୋକମାନଙ୍କର ଅନିଷ୍ଟ ସାଧନ କରିଥାନ୍ତି । ବିବାହିତ ମହିଳାମାନେ ନିଜ ସ୍ୱାମୀଙ୍କୁ ବଶୀଭୂତ କରିବା ପାଇଁ ଏବଂ ଅବିବାହିତା ମହିଳାମାନେ ନିଜ ଇଚ୍ଛାକୁ ଚରିତାର୍ଥ କରିବାପାଇଁ ଏହି ଡାହାଣୀ, ମୋହିନୀ ବିଦ୍ୟା ଶିକ୍ଷା କରିଥାନ୍ତି । ଡାହାଣୀ ମୋହିନୀ ବିଦ୍ୟାରେ ନିପୁଣା, ଅଭିଜ୍ଞା ମହିଳାଙ୍କଠାରୁ ଏହି ବିଦ୍ୟା ଶିକ୍ଷା କରିବାକୁ ପଡ଼େ ।

ବିଶ୍ୱାସ କରାଯାଏ ଯେ ଏମାନେ ରାତ୍ର ସମୟରେ ଘରୁ ବାହାରି ଆସି ଛକ ସ୍ଥାନମାନଙ୍କରେ ଛକି ବସନ୍ତି । ଯେଉଁ ଲୋକଙ୍କୁ ଖାଇବା କଥା ସେହି ଲୋକକୁ ମନ୍ତ୍ରଦ୍ୱାରା ଶେଯରୁ ଉଠାଇଆଣି ତା'ର ରକ୍ତଶୋଷଣ କରିଥାନ୍ତି । ଦୀପାବଳୀ ଅମାବାସ୍ୟାରେ ଏମାନଙ୍କର କାର୍ଯ୍ୟକଳାପ ବୃଦ୍ଧିପାଏ । ସମାଜର ଲୋକମାନେ ଡାହାଣୀମାନଙ୍କୁ ଘୃଣାଚକ୍ଷୁରେ ଦେଖନ୍ତି । ଅସୁବିଧା ସମୟରେ ମଧ୍ୟ ସାହାଯ୍ୟ କରନ୍ତି ନାହିଁ । ଧରାପଡ଼ିଲେ ସେମାନଙ୍କୁ କଠୋର ଶାସ୍ତି ଦିଆଯାଇଥାଏ । ଡାହାଣୀମାନେ ସାଧାରଣତଃ ସଂପୂର୍ଣ୍ଣ ଉଲଗ୍ନ ହୋଇ ଡାହାଣୀ କାର୍ଯ୍ୟ କରିଥାନ୍ତି ବୋଲି ବିଂଝିଆମାନଙ୍କ ଧାରଣା ।

ଡାହାଣୀ ଏକ ଅନିଷ୍ଟକାରୀ ବିଦ୍ୟା । ଆସ୍ତେ ଆସ୍ତେ ଏହି ଡାହାଣୀ ପ୍ରଥା ବିଂଝିଆ ସମାଜରୁ ଲୋପ ପାଇଗଲାଣି ।

# ବସତି

ଖାଦ୍ୟ ଓ ବସ୍ତ୍ରର ଅଭାବ ଦୂର ହେଲା ପରେ ମନୁଷ୍ୟ ଆବଶ୍ୟକ କରେ ବାସଗୃହ । ସେଠାରେ ସେ ତା'ର ଜୀବନ ଅତିବାହିତ କରେ । କିମ୍ବଦନ୍ତୀରୁ ସ୍ପଷ୍ଟ ଅନୁମେୟ ଯେ, ବିଂଝିଆମାନେ ବିନ୍ଧ୍ୟାଞ୍ଚଳରେ ତାଙ୍କର ପ୍ରଥମ ବସତି ସ୍ଥାପନ କରିଥିଲେ । ଏଣୁ ସେମାନଙ୍କୁ ବିନ୍ଧ୍ୟବାସିନୀର ଆଖ୍ୟା ଦିଆଯାଏ ।

**ବସତିର ଅବସ୍ଥିତି :**

ବିଂଝିଆ ସମ୍ପ୍ରଦାୟର ଲୋକମାନଙ୍କର ବସତି ସାଧାରଣତଃ ନଦୀଉପକୂଳରେ, ପାହାଡ଼ିଆ ଅଂଚଳର ଉପତ୍ୟକା ଏବଂ ଝରଣା କୂଳରେ ଗଢ଼ିଉଠିଥିଲା । ଗ୍ରାମର ଚତୁଃପାର୍ଶ୍ୱରେ ମନ୍ଦିର, ବିଦ୍ୟାଳୟ, ପୋଖରୀ, କୂଅ, ଦୁଂଭି ଘର (ଗ୍ରାମ ସଭାର ବୈଠକ ଗୃହ) ଆଦି ଥିଲା । ନଦୀ କିମ୍ବା ଝରଣା କୂଳରେ ଥିଲା ଶ୍ମଶାନ ।

**ବିଂଝିଆ ଗୃହ, ବନ୍ଦୋବସ୍ତ ପଦ୍ଧତି :**

ବିଂଝିଆମାନଙ୍କର ଘରଗୁଡ଼ିକ ପରସ୍ପରଠାରୁ ଯଥେଷ୍ଟ ବ୍ୟବଧାନ ମଧ୍ୟରେ ଥାଏ । ଏଠି ସେଠି ମିଶା ମିଶି ହୋଇ ଚାଷ ଜମି ନିକଟରେ ହିଁ ସେମାନେ ଘର ତିଆରି କରିଥାନ୍ତି । ଘର ଗୁଡ଼ିକର କାନ୍ଥରେ କଳାର ରଙ୍ଗଦେଇ ତା' ଉପରେ ଝୋଟି ଚିତ୍ର ଅଙ୍କା ଯାଇଥାଏ । ଗ୍ରାମର ମଧ୍ୟଭାଗରେ ଗ୍ରାମ ମୁଖିଆ (ଗଞ୍ଜୁ)ଙ୍କ ଘର ରହିଛି । ମୁଖିଆ (ଗଞ୍ଜୁ)ଙ୍କ ଘରଟି ଅନ୍ୟମାନଙ୍କ ଗୃହ ତୁଳନାରେ ଉନ୍ନତ ଧରଣର । ଗ୍ରାମବାସୀଙ୍କ ବସାଉଠା ଓ ବିଭିନ୍ନ ଆଲୋଚନା ପାଇଁ ମୁଖିଆ (ଗଞ୍ଜୁ)ଙ୍କ ଘର ଆଗରେ ଏକ ମେଳା ବୈଠକ ଘର କରାଯାଇଥାଏ । ଗ୍ରାମର ଏକ କୋଣରେ ଦେବୀ ପୀଠ ଓ ମନ୍ଦିର ଥାଏ ।

ବିଂଝିଆ ସଂମ୍ପ୍ରଦାୟର ଲୋକ ମାନଙ୍କର ଘରକୁ ଲାଗି ପନିପରିବା ବଗିଚାଥାଏ । ସେହି ବଗିଚାରେ ସେମାନେ ଜହ୍ନି (ଝିଙ୍ଗା), ଲାଉ (ଲଉକୀ), ସାରୁ (ସାଖିନ), ଛୋଟ ସାରୁ (ପେଟକୀ), କଖାରୁ (ମାଖନ), ପାଣି କଖାରୁ (ରକ୍‌ସା କୋହଣ୍ଡା), ବାଇଗଣ (କାଣ୍ଟା ଭାଣ୍ଟା), ବିଲାତି (ବିଲାଏତ୍), କରଲା (କାରେଲା), ଅମୃତଭଣ୍ଡା (ପପିତା), ଭେଣ୍ଡି (ଭେଣ୍ଡୁଆ) ଇତ୍ୟାଦି ପନିପରିବା ଚାଷ କରନ୍ତି । ଉତ୍ପନ୍ନ ପନିପରିବାକୁ ନିଜେ ଖାଇବା ସଙ୍ଗେ ସଙ୍ଗେ ବଜାରରେ ବିକ୍ରୟ ମଧ୍ୟ କରନ୍ତି ।

ବିଂଝିଆ ମାନଙ୍କର ବସତି ନିକଟରେ ଅନ୍ୟାନ୍ୟ ଗୋଷ୍ଠୀମାନଙ୍କର ଘର ମଧ୍ୟ ରହିଛି । ସେମାନଙ୍କ ମଧ୍ୟରେ କମାର (ଲୋହାର), କୁମ୍ଭାର, ବାରିକ (ଭଣ୍ଡାରୀ), ଧୋବା, ଗଉଡ଼, ମୁଣ୍ଡା, ଖଡ଼ିଆ, ବ୍ରାହ୍ମଣ, ଓରାମ, ମୁସଲମାନ(ପଠାନ୍), ଗଣ୍ଡ, ପାଣ (ହରିଜନ) ଇତ୍ୟାଦି ପ୍ରଧାନ ।

**ବସତିର ବାସ୍ତୁବିଦ୍ୟା / ନକ୍ସା :**

ବିଂଝିଆମାନଙ୍କ ଘର ଗୁଡ଼ିକର ବାରଣ୍ଡା ଗୁଡ଼ିକ ଭୂମି ଠାରୁ ଉଚ୍ଚ । ଘରେ ଦୁଇ/ତିନୋଟି ପ୍ରବେଶ ପଥଥାଏ । ଘର ନିକଟରେ ଚାଷ ଜମି ଏବଂ ଝରଣା ବା ନଦୀ କୂଳରେ ଏକ ନିର୍ଜନ ସ୍ଥାନକୁ ସେମାନେ ମଶାଣୀ ରୂପେ ବ୍ୟବହାର କରନ୍ତି । ମଶାଣୀରେ ଥିବା ଏବଂ ସାର୍‌ନାରେ ଥିବା ଗଛଗୁଡ଼ିକୁ କେହି କାଟନ୍ତିନାହିଁ । ଗ୍ରାମର ମଧ୍ୟ ଭାଗରେ ସର୍ବସାଧାରଣ କୂଅଥାଏ । ଅନାବାଦି କିମ୍ବା ସରକାରୀ ଜମିରେ ବିଦ୍ୟାଳୟ ନିର୍ମାଣ କରାଯାଇଥାଏ । କେତେକ ଗ୍ରାମରେ ଜମିଦାନକର୍ତ୍ତାଙ୍କ ଜମିରେ ବିଦ୍ୟାଳୟ ନିର୍ମିତ ହୋଇଥିବାର ଦେଖାଯାଏ ।

ବିଂଝିଆ ଗ୍ରାମ ବସତିରେ ଭାଗବତ ଟୁଙ୍ଗୀ ଓ ଦୁଂଭିଘର ରହିଛି । ଗ୍ରାମବାସୀମାନେ ଏକତ୍ରିତ ହୋଇ କୌଣସି ମକଦ୍ଦମା ବିଚାର କରିବା ପାଇଁ ଏହି ଦୁଂଭିଘରେ ସଭାର ଆୟୋଜନ କରନ୍ତି । ଏଠାରେ ଗ୍ରାମସଭା ବସେ । ବିଭିନ୍ନ ମାଲି ମକଦ୍ଦମା, ଗ୍ରାମର ଭଲମନ୍ଦ ଓ ପର୍ବପର୍ବାଣୀ ପରିଚାଳନା ସଂପର୍କିତ ବିଷୟ ଏହି ଘରେ ଆଲୋଚନା କରାଯାଏ । ଗ୍ରାମର ମୁଖ୍ୟ (ଗଞ୍ଜୁ), ଉପ-ସଭାପତି, ସଂପାଦକ, ଉପ-ସଂପାଦକ ଓ ଡାକୁଆ ସମେତ ଗ୍ରାମବାସୀମାନେ ଏହି ସଭାରେ ଉପସ୍ଥିତ ରହନ୍ତି ।

ଗ୍ରାମର ଗୁଣିଆ ଘରର ବାଡ଼ିରେ ବାଉଁଶ ବାଡ଼ ଦିଆଯାଇଥିବା ମାଟି ଘର ତିଆରି ହୋଇଥାଏ । ଏହି ଘରେ ଗୁଣିଆ ଶିଷ୍ୟମାନଙ୍କୁ ତନ୍ତ୍ର ମନ୍ତ୍ର ଶିକ୍ଷା ପ୍ରଦାନ କରନ୍ତି ।

ଗ୍ରାମର ଏକ କୋଣରେ ଏକ କୁଡ଼ିଆ ଘର (ଝାଟିମାଟିର) ତିଆରି କରାଯାଇଥାଏ । ସେଠାରେ ଓଝା (ପାହାନ) ପୂଜାର୍ଚ୍ଚନା କରନ୍ତି ।

ଗ୍ରାମର ମୁଖିଆ (ଗଞ୍ଜୁ)ଙ୍କ ଘର ନିକଟରେ ନିର୍ମିତ ଗୋଷ୍ଠୀ ଗୃହରେ ଭୋଜି ଭାତର ଆୟୋଜନ ହୋଇଥାଏ । ମକଦ୍ଦମାର ବିଚାର ପରେ ଦୋଷୀଠାରୁ ଆଦାୟ କରାଯାଇଥିବା ଜୋରିମାନା ଭୋଜି ଭାତରେ ଖର୍ଚ୍ଚ କରାଯାଏ ।

ଗ୍ରାମର ମଧ୍ୟ ଭାଗରେ ବିଭିନ୍ନ ପର୍ବପର୍ବାଣୀ ଅବସରରେ ଗ୍ରାମର ଯୁବକ ଯୁବତୀମାନେ ନାଚଗୀତ ପରିବେଷଣ କରିଥାନ୍ତି । ଏହା ଏକ ମୁକ୍ତ କେନ୍ଦ୍ର ଅଟେ । ଏହା ବାଡ଼ି ଦ୍ୱାରା ନିବୁଜ କରାଯାଇ ନଥାଏ । ଏହା ବୃକ୍ଷଛାୟା ଶୋଭିତ ମୁକ୍ତ ସ୍ଥାନ ଅଟେ ।

**ଗ୍ରାମ ବିଭିନ୍ନ ଉତ୍ସ :**

ଗ୍ରାମବାସୀଙ୍କ ପାଇଁ ତିଆରି ହୋଇଥିବା ସରକାରୀ କୂଅ, ନଳକୂଅ, ବ୍ୟକ୍ତିଗତ କୂଅ, ଗ୍ରାମ ନିକଟସ୍ଥ ଝରଣା, ନଦୀ ଇତ୍ୟାଦି ପାନୀୟ ଜଳର ପ୍ରଧାନ ଉତ୍ସ । ଲୋକମାନେ ଏହି ଉତ୍ସମାନଙ୍କରୁ ପାନୀୟ ଜଳ ସଂଗ୍ରହ କରିଥାଆନ୍ତି ।

**ରାସ୍ତା :** ବିଂଝିଆ ବସ୍ତି ମାନଙ୍କୁ ବିଭିନ୍ନ ଗଳି ରାସ୍ତା, ପାଦଚଲା ରାସ୍ତା, ମୋରମ ରାସ୍ତା ମୁଖ୍ୟ ସଡ଼କ ଦ୍ୱାରା ସଂଯୁକ୍ତ ହୋଇଥାଏ ।

**ଆକର୍ଷଣୀୟ ସ୍ଥଳୀ :** କେତେକ ବିଂଝିଆ ଗ୍ରାମମାନଙ୍କର ନାଚ, ଗୀତ ଓ ଅଭିନୟ ନିମନ୍ତେ ସ୍ୱତନ୍ତ୍ର ଭାବେ ଅଭିନୟ ମଞ୍ଚ ତିଆରି ହୋଇଥିବାର ଦେଖାଯାଏ ।

**ସଂଲଗ୍ନ ପାହାଡ଼, ପର୍ବତ :** ପାହାଡ଼ ପର୍ବତ ଘେରା ସବୁଜ ବନାନୀ ପରିବେଷ୍ଟିତ ଉପତ୍ୟକାରେ ଗଢ଼ି ଉଠିଥାଏ ବିଂଝିଆ ବସତି । ସେହି ପାହାଡ଼ରୁ ସେମାନେ ଜାଳେଣୀ କାଠ, ପତ୍ର, ବିଭିନ୍ନ ପ୍ରକାର ବନଜାତ ଦ୍ରବ୍ୟ ଓ ଫଳମୂଳ ସଂଗ୍ରହ କରିବା ସହିତ ଜୀବଜନ୍ତୁ ଶିକାର କରିଥାନ୍ତି ।

**ଜଳ ଉତ୍ସ:** ପାହାଡ଼ ପର୍ବତ ଘେରା ବିଂଝିଆ ବସତି ନିକଟରେ ପାହାଡ଼ୀ ଝରଣା ବହିଯାଉଥାଏ ଏବଂ ବର୍ଷା ଋତୁରେ ପାହାଡ଼ରୁ ଅନେକ ସ୍ରୋତ ସୃଷ୍ଟିହୁଏ । ପାହାଡ଼ୀ ଝରଣାର ସୁଶୀତଳ ଜଳ ଏମାନଙ୍କର ତୃଷା ନିବାରଣ କରିଥାଏ ଏବଂ ଏହାହିଁ ବିଂଝିଆ ମାନଙ୍କ ପ୍ରଧାନ ପାନୀୟ ଜଳର ଉତ୍ସ କହିଲେ ଅତ୍ୟୁକ୍ତି ହେବନାହିଁ । ଝରଣାରେ ସେମାନେ ସ୍ନାନ ଶୌଚ, ଲୁଗାପଟା ଧୋଇବା, ଗୃହପାଳିତ ପଶୁମାନଙ୍କ ସ୍ନାନଆଦି ବିଭିନ୍ନ କାର୍ଯ୍ୟ ସଂପାଦନ କରିଥାନ୍ତି ।

ବିଂଝିଆ ଲୋକେ ନିଜର ସ୍ନାନ, ଶୌଚ ଓ ଗୃହପାଳିତ ପଶୁଙ୍କ ଗାଧୋଇବା ନିମନ୍ତେ ସାଧାରଣତଃ ଝରଣା, ନଦୀ କିମ୍ବା ପୋଖରୀର ଜଳକୁ ବ୍ୟବହାର କରିଥାନ୍ତି । ଲୁଗାପଟା ସଫାକରିବା, ନଳିତାରୁ ଦଉଡ଼ି ପ୍ରସ୍ତୁତ ନିମନ୍ତେ ସେମାନେ ପୋଖରୀ, ଝରଣା କିମ୍ବା ନଦୀର ଜଳକୁ ବ୍ୟବହାର କରିଥାନ୍ତି ।

**ପୂଜାସ୍ଥଳୀ :** ବିଂଝିଆ ଗ୍ରାମ ମଧ୍ୟରେ ଶୈବାଳୟ, ଜଗନ୍ନାଥ ମନ୍ଦିର, ଦେବୀପୀଠ ଇତ୍ୟାଦି ଦେଖାଯାଏ । ଗ୍ରାମରୁ ଜଙ୍ଗଲ ଯିବା ରାସ୍ତାରେ ଶିକାର ଦେବତାଙ୍କ ପୀଠସ୍ଥଳୀ ରହିଥାଏ । ଶିକାର କରିବାକୁ ଗଲାବେଳେ ସେମାନେ ପ୍ରଥମେ ଶିକାର ଦେବତାଙ୍କୁ ପୂଜାର୍ଚ୍ଚନା କରି ଶିକାର କରିବାକୁ ଯାଇଥାନ୍ତି ।

**ଶ୍ମଶାନ :** ଗ୍ରାମର ଅଳ୍ପ ଦୂରରେ ନିର୍ଜନ ସ୍ଥାନରେ ନଦୀ କିମ୍ବା ଝରଣା କୂଳରେ ଶ୍ମଶାନ ଘାଟ ନିର୍ମାଣ କରାଯାଇଥାଏ । ଏହି ଶ୍ମଶାନରେ ମୃତ ବ୍ୟକ୍ତିର ଶବ ସଂସ୍କାର କରାଯାଏ ।

**ଗୋଚର ଭୂମି :** ବିଂଝିଆ ଗ୍ରାମର ଟିକିଏ ଦୂରରେ ଗୋଚର ଭୂମି ରହିଥାଏ । ଏହା ଗାଈ ଗୋରୁଙ୍କ ଚାରଣ ଭୂମି । ଏହାର ଗୋଟିଏ ପାଖରେ ହାଟ ମଧ୍ୟ ବସେ ଏବଂ ଅନ୍ୟ ପାର୍ଶ୍ୱରେ ପିଲାମାନଙ୍କ ଖେଳ ପଡ଼ିଆ ରହିଥାଏ ।

**ତଳିଆ ଜମି (ବାହାଲ ଜମି) :** ଖାଲ ଜମିକୁ ତଳିଆ ବା ବାହାଲ ଜମି କୁହାଯାଏ । ଜଳାଶୟ ନିକଟରେ ଥିବାରୁ ଏହି ଜମିଗୁଡ଼ିକ ବର୍ଷସାରା ଆଦ୍ର ରହିଥାଏ । ଏହି ଜମିରେ ମୁଖ୍ୟତଃ ବଡ଼ଧାନ ଚାଷ କରାଯାଏ । ଧାନ ଚାଷ ପରେ ଅନ୍ୟାନ୍ୟ ପନିପରିବା ମଧ୍ୟ ଚାଷ କରାଯାଏ ।

**ଢ଼ିପଜମି (ଗୋଡ଼ାଜମି) :** ବର୍ଷାଦିନେ କେବଳ ଏହି ଜମିରେ ଗୋଡ଼ାଧାନ ଚାଷ କରାଯାଏ । ଆଉ କେତେକ ଗୋଡ଼ା ଜମିରେ ଗୋଡ଼ା ଧାନ ସହ ବାଜରା, ହରଡ଼, ମକା, ଗଂଗେଇ ଇତ୍ୟାଦି ଚାଷ କରାଯାଏ । କେତେକ ଗୋଡ଼ା ଜମିରେ ସ୍ୱତନ୍ତ୍ର ଭାବରେ ମାଣ୍ଡିଆ, ମୁଗ, କୋଳଥ, ସବାଇ ଘାସ ଇତ୍ୟାଦି ଫସଲ ବର୍ଷର ବିଭିନ୍ନ ସମୟରେ ଚାଷ କରାଯାଏ । ଏହାଛଡ଼ା ଗ୍ରାମ ନିକଟସ୍ଥ ପାହାଡ଼ିଆ ଜମିରେ ପୋଡୁଚାଷ କରୁଥିବାର ଦୃଷ୍ଟି ଗୋଚର ହୁଏ ।

ଗ୍ରାମକୁ ଶତ୍ରୁ, ରୋଗ ବ୍ୟାଧି କିମ୍ବା ବିପଦ ଆପଦରୁ ରକ୍ଷା କରିବା ପାଇଁ ଗ୍ରାମର ଗୁଣିଆ (ପାହାନ) ପୂଜାପାଠ କରିଥାନ୍ତି । ଏହା ସହିତ ଗ୍ରାମର ସୁରକ୍ଷା ପାଇଁ ଡାକୁଆ (କଟୁଆଳ) ଦାୟିତ୍ୱରେ ରହିଥାନ୍ତି । ବିଂଝିଆ ଗ୍ରାମ ବସତି ତତ୍ତ୍ୱାବଧାନର ଦାୟିତ୍ୱ ମୁଖ୍ୟତଃ ଚୌକିଦାର ଉପରେ ନ୍ୟସ୍ତ ରହିଥାଏ । ଗ୍ରାମର ଯୁବଗୋଷ୍ଠୀ ମଧ୍ୟ ପର୍ଯ୍ୟାୟ କ୍ରମେ ରାତ୍ରୀ ସମୟରେ ଗ୍ରାମ ସୁରକ୍ଷାର ଦାୟିତ୍ୱ ତୁଲାଇଥାନ୍ତି ।



ପାରାଭାଡି - ଅନ୍ୟଏକ ସଉକ



ଜେଜେଙ୍କ ଦୁନିଆଁ

# ବାସଗୃହ

## ପାରମ୍ପରିକ ବିଂଝିଆ ଗୃହ:

ମନୁଷ୍ୟ ବଞ୍ଚି ରହିବା ପାଇଁ ଖାଦ୍ୟ, ବସ୍ତ୍ର ସହ ବାସଗୃହର ଆବଶ୍ୟକତା ଅନୁଭବ କରିଥାଏ । ଗ୍ରୀଷ୍ମ, ବର୍ଷା, ଶୀତ, ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ, ହିଂସ୍ର ଓ ବିଷାକ୍ତ ଜୀବଜନ୍ତୁଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ, ଉତ୍ପାଦିତ ଶସ୍ୟ ଓ ଜିନିଷପତ୍ର ସାଇତି ରଖିବା ପାଇଁ ବାସଗୃହର ଆବଶ୍ୟକତା ରହିଥାଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ବାସଗୃହରେ ସେ ନିଜର ଜୀବନ ବିତାଇଥାଏ । ବିଂଝିଆ ଗ୍ରାମଗୁଡ଼ିକରେ ସାଧାରଣତଃ ଘର ଗୁଡ଼ିକ ଛାଡ଼ି ଛାଡ଼ି ତିଆରି ହୋଇଥାଏ । ଗ୍ରାମରେ ଧନୀ, ମଧ୍ୟବିତ୍ତ ଓ ଗରୀବ ସମସ୍ତେ ବାସକରନ୍ତି । ସମସ୍ତଙ୍କର ଘରଗୁଡ଼ିକ ବିଭିନ୍ନ ପ୍ରକାରର ହୋଇଥାଏ ।

ସାଧାରଣତଃ ବିଂଝିଆମାନଙ୍କ ବାସଗୃହର କାନ୍ଥଗୁଡ଼ିକ ମାଟି କିମ୍ବା କାଠ ଉପରେ ମାଟିର ପ୍ରଲେପ ଦେଇ ତିଆରି ହୋଇଥାଏ । କାଠ କିମ୍ବା ବାଉଁଶ ଦେଇ ଛଣ କିମ୍ବା ଖପରରେ ସେମାନେ ଚାଳ ତିଆରି କରିଥାନ୍ତି । ପର୍ବପର୍ବାଣୀରେ ଘର କାନ୍ଥଗୁଡ଼ିକ ଗୋବରରେ ଲିପାଯାଏ । ତା' ଉପରେ ବିଭିନ୍ନ ପ୍ରକାର ଝୋଟି ବା ଚିତ୍ର ଅଙ୍କନ କରାଯାଏ । ଘରର ଚତୁଃପାର୍ଶ୍ୱ ବାଉଁଶ କିମ୍ବା ଗଛର ବାଡ଼ ଦ୍ୱାରା ଆବଦ୍ଧ କରାଯାଇଥାଏ । ପ୍ରବେଶ ପଥରେ ବାଉଁଶ, କିମ୍ବା କାଠର କବାଟ ଲାଗିଥାଏ । ଘରର ମୁଖ୍ୟ କବାଟର ଲମ୍ବ ୬ ଫୁଟରୁ ୭ ଫୁଟ ପର୍ଯ୍ୟନ୍ତ ଏବଂ ପ୍ରସ୍ଥ ୩ ରୁ ୪ ଫୁଟ ଯାଏ କରାଯାଇଥାଏ । ବାସଗୃହର ପ୍ରତ୍ୟେକ କୋଠରୀରେ ବାଉଁଶର କବାଟ ଲାଗିଥାଏ । ଧନୀକ ପରିବାର ବିଭିନ୍ନ ଚିତ୍ର ଖୋଦେଇ ହୋଇଥିବା କାଠର କବାଟ ଲଗାଇଥା'ନ୍ତି ।

## ଗୃହ ନିର୍ମାଣ :

ସର୍ବପ୍ରଥମେ ବାସଗୃହର ନିର୍ମାଣ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଏ । ଗୁଣିଆ ନିଜେ ଯେକୌଣସି ବୁଧବାର ଦିନ ଅରୁଆ ଚାଉଳ ଦେଇ ସ୍ଥାନ ଚତୁଃପାର୍ଶ୍ୱର ସୀମାନିର୍ଦ୍ଧାରଣ କରିଥାନ୍ତି । କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ କିମ୍ବା କାର୍ତ୍ତିକ ପୂର୍ଣ୍ଣିମାରେ ପାଳନ କରାଯାଉଥିବା 'ଦେଓ ଉଠାଏନ୍ ପୂଜା' ପରଦିନ ଗୁଣିଆ ପୂଜା ପାଠ କରିବା ପରେ ନିରୂପିତ ସ୍ଥାନରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଅରୁଆ ଚାଉଳ ଦେଇ ତା' ଉପରେ ଅଶ୍ୱତ୍ଥ କିମ୍ବା ପିପ୍‌ପଲୀ ପତ୍ର

ଘୋଡ଼ାଇ ଦିଅନ୍ତି । ତା' ପରଦିନ ସକାଳେ ପରିବାର ମୁଖ୍ୟ (ପାହାନ) ଯଥାସ୍ଥାନରେ ପହଞ୍ଚି ଅରୁଆ ଚାଉଳର ସଂଖ୍ୟାକୁ ନିରୀକ୍ଷଣ କରନ୍ତି । ଯଦି ଅରୁଆ ଚାଉଳ ସଂଖ୍ୟା କମ୍‌ହୁଏ ତେବେ ସେ ସ୍ଥାନ ଘର ନିର୍ମାଣ ପାଇଁ ଅନୁପଯୁକ୍ତ ବୋଲି ଗୁଣିଆ ଦର୍ଶାଇଥାଏ । ଯଦି ଅରୁଆ ଚାଉଳର ସଂଖ୍ୟା ବଢ଼େ ବା ଅପରିବର୍ତ୍ତିତ ରହେ ତାହାହେଲେ ସେହି ସ୍ଥାନଟି ଗୃହ ନିର୍ମାଣ ପାଇଁ ଉପଯୁକ୍ତ ବୋଲି ଗୁଣିଆ (ପାହାନ) ମତବ୍ୟକ୍ତ କରନ୍ତି । ଏହିଭଳି ଭାବରେ ଘର ତିଆରି ପାଇଁ ସ୍ଥାନ ନିରୂପଣ କରାଯାଏ । ସ୍ଥାନ ନିରୂପଣ ପରେ ବିଂଝିଆ ସଂପ୍ରଦାୟର ଗୁଣିଆ (ପାହାନ) ଅରୁଆ ଚାଉଳ, ସିନ୍ଦୂର, ନଡ଼ିଆକୁ ଓ ଗୁଆ (ସୁପାରି) ଦେଇ ଭିତ୍ତିଭୂମି ସ୍ଥାପନ ପୂର୍ବରୁ ପୂଜା କରନ୍ତି । ତା' ପରେ ଗୃହକର୍ତ୍ତା ନିଜ ହାତରେ ଘରମାପ କରିଥାନ୍ତି । ମପାଯାଇଥିବା ଅଂଶର ଚାରିକୋଣରେ ବାଉଁଶ କିଲା ପୋତାଯାଏ । ମଝିରେ ଏକ ଖୁଣ୍ଟ ପୋତି ଶୁଭ ସଙ୍କେତ ସ୍ୱରୂପ ଏକ ଆମ୍ବଡ଼ାଳ ପୋତାଯାଏ । ତା'ପରେ ନିଅଁ ଖୋଳା ଆରମ୍ଭ ହୁଏ ।

ଗୋଟିଏ ସାଧାରଣ ଘରପାଇଁ ଖୁଣ୍ଟ, ଶେଣୀ, ବରଗା, ରୁଅ ଇତ୍ୟାଦି କାଠ ଓ ବାଉଁଶର ଗୃହପୋକରଣ ଆବଶ୍ୟକ ହୋଇଥାଏ । ଏଥିରେ ମାଟିକାନ୍ଥର ଘର ନିର୍ମାଣ କରାଯାଏ । ପକ୍‌କା ଘର ପାଇଁ ଇଟା, ସିମେଣ୍ଟ, ବାଲି, ଲୁହାଛଡ଼ ଇତ୍ୟାଦି ଆବଶ୍ୟକ ହୋଇଥାଏ ।

ନିଅଁ ଖୋଳା ହେବା ପରେ ମାଟିଘର ପାଇଁ ମାଟିର କାନ୍ଥ ଦିଆଯାଏ । ତା' ପରେ ଘର ତିଆରି ଜାଣିଥିବା ମିସ୍ତ୍ରୀ ଆବଶ୍ୟକ ମୁତାବକ ଖୁଣ୍ଟ, ଶେଣୀ, ବତା ଇତ୍ୟାଦି ଦେଇ ଘର ଛପର କରିଥାନ୍ତି । ମାଟି ଘରର ଚାଳରେ 'ଖପର କିମ୍ବା ନଡ଼ା' ଦିଆଯାଏ । ଧନୀକ ପରିବାରର ପକ୍‌କା ଘର ଗୁଡ଼ିକ ଇଟା, ବାଲି ଓ ସିମେଣ୍ଟ ମିଶ୍ରଣରେ ମିସ୍ତ୍ରୀ ଘର ତିଆରି କରିଥାଏ । ଏହି ଘରଗୁଡ଼ିକର ଛାତ, କଂକ୍ରିଟ୍, ଢ଼ଳେଇ କିମ୍ବା ଟାଇଲ ଛପର କରାଯାଇଥାଏ ।

ଘର କାମରେ ପରିବାରର ସମସ୍ତ ପୁରୁଷ ଓ ସ୍ତ୍ରୀ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି । କେତେକ ସ୍ଥଳରେ ସହଯୋଗୀ ଶ୍ରମ ଦ୍ୱାରା ବିନା ପାରିଶ୍ରମିକରେ ଗ୍ରାମବାସୀମାନେ ଘର ତିଆରି କାମରେ ସହଯୋଗ କରିଥାନ୍ତି । ଆଉ କେତେକ ଅଞ୍ଚଳରେ ଶ୍ରମିକ ଏବଂ କୁଲି ମଜୁରିଆ ଦ୍ୱାରା ଘର ନିର୍ମାଣ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ମଜୁରିଆମାନଙ୍କୁ ମଜୁରି ସହିତ ହାଣ୍ଡିଆ ମଧ୍ୟ ଦିଆଯାଏ । ସ୍ତ୍ରୀ ଲୋକମାନେ ମାଟି ଚକଟା, ମାଟି ଲେସା, ଲିପାପୋଛା ଏବଂ ପକ୍‌କା ଘର ନିର୍ମାଣ ନିମନ୍ତେ ବାଲି ଓ ସିମେଣ୍ଟର ମିଶ୍ରଣ କରିବା,

ପାଣି ଆଣିବା, ଇଟା ଓ ପଥର ବୋହି ଆଣି ମିସ୍ତ୍ରୀ ପାଖରେ ପହଞ୍ଚାଇବା ଇତ୍ୟାଦି କାମ କରିଥାନ୍ତି । ପୁରୁଷ ଲୋକେ ଖୁଣ୍ଟପୋତା, ବାଉଁଶ କିମ୍ବା କାଠଗୁଅ (ବତା) ବାନ୍ଧିବା, ଗୁଅ ଓ ଶେଣୀ ଲଗାଇବା ଏବଂ ପକ୍କା ଘର ନିର୍ମାଣ ନିମନ୍ତେ ନିଅଁ ଖୋଳିବା ପଥର ଢୋଡ଼ିବା, ଇଟା ସିମେଣ୍ଟ ଦେଇ କାନ୍ଥ ତିଆରି କରିବାରେ ମିସ୍ତ୍ରୀକୁ ସାହାଯ୍ୟ କରିବା, ଘର ଛାତ ନିର୍ମାଣରେ ମିସ୍ତ୍ରୀକୁ ସହଯୋଗ କରିବା ଇତ୍ୟାଦି କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

ଗୃହ ନିର୍ମାଣ ପୂର୍ବରୁ ଧର୍ମୀୟ କାର୍ଯ୍ୟ ନିର୍ବାହୀଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସେ ପ୍ରଥମେ ଭୂମି ପୂଜା କରିଥାନ୍ତି । ତା' ପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି ।

କୌଣସି ଏକ ସୀମାନ୍ତ ବା ସାଙ୍ଗି (ସାଧାରଣ) କାନ୍ଥ ନିର୍ମାଣ ପାଇଁ ପ୍ରଥମେ ପଡ଼ୋଶୀଙ୍କ ସହ ବିଚାର ଆଲୋଚନା କରାଯାଏ । ଆବଶ୍ୟକ ସ୍ଥଳେ ଉଭୟ ମିଳିମିଶି ଏ କାନ୍ଥ ନିର୍ମାଣ କରିଥାନ୍ତି ।

ଗୁଅ, ବତା ଖଞ୍ଜା ସରିବା ପରେ ନଡ଼ା କିମ୍ବା 'ଖପର'ରେ ଛପର କାର୍ଯ୍ୟ କରାଯାଇଥାଏ । ଧନୀକ ଶ୍ରେଣୀର ପକ୍କା ଘର ଗୁଡ଼ିକର ଛପର କଂକ୍ରିଟ୍ ଢ଼ଳେଇ କିମ୍ବା ଟାଇଲରେ କରାଯାଇଥାଏ । ଘର ପରିବାର ସହିତ ଆବଶ୍ୟକ ସଂଖ୍ୟକ ଶ୍ରମିକ ଏଥି ନିମନ୍ତେ ନିୟୋଜିତ ହୋଇଥାନ୍ତି ।

ବିଂଝିଆ ସଂପ୍ରଦାୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେଲାପରେ ଗରୀବ ଲୋକେ ଗୋବରରେ କାନ୍ଥ ବାହାର ଓ ଭିତରକୁ ଲିପାପୋଛା କରିଥାନ୍ତି । ଏହାଦ୍ୱାରା ଘର ବିଶୋଧିତ ହୋଇଥାଏ ଏବଂ ପବିତ୍ର ହୋଇଥାଏ ବୋଲି ବିଂଝିଆମାନଙ୍କର ବିଶ୍ୱାସ । ଧନୀ ଓ ଅନ୍ୟକେତେକ ଲୋକେ ଚୂନ, ଧଉଳା କରିଥାନ୍ତି । ଚୂନ ପ୍ରଲେପ ପରେ ଆବଶ୍ୟକ ସ୍ଥଳେ କେତେଜଣ ବିଭିନ୍ନ ରଙ୍ଗରେ ଘରର କାନ୍ଥ ଭିତର ଓ ବାହାରକୁ ଚିତ୍ରଣ କରିଥାନ୍ତି । ଏହି ଚିତ୍ରଗୁଡ଼ିକ ଗୃହ ମଧ୍ୟକୁ ଭୂତ, ପ୍ରେତ ଓ ଅଶରୀରୀମାନଙ୍କ ପ୍ରବେଶକୁ ବିରୋଧ କରିଥାଏ ବୋଲି ଏମାନଙ୍କର ବିଶ୍ୱାସ ।

ଗୃହ ବିଭାଜନ :

ଗୁହାଳ: ମୁଖ୍ୟ ଘରର ପାର୍ଶ୍ୱରେ କିମ୍ବା ଆଗପଟ କିଛି ଦୂରରେ ଗାଈ, ଛେଳି, ମେଣ୍ଢା ଇତ୍ୟାଦି ଗୃହ ପାଳିତ ପଶୁଙ୍କୁ ରଖିବା ନିମନ୍ତେ ଗୁହାଳ ଘର ନିର୍ମାଣ କରାଯାଇଥାଏ ।

**କୁକୁଡ଼ା ଘର:** କୁକୁଡ଼ା ମାନଙ୍କ ନିମନ୍ତେ ସ୍ୱତନ୍ତ୍ର କୁକୁଡ଼ା ଘର ଦେଖାଯାଏ ନାହିଁ । କୁକୁଡ଼ାମାନେ ଘର ବାରଣ୍ଡାରେ କିମ୍ବା ଗୁହାଳ ଘରେ ରହିଥିବା ଦେଖାଯାଏ ।

**ରୋଷେଇଶାଳ:** କେତେକ ଗରିବ ପରିବାର ବ୍ୟତୀତ ପ୍ରାୟ ପ୍ରତ୍ୟେକ ବିଂଝିଆ ପରିବାରରେ ରୋଶେଇଶାଳ ନିମନ୍ତେ ସ୍ୱତନ୍ତ୍ର ରୋଷେଇଘର ନିର୍ମାଣ କରାଯାଇଥାଏ । ରୋଷେଇ ଘରେ ସାଧାରଣତଃ ମାଟି ତିଆରି ଚୂଲି, ମାଟିହାଣ୍ଡି, ମାଟି କଳସୀ, କାନ୍ଥର ଥାକରେ ବାସନକୁସନ ସଜାହୋଇ ରଖାଯାଇଥାଏ । ଏହି ଘରେ ସାଧାରଣତଃ ରୋଷେଇ କରାଯାଏ । ହାଣ୍ଡିଆ ଭାତ ମଧ ରୋଷେଇ ଘରେ ରନ୍ଧାଯାଏ । କିନ୍ତୁ ମହୁଲ, ଦାରୁ, ବାହାର ପିଣ୍ଡା କିମ୍ବା ଦୁଆରରେ ପ୍ରସ୍ତୁତ କରାଯାଏ ।

**ଶୟନ କକ୍ଷ:** ପ୍ରତ୍ୟେକ ବିଂଝିଆ ବାସଗୃହରେ ଶୟନ କକ୍ଷ ଥାଏ । ସେଠାରେ ଗୃହକର୍ତ୍ତା ନିଜ ପରିବାର ସହ ଶୟନ କରିଥାନ୍ତି । ବୃଦ୍ଧ ପିତାମାତା କିମ୍ବା ଗୁରୁଜନଙ୍କ ନିମନ୍ତେ ସ୍ୱତନ୍ତ୍ର ଶୟନକକ୍ଷ ରହିଥାଏ ।

**ଭଣ୍ଡାର ଘର:** ପ୍ରତ୍ୟେକ ବିଂଝିଆ ପରିବାରରେ ସ୍ୱତନ୍ତ୍ର ଭଣ୍ଡାର ଘର ରହିଥାଏ । ସେହି ଘରେ କାଠର ଭାଡ଼ି ତିଆରି କରି ଭବିଷ୍ୟତ ପାଇଁ ଶସ୍ୟ ସଂଗ୍ରହ କରାଯାଇଥାଏ ।

**ଅତିଥି କକ୍ଷ:** ସମସ୍ତଙ୍କ ଘରେ ଅତିଥି କକ୍ଷର ଅବସ୍ଥିତି ଦେଖାଯାଏ ନାହିଁ । ଯଦି କେହି ଅତିଥି ଆସନ୍ତି ତେବେ ଘର ବାରଣ୍ଡାରେ କିମ୍ବା ନିଜ ଶୟନ କକ୍ଷରେ ଅବସ୍ଥାନ କରିବାର ଆୟୋଜନ କରାଯାଏ ।

**ସ୍ୱତନ୍ତ୍ର ପ୍ରକୋଷ୍ଠ:** ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ବିଂଝିଆମାନେ ପ୍ରକୋଷ୍ଠ ତିଆରି କରନ୍ତି ନାହିଁ । ଏଥିନିମନ୍ତେ ମେଲା ବା ବୈଠକ ଘର ଥାଏ କିମ୍ବା ବାରଣ୍ଡାରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥାଏ ।

**ପିଣ୍ଡା:** ବିଂଝିଆ ସଂପ୍ରଦାୟର ପ୍ରତ୍ୟେକ ଘର ଆଗରେ ପିଣ୍ଡା ବା ବାରଣ୍ଡା ଦେଖାଯାଏ । ଧାନ କୁଟିବା ପାଇଁ ପ୍ରତ୍ୟେକ ଘରେ କୁଟୁଣୀ (କାଠ ତିଆରି ଢ଼ିଙ୍କି) ରହିଥାଏ । ଘର ପିଣ୍ଡାଟି ଭୂମିଠାରୁ ଦୁଇ ତିନିଫୁଟ ଉଚ୍ଚରେ ଥାଏ । ଏହି ପିଣ୍ଡାରେ ସାଧାରଣତଃ ବସିବା ଉଠିବା କାର୍ଯ୍ୟ ସମେତ ସେମାନେ ବସି ସବାଇ ଘାସରେ ଦଉଡ଼ି ତିଆରି କରନ୍ତି ଏବଂ ମାଛଧରା ଜାଲ, ଖଇଁଚି ଇତ୍ୟାଦି ସେଠାରେ ରହେ । ଏହି ପିଣ୍ଡାରେ ବେଳେବେଳେ ଖାଇବା କାର୍ଯ୍ୟ ସମ୍ପାଦିତ ହୁଏ । ଏଠାରେ ବସି ବିଂଝିଆମାନେ ହାଣ୍ଡିଆ ପାନ କରିଥାନ୍ତି ।

**ଗୃହର ବିଭିନ୍ନ ସ୍ଥାନରେ କାର୍ଯ୍ୟକଳାପ :**

ରଜୋବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ବିଂଝିଆମାନେ ଘର ବାରଣ୍ଡାରେ ଏକ ପାର୍ଶ୍ୱରେ ଅଖା ଦେଇ ସ୍ୱତନ୍ତ୍ର ସାମୟିକ କକ୍ଷ ତିଆରି କରିଥାନ୍ତି । ଏହାକୁ ଏନ୍ତୁଡ଼ି ଶାଳ ମଧ କୁହାଯାଏ । ଏହି ସ୍ଥାନକୁ ପୁରୁଷମାନଙ୍କ ପ୍ରବେଶ ନିଷେଧ କରାଯାଏ ।

**ଶିଶୁଯତ୍ନ:** ଶିଶୁଯତ୍ନ ନିମନ୍ତେ ଗୃହର ବାରଣ୍ଡାକୁହିଁ ବ୍ୟବହାର କରାଯାଇଥାଏ । ଏହିଠାରେ ମା' ତା'ର ଶିଶୁକୁ ସ୍ନାନ, ଶୌଚ କରାଏ ଏବଂ ଦୁଗ୍ଧ ପାନ କରାଇଥାଏ ।

**ଗୃହପାଳିତ ପଶୁପକ୍ଷୀ:** ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ଗୃହସଂଲଗ୍ନ ନିର୍ମିତ ଗୃହ ରହିଥାଏ।

**ଦେବାଦେବୀ:** ନିଜ ଶୟନ କକ୍ଷ କିମ୍ବା ବାରଣ୍ଡାରେ ଏକ ନିର୍ଦ୍ଦିଷ୍ଟ କୋଣରେ ପୂଜା ଅର୍ଚ୍ଚନା ପାଇଁ ଦେବଦେବୀଙ୍କ ସ୍ଥାପନ କରାଯାଇଥାଏ ।

**ଶସ୍ୟକୋଠୀ:** ଗୃହ ମଧ୍ୟସ୍ଥ ଭଣ୍ଡାର ଘରେ ଏମାନେ ଶସ୍ୟ ସଂରକ୍ଷଣ କରି ରଖିଥାନ୍ତି ।

**ଅନ୍ୟାନ୍ୟ ଉପକରଣ :** ଘର ବାରଣ୍ଡାରେ ଏମାନେ କୃଷି ଯନ୍ତପାତି, ଗୃହ ଉପକରଣ ସଜାଇ ରଖିଥାନ୍ତି । ଘର ବାରଣ୍ଡାର ଗୋଟିଏ କୋଣରେ ଢ଼ିଙ୍କି ରହିଥାଏ ।

**ଅନ୍ୟାନ୍ୟ କାର୍ଯ୍ୟକଳାପ :** ରୋଷେଇ ଘରେ ରନ୍ଧାବଢ଼ା ହୁଏ ଏବଂ ତା' ନିକଟରେ ଖାଇବା କାର୍ଯ୍ୟ ସମ୍ପାଦନ କରାଯାଏ । ମାଟିତଳେ ଲୁହା କିମ୍ବା ଆଲୁମିନିୟମ କିମ୍ବା ଟିଣ ବାକ୍ସରେ ସେମାନେ ଟଙ୍କା ପଇସା ଓ ସୁନା ରୂପା ସାଇତି ରଖନ୍ତି । ପୂଜା ପାଠ ନିମନ୍ତେ ଏବଂ ଦେବତାଙ୍କୁ ଉତ୍ସର୍ଗ କରୁଥିବା ପଦାର୍ଥ; ଯଥା :- ନଡ଼ିଆ, କଦଳୀ, ଫଳମୂଳ, ଅରୁଆ ଚାଉଳ ସିନ୍ଦୂର ଇତ୍ୟାଦି ଦ୍ରବ୍ୟ ବ୍ୟକ୍ତିଗତ ପୂଜା ସ୍ଥାନରେ ରଖାଯାଏ । ବାଦ୍ୟଯନ୍ତ୍ର ଓ ବ୍ୟକ୍ତିଗତ ଆସବାବ ପତ୍ର ଶୟନ କକ୍ଷରେ ରଖାଯାଏ । କୁଟୀର ଶିଳ୍ପ ସାମଗ୍ରୀ, ଖଲି, ଚଉପଦୀ ଓ ଝାଡୁ ପ୍ରଭୃତି ଉପକରଣ ବାରଣ୍ଡାରେ ଯତ୍ନର ସହିତ ରଖାଯାଇଥାଏ ।

**ଗୃହ ସଂପୃକ୍ତ ଶୁଦ୍ଧାଶୁଦ୍ଧି :** ବିଂଝିଆମାନେ ବିଶ୍ୱାସ କରନ୍ତି ଯେ, ଘରେ ଘଚଡ଼ିଆ ପକ୍ଷୀ ବସା ବାନ୍ଧିଲେ ତାହା ଉନ୍ନତିର ସହାୟକ ହୋଇଥାଏ । ଘରେ ପାରା, ବିଲୁଡ଼ି ବସାକରି ରହିଲେ ଘର ସମୃଦ୍ଧିର ଲକ୍ଷଣ ଜଣାପଡ଼ିଥାଏ । ଘରର ଦୁଆର ବନ୍ଧ କିମ୍ବା ଫାଟକରେ ମହୁ ବସା କରି ରହିଲେ ଘରର ଉନ୍ନତି ହେବ ବୋଲି ବିଶ୍ୱାସ କରାଯାଏ ।

କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ, ମହିଳା ରଜୋବତୀ ହେଲେ, ଗୃହ ପରିସର ମଧ୍ୟରେ ଶାଗୁଣା ବସିଲେ କିମ୍ବା କୌଣସି ବ୍ୟକ୍ତିର ଘା'ରେ ପୋକ ହେଲେ (ମାଛି ଦୋଷ) ଘରଟି ସଂପୂର୍ଣ୍ଣ ଅପବିତ୍ର ହୋଇଥାଏ ।

ମୃତ ବ୍ୟକ୍ତିର ଏକାଦଶହ ବା ଶୁଦ୍ଧିକ୍ରିୟା ସଂପନ୍ନ କିମ୍ବା ପୂଜାପାଠ, ଯଜ୍ଞ, ହୋମ ଇତ୍ୟାଦି କାର୍ଯ୍ୟ ସଂପୃକ୍ତ ଘରେ ବ୍ରାହ୍ମଣଙ୍କ ଦ୍ୱାରା ସମ୍ପାଦିତ ହେଲେ କିମ୍ବା ବ୍ରାହ୍ମଣଙ୍କୁ ଦାନ କଲେ ଘରଟି ପବିତ୍ର ହୋଇଥାଏ ।

ଘର ଛାତରେ ଶାଗୁଣା / ପେଚା ବସିଲେ, ଛେଳି ବା ଗୋରୁ ଚାଳ ଉପରେ ଚଢ଼ିଲେ ବା ବସିଲେ, ଘର ଆଗରେ ମଧ୍ୟ ରାତ୍ରରେ ଶୃଗାଳ କିମ୍ବା କୁକୁର କାନ୍ଦିଲେ ଇତ୍ୟାଦି ଲକ୍ଷଣକୁ ବିଂଝିଆମାନେ ଅଶୁଭ ମନେ କରନ୍ତି । ଏହାଦ୍ୱାରା ଘର ଧ୍ୱଂସାଭିମୁଖୀ ହୋଇଥାଏ ବୋଲି ସେମାନଙ୍କର ଧାରଣା ।

ଯୁବ ଶୟନାଗାରର ଅବସ୍ଥିତି ବିଂଝିଆ ସଂପ୍ରଦାୟରେ ଦେଖାଯାଏନାହିଁ । ଗୋଷ୍ଠୀସ୍ତରୀୟ ଧର୍ମୀୟ ଗୃହ ନିର୍ମାଣ, ଦେବୀସ୍ଥଳୀ, ଯାଦୁ ଧର୍ମୀୟ କାର୍ଯ୍ୟ ନିର୍ବାହୀଙ୍କ ଗୃହ ଏବଂ ଗ୍ରାମ ମୁଖ୍ୟଙ୍କ ଗୃହ ନିର୍ମାଣର ନୀତିନିୟମ ପୂର୍ବୋକ୍ତ ପ୍ରଣାଳୀ ଏବଂ ଧର୍ମୀୟ କାର୍ଯ୍ୟ ନିର୍ବାହି ପାହାନଙ୍କ ପ୍ରଣୀତ ନୀତିନିୟମ ଅନୁଯାୟୀ ସମ୍ପାଦିତ ହୋଇଥାଏ ।

ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ଭୂମିହୀନ ଲୋକଙ୍କ ନିମନ୍ତେ ସରକାର ଇନ୍ଦିରା ଆବାସ ଯୋଜନାରେ ସରକାରୀ ଗୃହ ଯୋଗାଇ ଦେଇଥାନ୍ତି । କେତେଜଣ ବିଧବା, ଅନ୍ଧ ଓ ଶାରୀରିକ ବିକଳାଙ୍ଗ ବ୍ୟକ୍ତିଙ୍କୁ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରି ଘର ଯୋଗାଇ ଦିଆଯାଏ ।

ବର୍ତ୍ତମାନ ଘର ତିଆରି ନିମନ୍ତେ ଇଟା, ବାଲି, ସିମେଣ୍ଟ, ଛଡ଼, ଚିପ୍ସ ଇତ୍ୟାଦି ଉପକରଣ ଆବଶ୍ୟକ ହୋଇଥାଏ । ପୂର୍ବର ନଡ଼ାକୁଟା ବଦଳରେ ବର୍ତ୍ତମାନ ଟାଇଲ କିମ୍ବା ଆଜବେଷ୍ଟସ୍ ଛପର ବ୍ୟବହାର କରାଯାଉଛି । କାନ୍ଥରେ ବିଭିନ୍ନ ରଙ୍ଗର ମାଟି ପ୍ରଲେପ ପରିବର୍ତ୍ତେ ଚୂନ ଓ ଡିଷ୍ଟେମ୍ପରର ପ୍ରଲେପ ଦିଆଯାଉଅଛି । କାଠର ଅଭାବ ଯୋଗୁଁ ବର୍ତ୍ତମାନ ଲୁହାର କବାଟ ଝରକା ବ୍ୟବହାର କରାଗଲାଣି ।

**ପରିବର୍ତ୍ତନ :**

ବହୁ ପୁରାକାଳରୁ ବିଂଝିଆମାନେ ଗାଁ ଗହଳିରେ ଝାଟିମାଟିର କୁଡ଼ିଆ ଘର କରି ରହୁଥିଲେ । ଏବେବି ଗରୀବ ଲୋକେ ସେହିଭଳି ଘରେ ବସବାସ କରୁଅଛନ୍ତି । କିନ୍ତୁ ଧନୀକ ବ୍ୟକ୍ତି ଇଟା ସିମେଣ୍ଟର ପକ୍‌କା ଘର କରି ରହୁଅଛନ୍ତି । କୋଠରୀ ସଂଖ୍ୟାର ବୃଦ୍ଧି ଘଟିଛି । କବାଟ ଝରକାର ଆକାର ମଧ୍ୟ ପୂର୍ବାପେକ୍ଷା ବଡ଼ କରି ତିଆରି କରାଯାଉଛି ।

ସରକାରଙ୍କ ଦ୍ୱାରା ପ୍ରଦତ୍ତ ଇନ୍ଦିରା ଆବାସ ଯୋଜନାର ଘରଗୁଡ଼ିକର ଆଦର ବଢ଼ିଯାଇଛି । ଏଣୁ ବର୍ତ୍ତମାନ ଲୋକେ ଝାଟିମାଟିର ଘର ପରିବର୍ତ୍ତେ ଇଟା, ସିମେଣ୍ଟ ଓ ଟାଇଲ ଛପର ଘର ଅଧିକ ପସନ୍ଦ କଲେଣି ।

ଆଧୁନିକ ଗୃହଗୁଡ଼ିକରେ ଶସ୍ୟ ରଖିବା ଘର, ଛେଳି ଓ କୁକୁଡ଼ା ରଖିବା ସ୍ଥାନ ମାଛଜାଲ, ଢିଙ୍କିଶାଳ, ଏନ୍ତୁଡ଼ି ଶାଳ ଇତ୍ୟାଦି ଦେଖିବାକୁ ମିଳେନାହିଁ । ଇନ୍ଦିରା ଆବାସ ଗୃହରେ ମଧ୍ୟ ଏ ପ୍ରକାର ସୁବିଧା ଓ ଆବଶ୍ୟକ ସଂଖ୍ୟକ କୋଠରୀ ନଥିବାରୁ ବିଂଝିଆମାନେ ନାନା ଅସୁବିଧାର ସମ୍ମୁଖୀନ ହୁଅନ୍ତି କିନ୍ତୁ ଏହି ଘରଗୁଡ଼ିକ ସ୍ଥାୟିତ୍ୱ ଅଧିକ ଏବଂ ବାତ୍ୟା ଓ ଝଡ଼ତୋଫାନ ଦ୍ୱାରା ଏହା ବିଶେଷ କ୍ଷତିଗ୍ରସ୍ତ ହୁଏନାହିଁ । ଏପ୍ରକାର ଘରଗୁଡ଼ିକ ବର୍ଷକୁ ଥରେ ମରାମତିର ଆବଶ୍ୟକତା ପ୍ରାୟତଃ ନଥାଏ ।

- ବିଂଝିଆ ଘର ଗୁଡ଼ିକ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତିଆରି ହୋଇଥାଏ । ଢ଼ିଙ୍କିଶାଳ, କାଠରଖିବା ସ୍ଥାନ, କୁକୁଡ଼ା ଓ ଗାଇ ଗୋରୁ ରଖିବା ସ୍ଥାନ, ମାଛଜାଲ ଓ କୃଷି ଉପକରଣ ରଖିବା ସ୍ଥାନ, ଶସ୍ୟ ରଖିବା ସ୍ଥାନ ଇତ୍ୟାଦିକୁ ଦୃଷ୍ଟିରେ ରଖି ବିଂଝିଆମାନେ ଘର ତିଆରି କରିଥାନ୍ତି ।
- ବନ୍ୟଜନ୍ତୁ ଓ ଚୋର ମାନଙ୍କ କବଳରୁ ସୁରକ୍ଷିତ ରହିବା ପାଇଁ ଗୃହର କବାଟ ଛୋଟ ହୋଇଥାଏ ।
- ଭୂତପ୍ରେତ ଓ ଅଶରୀରୀମାନଙ୍କ ଦୃଷ୍ଟିରୁ ଗୃହକୁ ରକ୍ଷା କରିବା ନିମନ୍ତେ ଘର ବାହାରେ ବିଭିନ୍ନ ଚତ୍ର ଅଙ୍କିତ ହୋଇଥାଏ ।
- ଗୃହ ନିର୍ମାଣ କରିବା ପୂର୍ବରୁ ସମସ୍ତ ପୂଜାପାଠ, କର୍ମକାଣ୍ଡ ଓ ବିଧିବିଧାନକୁ ପାଳନ କରାଯାଏ ।
- ବିଂଝିଆ ଗ୍ରାମର ପାରମ୍ପରିକ ଗୃହର ନକ୍ସାକୁ ଅନୁକରଣ କରି ଆଧୁନିକ ଗୃହ ନିର୍ମାଣ କରିବା ଉଚିତ୍ ।
- ଆଧୁନିକ ଏବଂ ଇନ୍ଦିରା ଆବାସ ଯୋଜନା ଦ୍ୱାରା ପ୍ରଦତ୍ତ ଗୃହଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ସ୍ଥାନ ଥିଲେ ଏହା ବିଂଝିଆମାନଙ୍କର ଅଧିକ ଜନପ୍ରିୟ ହୋଇପାରିବ ।

# ପଡ଼ୋଶୀ ପ୍ରଜାତି ଗୋଷ୍ଠୀ

ସାମାଜିକ ପ୍ରାଣୀ ହିସାବରେ ମଣିଷ ସଦାସର୍ବଦା ଅନ୍ୟ ଉପରେ ନିର୍ଭର କରି ଚାଲିଆସୁଅଛି । ଅନ୍ୟର ବିନା ସାହାଯ୍ୟ ସହଯୋଗରେ ସେ ବଞ୍ଚିରହିବା କଷ୍ଟକର । ଏଣୁ ସେ ସବୁବେଳେ ତା'ର ପଡ଼ୋଶୀଙ୍କ ସହିତ ସୁସଂପର୍କ ରକ୍ଷାକରେ । ବିଂଝିଆମାନେ ଏ ସଂପର୍କରେ ଆଦୌ ଅସଚେତନ ନୁହଁନ୍ତି । ତାଙ୍କର ପଡ଼ୋଶୀ ଯେକୌଣସି ଜାତି ବା ଧର୍ମର ହେଉନାକାହିଁକି ସେମାନଙ୍କ ସୁଖ ଦୁଃଖ ଓ ଭଲ ମନ୍ଦରେ ସହଯୋଗୀ ମନବୃତ୍ତି ନେଇ ସେମାନଙ୍କ ସହିତ ମିଶିଥାନ୍ତି ।

## ପଡ଼ୋଶୀ ପ୍ରଜାତି ଗୋଷ୍ଠୀ:

ବିଂଝିଆମାନେ ଏକତ୍ର ବସବାସ କରୁଥିଲେ ମଧ୍ୟ ପଡ଼ୋଶୀ ଜାତି ହିସାବରେ ବ୍ରାହ୍ମଣ, ମୁଣ୍ଡା, ଖଡ଼ିଆ, କମାର (ଲୋହାର), ଘାସି (ହରିଜନ), ମୁସଲମାନ (ପଠାନ), କୁମ୍ଭାର, ଗଣ୍ଡ, ପାଣ (ହରିଜନ) ଇତ୍ୟାଦି ସମ୍ପ୍ରଦାୟର ଲୋକେ ରହିଥାନ୍ତି । ଉକ୍ତ ସମ୍ପ୍ରଦାୟର ଲୋକମାନେ ବିଂଝିଆ ସମ୍ପ୍ରଦାୟର ଲୋକମାନଙ୍କର ଖେଳକୁଦ, ନୃତ୍ୟଗୀତ, ପର୍ବପର୍ବାଣୀ ଇତ୍ୟାଦି କାର୍ଯ୍ୟରେ ଅଂଶଗ୍ରହଣ କରନ୍ତି । ସେମାନଙ୍କର ପର୍ବପର୍ବାଣୀରେ ମଧ୍ୟ ବିଂଝିଆମାନେ ସହଯୋଗ କରନ୍ତି ।

ବିଂଝିଆମାନଙ୍କ ପଡ଼ୋଶୀ ରୂପେ ବସବାସ କରୁଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ମୁଣ୍ଡା, ଓରାଓଁ, କମାର, କୁମ୍ଭାର, ଗଣ୍ଡ, ଘାସି (ହରିଜନ), ମୁଣ୍ଡାରୀ, ଭୂମିଜ, ଗୋସାଇଁ, ବ୍ରାହ୍ମଣ, ପଠାଣ, ତନ୍ତୀ, ରଉତିଆ, ଖଡ଼ିଆ ଓ ଅହିର ଅନ୍ୟତମ ।

## ଅର୍ଥନୈତିକ ସମ୍ପର୍କ :

ବିଂଝିଆ ସମ୍ପ୍ରଦାୟର କୌଣସି ପରିବାରରେ ଅର୍ଥର ଅଭାବ ଦେଖାଦେଲେ ପ୍ରଜାତି ପଡ଼ୋଶୀ ଗୋଷ୍ଠୀର ପରିବାରଠାରୁ ସେମାନେ ଋଣ ଆଣିଥାନ୍ତି । ଠିକ୍ ସେହିପରି ପ୍ରଜାତି ପଡ଼ୋଶୀ ଗୋଷ୍ଠୀର କୌଣସି ପରିବାରରେ ଆର୍ଥିକ ଅନାଟନ ସମ୍ମୁଖୀନ ହେଲେ ପଡ଼ୋଶୀ ବିଂଝିଆ ସେମାନଙ୍କୁ ଋଣ ଆକାରରେ ଆର୍ଥିକ ସହଯୋଗ କରିଥାନ୍ତି । କୌଣସି ଅସହାୟ, ଅକ୍ଷମ ଓ ବିଧବା ସ୍ତ୍ରୀର ଆର୍ଥିକ ଅଭାବ ଦେଖାଦେଲେ ପଡ଼ୋଶୀ ରୂପେ ଏମାନେ ସାହାଯ୍ୟ ସହଯୋଗ କରିଥାନ୍ତି ।

## ସାମାଜିକ ସମ୍ପର୍କ :

ବିଭିନ୍ନ ସାମାଜିକ କାର୍ଯ୍ୟ, ବିବାହ ତଥା ବିଭିନ୍ନ ପର୍ବପର୍ବାଣୀରେ ବିଂଝିଆ ପରିବାର ତା'ର ପଡ଼ୋଶୀଙ୍କୁ ନିମନ୍ତ୍ରଣ କରି ଆପ୍ୟାୟିତ କରିଥାଏ । ଠିକ୍ ସେହିପରି ପଡ଼ୋଶୀ ପ୍ରଜାତି ଗୋଷ୍ଠୀର ସାମାଜିକ କାର୍ଯ୍ୟ ଓ ପର୍ବପର୍ବାଣୀରେ ସେମାନେ ପଡ଼ୋଶୀ ବିଂଝିଆ ପରିବାରଙ୍କୁ ନିମନ୍ତ୍ରଣ କରି ଅତିଥିରୂପେ ଚର୍ଚ୍ଚା କରାଯାଏ । କିନ୍ତୁ ବିଂଝିଆ ପରିବାରର ଶୁଦ୍ଧକ୍ରିୟାରେ ନିଜ ଗୋଷ୍ଠୀ ବ୍ୟତୀତ ଅନ୍ୟାନ୍ୟ ପଡ଼ୋଶୀ ପ୍ରଜାତି ଗୋଷ୍ଠୀର ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରେନାହିଁ ।

## ରାଜନୈତିକ ସମ୍ପର୍କ :

ବିଭିନ୍ନ ଜମିଜମା ସଂକ୍ରାନ୍ତୀୟ ମୋକଦ୍ଦମା, ପାରିବାରିକ ବିଶୃଙ୍ଖଳା, ସାହିସାହି ମଧ୍ୟରେ ବିବାଦ, ଇତ୍ୟାଦିର ବିଚାର ପାଇଁ ଗ୍ରାମ ସଭାର ପଞ୍ଚମୁଖ୍ୟଙ୍କ ସମେତ ପଡ଼ୋଶୀ ଗ୍ରାମର ପ୍ରଜାତି ଗୋଷ୍ଠୀମାନଙ୍କ ମଧ୍ୟରୁ ବିଚାରକ ମଣ୍ଡଳୀଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥାଏ । ପଞ୍ଚାୟତର ସରପଞ୍ଚ, ୱାର୍ଡ଼ମେମ୍ବର, ପ୍ରତି ଗ୍ରାମର ସଭାପତି ଏବଂ ଅନ୍ୟାନ୍ୟ ସଦସ୍ୟ ଏହି ସଭାରେ ଅଂଶ ଗ୍ରହଣ କରି ମୋକଦ୍ଦମାର ବିଚାର କରିଥାନ୍ତି ।

## ଧର୍ମୀୟ ସମ୍ପର୍କ :

ବର୍ଷାପାଇଁ ଗ୍ରାମର ଜଙ୍ଗଲ ଦେବତା ଓ ଗ୍ରାମ ଦେବତୀ ପୂଜା ତଥା ସାରନା ପୂଜା ସମୟରେ ଗ୍ରାମର ସମସ୍ତେ ଉପସ୍ଥିତ ରହି ପୂଜାପାଠ କରିଥାନ୍ତି । ପୂଜା ଅବସରରେ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀ ଉପସ୍ଥିତ ରହି ସକ୍ରୀୟ ଅଂଶ ଗ୍ରହଣ କରିଥାନ୍ତି ।

## ଅନ୍ୟାନ୍ୟ ସମ୍ପର୍କ :

କୃଷି କାର୍ଯ୍ୟ, ଘର ତିଆରି, ଘର ମରାମତି, ଗ୍ରାମର କୂପ ଓ ପୋଖରୀ ଖନନ, ପକ୍କୋଦ୍ଧାର ପାଇଁ ପଡ଼ୋଶୀ ପ୍ରଜାତି ଗୋଷ୍ଠୀ ବିଂଝିଆ ମାନଙ୍କୁ ସହଯୋଗ କରନ୍ତି ।

## ଖାଦ୍ୟ ଗ୍ରହଣ ଓ ପ୍ରତ୍ୟାଖ୍ୟାନ :

ବିଭିନ୍ନ ପର୍ବପର୍ବାଣୀ, ବିବାହ, ଶିଶୁର ନାମକରଣ ଇତ୍ୟାଦି ସାମାଜିକ କାର୍ଯ୍ୟରେ ବିଂଝିଆ ସଂପ୍ରଦାୟର ଲୋକଙ୍କ ପାଇଁ ଅଲଗା ରୋଷେଇ ହେଲେ ସେମାନେ ଅନ୍ୟ ପ୍ରଜାତି ଗୋଷ୍ଠୀର ଖାଦ୍ୟ ଗ୍ରହଣ କରନ୍ତି । ତେବେ ବିବାହିତ ମହିଳା ଓ ବିଧବା ସ୍ତ୍ରୀମାନେ

ପ୍ରଜାତି ଗୋଷ୍ଠୀର ଖାଦ୍ୟ ଖାଆନ୍ତି ନାହିଁ । ବିଂଝିଆମାନେ ପଡ଼ୋଶୀ ପ୍ରଜାତି ଗୋଷ୍ଠୀ ସହ ମିଶି ଶିକାର କରିଗଲେ, ଶିକାରରୁ ପ୍ରାପ୍ତ ମାଂସ, ଭାତ ଓ ହାଣ୍ଡିଆ ସମସ୍ତେ ମିଳିମିଶି ଖାଆନ୍ତି । ମାତ୍ର ସ୍ତ୍ରୀ ଲୋକମାନେ ତାହା ଗ୍ରହଣ କରନ୍ତିନାହିଁ । ସାରନା ପୂଜା ସମୟରେ ବିଂଝିଆ ପୁରୁଷମାନେ ପ୍ରଜାତିକ ଗୋଷ୍ଠୀ ସହ ମିଶି ଭୋଜିଭାତ କରନ୍ତି । ବିଂଝିଆ ସଂପ୍ରଦାୟର ଲୋକମାନଙ୍କ ସହିତ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟର ଲୋକେ ବେଶି ମିଳାମିଶା ବା ଏକତ୍ର ଖାଦ୍ୟ ଗ୍ରହଣ କରନ୍ତିନାହିଁ ।

ବିଂଝିଆମାନେ ସାଧାରଣତଃ କୃଷି ଉପକରଣ ଏବଂ ଶିକାର ଉପକରଣ ପାଇଁ କମାର ଉପରେ, ହାଣ୍ଡି ମାଠିଆ ନିମନ୍ତେ କୁମ୍ଭାର ନିକଟରେ, ଲୁଗାପଟା ପାଇଁ ତନ୍ତୀ ଉପରେ, ବାଉଁଶ ଉପକରଣ ନିମନ୍ତେ ଡମ୍ବ (ଡମ) ଉପରେ ସଂପୂର୍ଣ୍ଣ ରୂପେ ନିର୍ଭର କରିଥାନ୍ତି ।

**ସାମ୍ପ୍ରତିକ ଅବସ୍ଥା :**

ବିଜ୍ଞାନର ଉନ୍ନତି ଏବଂ ଆଧୁନିକତାର ସ୍ପର୍ଶ ତଥା ବିଭିନ୍ନ ପ୍ରକାରର ଯନ୍ତ୍ରର ଉଦ୍‌ଭାବନ ଫଳରେ କୁଟୀର ଶିଳ୍ପରେ ଧୀରେ ଧୀରେ ବିଲୟ ଘଟୁଛି । ଏଣୁ ପ୍ରଜାତିକ ଗୋଷ୍ଠୀମାନେ ନିଜ ନିଜର କୌଳିକ ବୃତ୍ତି ଛାଡ଼ି ଅନ୍ୟାନ୍ୟ କାମଧନ୍ଦା ମଧ୍ୟ କଲେଣି । ତେଣୁ ସେସବୁ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀ ଓ ବିଂଝିଆ ସମ୍ପ୍ରଦାୟ ମଧ୍ୟରେ ସଂପର୍କ ଧୀରେ ଧୀରେ ହ୍ରାସ ପାଉଛି ।

ବର୍ତ୍ତମାନର ସଭ୍ୟ ସମାଜରେ କେହି କାହାରି ଉପରେ ନିର୍ଭର କରି ଚଳୁନାହିଁ । ନିଜ ପଡ଼ୋଶୀ ସହିତ ମଧ୍ୟ ଉତ୍ତମ ସମ୍ପର୍କ ରହୁନାହିଁ । ବିଂଝିଆ ସମ୍ପ୍ରଦାୟ ଓ ଏହି ପ୍ରଜାତି ଗୋଷ୍ଠୀ ମଧ୍ୟରେ ସମ୍ପର୍କର ତିକ୍ତତା ଦେଖା ଦେଲାଣି । ଏମାନେ ବିଂଝିଆମାନଙ୍କ ସରଳତାର ସୁଯୋଗ ନେଇ ଶୋଷଣ କରିବାକୁ ଚେଷ୍ଟା କରୁଛନ୍ତି । ଏଣୁ ପରସ୍ପର ମଧ୍ୟରେ ମନୋମାଳିନ୍ୟ, ଗଣ୍ଡଗୋଳ ଓ ହଣାକଟା ମଧ୍ୟ ଦେଖାଯାଉଛି । ବେଳେବେଳେ ଏହି ପ୍ରଜାତି ଗୋଷ୍ଠୀ ବିଂଝିଆମାନଙ୍କ ଗାଈ, ଗୋରୁ, ଛେଳି, ମେଣ୍ଢା, ଶସ୍ୟ ଇତ୍ୟାଦି ଚୋରି କରିନିଅନ୍ତି । ଏମାନଙ୍କ ଜମିବାଡ଼ି କମ୍ ମୂଲ୍ୟରେ କ୍ରୟ କରିବାକୁ ଚେଷ୍ଟା କରିଥାନ୍ତି । ଛୁଆଁ ଅଛୁଆଁ ଓ ସାନବଡ଼ ଭେଦଭାବ ମଧ୍ୟ ବେଳେ ବେଳେ ମନୋମାଳିନ୍ୟର କାରଣ ହୋଇଥାଏ ।

ପୂର୍ବେ ବିଂଝିଆ ପରିବାର ନିଜ ପଡ଼ୋଶୀ ପ୍ରଜାତି ପରିବାର ସହିତ ଭାଇ ଭାଇ ପରି ଚଳୁଥିଲେ କିନ୍ତୁ କେତେକ ସ୍ୱାର୍ଥପର, ପରଶ୍ରୀକାତର, ହିଂସ୍ରକ ବ୍ୟକ୍ତିମାନଙ୍କ ଯୋଗୁଁ

ଏମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି । ତାଙ୍କ ଯୋଗୁଁ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଧର୍ମକୁ ନେଇ, ଜାତିକୁ ନେଇ, ଉତ୍ତେଜନା ସୃଷ୍ଟି ହୋଇଥାଏ ।

ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ, ପରସ୍ପର ମଧ୍ୟରେ ହିଂସା, ଦ୍ୱେଷ, କଳିଗୋଳ, ହଣାକଟା ଦୂରକରିବା ପାଇଁ ଉତ୍ତମ ବାତାବରଣର ଆବଶ୍ୟକତା ରହିଛି । କୌଣସି ପର୍ବପର୍ବାଣୀରେ ସମସ୍ତେ ଏକତ୍ର ମିଶି ପରସ୍ପରକୁ ସାହାଯ୍ୟ କରିପାରିଲେ ସେମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରନ୍ତା । ସାମୂହିକ ଭାବେ କୌଣସି କାର୍ଯ୍ୟ କଲେ ମଧ୍ୟ ଭାବର ଆଦାନପ୍ରଦାନ ସ୍ନେହ ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇପାରନ୍ତା । ସହଯୋଗୀ ଶ୍ରମ ବିନିମୟ ଭିତ୍ତିରେ ଉଭୟ ଗୋଷ୍ଠୀର କୃଷି କାର୍ଯ୍ୟ, ଗୃହନିର୍ମାଣ ଇତ୍ୟାଦି କାର୍ଯ୍ୟ ହୋଇପାରିଲେ ସେମାନଙ୍କ ମଧ୍ୟରେ ଉତ୍ତମ ସଂପର୍କ ସ୍ଥାପନ ହୋଇପାରିବ । ବିଭିନ୍ନ ପ୍ରକାର ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଉଭୟ ଗୋଷ୍ଠୀ ମିଳିତ ଭାବରେ ଆୟୋଜନ କଲେ ଏମାନଙ୍କ ମଧ୍ୟରେ ସମ୍ପର୍କର ଉନ୍ନତି ଘଟିବ ।

# ଚାରୁ ଓ କାରୁକଳା

'କଳା' ମଣିଷ ମନର ଗୁପ୍ତ ଶକ୍ତିର ନିର୍ଯ୍ୟାସ । ଚିତ୍ରକଳା, ଗୀତ, ବାଦ୍ୟ, ଶିକାର, ନୃତ୍ୟ ଇତ୍ୟାଦି କଳାର ଅନ୍ତର୍ଭୁକ୍ତ । ବିଂଝିଆମାନଙ୍କ ଗୃହ ସଜ୍ଜା ପୋଷାକ ପରିଚ୍ଛଦରୁ ଜଣାଯାଏ ଯେ ସେମାନେ କଳା ପ୍ରିୟ । ସେମାନେ ନିଜେ ନିଜର ସରଳ ଜ୍ଞାନ, କୌଶଳ ଦକ୍ଷତା, ବୁଦ୍ଧି ବିବେକ ପ୍ରୟୋଗ କରି ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତ କରନ୍ତି ।

**ଶିକାର ଉପକରଣ :**

ବିଂଝିଆମାନେ ବିଭିନ୍ନ ପ୍ରକାରର ଶିକାରର ଉପକରଣ; ଯଥା:- ଧନୁ, ଶର (ତୀର), ବର୍ଚ୍ଛା (ବାଲମ), ତେଣ୍ଟା, ଟୁଟି, ଟାଙ୍ଗିଆ, ଛୁରୀ, ଫାର୍ସା, ଯନ୍ତା, ଅଠା କାଠି ସାହାଯ୍ୟରେ ଜଙ୍ଗଲରୁ ପଶୁପକ୍ଷୀ ଶିକାର କରନ୍ତି । ୪/୫ ଫୁଟ ଲମ୍ବର ବାଉଁଶ ବତାରେ ଧନୁ ତିଆରି କରିଥାନ୍ତି । ବାଉଁଶ ବତାର ଉଭୟ ପାର୍ଶ୍ୱକୁ ମଝି ଅଂଶ ଅପେକ୍ଷା ଟିକିଏ ସରୁ କରାଯାଇଥାଏ ଏବଂ ଗୁଣ ଯୋଡ଼ିବା ପାଇଁ ଉଭୟ ପାର୍ଶ୍ୱରେ ଛୋଟ ଘାଇ କରାଯାଇଥାଏ । ଅନ୍ୟ ଏକ ସରୁ ବାଉଁଶ ପାତିଆରେ ଗୁଣ କରାଯାଇ ଦୁଇମୁଣ୍ଡକୁ ଶିଆଳୀ ତନ୍ତୁ କିମ୍ବା ଚମଡ଼ା ଦ୍ୱାରା ଧନୁ ସହିତ ଖଞ୍ଜା ଯାଇଥାଏ । ଧନୁକୁ ଶକ୍ତ ଓ ସୁନ୍ଦର କରିବା ପାଇଁ ମୋଟାସୂତା ବା ରେଶମ ସୂତା ବନ୍ଧାଯାଇଥାଏ । ଶିକାର ଓ ଆତ୍ମରକ୍ଷା ସକାଶେ ଧନୁଶର ବ୍ୟବହାର କରାଯାଏ । ଧନୁଟି ସୁନ୍ଦର ଦେଖାଯିବା ନିମନ୍ତେ ତା'ର ନିମ୍ନଭାବରେ ମୟୂର ପର ଓ କୁକୁଡ଼ା ପର ଇତ୍ୟାଦି ବନ୍ଧା ଯାଇଥାଏ । ତୀରକୁ ଶକ୍ତ କରିବା ପାଇଁ ଓ ଝାଳ ବୋହିଲେ ମଧ୍ୟ ଧରିବାକୁ ଅସୁବିଧା ନହେବା ପାଇଁ ଧନୁରେ ତନ୍ତୁ ଓ ପର ଗୁଡ଼ାଯାଇଥାଏ ।

ଧନୁତୀର ବ୍ୟତୀତ ଲୁହାରେ ତିଆରି ଛୁରୀ, ବର୍ଚ୍ଛା, ତେଣ୍ଟା, ଟାଙ୍ଗିଆ ଇତ୍ୟାଦି ଉପକରଣର ଆବଶ୍ୟକତା ଶିକାର ସମୟରେ ହୋଇଥାଏ। ପକ୍ଷୀ ଶିକାର ପାଇଁ ବାଉଁଶ ତିଆରି ଅଠା କାଠିର ଆବଶ୍ୟକତା ହୋଇଥାଏ। ବଣ କୁକୁଡ଼ା ଏବଂ ଅନ୍ୟାନ୍ୟ ପକ୍ଷୀ ଶିକାର ପାଇଁ ଜାଲର ଆବଶ୍ୟକତା ମଧ୍ୟ ହୋଇଥାଏ।

ବିଂଝିଆମାନେ ନଦୀ, ଝରଣା ଓ ପୋଖରୀରୁ ମାଛ ଧରିବା ପାଇଁ ବିଭିନ୍ନ ପ୍ରକାର ମାଛଧରା ଉପକରଣ ବ୍ୟବହାର କରନ୍ତି । ମାଛ ଧରିବା ପାଇଁ ଜାଲ, ଛପାଜାଲ (ମୁଚୁ), ଖଇଁଚି, ଟାଙ୍ଗରା, କୁମ୍ଭନୀ, ନଉରା, ଜାଞ୍ଜି, ଚୁଲୁ, ଭଅଁର ଜାଲ, ଘିଂଚା ଜାଲ ଇତ୍ୟାଦି

ଉପକରଣ ବ୍ୟବହାର କରନ୍ତି । ଜାଲ ବ୍ୟତୀତ ଅନ୍ୟାନ୍ୟ ମାଛଧରା ଉପକରଣ ବାଉଁଶ ଏବଂ କାଠରେ ପ୍ରସ୍ତୁତ କରାଯାଇଥାଏ ।

**କୃଷି ଉପକରଣ :**

ବିଂଝିଆମାନେ ବିଭିନ୍ନ ପ୍ରକାର କୃଷି ଉପକରଣ; ଯଥା:- ଲଙ୍ଗଳ (ଲଙ୍ଗର୍), ଜୁଆଳି (ଝୁଁଏଠ), କୋଦାଳ (କୋଡ଼ି), ଗଇଁତି (ଗଇଁତା), ମଇ (ପଟା), କୁରଲ, ଲୁହାର ପାତ (ଫାର୍), ଦାଆ (ହେଁସୁଆ), ଟାଙ୍ଗିଆ (ଟାଙ୍ଗି), ଛୋଟ ଟାଙ୍ଗିଆ (ବୁଢ଼ିଆ) ଇତ୍ୟାଦି ବ୍ୟବହାର କରନ୍ତି । ଜୁଆଳୀର ମଧ୍ୟ ଭାଗକୁ ଶିବଲିଙ୍ଗ ସଦୃଶ କରାଯାଇଥିବାରୁ ତାହା ସୁନ୍ଦର ଦେଖାଯାଏ । ଲଙ୍ଗଳର ପୃଷ୍ଠଭୂମି, ଈଶ ଓ କଣ୍ଟି କାଠରେ ନିର୍ମିତ ହୋଇଥାଏ । ଲଙ୍ଗଳର ପୃଷ୍ଠଭୂମିର ମଧ୍ୟଭାଗରେ ରନ୍ଧ୍ରକରି ଏକ ଈଶ ଲଗାଯାଇଥାଏ । ପୃଷ୍ଠଭୂମିର ସମ୍ମୁଖରେ ମାଟି କର୍ଷଣ କରିବାପାଇଁ ଲୁହାରେ ନିର୍ମିତ ଫାଳ (ଫାର୍) ଲଗାଯାଇଥାଏ । ଗୋଟିଏ ସିଧା କାଠରେ ଜୁଆଳୀ (ଝୁଁଏଠ) ତିଆରି ହୋଇଥାଏ । ଏହାର ଦୈର୍ଘ୍ୟ ପ୍ରାୟ ୫ ଫୁଟ । ଉଭୟ ପାର୍ଶ୍ୱରୁ ଏକଫୁଟ ଲେଖାଏଁ ଛାଡ଼ି ରନ୍ଧ୍ରକରି ଏଥିରେ ବଡ଼ କାଠ କିମ୍ବା ଲୁହା କିଲା ଲଗାଯାଇଥାଏ । ଏହି କିଳାର ବାହାର ପାର୍ଶ୍ୱରେ ବଳଦ କିମ୍ବା ମଇଁଷି ଯୋଚ଼ା ଯାଇଥାଏ । ଜୁଆଳିର ଠିକ୍ ମଧ୍ୟ ଭାଗରେ ପ୍ରାୟ ଚାରି / ପାଞ୍ଚ ଇଞ୍ଚ ଛାଡ଼ି ଉଭୟ ପାର୍ଶ୍ୱରେ ଛୋଟ ଛୋଟ ଦୁଇଟି କିଲା ମରାଯାଇଥାଏ । ଏହାର ମଧ୍ୟ ଭାଗରେ ଜୁଆଳିକୁ ଯୋଡ଼ା ଯାଇଥାଏ । ଲଙ୍ଗଳକୁ ଟାଣିବା ପାଇଁ ୨ଟି ବଳଦ କିମ୍ବା ମଇଁଷିର ବ୍ୟବହାର କରାଯାଇଥାଏ । ଖଣ୍ଡିଏ ପଟା ଓ ଗୋଟିଏ ଲମ୍ବା ଦଣ୍ଡାଦ୍ୱାରା ମଇ (ପଟା) ତିଆରି ହୋଇଥାଏ । ଚାରି ପାଞ୍ଚଫୁଟ ଲମ୍ବ ଓ ୬ /୮ ଇଞ୍ଚ ଓସାରର ପଟାର ମଧ୍ୟ ଭାଗରେ ରନ୍ଧ୍ର କରି ଏକ ଲମ୍ବା ଦଣ୍ଡା (କାଠର) ଲଗାଯାଇଥାଏ । ହଳ କଲାପରେ ମାଟିକୁ ସମତଳ କରିବା ପାଇଁ ଏହାର ବ୍ୟବହାର କରାଯାଏ ।

**ଗୃହ ଉପକରଣ :**

ବିଂଝିଆମାନେ ଭାତହାଣ୍ଡି (ଭାତରାନ୍ଧା ଡିବି), କଳସୀ (କର୍ସୀ / ମଠିଆ), କଡ଼େଇ (ତଓ୍ୱା), ଡକି (ଚଟୁ / କରଛୁରେ), ଲୁହାର ପନିକୀ (ପନିଖି), ଥାଳି (ଥାରୀ), ଗିନା, ବେଲା (ଡୁଭା), ଚଉତି (ଚକ୍‌ନୀ / ଦୋନା), ବାଉଁଶ ଗୌଣୀ (ନାଚୁ / କୁରନୀ) ଇତ୍ୟାଦି ଗୃହ ଉପକରଣ ବ୍ୟବହାର କରନ୍ତି । ଭାତ ହାଣ୍ଡି ଓ କଳସୀ ମାଟିରେ ତିଆରି ହୋଇଥାଏ । ଡକି ଓ ପାତିଆ ଆଲୁମିନିୟମ କିମ୍ବା ଲୁହାରେ ତିଆରି ହୋଇଥାଏ ।

ଆଲୁମିନିୟମ୍ କିମ୍ବା ଲୁହାର କଡ଼େଇ ମଧ୍ଯ ସେମାନେ ବ୍ୟବହାର କରନ୍ତି । ଡାଲି ଇତ୍ୟାଦି ରଗଡ଼ିବା ପାଇଁ ପଥର ଚକି (ଯନ୍ତ୍ରୀ) ବ୍ୟବହାର କରାଯାଏ । ଖାଇବା ନିମନ୍ତେ ଶାଳପତ୍ର ଓ ଶିଆଳି ପତ୍ରରେ ତିଆରି ଚଉପଦୀ (ଚକନୀ / ଦୋନା) ଓ ଖଲି ବ୍ୟବହାର କରନ୍ତି । ବର୍ତ୍ତମାନ ଆଲୁମିନିୟମ ଓ ଲୁହା ତିଆରି ବାସନକୁସନ ଡେକଚି, ଥାଳି, ଗିନା ଇତ୍ୟାଦିର ପ୍ରଚଳନ ହେଲାଣି । ପୂର୍ବ କାଳର କଂସା ଓ ପିତଳ ବାସନର ଚାହିଦା ପ୍ରାୟ କମି ଆସିଲାଣି । ବିଂଝିଆମାନେ ଘର ବାହାର ଓଳାଇବା (ଝାଡୁ କରିବା) ପାଇଁ ବିଭିନ୍ନ ପ୍ରକାର ଝାଡୁ ଓ ଫୁଲଝାଡୁ ବ୍ୟବହାର କରନ୍ତି । ବସିବା ପାଇଁ ସେମାନେ ଘାସ ଓ ବାଉଁଶର ବିଭିନ୍ନ ପ୍ରକାର ଆସନ ଏବଂ କାଠର ପିଢ଼ା, ପୁଆଳ କିମ୍ବା ନଡ଼ାରୁ ପ୍ରସ୍ତୁତ ପିଢ଼ା ବ୍ୟବହାର କରନ୍ତି । ମସଲା ପେଷିବା ପାଇଁ ପଥରର ତିଆରି ଶିଳ ଓ ଶିଳପୁଆ ବ୍ୟବହାର କରାଯାଏ ।

**ବ୍ୟକ୍ତିଗତ ଆସବାବପତ୍ର :**

ବିଂଝିଆମାନେ ନାଶଦାନୀ (ଭାଙ୍ଗଡ଼ବା), ଠେଙ୍ଗା (ବାଡି), କାଠ ବା ଫଳର ଗୁଟରା ଏବଂ ମାଟି ଚୁକାରେ ପ୍ରସ୍ତୁତ ପାତ୍ର (ଚୂନ ରଖାଯାଉଥିବା) ଇତ୍ୟାଦି ବ୍ୟକ୍ତିଗତ ଭାବରେ ବ୍ୟବହାର କରନ୍ତି । କେତେକ ବୟସ୍କ ବିଂଝିଆ ଲୋକ କପଡ଼ାର ମୁଣା (ଥଳୀ ସଦୃଶ) ଧରିଥା'ନ୍ତି ।

ଶରୀରର ଆବରଣ ବା ଲଜ୍ଜା ନିବାରଣ ପାଇଁ ବିଂଝିଆମାନେ ବିଭିନ୍ନ ପ୍ରକାର ପୋଷାକ ପରିଧାନ କରିଥାନ୍ତି । ପୁରୁଷମାନେ ଧୋତି, କୁର୍ତ୍ତା, ଲୁଙ୍ଗି, ଗଞ୍ଜି ପରିଧାନ କରୁଥିବା ସ୍ଥଳେ ସ୍ତ୍ରୀ ଲୋକମାନେ ଶାଢ଼ୀ, ସାୟା ବ୍ୟବହାର କରନ୍ତି । ବର୍ତ୍ତମାନ ଆଧୁନିକ ସଭ୍ୟତାର ପ୍ରଭାବ ଫଳରେ ବିଂଝିଆ ଯୁବକମାନେ ପ୍ୟାଣ୍ଟ ଓ ସାର୍ଟ ବ୍ୟବହାର କରୁଥିବା ସ୍ଥଳେ ଯୁବତୀମାନେ ଶାଢ଼ୀ, ସାୟା, ସାଲଓ୍ୱର ସୁଟ ଇତ୍ୟାଦି ପରିଧାନ କରୁଛନ୍ତି । ବିଂଝିଆ ସମ୍ପ୍ରଦାୟର ବୟସ୍କମାନେ ଗାମୁଛା ଓ ପଗଡ଼ି ବ୍ୟବହାର କରନ୍ତି ।

**ଗହଣା / ଅଳଙ୍କାର:**

ବିଂଝିଆ ସମ୍ପ୍ରଦାୟର ସ୍ତ୍ରୀଲୋକମାନେ ବିଭିନ୍ନ ପ୍ରକାରର ଅଳଙ୍କାର ପିନ୍ଧନ୍ତି । ରୂପା ବା ସୁନା ତିଆରି କାନଫୁଲ (କାନ ତରକା), ରୂପାର କାନ ତରକୀ (କାନକୁ ଆବୃତ କରୁଥିବା ଅଳଙ୍କାର), ସୁନା ବା ରୂପାର ନାକଗୁଣା, ସୁନା ବା ରୂପାର ବେକହାର (ଚନ୍ଦ୍ରୁଆ), ଲାଲ ମାଳି, ବାହୁ ବନ୍ଧ ନିମନ୍ତେ ରୂପା ବନ୍ଦରିଆ, କାଚ ଚୂଡ଼ି ଏବଂ ରୂପା

କତରିଆ, ଚଡ଼ିଆ, ଗୋଡ଼ ନିମନ୍ତେ କଂସା ବା ରୂପା ବା ପିତଳର ପଇଁରୀ, ପିତଳ ବା ରୂପାର ଗୋଡ଼ମୁଦି (ଝୁଣ୍ଟିଆ), ରୂପା ବା ପିତଳର ହାତ ମୁଦି ଇତ୍ୟାଦି ସ୍ତ୍ରୀ ଲୋକମାନଙ୍କର ପ୍ରଧାନ ଅଳଙ୍କାର। ବର୍ତ୍ତମାନ ସ୍ତ୍ରୀ ଲୋକମାନେ କାନଫୁଲ ମଧ୍ୟ ବ୍ୟବହାର କରୁଅଛନ୍ତି । ବିଂଝିଆ ପୁରୁଷମାନେ ହାତରେ ରୂପା ବା ପିତଳର ମୁଦ୍ରିକା, ରୂପାର ବଳା (ବାରା) ଇତ୍ୟାଦି ପିନ୍ଧିବାର ଦେଖାଯାଏ ।

**ଚିତ୍ରକଳା :**

ବିଭିନ୍ନ ରଙ୍ଗର ମାଟିରେ ବିଂଝିଆମାନେ ଘରର ବାରଣ୍ଡା ଓ କାନ୍ଥକୁ ଲିପିଥାନ୍ତି । କାନ୍ଥ ଲିପା ସମୟରେ ଓଦା ଆଙ୍ଗୁଳିର ଛାପ ଦ୍ୱାରା ସେମାନେ ସୁନ୍ଦର ଚିତ୍ର ଅଙ୍କନ କରିଥାନ୍ତି । ଘର ବାହାର କାନ୍ଥର ତଳଭାଗରେ କଳା ଏବଂ ମଧ୍ୟଭାଗରେ ନାଲି ଓ ଧଳା ରଙ୍ଗର ପ୍ରଲେପ ଦେଇଥା'ନ୍ତି । ଚିତା କୁଟିବା ବିଂଝିଆ ସମ୍ପ୍ରଦାୟର କଳା ନୈପୁଣ୍ୟର ପରିଚାୟକ । ସ୍ତ୍ରୀ ଲୋକମାନେ ହାତ ପାପୁଲିର ଉପରି ଭାଗରେ, ହାତରେ, କପାଳରେ, ବାହୁରେ ଚିତା କୁଟାଇଥାନ୍ତି ।

**ବାଦ୍ୟଯନ୍ତ୍ର :**

ବିଂଝିଆମାନେ ଅବସର ସମୟରେ ବିଭିନ୍ନ ପ୍ରକାର ନୃତ୍ୟଗୀତ ଓ ଆମୋଦପ୍ରମୋଦ ତଥା ମନୋରଂଜନମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି। ବାଦ୍ୟଯନ୍ତ୍ର ମଧ୍ୟରେ ସେମାନେ ଢ଼ୋଲକୀ, ମାଦଳ (ମାନ୍ଦର୍), ଠେଚ୍କା, ବଂଶୀ (ମୁରଲୀ), କେନ୍ଦରା(ସାରଙ୍ଗୀ) ଇତ୍ୟାଦି ନାଚଗୀତ ସମୟରେ ବ୍ୟବହାର କରନ୍ତି ।

**ଦେବସ୍ଥଳୀ ଚାରୁକଳା :**

ଦେବୀପୀଠ ଓ ମନ୍ଦିର ବାହାରେ ବିଭିନ୍ନ ପ୍ରକାର ପଶୁପକ୍ଷୀ, ଦେବାଦେବୀ ଓ ନର୍ତ୍ତକୀଙ୍କ ପଥର ଖୋଦେଇ ଚିତ୍ର ବିଂଝିଆମାନେ କରିଥିବାର ଦେଖାଯାଏ । ଭାଗବତ ଘର ଓ ମନ୍ଦିରରେ ବିଭିନ୍ନ ରଙ୍ଗର ଚିତ୍ର ଦେଖିବାକୁ ମିଳେ ।

**କାଠ ଖୋଦେଇ :**

ବିଂଝିଆମାନେ ଘରର କବାଟରେ ହାତୀ, ଘୋଡ଼ା, ଫୁଲ ଫଳ, ନର୍ତ୍ତକୀ, ବାଦ୍ୟ ଯନ୍ତ୍ର, ପଶୁପକ୍ଷୀ ଇତ୍ୟାଦି ଚିତ୍ର ଖୋଦିତ କରିଥାନ୍ତି । ଖଟର ଖୁରାଟି ମଧ୍ୟ ସୁନ୍ଦର ଭାବେ ଖୋଦିତ(କୁନ୍ଦ) ହୋଇଥାଏ ।

**ଘାସ ଓ ପତ୍ରରୁ ନିର୍ମିତ ସାମଗ୍ରୀ :**

ସବାଇ ଘାସ ଓ ଛଣପଟରୁ ବିଂଝିଆମାନେ ଦଉଡ଼ି ତିଆରି କରନ୍ତି । ଶିଆଳି ଓ ଶାଳପତ୍ରରେ ଖଲି, ଚଉପଦୀ (ଦୋନା) ଇତ୍ୟାଦି କରିଥାନ୍ତି । ଶିଆଳି ପତ୍ରରେ ଛତା ମଧ୍ୟ ତିଆରି କରିଥାନ୍ତି । ବେର୍‌ନୀ ଘାସରୁ ଝାଡ଼ୁ (ବଡନୀ) ତିଆରି ହୁଏ । ବିଂଝିଆମାନେ ଧୂମପାନ ନିମନ୍ତେ ଶାଳ ପତ୍ରରେ କାହାଳୀ ତିଆରି କରନ୍ତି ।

**ତନ୍ତୁ ନିର୍ମିତ ସାମଗ୍ରୀ :**

ତନ୍ତୁରୁ ମଧ୍ୟ ବିଂଝିଆମାନେ ବିଭିନ୍ନ ପ୍ରକାର ଦ୍ରବ୍ୟ ତିଆରି କରନ୍ତି । ଛଣ ଓ କୁଦ୍‌ରୁମ୍‌ରୁ, ଛେଳି, ମଇଁଷି, ଗାଈଗୋରୁଙ୍କ ପଘା, ପାଣି କାଢ଼ିବା ଦଉଡ଼ି, ଧାନ ବିଡ଼ା ବୋହିବା ପାଇଁ ଶିକା ଇତ୍ୟାଦି ତିଆରି କରନ୍ତି ।

**ବାଉଁଶ ଓ ବେତ ନିର୍ମିତ ସାମଗ୍ରୀ :**

ବିଂଝିଆମାନେ ଘର ଛପର କରିବା ପାଇଁ, ମାଛ ଧରିବା ଉପକରଣ ବାଡ଼ ବୁଜିବା ବତା, ଠେଙ୍ଗା ଇତ୍ୟାଦି ଜିନିଷ ବାଉଁଶରୁ ତିଆରି କରନ୍ତି । ଡମମାନଙ୍କ ଦ୍ୱାରା ବାଉଁଶରୁ ନିର୍ମିତ କୁଲା (ସୁପ), ଡାଲା, ବଡ଼ ଟୋପା, ଗଉଣି ଇତ୍ୟାଦି ବିଂଝିଆମାନେ ଦୈନନ୍ଦିନ ବ୍ୟବହାର କରିଥାନ୍ତି ।

**ପର, ନଖ ଓ ହାଡ଼ରୁ ନିର୍ମିତ ସାମଗ୍ରୀ :**

ମୟୂର ପରକୁ ମୁକୁଟ, ପଗଡ଼ି, ତୀରର ପଛ ଅଂଶକୁ ଲେଖିବା ନିମନ୍ତେ କଲମ ରୂପେ ବ୍ୟବହାର କରନ୍ତି । ତାଳପତ୍ର ଓ ଶିମ୍ୱପତ୍ରର ରସକୁ କାଳି ରୂପେ ବ୍ୟବହାର କରାଯାଏ । ତାଳପତ୍ରରେ ସେମାନେ ପୋଥି ଲେଖୁଥିଲେ । ମୟୂର ପରକୁ ଚାମର ହିସାବରେ ମଧ୍ୟ ବ୍ୟବହାର କରାଯାଏ । ସେମାନେ ବାଘ ନଖରେ ଲକେଟ୍ କରି ପିନ୍ଧନ୍ତି । ବିଭିନ୍ନ ପଶୁପକ୍ଷୀଙ୍କ ହାଡ଼ରୁ ମାଳି ତିଆରି ହୁଏ ।

**ପାନିଆ :**

ବିଂଝିଆମାନେ ସାଧରଣତଃ କାଠର ପାନିଆ, ବାଉଁଶ ପାନିଆ ଓ ଶିଂଘ ପାନିଆ ବ୍ୟବହାର କରନ୍ତି । ବିଂଝିଆମାନେ ଉକୁଣୀ ମାରିବା ପାଇଁ ଏକ ପ୍ରକାରର ସ୍ୱତନ୍ତ୍ର ଧରଣର ପାନିଆ ବ୍ୟବହାର କରନ୍ତି । ବର୍ତ୍ତମାନ ପ୍ଲାଷ୍ଟିକ ପାନିଆର ଆଦର ବଢ଼ିଗଲାଣି ।

# ଔଷଧ ଓ ବୈଦ୍ୟ

ବିଂଝିଆ ସଂପ୍ରଦାୟରେ ନାନା ପ୍ରକାରର ରୋଗ ଦାଉରୁ ରକ୍ଷା ପାଇବା ପାଇଁ ଜଙ୍ଗଲଜାତ ଔଷଧୀୟ ଦ୍ରବ୍ୟ ଓ ପଶୁପକ୍ଷୀଙ୍କ ହାଡ଼ ଓ ମାଂସରୁ ବିଭିନ୍ନ ପ୍ରକାରର ଔଷଧ ବ୍ୟବହାର କରାଯାଏ ।

**ତୃଣ ଜାତୀୟ ମୁଥାଘାସ (ମଥା ଘାଉଁସ) :**

ମୁଥା ଘାସର ମୂଳକୁ ଗୋଲ ମରିଚ (ଗୁଟ୍ ମରିଚି), ଶୁଣ୍ଠି ଓ ପିପ୍ପଳୀକୁ ସମପରିମାଣରେ ଗୁଣ୍ଡକରି ଅଳ୍ପଜଳରେ ଗୋଳାଇ ସେଥିରେ ସାମାନ୍ୟ ମହୂରସ (ମଉଦରସ) ପକାଇ କାଶ ପାଇଁ ଔଷଧ ତିଆରି କରାଯାଏ । ଦୂବଘାସ ସହିତ ଚିନିକୁ ବାଟି ରକ୍ତସ୍ରାବ ହେଉଥିବା ସ୍ଥାନରେ ଦେଲେ ରକ୍ତସ୍ରାବ କମିଯାଏ ।

**ଗୁଳ୍ମ ବା ବୁଦା – ହଳଦୀ (ହରଦୀ), ଜଙ୍ଗଲୀ ପାଳୁଅ (ପାହାର୍ ପାତୀ) :**

ହଳଦୀ ଓ ଚନ୍ଦନକୁ ଘୋରି ଗାଈ କ୍ଷୀର ସହିତ ମିଶାଇ ମୁଁହରେ ପ୍ରଲେପ ଦେଲେ ମୁଖ ବ୍ରଣ ଏବଂ ଦାଗ ଭଲ ହୋଇଥାଏ । ଶୁଖି ଯାଇଥିବା ପାଳୁଅକୁ ଦ୍ରବଣ କରି ପିଇଲେ ପେଟ ଥଣ୍ଡାହୁଏ ଏବଂ କାମଳ ରୋଗ ମଧ୍ୟ ଭଲହୁଏ ।

**ପତ୍ର :**

ବେଲପତ୍ର, ତୁଳସୀ ପତ୍ର, ଗୋଲମରିଚ, ଭୂଇଁନିମ୍ବ ପତ୍ର ଓ ଅପାମାରଙ୍ଗ ପତ୍ରକୁ ଏକତ୍ର ମିଶାଇ ସିଝାଇ ଏହାର ପାଣିକୁ ପାନ କଲେ ମ୍ୟାଲେରିଆ ରୋଗ ଭଲହୁଏ । ତୁଳସୀ ପତ୍ର ସହ ଅଦାକୁ ଏକତ୍ର ବାଟି ରସ କରି ମହୁ ସହିତ ଖାଇଲେ କାଶ ରୋଗ ଭଲହୁଏ । ବେଲପତ୍ର, ଗମ୍ଭାରୀ ପତ୍ର, ଅପରାଜିତା, ଗଙ୍ଗଶିଉଳି (ଗୁଛଠ ଖରିକ) ପତ୍ରକୁ ନାନା ରୋଗର ଔଷଧ ରୂପେ ବ୍ୟବହାର କରାଯାଏ ।

**ଫୁଲ ଓ ମଞ୍ଜି :**

ଅପରାଜିତା ଫୁଲର ରସ ସହିତ ଗାଈ କ୍ଷୀର ପାନକଲେ ନାରୀମାନଙ୍କର ଗର୍ଭଧାରଣ କ୍ଷମତା ବୃଦ୍ଧିପାଏ । ଜଙ୍ଗଲୀ ମିର୍ଚା ବୁଦାର ମୂଳକୁ ମିଶ୍ରି ସହିତ ଗୋ'ଦୁଧର ଦହି ଖାଇଲେ ଗର୍ମୀ ରୋଗ ଭଲ ହୋଇଥାଏ । ହାତୀ କାନ ଗଛର ମୂଳ, ମହୁଲ ଗଛର

ଚେର ଦୁଧିଆ ମୂଳକୁ ଗୋଲ୍‌କୀ ସହିତ ମିଶାଇ ବିଂଝିଆ ବୈଦ ଯକ୍ଷ୍ମାରୋଗର ଔଷଧ ତିଆରି କରନ୍ତି । ଦୁଦ୍‌ରା ମଞ୍ଜି, ଜାଇ ଫଳ, ସିମରିତ ପଥର, ହଡ଼୍‌ତାଲ ପଥର ଓ ସୋରିଷ ତେଲର ମିଶ୍ରଣରେ ବାତ ପାଇଁ ଔଷଧ ତିଆରି ହୁଏ । ସାତୋଟି କେଶର ଥିବା ମନ୍ଦାର ଫୁଲ ସହିତ ତିନୋଟି ଗୋଲ୍‌କୀ ବାଟି ପିଇଲେ ନାରୀମାନଙ୍କର ମାସିକ ଧର୍ମ ଠିକ୍ ହୋଇଥାଏ । 'ମୁଦକୁନ୍ଦ' ଫୁଲ ମିଶ୍ରୀ ସହିତ ଏକତ୍ର ବାଟି ସରବତ କରି ପିଇଲେ ପେଟ ଗରମ ଝାଡ଼ା ଭଲ ହୋଇଥାଏ ।

**ଚେର ଓ ବକ୍କଳ :**

ପାତାଳ ଗରୁଡ଼, ଗଛର ଚେରକୁ ବାଟି ପାନକଲେ ସର୍ପ ଦଂଶନର ବିଷ ନଷ୍ଟ ହୋଇଥାଏ । ଅରଖ ଗଛର ଚେରକୁ ବାଟି କୁକୁର କାମୁଡ଼ିଥିବା କ୍ଷତ ସ୍ଥାନରେ ଲଗାଇଲେ କିମ୍ବା ପାନକଲେ ସାତଦିନ ମଧ୍ୟରେ ବିଷ ନଷ୍ଟହୁଏ । ନିମ୍ବ ଗଛର ଛେଲିକୁ ପାଣିରେ ସିଝାଇ ସେହି ପାଣିକୁ କାଛୁକୁଣ୍ଡିଆ ହୋଇଥିବା ସ୍ଥାନରେ ଲଗାଇଲେ ଏହିରୋଗ ଭଲ ହୋଇଥାଏ । ସୁନ ସୁନିଆ ଶାଗ ଖାଇବା ଦ୍ୱାରା ଟି.ବି. (ଯକ୍ଷ୍ମା) ରୋଗ ଭଲ ହୋଇଥାଏ ।

**ଔଷଧୀ ସଂଗ୍ରହ :**

ବିଂଝିଆ ସଂପ୍ରଦାୟର ବୈଦ୍ୟ ଓ କବିରାଜମାନେ ଝରଣା କୂଳ, ପାହାଡ଼ର ଶୀର୍ଷ, ପାଦ ଦେଶ, ଗଛର ଚେର, ବକ୍‌କଳ, ଗଣ୍ଡି ଏବଂ ବିଭିନ୍ନ ସନ୍ତସନ୍ତିଆ ଜାଗାରୁ ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ସଂଗ୍ରହ କରି ଔଷଧ ପ୍ରସ୍ତୁତ କରିଥାନ୍ତି ।

ସାଧାରଣତଃ ଔଷଧି ବୃକ୍ଷ, ଚେର, କନ୍ଦା, ଅଠା, ମୂଳ, ଫୁଲ, ମଞ୍ଜି ଇତ୍ୟାଦିର ସଂଗ୍ରହ ପ୍ରଭାତରୁ ହୋଇଥାଏ । କେତେକ ଫୁଲ ଓ ଚେର ସକାଳୁ ସଂଗ୍ରହ କରାଯାଏ । ସନ୍ଧ୍ୟା ସମୟରେ ବିଭିନ୍ନ ପ୍ରକାରର ଔଷଧୀୟ ପତ୍ର ସଂଗ୍ରହ କରାଯାଏ । ସନ୍ଧ୍ୟା କିମ୍ବା ରାତ୍ରୀ ସମୟରେ କେତେକ ଚେର ମୂଳି ଇତ୍ୟାଦି ବିଂଝିଆ ବୈଦ୍ୟ ସଂଗ୍ରହ କରନ୍ତି ।

ପାରା ଓ ବାଦୁଡ଼ିର ମାଂସକୁ ତରକାରୀ କରି ଖାଇଲେ କାଶ ଓ ଶ୍ୱାସ ରୋଗ ଭଲ ହୋଇଥାଏ। ଗେଣ୍ଡା ଓ କୁଜିଗେଣ୍ଡାର ମାଂସକୁ ତରକାରୀ କରି ଖାଇଲେ ଦୃଷ୍ଟିଶକ୍ତି ବୃଦ୍ଧିପାଏ।

**ପ୍ରୟୋଗ ବିଧି :**

ଏହିପରି ବିଭିନ୍ନ ପ୍ରକାର ଔଷଧ କବିରାଜ ସଂଗ୍ରହ କରି ଅସୁସ୍ଥ ଲୋକମାନଙ୍କ ଚିକିତ୍ସା ନିମନ୍ତେ ଔଷଧ ପ୍ରସ୍ତୁତ କରିଥାଏ । ତପ୍ରେ ବିଧି ଓ ଠିକ୍‌ମାତ୍ରା ଅନୁସାରେ ରୋଗୀକୁ ଖାଇବାକୁ ପରାମର୍ଶ ଦିଅନ୍ତି ।

## ବୈଦ୍ୟ

**ବ୍ୟକ୍ତିତ୍ୱ :** ବିଂଝିଆମାନେ ବୈଦ୍ୟ ବା କବିରାଜକୁ ଓଝା ବା ବଇଦ ବୋଲି ସମ୍ବୋଧନ କରିଥାନ୍ତି । ସେ ସମସ୍ତଙ୍କ ଦ୍ୱାରା ସମ୍ମାନିତ ଓ ସର୍ବଜନାଦୃତ ହୋଇଥାନ୍ତି । ପ୍ରତ୍ୟେକ ରୋଗ ପାଇଁ ଉପଯୁକ୍ତ ଔଷଧ ପ୍ରଦାନ କରି ରୋଗୀମାନଙ୍କୁ ଆରୋଗ୍ୟ କରିବାର ସହାୟକ ହୋଇଥାନ୍ତି ।

ବୈଦମାନେ ଈଶ୍ୱର ବିଶ୍ୱାସୀ ଧର୍ମପରାୟଣ, ଉତ୍ତମ ସେବକ, ଔଷଧ ତିଆରିରେ ସିଦ୍ଧହସ୍ତ, ବୁଦ୍ଧିମାନ, ଜ୍ଞାନୀ, କର୍ମପ୍ରବଣ ହୋଇଥାନ୍ତି । ନିଃସ୍ୱାର୍ଥପର ଭାବରେ ସେ ମଣିଷ ସମାଜର ସେବା କରି ଚାଲନ୍ତି ।

**ତାଲିମ :** ବିଂଝିଆ ସମ୍ପ୍ରଦାୟର ଓଝା ଅଭିଜ୍ଞ କବିରାଜ ବା ବୈଦ୍ୟଠାରୁ ସ୍ୱତନ୍ତ୍ର ଭାବରେ ତାଲିମ ଗ୍ରହଣ କରିଥାନ୍ତି । ରୋଗ ନିରୂପଣ, ଔଷଧୀୟ ବୃକ୍ଷର ଲକ୍ଷଣ ଓ ଚିହ୍ନଟ, ଔଷଧ ପ୍ରସ୍ତୁତି ପ୍ରଣାଳୀ, ତଥା ରୋଗର ଲକ୍ଷଣ ଏବଂ ଔଷଧର ପ୍ରୟୋଗ ପ୍ରଣାଳୀ, ସେବନ ପ୍ରଣାଳୀ ସଂପର୍କରେ ବୈଦ୍ୟ ବା ଓଝା ତାଲିମ ଗ୍ରହଣ କରିଥାନ୍ତି ।

**ସୃଜନଶୀଳତା :** କେତେକ ବୈଦ୍ୟ ବା ଓଝା ଅନେକ ପ୍ରକାର ଜଟିଳ ତଥା ଦୁରାରୋଗ୍ୟ ବ୍ୟାଧିର ନୂତନ ଔଷଧ ଉଦ୍ଭାବନ କରିଥାନ୍ତି । ଏହା ନିଜର ବୁଦ୍ଧି ଓ କୌଶଳ ଦ୍ୱାରା ସୃଷ୍ଟି ହୋଇଥାଏ ।

**ଉପବାସ :** ଦଶହରା (କୁଆର)ର ଦଶମୀ, ଦେଓ ଉଠାଏନ୍ ପୂଜା, କାର୍ତ୍ତିକ ମାସର ସହରାଇ ଅମାବାସ୍ୟା ଏବଂ ପ୍ରତ୍ୟେକ ମାସର ଅମାବାସ୍ୟା ଦିନ ଓଝା ଉପବାସ ରହି ଔଷଧୀୟ ଦ୍ରବ୍ୟ ସଂଗ୍ରହ କରନ୍ତି ।

**ନିଷେଧ :** ବିଂଝିଆ ସଂପ୍ରଦାୟରେ ବୈଦ୍ୟମାନେ ସରଳ ଓ ନିରାଡ଼ମ୍ବର ଜୀବନ ଯାପନ କରନ୍ତି । ଔଷଧ ପ୍ରସ୍ତୁତ କରୁଥିବା ସମୟରେ ଖଟା, ଆମିଷ ଖାଦ୍ୟ ଓ ନିଶାଦ୍ରବ୍ୟ ସେବନ କରନ୍ତି ନାହିଁ । ବିଭିନ୍ନ ପର୍ବପର୍ବାଣୀ, ସଂକ୍ରାନ୍ତି, ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ପରାଗ, ଅମାବାସ୍ୟା ଦିନ ବୈଦ୍ୟ ବା ଓଝା ସ୍ତ୍ରୀ ସହବାସ ବର୍ଜନ କରିଥାନ୍ତି । କୌଣସି ପରିବାରରେ ଶୁଦ୍ଧିକ୍ରିୟା ପୂର୍ବରୁ, ଶିଶୁର ନାମକରଣ ପୂର୍ବରୁ ସେହି ପରିବାରକୁ ବୈଦରାଜ ବା ଓଝା ଆସନ୍ତି ନାହିଁ ।

**ପୋଷାକ ପରିଛଦ :** ବୈଦ୍ୟ ବା ଓଝା ସାଧାରଣତଃ ଧଳା ଧୋତି, ଗଞ୍ଜି ପରିଧାନ କରନ୍ତି । ବେକରେ ନାଲି ଗାମୁଛା ଖଣ୍ଡିଏ ପକାଇଥାନ୍ତି ।


ବୈଦ୍ୟ ଓ ଔଷଧ ବଗିଚା : ପ୍ରତ୍ୟେକ ବୈଦ୍ୟ ସେମାନଙ୍କର ଘର ବାଡ଼ିରେ କେତେକ ଔଷଧୀୟ ଗଛ ଲଗାଇଥାନ୍ତି । ଏହାଦ୍ୱାରା ସେମାନେ ସହଜରେ କେତେକ ଔଷଧ ତିଆରି କରିପାରନ୍ତି ।

ପାଉଣା : ରୋଗୀ ଭଲ ହେଲା ପରେ ନିଜର ଶକ୍ତି ଅନୁସାରେ ବୈଦ୍ୟଙ୍କୁ ପାଉଣା ପ୍ରଦାନ କରିଥାନ୍ତି । ଖୁସିରେ ଯେ ଯାହାଦେଲା, ସେଥିରେ ଓଝା ସନ୍ତୁଷ୍ଟ ହୁଅନ୍ତି । ଯଦି କୌଣସି ଔଷଧ ଦୋକାନରୁ କିଣିବାକୁ ପଡ଼େ, ତେବେ ରୋଗୀର ପରିବାର ଏଥିନିମନ୍ତେ ବୈଦ୍ୟଙ୍କୁ ଖର୍ଚ୍ଚ ପ୍ରଦାନ କରନ୍ତି ।

ସାମ୍ପ୍ରତିକ ଅବସ୍ଥା :

ପୁରାତନ ସମୟରେ ବୈଦ୍ୟ ବା ଓଝାମାନେ ଘର ଘର ବୁଲି ନିଃସ୍ୱାର୍ଥପର ଭାବରେ ରୋଗୀ ସେବା କରୁଥିଲେ । କିନ୍ତୁ ବର୍ତ୍ତମାନ ରୋଗୀଙ୍କୁ ବୈଦ୍ୟ ବା ଓଝାଙ୍କ ନିକଟକୁ ଆସିବାକୁ ପଡୁଛି । ବର୍ତ୍ତମାନ ରୋଗୀଙ୍କ ପରିବାର ରୋଗୀ ପରୀକ୍ଷା ପରେ ଔଷଧ ନେଇ ଔଷଧ ବାବଦ ଖର୍ଚ୍ଚ ପୂର୍ବରୁ ବୈଦ୍ୟ ବା ଓଝାଙ୍କୁ ଦେଉଛନ୍ତି । ରୋଗ ଭଲ ନହେଲେ ପୁନର୍ବାର ପଇସା ଦେଇ ଔଷଧ କିଣୁଛନ୍ତି ଏବଂ ଖର୍ଚ୍ଚାନ୍ତରେ ପଡୁଛନ୍ତି । ବିଂଝିଆ ସଂପ୍ରଦାୟରେ ସମସ୍ତ ବୈଦ୍ୟମାନଙ୍କ ଠାରେ ପୂର୍ବର ସେବା ମନୋଭାବ ଦେଖିବାକୁ ମିଳୁନାହିଁ ।

ଜନଜାତି ବୈଦ୍ୟଙ୍କ ପ୍ରଭାବ ନିଜ ସମ୍ପ୍ରଦାୟ ମଧ୍ୟରେ ବର୍ତ୍ତମାନ ସୀମିତ ରହିଯାଇଛି । ଆଧୁନିକ ଯୁଗରେ ଲୋକେ ରୋଗ କବଳରୁ ଶୀଘ୍ର ଭଲ ହେବାପାଇଁ ସହରାଞ୍ଚଳର ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି । ଶଲ୍ୟ ଚିକିତ୍ସା ଓ ବିଭିନ୍ନ ପ୍ରକାର ଏଲୋପାଥି ଚିକିତ୍ସା ଫଳରେ ଲୋକେ ଶୀଘ୍ର ଓ ସହଜରେ ଆରୋଗ୍ୟ ଲାଭ କରୁଅଛନ୍ତି । ଏଣୁ ବୈଦ୍ୟ ବା କବିରାଜଙ୍କ ଗୁରୁତ୍ୱ ଧିରେ ଧିରେ କମିଯିବାକୁ ବସିଲାଣି ।


ବିଞ୍ଝିଆ ଜନ ଜୀବନ